51 Years

# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, April 14/2025 Page 16 ₹ 7.00

୫୧ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 139 ମୂଲ୍ୟ ₹୭/-


# ରାଜଧାନୀରେ ଶିଶୁ ଚୋରି

ରାଜ୍ୟର ହସ୍ପିଟାଲଗୁଡ଼ିକରୁ ଶିଶୁ ଚୋରି ଓ ବିକ୍ରି ଭଳି ଘଟଣା ନିୟମିତ ବ୍ୟବଧାନରେ ଘଟିଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଶନିବାର ବିଳମ୍ବିତ ରାତିରେ ଶିଶୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଜଣେ ଅସହାୟ ମହିଳାଙ୍କୁ ଟାର୍ଗେଟ କରିଛନ୍ତି। ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା'ଙ୍କ ପାଖରୁ ତାଙ୍କ ଦେଢ଼ବର୍ଷର ଶିଶୁପୁତ୍ରକୁ ସେମାନେ ନେଇଯାଇଛନ୍ତି। ରାତି ପ୍ରାୟ ୨ଟାବେଳେ ଏହି ଘଟଣା ଘଟିଛି। ପିଲାକୁ ହରାଇ ଭାଙ୍ଗିପଡ଼ିଥିବା ମା' ଜୟନ୍ତୀ ମଲ୍ଲିକ ଏନେଇ ଖାରବେଳନଗର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ଜୟନ୍ତୀଙ୍କୁ ଦେଖାଯାଉ ନ ଥିବାରୁ ଅଭିଯୁକ୍ତଜଣକ ଏହାର ସୁଯୋଗ ନେଇ ଏହି କାଣ୍ଡ ଘଟାଇଛନ୍ତି।

## ଦୃଷ୍ଟିବାଧିତ ମା' ପାଖରୁ ନେଇଗଲେ

ଭୁବନେଶ୍ୱର, ୧୩।୪ (ସତ୍ୟଜିତ୍ ରାଉତ)

ଦୃଷ୍ଟିବାଧିତ ଜୟନ୍ତୀ ୫ବର୍ଷ ହେବ ରାମମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଛନ୍ତି। ତାଙ୍କର ଦୁଇ ସନ୍ତାନ। ବଡ଼ଝିଅ ସାଇନ୍‌କୁ ୭ ବର୍ଷ ହୋଇଥିବାବେଳେ ବର୍ଷେ ୭ ମାସର ପୁଅ ଶୁଭମକୁ ଚୋରି କରିନିଆଯାଇଛି। ଜୟନ୍ତୀ ନୀଳାଦ୍ରି ବିହାରସ୍ଥିତ ଏକ କନ୍ୟାଶ୍ରମରେ ରୁହନ୍ତି। ଦିନରେ ଭିକ୍ଷାବୃତ୍ତି କରି ରାତିରେ କନ୍ୟାଶ୍ରମକୁ ଫେରିଯାଆନ୍ତି। ରବିବାର ରାତିରେ ବର୍ଷା ହେବାରୁ ଜୟନ୍ତୀ ଆଶ୍ରମକୁ ଫେରିପାରି ନ ଥିଲେ। ସେ ରାତିରେ ରାମମନ୍ଦିର ସାମ୍ନାରେ ରହିଯିବା ସହ ଦୁଇପିଲା ମଧ୍ୟ ତାଙ୍କ ପାଖରେ ଥିଲେ। ରାତି ପ୍ରାୟ ୧୨ଟାବେଳେ ☞ ପୃଷ୍ଠା–୪


ଜୟନ୍ତୀ ମଲ୍ଲିକ

## ଆଶ୍ରମ ସ୍କୁଲରେ ୨ୟ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

ଉଦଳା, ୧୩।୪ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଶାଳଖୁଣ୍ଟା ଏସ୍‌ଏସ୍‌ଡି ଆଶ୍ରମ ବିଦ୍ୟାଳୟରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ମାତ୍ର ୩ ଫୁଟ୍ ଉଚ୍ଚରେ ଥିବା ବାଉଁଶରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଦୁନିଆ କ'ଣ ଭଲଭାବେ ଜାଣି ନ ଥିବା ଜଣେ କୋମଳମତି ଛାତ୍ରୀ ଆତ୍ମହତ୍ୟା କରିବା କଥାକୁ କେହି ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦିଆଯାଇଥିବା ମୃତା ଛାତ୍ରୀଙ୍କ ବାପା ସୁଶାନ୍ତ ମଢ଼େଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୪୦/୨୫) ରୁଜୁ କରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଥାନାରେ ଅଟକ ରଖିଛି। ଖବରପାଇ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଉଦଳା ବିଡିଓ ସମରଜିତ କର, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ତହସିଲଦାର ସୁପ୍ରଭା ଦାସଙ୍କ ସମେତ ଶିଶୁ ମଙ୍ଗଳ ଅଧିକାରୀ ପହଞ୍ଚି ମୃତା ଛାତ୍ରୀଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ଶାଳଖୁଣ୍ଟା ଏସ୍‌ଏସ୍‌ଡି ବିଦ୍ୟାଳୟରେ କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ଗାଁର ସୁଶାନ୍ତଙ୍କ ଝିଅ କାନ୍ଦରୀ (୮) ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ଅପରାହ୍ନ ୨ଟା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଖାଦ୍ୟ ଖାଇବା ନିମନ୍ତେ ଯାଉଥିଲେ। ଏହି ସମୟରେ କାନ୍ଦରୀଙ୍କ ମୃତଦେହ ୩ ଫୁଟ୍ ଉଚ୍ଚ ଏକ ବାଉଁଶରେ ଝୁଲୁଥିବା ସାଙ୍ଗମାନେ ଦେଖିଥିଲେ। ଖବରପାଇ ହଷ୍ଟେଲ ମାଟ୍ରୋନ ଦୁଲାରୀ ହାଁସଦା ପହଞ୍ଚି ଅନ୍ୟ ଛାତ୍ରୀମାନଙ୍କ ସହିତ ମିଶି କାନ୍ଦରୀଙ୍କୁ ଉଦ୍ଧାର କରିଥିଲେ। ପରେ ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି ଏବଂ ମାଟ୍ରୋନ କାନ୍ଦରୀଙ୍କୁ ଉଦଳା ହସ୍ପିଟାଲ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ☞ ପୃଷ୍ଠା–୪


### ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

ଆଜିର ସମ୍ପାଦକୀୟ ଭୁଲିବାନି ଯଶୱନ୍ତଙ୍କୁ







TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ)




ଡାଉନ-ପେମେଣ୍ଟ ₹5 252/-* ରୁ ଆରମ୍ଭ ହୁଏ

| | 125 NEON | 125 CARBON FIBRE | NS 125 BASE | N160 TWIN DISC | N160 USD |
|---|---|---|---|---|---|
| ସଞ୍ଚୟ | ₹1 184/- | ₹2 000/- | | | ₹5 786/- |
| ବିଶେଷ ମୂଲ୍ୟ (ସଞ୍ଚୟ ପରେ) | ₹87 194/- | ₹92 954/- | ₹99 994/- | ₹1 22 720/- | ₹1 37 952/- |

*ଏକ୍ସ-ଶୋରୁମ୍ ମୂଲ୍ୟ

pulsar DEFINITELY DARING

72198 21111 | BAJAJ SECURE AMC • ROAD SIDE ASSISTANCE | BAJAJ CREDIT

*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍ସର୍ ଓ ପ୍ଲାଟିନା ଭାରିଆଣ୍ଟସ ସକାଶେ । ମୂଲ୍ୟ ରିଭିଜନ୍ ବନାମ ବତାଯାଇଥିବା ପଲ୍ସର୍ ଭାରିଆଣ୍ଟସ କ 31 ମାର୍ଚ୍ଚ 2025 ରେ ଥିବା ଏକ୍ସ-ଶୋରୁମ୍ ମୂଲ୍ୟ । *ପଲ୍ସର୍ 125 ନିଅନ୍ ପାଇଁ ଡାଉନ୍-ପେମେଣ୍ଟ ହେଉଛି ମାର୍ଜିନ୍ ମନି । ମାର୍ଜିନ୍ ମନିରେ DCC ଚାର୍ଜ, ପ୍ରୋସେସିଂ ଫି, ଅନ୍ୟାନ୍ୟ ଚାର୍ଜ ଅନ୍ତର୍ଭୁକ୍ତ ନୁହେଁ ଏବଂ ଏହା କ୍ରେଡିଟ୍ ପାରାମିଟରଗୁଡ଼ିକର ପୂରଣ ଉପରେ ଆଧାରିତ। ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ନିଜ ବର୍ଗ ଭିତରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for Bajaj Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210/9237379211• Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720, • Kendrapara TARINI BAJAJ 8338944471 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Nimapada 9437030368, Kakatpur 9776125534,, Tangi (Khurda) 8984562569, Niali 9437511829,Salepur 9040452661, Jagatsinghpur 9437273939, Balikuda 7894426299, JajpurTown 9937888777, Bhuban 9438570111/9583574510, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9777773369, Turmunga 9937428333, Karanjia 7504810975, Udala 9337004355/56. Pallahara 9337096880/9437146703, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 06761250466, Athgarh 9937289417, Bidharpur 7008503281, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Nischintakoili 8917622159 Kostha 7735338348.

# ମହାବିଷୁବ ସଂକ୍ରାନ୍ତି: ଓଡ଼ିଆଙ୍କ ପାଇଁ ବଡ଼ଦିନ

ମହାନ୍ ଉତ୍କଳ ସଂସ୍କୃତିରେ ବର୍ଷ ଆରମ୍ଭ ହୁଏ ମହାବିଷୁବ ସଂକ୍ରାନ୍ତିରୁ। ତେଣୁ ଏହି ଦିନକୁ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ ମେଷ ମାସ ବା ସୌର ବୈଶାଖ ମାସ। ଗଣନା ଅନୁସାରେ ଚଳିତ ବର୍ଷ ପାରମ୍ପରିକ ୧୯୩୭ ଶକାବ୍ଦର ପ୍ରଥମ ଦିବସକୁ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯିବ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ସବୁଠାରୁ ବଡ଼ଦିନ। ଏହି ଦିନ ବସନ୍ତ ଋତୁ ବିଦାୟ ନେବା ସହ ଗ୍ରୀଷ୍ମଋତୁର ଆଗମନ ହୋଇଥାଏ। ମହାବିଷୁବ ସଂକ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ପଣା ପାନ କରିବାର ପରମ୍ପରା ରହିଛି। ତେଣୁ ଏହାକୁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ନାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୂବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ,



ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ।

ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି। ପୃଥିବୀ କମଳା ବା ଲେମ୍ବୁ ପରି ଗୋଲ। ଏହା ଭାରତୀୟ ବୈଜ୍ଞାନିକ ଓ ମୁନିଋଷିମାନେ କଳ୍ପନା କରିଥିଲେ ଏବଂ ତାହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲେ। ଦଶାବତାର ପାରମ୍ପରିକ କଳାକାରମାନେ ବହୁ ବର୍ଷ ପୂର୍ବରୁ ବରାହଙ୍କ ଦୁଇ ଦାନ୍ତ ଉପରେ ପୃଥିବୀର ଗୋଲାକାର ରୂପକୁ ସ୍ଥାପନ କରିଛନ୍ତି। ଏହାକୁ ମଧ୍ୟ ଆଧୁନିକ ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି। ପୂର୍ବରୁ ମୁନିଋଷିମାନେ କଳ୍ପନା କରିଥିବା କାଳ୍ପନିକ ରେଖା ଅକ୍ଷାଂଶ, ଦ୍ରାଘିମା, ସୁମେରୁ, କୁମେରୁ, ବିଷୁବରେଖା ଇତ୍ୟାଦିକୁ ମଧ୍ୟ ବାସ୍ତବରେ ପ୍ରମାଣିତ କରାଯାଇଥିବାରୁ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହାକୁ ଭିତ୍ତିକରି ବାସ୍ତବ ନମୁନା ପାଇପାରୁଛନ୍ତି। ଏହି କାଳ୍ପନିକ ରେଖା ମଧ୍ୟରେ ବିଷୁବରେଖା ଅନ୍ୟତମ।

ହିନ୍ଦୁ ଧର୍ମରେ ଥିବା ବାର ରାଶିକୁ ଭିତ୍ତିକରି ଇଂରେଜମାନେ ୧୨ମାସ ଜାନୁୟାରୀ, ଫେବୃଆରୀ ଇତ୍ୟାଦି ନାମକରଣ କରିଛନ୍ତି। ଯେଉଁ ରାଶି ସହିତ ମଧ୍ୟ ରେଖା ଅର୍ଥାତ୍ ବିଷୁବ ରେଖା ସଂଯୁକ୍ତ ହୋଇଥିଲା ସେହି ମାସକୁ ରାଶି ଅନୁସାରେ ନାମିତ କରାଯାଉଥିଲା ଓ ସେହି ରେଖାଯୁକ୍ତ ଦିନଟିକୁ ସଂକ୍ରାନ୍ତି ବା ମାସର ପହିଲା ତଥା ତା'ର ପୂର୍ବଦିନକୁ ମାସନ୍ତ ବା ଗତ ମାସର ଶେଷଦିନ କୁହାଯାଉଥିଲା। ମେଷ ରାଶିରେ ବିଷୁବ ରେଖାର ସଂଯୁକ୍ତ ହେତୁ ବୈଶାଖ ମାସର ସଂକ୍ରାନ୍ତିଠାରୁ ମେଷ ମାସର ଆରମ୍ଭ ଘଟେ। ଏଣୁ ଏହି ଦିନଟି ବର୍ଷର ପ୍ରଥମ ମାସର ପହିଲା ହୋଇଥିବାରୁ ହିନ୍ଦୁମାନେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି। ବିଦେଶୀମାନେ ଜାନୁଆରୀ ମାସର ପହିଲାକୁ ନବବର୍ଷ ଭାବେ ଗ୍ରହଣ କରି ମଦ, ମାଂସ ଭଳି ତାମସିକ ଖାଦ୍ୟ ଖାଇ ପାଳନ କରୁଥିବା ବେଳେ ହିନ୍ଦୁ ଧର୍ମାବଲମ୍ବୀମାନେ ମେଷ ମାସକୁ ବର୍ଷର ପ୍ରଥମ ମାସ ଓ ବିଷୁବ ସଂକ୍ରାନ୍ତି ଦିନଟିକୁ ପହିଲା ବୋଲି ଭାବି ସାତ୍ତ୍ୱିକତାର ସହିତ ପଣା ସଂକ୍ରାନ୍ତି ନାମରେ ପାଳନ କରିଥାଆନ୍ତି। ଏହି ସଂକ୍ରାନ୍ତି ଦିନ ମେଷ ରାଶିରେ ରବି ଅବସ୍ଥାନ କରୁଥିବାରୁ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ।

– **ସତ୍ୟ ମହାପାତ୍ର**,
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡି, ସେକ୍ଟର–୬, କଟକ, ମୋ– ୯୬୫୮୧୦୫୫୩୨

## ମହାବିଷୁବ ସଂକ୍ରାନ୍ତି ମତାମତ

### ପ୍ରତି ଓଡ଼ିଆଙ୍କ ପାଇଁ ବଡ଼ ଉତ୍ସବ



ମହାବିଷୁବ ବା ପଣାସଂକ୍ରାନ୍ତି ହେଉଛି ଓଡ଼ିଆ ନବବର୍ଷ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ବଡ଼ ଉତ୍ସବ। ଘରେ ଘରେ ପିଠା, ପଣାର ବାସ୍ନା ମହକିବ। ବିଶେଷକରି ଯୌଥ ପରିବାରରେ ଥିବାରୁ ମୋର ଆନନ୍ଦ ଦୁଇଗୁଣିତ। ମହାବୀର ଜୟନ୍ତୀ ଥିବାରୁ ସକାଳୁ ହନୁମାନ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବି। ମା', ଜେଜେମା'ଙ୍କ ସହ ଚଉରାରେ ଥିବା ତୁଳସୀ ଗଛକୁ ଗ୍ରୀଷ୍ମତାପରୁ ସୁରକ୍ଷା ଦେବାକୁ ଛୋଟ ଛିଦ୍ର ଥିବା ମାଟିପାତ୍ର ଝୁଲାଇବାରେ ସାହାଯ୍ୟ କରିବି। ବୃଦ୍ଧାଶ୍ରମ ଯାଇ ପିଠା,ପଣା ବାଣ୍ଟିବି। ସହରରେ ରହି ମଧ୍ୟ ଓଡ଼ିଆ ପର୍ବ ପରମ୍ପରାରେ ନିଜକୁ ସାମିଲ କରୁଥିବାରୁ ଭାରି ଖୁସି ଲାଗୁଛି।

– **ବର୍ଷା ପ୍ରିୟଦର୍ଶିନୀ କର, ଛାତ୍ରୀ**

### ପଣାସଂକ୍ରାନ୍ତିର ମହତ୍ତ୍ୱ ଅନେକ



ପଣା ସଂକ୍ରାନ୍ତିର ଅନେକ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ସହ ଏହି ସଂକ୍ରାନ୍ତି ଯୋଡିହୋଇ ରହିଛି। ଦିଅଁ ଦର୍ଶନ, ଓଡ଼ିଆ ନବବର୍ଷ ପାଳନ ଭିତରେ ପଣା ପିଇବାର ନିଆରା ଅନୁଭୂତି ରହିଛି। ପଣାରେ କ୍ଷୀର, ବେଲ, ନଡ଼ିଆ, କଦଳୀ, କମଳା, ଅଙ୍ଗୁର, ସେଓ ଏବଂ ଅନ୍ୟାନ୍ୟ ଫଳସବୁ ପଡ଼ିଥିବାରୁ ଶରୀରକୁ ପୋଷକ ତତ୍ତ୍ୱ ଓ ବିଭିନ୍ନ ଭିଟାମିନ୍ ମିଳିଥାଏ। ସେହିପରି ଗୋଲମରିଚ, ଗୁଜୁରାତି, ଅଦା ମଧ୍ୟ ପେଟ ସମସ୍ୟା ଦୂର କରିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ଶରୀରକୁ ସତେଜ ରଖେ।

– **ଦିଲୀପ ରାଉତ, ଶିକ୍ଷକ**

### ଓଡ଼ିଆଙ୍କ ଅସ୍ମିତାର ଦିବସ, ଓଡ଼ିଆ ଭାବେ ଗର୍ବ କରନ୍ତୁ



ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ହେଉଛି ଓଡ଼ିଆମାନଙ୍କର ଅସ୍ମିତାର ଦିବସ। ଏହି ଦିନକୁ ବିଶ୍ୱ ହିନ୍ଦୁ ପରିଷଦ ପୁରପଲ୍ଲୀରେ ମହାଆଡ଼ମ୍ବରରେ ପାଳନ କରିବ। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପିଠା ପଣା ସହ ଦାଣ୍ଡ, ବାରଣ୍ଡାରେ ଝୋଟି, ମୁରୁଜ ପକାଇ ପଣା ସଂକ୍ରାନ୍ତିକୁ ସ୍ୱାଗତ କରାଯିବ। ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ କଳା, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କରାଯିବ। ଜନ୍ମମାଟିଠାରୁ ଆରମ୍ଭ କରି ଦେଶବିଦେଶରେ ରହୁଥିବା ପ୍ରତ୍ୟକ ଓଡ଼ିଆ ନିଜକୁ ଜଣେ ସଚ୍ଚା ଓଡ଼ିଆ ଭାବେ ଗର୍ବ କରିବା ଆବଶ୍ୟକ।

– **ସୁଜିତ୍ କୁମାର ନାୟକ,**
**ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ, ବିଶ୍ୱ ହିନ୍ଦୁ ପରିଷଦ**


### ପରିବାର, ବନ୍ଧୁଙ୍କ ସହ ଖୁସି ମନାଇବାର ନିଆରା ଦିନ



ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ ସହ ପୁଣି ଓଡ଼ିଆ ନବବର୍ଷ। ଏପରି ସ୍ୱତନ୍ତ୍ର ଦିନର ବହୁ ଗୁରୁତ୍ୱ ରହିଥିବାବେଳେ ପଣା ସଂକ୍ରାନ୍ତିରେ ପଣାର ସ୍ୱତନ୍ତ୍ରତା ରହିଛି। ଆମେ ମଧ୍ୟ ଘରେ ପଣା ପ୍ରସ୍ତୁତ କରିଥାଉ। ଗାଁରେ ଥିବାବେଳେ ବାଡ଼ିରୁ ବେଲ, ଫୁଟି କାକୁଡ଼ି, ନଡ଼ିଆ ସହଜରେ ମିଳିଯାଏ। ତା'ସହ ଯାହା ଆବଶ୍ୟକ ତାହା ମଧ୍ୟ ସବୁ ମିଳିଥାଏ। ଭୁବନେଶ୍ୱରରେ ଏହାସବୁ କିଣିବାକୁ ପଡୁଛି। ପଣା କରି ପରିବାର ଲୋକଙ୍କ ସହ ବନ୍ଧୁ, ପ୍ରିୟଜନଙ୍କୁ ବାଣ୍ଟି ଖୁସି ମନେଇବାର ଏହା ହେଉଛି ନିଆରା ଦିନ।

– **ସୁଚିତ୍ରା ମଲ୍ଲ, ଗୃହିଣୀ**

# ବିଶ୍ୱର ସର୍ବୋଚ୍ଚ ପୋଲ ନିର୍ମାଣ କରୁଛି ଚାଇନା





**ବେଜିଂ,୧୩।୪**

ଚାଇନା ବିଶ୍ୱର ସର୍ବୋଚ୍ଚ ବ୍ରିଜ୍ ନିର୍ମାଣ କରୁଛି। ଦୁଇଟି ଘାଟି ମଧ୍ୟରେ ନିର୍ମିତ ହେଉଥିବା ଏହି ହୁଆଜିଆଙ୍ଗ ଗ୍ରାଣ୍ଡ କାନ୍ୟୋନ ବ୍ରିଜ୍ ୨ ମାଇଲ୍ ଦୀର୍ଘ ହୋଇଥିବାବେଳେ ଉଚ୍ଚତା ୨,୦୫୦ ଫୁଟ୍। ୩୨୪ ମିଟର ଉଚ୍ଚତା ବିଶିଷ୍ଟ ଏଫିଲ୍ ଟାୱାରଠାରୁ ଏହା ୨୦୦ ମିଟର ଅଧିକ ଉଚ୍ଚ ଏବଂ ୩ ଗୁଣ ଅଧିକ ଓଜନଦାର। ଜୁନ୍‌ରେ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଥିବା ଉକ୍ତ ପୋଲ ନିର୍ମାଣରେ ୨,୨୦୦ କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପ ଯୋଗୁ ଯାତ୍ରା ସମୟ ୧ ଘଣ୍ଟାରୁ ୧ ମିନିଟ୍‌କୁ ହ୍ରାସ ପାଇବ। ଏହି ସୁପର ପ୍ରୋଜେକ୍ଟ ଚାଇନାର ଇଞ୍ଜିନିୟରିଂ ସାମର୍ଥ୍ୟକୁ ପ୍ରଦର୍ଶିତ କରିବା ସହ ପାର୍ବତ୍ୟାଞ୍ଚଳ ରାଜ୍ୟ ଗୁଇଝୋଉକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବ ବୋଲି ଚାଇନା ରାଜନେତା ଝାଙ୍ଗ୍ ଶେଙ୍ଗ୍‌ଲିନ୍ କହିଛନ୍ତି। ବ୍ରିଜ୍‌ରେ ୨୨,୦୦୦ ଟନ୍ ଓଜନର ଇସ୍ପାତ ଫ୍ରେମ୍ ବ୍ୟବହାର କରାଯାଇଛି। ମାତ୍ର ୨ ମାସ ମଧ୍ୟରେ ଏହି ଫ୍ରେମ୍‌ଗୁଡ଼ିକୁ ଲଗାଯାଇଛି।

Government of India

**ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କ**
**୧୩୫ତମ ଜୟନ୍ତୀରେ**
**ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ରାଷ୍ଟ୍ର**

**ଡକ୍ଟର ଆମ୍ବେଦକରଙ୍କ ସମାବେଶୀ ଭାରତର ସ୍ୱପ୍ନକୁ ମୋଦୀ ସରକାର କରୁଛନ୍ତି ସାକାର**

**ସୁଯୋଗ**

- ଟ.୪୪୭୦୦+ କୋଟିରୁ ଅଧିକ ଛାତ୍ରବୃତ୍ତି ଜରିଆରେ ପ୍ରାୟ ୮.୪ କୋଟି ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ସହାୟତା
- **ପିଏମ ମୁଦ୍ରା ଯୋଜନା** ଅଧୀନରେ ଏସସି/ଏସଟି ହିତାଧିକାରୀଙ୍କୁ **ଟ.୪.୬+ ଲକ୍ଷ କୋଟି** ଟଙ୍କାର ରଣ

**ଶ୍ରଦ୍ଧାଞ୍ଜଳି**

- ବାବାସାହେବଙ୍କ ଐତିହ୍ୟକୁ ସମ୍ମାନ ଦେବା ଲାଗି ପାଞ୍ଚଟି ପବିତ୍ର ସ୍ଥଳରେ **ପଞ୍ଚତୀର୍ଥର ବିକାଶ: ଜନ୍ମ ଭୂମି** (ମହୁ, ମଧ୍ୟପ୍ରଦେଶ), **ଶିକ୍ଷା ଭୂମି** (ଲଣ୍ଡନ), **ଦୀକ୍ଷା ଭୂମି** (ନାଗପୁର), **ମହାପରିନିର୍ବାଣ ଭୂମି** (ଦିଲ୍ଲୀ), **ଚୈତ୍ୟ ଭୂମି** (ମୁମ୍ବାଇ)

**ସମ୍ମାନ**

- **ପିଏମ ଆବାସ ଯୋଜନା** ଅଧୀନରେ ଏସସି/ଏସଟି ହିତାଧିକାରୀଙ୍କ ପାଇଁ ତିଆରି କରାଯାଇଛି ପ୍ରାୟ **୧.୫ କୋଟି** ପକ୍କା ଘର
- **୩.୪ କୋଟି** ଶୌଚାଳୟ ନିର୍ମାଣ ଦ୍ୱାରା ସ୍ୱଚ୍ଛତା ଓ ସମ୍ମାନ ସୁନିଶ୍ଚିତ
- **ଉଜ୍ଜ୍ୱଳା ଯୋଜନା** ଅଧୀନରେ ସ୍ୱଚ୍ଛ ରୋଷେଇ ଗ୍ୟାସ ଦ୍ୱାରା **୩ କୋଟିରୁ ଅଧିକ** ପରିବାର ସଶକ୍ତ
- **ଜଳ ଜୀବନ ମିଶନ** ଅଧୀନରେ **୩ କୋଟିରୁ ଅଧିକ** ଟ୍ୟାପ୍ ଜଳ ସଂଯୋଗ
- **ଆୟୁଷ୍ମାନ ଭାରତ** ଅଧୀନରେ **ପ୍ରତିବର୍ଷ ୫ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ଏସସି/ଏସଟିଙ୍କ ଉପରେ ଅତ୍ୟାଚାରକୁ ରୋକିବା ଲାଗି **୧୪୫୬୬ ହେଲ୍ପଲାଇନ**



cbc 38101/13/0002/2526

**ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସାଦର ଆମନ୍ତ୍ରଣ**

ତାରିଖ: ୧୪ ଏପ୍ରିଲ ୨୦୨୫
ସମୟ: ସକାଳ ୯.୩୦ରୁ ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ
ସ୍ଥାନ: ପ୍ରେରଣା ସ୍ଥଳ, ସଂସଦ ଭବନ ପରିସର

ପ୍ରବେଶ ଦ୍ୱାର: ପିଏଲ୍‌ବି ଗେଟ୍, ପଣ୍ଡିତ ପନ୍ତ ମାର୍ଗ

# ଦୁଇ ଯୁବକଙ୍କ ଜଙ୍ଗଲୀ ଭାଲୁକୁ ନିର୍ଯାତନା ଦେବା ଭିଡିଓ ଭାଇରାଲ

ମାଲକାନଗିରି, ୧୩।୪
(ନୃସିଂହ ଚରଣ ମହାନ୍ତି)


ନିର୍ଯାତନା ଦିଆଯାଉଥିବା ଭାଲୁ।


ଛତିଶଗଡ଼ର ବସ୍ତର ଡିଭିଜନରେ ଏକ ଜଙ୍ଗଲୀ ଭାଲୁ ପ୍ରତି ନିଷ୍ଠୁରତାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ଗାଁ ଲୋକ ଭାଲୁର ଗୋଡ଼କୁ ତାର ସାହାଯ୍ୟରେ ଏକ ବାଡ଼ିରେ ବାନ୍ଧି ଦେଇଥିଲେ, ତା'ର ମୁହଁ ଏବଂ ପଞ୍ଝା ଭାଙ୍ଗି ଦେଇ ତା'ର ମୁଣ୍ଡକୁ ଆଘାତ କରିଥିଲେ। ଏହି ସମୟରେ ଭାଲୁଟି ଯନ୍ତ୍ରଣାରେ ଛଟପଟ ହେଉଥିଲା। ତାକୁ ନିର୍ଯାତନା ଦିଆଯିବା ପରେ ହତ୍ୟା କରାଯାଇଥିବା କୁହାଯାଉଛି। ଭାଇରାଲ ଭିଡିଓରେ ଦାବି କରାଯାଉଛି, ଏହା ସୁକ୍ମା ଜିଲା କେରାଲପାଲର ଘଟଣା। କିନ୍ତୁ ତାହା ସ୍ପଷ୍ଟ ହୋଇନାହିଁ। ପ୍ରାୟ ୨ ମିନିଟ୍ ୨୦ ସେକେଣ୍ଡର ଏହି ଭିଡିଓରେ, ଜଣେ ଗ୍ରାମବାସୀ ଭାଲୁର କାନ ଟାଣି ନିର୍ଯାତନା ଦେଉଥିବା ବେଳେ ଭାଲୁଟି ଚିତ୍କାର କରୁଥିବା ଦେଖାଯାଉଛି। ଅନ୍ୟ ଗାଁ ଲୋକଟି ଭାଲୁ ହାତ ଏବଂ ମୁଣ୍ଡରେ ଜୋରରେ ଆଘାତ କରୁଛନ୍ତି। ଭାଲୁକୁ ଏତେ ମାଡ଼ ଦିଆଯାଇଥିଲା ତା'ର ମୁହଁ ହାଡ ଭାଙ୍ଗି ସେଥିରୁ ରକ୍ତ ବାହାରୁଥିଲା। ଭିଡିଓରେ, ଯୁବକ ଜଣକ ପ୍ରଥମେ ଭାଲୁର ମୁଣ୍ଡକୁ ଆକ୍ରମଣ କରୁଥିବା ଏବଂ ତା'ପରେ ପଞ୍ଝା ଭାଙ୍ଗିବା ସହ ଲୋମକୁ ଟାଣିବା ଦେଖାଯାଇଥିଲା। ଯେଉଁଠି ଭାଲୁ ପ୍ରତି ଏଭଳି କରାଯାଉଥିଲା, ସେହି ସ୍ଥାନରେ ଗ୍ରାମର ମହିଳା ଏବଂ ପିଲାମାନେ ଠିଆ ହୋଇ ହସୁଥିବା ଭିଡିଓରେ ଦେଖିବାକୁ ମିଳୁଛି।

# ୧୫ରେ ଜନଶୁଣାଣି: ଟାରିଫ୍ ହ୍ରାସ ଅପେକ୍ଷାରେ ବିଦ୍ୟୁତ୍ ଉପଭୋକ୍ତା

## କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଓଇଆର୍‌ସିର ଉଲ୍ଲଂଘନ


ଭୁବନେଶ୍ୱର, ୧୩।୪
(ରବିନାରାୟଣ ଜେନା)

କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଉଲ୍ଲଂଘନ କରୁଥିବାରୁ ରାଜ୍ୟରେ ବିଦୁତ୍ ଟାରିଫ୍ ଅଧିକ ରହିଛି। ନିୟମ ଅନୁଯାୟୀ ୟୁନିଟ୍ ପିଛା ୩ଟାଙ୍କା ଭିତରେ ରହିବା କଥା, ମାତ୍ର ଏହା ଏବେ ୩.୪୦ଟଙ୍କା ରହିଛି। ନିକଟରେ ଆୟୋଗଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ବେଳେ ମଙ୍ଗଳବାର ଏହାର ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ହେବ। ଯଦି ଆୟୋଗ କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରନ୍ତି ତେବେ ବିଦ୍ୟୁତ୍ ଟାରିଫ୍ କମିବ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ରବିବାର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ପରିଚାଳନାଧୀନ ଇବ୍ ଥର୍ମାଲରୁ ଉତ୍ପାଦିତ ବିଦ୍ୟୁତ ରାଜ୍ୟ ଚାହିଦାର ଏକ-ତୃତୀୟାଂଶ ପୂରଣ କରୁଛି। ଏହାର ନିର୍ମାଣାଧୀନ ୧୩୨୦ ମେଗାୱାଟ୍ କ୍ଷମତାବିଶିଷ୍ଟ ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଅର୍ଦ୍ଧାଧିକ ବିଦ୍ୟୁତ ଚାହିଦା ପୂରଣ ହେବ। ଟାରିଫ୍ ଦୃଷ୍ଟିରୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ କେନ୍ଦ୍ରୀୟ ତାପଜ ବିଦ୍ୟୁତଠାରୁ ଶସ୍ତା ହେଲେ ବି ବେଦାନ୍ତ, ଜିନ୍ଦଲ ଭଳି ଘରୋଇ ସଂସ୍ଥାଙ୍କ (ଆଇପିପି) ତୁଳନାରେ ଅକାରଣରେ ମହଙ୍ଗା ହେଉଛି। ଫଳରେ ରାଜ୍ୟର ଉପଭୋକ୍ତାମାନେ ଜାତୀୟ ହାର ତୁଳନାରେ ଅଧିକ ବିଲ୍ ପଇଠ କରିବାକୁ ବାଧ ହେଉଛନ୍ତି। ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱତନ୍ତ୍ର କୋଇଲା ଖଣି ଆବଣ୍ଟନ ନୀତି ଆଧାରରେ କେନ୍ଦ୍ର ସରକାର ମନୋହରପୁର ଓ ଡିପ୍ ସାଇଡ୍ ମନୋହରପୁର ଭଳି ଦୁଇଟି ଉଚ୍ଚମାନର କୋଇଲା ଖଣିକୁ ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ୨୦୧୫ରେ ଆବଣ୍ଟନ କରିଥିଲେ। ଏହି ଖଣି ଦୁଇଟିକୁ ପାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓପିଜିସି ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିଃ (ଓସିପିଏଲ୍) ନାମରେ ସହଯୋଗୀ ସଂସ୍ଥା ଗଠନ କରିଥିଲେ। ୨୦୧୯ରୁ ଓସିପିଏଲ୍ ଏହି ଖଣିରୁ କୋଇଲା ଉତ୍ତୋଳନ କରି ଓପିଜିସିକୁ କୋଇଲା ଯୋଗାଇ ଆସୁଥିଲେ ହେଁ କେନ୍ଦ୍ରୀୟ ନୀତି ଅନୁଯାୟୀ ଉପଭୋକ୍ତାମାନେ ଯେଉଁ ପ୍ରତ୍ୟକ୍ଷ ଫାଇଦା ପାଇବା କଥା ସେଥିରୁ ବଞ୍ଚିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ଆବଣ୍ଟିତ କୋଇଲା ଖଣିରୁ ଉପଭୋକ୍ତାଙ୍କୁ ଫାଇଦା ଦେବା ଲକ୍ଷ୍ୟରେ କୋଇଲାର ମୂଲ୍ୟ ନିର୍ଣ୍ଣୟ ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ(ସିଇଆରସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ରେ କେନ୍ଦ୍ରୀୟ ଆୟୋଗ ଏଥିପାଇଁ ଆବଶ୍ୟକ ଅଧିନିୟମ ଲାଗୁ କରି କୋଇଲାର ଟନ୍ ପିଛା ମୂଲ୍ୟକୁ ୧,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିଲେ। ଫଳରେ କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ହାରାହାରି ୯୦୦ ଟଙ୍କା ଦରରେ କୋଇଲା ପାଉଛନ୍ତି। ବିଦ୍ୟୁତ ଆଇନର ଧାରା ୬୧ ଅନୁସାରେ କେନ୍ଦ୍ରୀୟ ଆୟୋଗଙ୍କ ଦ୍ୱାରା ଜାରି ନୀତି ଓ ନିୟମ ରାଜ୍ୟ ନିୟାମକ ଆୟୋଗଙ୍କ ପାଇଁ ଶିରୋଧାର୍ଯ୍ୟ। ମାତ୍ର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ରହସ୍ୟଜନକ ଭାବେ ଏପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ଓପିଜିସି କୋଇଲା ମୂଲ୍ୟ ହାରାହାରି ଦୁଇଗୁଣ (ଟନ୍ ପିଛା ୧୮୦୦ ଟଙ୍କା) ରହୁଛି। ଆୟୋଗଙ୍କ ଏଭଳି ଉପଭୋକ୍ତା ମାରଣ ନୀତି ବିରୋଧରେ ୨୦୨୩ ଟାରିଫ୍ ଜନଶୁଣାଣି ବେଳେ ପ୍ରବଳ ବିରୋଧ କରାଯାଇଥିଲା। ଶେଷରେ ଓଇଆରସି କୋଇଲା ମୂଲ୍ୟ ନିର୍ଦ୍ଧାରଣ ପାଇଁ ୨୦୨୪ ମାର୍ଚ୍ଚ ୨୯ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉପରୋକ୍ତ ଅଧିନିୟମ ଅନୁଯାୟୀ ଏ ପର୍ଯ୍ୟନ୍ତ କୋଇଲା ମୂଲ୍ୟ ନିର୍ଣ୍ଣୟ ହୋଇ ନ ଥିବାବେଳେ ଆୟୋଗ ଓପିଜିସିର ଦ୍ୱିତୀୟ ପର୍ଯ୍ୟାୟ (ୟୁନିଟ୍ ୩ ଓ ୪) ପାଇଁ ଚଳିତ ମାସ ୧୫ ତାରିଖରେ ଜନଶୁଣାଣି ଦିନ ଧାର୍ଯ୍ୟ କରିଛନ୍ତି। କୋଇଲା ମୂଲ୍ୟ ନିର୍ଦ୍ଧାରଣ ପ୍ରସଙ୍ଗ ଏ ଯାଏ ସାର୍ବଜନୀନ ହୋଇ ନ ଥିବାବେଳେ ଆୟୋଗ କେଉଁ ସ୍ୱଚ୍ଛତା ଆଧାରରେ ଜନଶୁଣାଣି କରିବାକୁ ଯାଉଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଜନଶୁଣାଣି ବେଳେ ଓଇଆରସିଙ୍କ ପକ୍ଷରୁ କି' ପଦକ୍ଷେପ ଗ୍ରହଣ କରାଯାଉଛି ତାକୁ ରାଜ୍ୟବାସୀଙ୍କ ଅପେକ୍ଷା କରିଛନ୍ତି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ କହିଛନ୍ତି।



# ପର୍ଯ୍ୟଟନ ବିକାଶରେ ସହାୟକ ଅଞ୍ଜୀ ଖଡ୍ଡ ରେଳ ବ୍ରିଜ୍



ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)

ଭାରତର ପ୍ରଥମ କେବୁଲ ରେଳ ବ୍ରିଜ ଭାବେ ପରିଚିତ ଅଞ୍ଜୀ ଖଡ୍ଡ ବ୍ରିଜ୍ ଚେନାବ ବ୍ରିଜ୍‌ର ଦକ୍ଷିଣରେ ଥିବା ଅଞ୍ଜୀନଦୀର ଗଭୀରତାକୁ ବିସ୍ତାର କରିଛି। ଉଦାମପୁର-ଶ୍ରୀନଗର-ବାରମୁଲ୍ଲା ରେଳ ଲାଇନର କାତ୍ରା-ବନିହାଲ ସେକ୍ସନକୁ ସଂଯୋଗ କରୁଥିବା ଏହି କେବୁଲ ଜମ୍ମୁ ସହରଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ। ତୁଷାରପାତ ଅଞ୍ଚଳରେ ଏହି ବ୍ରିଜ୍ ଭ୍ରମଣକୁ ସୁଗମ କରିବା ସହ ଯାତ୍ରୀଙ୍କୁ ଭଲ ଅନୁଭୂତି ପ୍ରଦାନ କରୁଛି। ଏହି ସେତୁ ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବା ସହ କଶ୍ମୀରରେ ପର୍ଯ୍ୟଟନ ବିକାଶ ପଥ ପରିଷ୍କାର କରିଛି। ଏହି ବ୍ରିଜ୍‌ର ଉଚ୍ଚତା ୭ ମିଟର ଏବଂ ଲମ୍ବ ୨୫ ମିଟର ରହିଛି। ସେତୁର ଓଲଟା 'ୱାଇ' ଆକୃତିର ପାଇଲନ ମୂଳଦୁଆର ଉପରୁ ୧୯୩ ମିଟର ଉଚ୍ଚତାକୁ ଉଠିଥାଏ। ୮,୨୧୫ ମେଟ୍ରିକ ଟନ୍ ଇସ୍ପାତରେ ଏହା ତିଆରି ହୋଇଥିବା ଭାରତୀୟ ରେଳ ପକ୍ଷରୁ ସୂଚନା ଦିଆଯାଇଛି।

# ୭ ମାସର ଶିଶୁକନ୍ୟାଙ୍କୁ ବଳି ଦେଇଥିବା ମା'ଙ୍କୁ ଫାଶୀ ଦଣ୍ଡାଦେଶ

ବିଶାଖାପାଟଣା, ୧୩।୪

ତେଲଙ୍ଗାନାର ସୂର୍ଯ୍ୟପେଟସ୍ଥିତ ସ୍ଥାନୀୟ ଅଦାଲତ ରବିବାର ଏକ ମାମଲାର ଶୁଣାଣି କରି ବି. ଭାରତୀ ଓରଫ୍ ଲାସ୍ୟା (୩୨) ନାମ୍ନୀ ଜଣେ ମହିଳାଙ୍କୁ ନିଜ ୭ ମାସର ଶିଶୁକନ୍ୟାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଫାଶୀ ଦଣ୍ଡ ଶୁଣାଇଛନ୍ତି। ଲାସ୍ୟା ୨୦୨୧ରେ ସର୍ପ ଦୋଷରୁ ମୁକ୍ତି ପାଇବା ପାଇଁ ନିଜ ଶିଶୁକନ୍ୟାଙ୍କୁ ବଳି ଚଢ଼ାଇଥିଲେ। ଏହି ଅପରାଧ ଅତ୍ୟନ୍ତ ନିଷ୍ଠୁର ଏବଂ ଅମାନବୀୟ ହୋଇଥିବା ଦର୍ଶାଇ ଏହା ଦୁର୍ଲଭରୁ ଦୁର୍ଲଭତମ ଶ୍ରେଣୀରେ ଆସୁଥିବା କହି ସର୍ବୋଚ୍ଚ ଅଦାଲତ ଲାସ୍ୟାଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ଲାସ୍ୟା ଜଣେ ତାନ୍ତ୍ରିକଙ୍କ ପରାମର୍ଶରେ ନିଜ ଶିଶୁକନ୍ୟାଙ୍କୁ ବଳି ଦେଇଥିବା ନେଇ ତଦନ୍ତରୁ ଜଣା ପଡ଼ିଥିଲା।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ, ସମୟ: ସକାଳ ୮ଟା ୩୦ । ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ଉତ୍କଳ ବିକାଶ ପରିଷଦର ୨୭ତମ ବାର୍ଷିକ ଅଧିବେଶନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା ।
- ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଭାରତୀୟ କ୍ଷେତମଜ୍‌ଦୂର ୟୁନିଅନ ପକ୍ଷରୁ ଶୋଭାଯାତ୍ରା, ସମୟ: ଅଶୋକ ନଗରସ୍ଥିତ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ପଣା ଉତ୍ସବ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା ।
- ବାବାସାହେବ ଡ.ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେଣ୍ଟର ଫର ୟୁଥ୍ ସୋସିଆଲ ଡେଭଲପମେଣ୍ଟ(ସିୱାଇଏସ୍‌ଡି), ଫର୍ଚ୍ୟୁନ ଟାୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନୂତନ ବର୍ଷ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୪ଟା ୩୦ ।
- କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ମମତା ଦାଶଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବ ଏବଂ କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ।
- ସିଟିଜେନ୍ସ ଫୋରମ ଓଡ଼ିଶା ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଖାରବେଳ ନଗର(ପୁରୁଣା ସିଟି ଅଫିସ ପ୍ରାଙ୍ଗଣ), ସମୟ: ଅପରାହ୍ନ ୫ଟା ।
- ଓଡ଼ିଆ ନବବର୍ଷ ପାଳନ ଏବଂ ଓଡ଼ିଆ ପକ୍ଷର ଉଦ୍‌ଯାପନ ଉତ୍ସବ ସମାରୋହ, ସ୍ଥାନ: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟ (କୃଷି ଶିକ୍ଷା ସଦନ), ସମୟ: ସନ୍ଧ୍ୟା ୬ଟା ।
- ଅଲ୍ ଓଡ଼ିଶା ଏସ୍‌ସି/ଏସ୍‌ଟି ବ୍ୟାଙ୍କ ଏମ୍ପ୍ଲୋୟିଜ୍ କନ୍‌ଫେଡେରେଶନ୍ ପକ୍ଷରୁ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।
- ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହର ସନ୍ଧ୍ୟା ଅଧିବେଶନ, ସ୍ଥାନ: କୃଷି ଶିକ୍ଷା ସଦନ, ସମୟ: ସନ୍ଧ୍ୟା ୬ଟା ।
- ମା'ତାରିଣୀଙ୍କ ପୀଠରେ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ କଲୋନୀ ନିକଟ, ଭିଏସ୍‌ଏସ୍ ନଗର, ସମୟ: ସନ୍ଧ୍ୟା ୭ଟା ।
- ପୁଣ୍ୟ ଉତ୍କଳ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର, ସମୟ: ସନ୍ଧ୍ୟା ୭ଟା ।

## କଟକ

- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀ ସ୍ମୃତି ପଡ଼ିଆ, ନିଜିଗଡ଼, ତିଗିରିଆ, ସମୟ: ସକାଳ ୯ଟା ।
- ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ମା' କଳାପାଟଙ୍କ ମନ୍ଦିରଠାରୁ ନୂଆସଡ଼କ, ତିଗିରିଆ, ସମୟ: ସକାଳ ୧୦ଟା ।
- ମା' ମଙ୍ଗଳାଙ୍କ ଝାମୁଯାତ୍ରା, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ବିଜୁ ଆଦର୍ଶ କଲୋନୀ, ସମୟ: ଅପରାହ୍ନ ୩ଟା ।
- ଦକ୍ଷିଣେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡା ପାଟଯାତ୍ରା, ସ୍ଥାନ: ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୪ଟା ।
- ରୁଦ୍ର କାଳୀଙ୍କ ଖଣ୍ଡାପାଟ ଯାତ୍ରା, ସ୍ଥାନ: ଜେମାଦେଇପୁର, ତିଗିରିଆ, ସମୟ: ଅପରାହ୍ନ ୪ଟା ।
- ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ଆସର କାର୍ଯ୍ୟକ୍ରମ, ସ୍ଥାନ: ଓଟିଏମ୍ ବନମାଳୀ ଷ୍ଟୋର ପରିସର,ସମୟ: ଅପରାହ୍ନ ୫ଟା ।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ, ସ୍ଥାନ: ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ଅଭିରାମ ଆଶ୍ରମ ପରିସର, ସମୟ: ରାତି ୭ଟା ।

## ଖୋର୍ଦ୍ଧା

- ସାରସ୍ୱତ ମହାମିଳନ ପର୍ବ, ସ୍ଥାନ: ଗୀତାଭବନ ସଭାଗୃହ, ଖୋର୍ଦ୍ଧା, ସମୟ: ସକାଳ ୯ଟା ।
- କେନ୍ଦ୍ରୀୟ ସରକାରୀ କର୍ମଚାରୀ ସଂଘର ମହାବିଷୁବ ମିଳନ ଏବଂ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଡି-୩୩ ଟ୍ରାଫିକ କଲୋନୀ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚମୁଖି ମହାବୀର ଦେବଙ୍କ ବାର୍ଷିକ ଜନ୍ମ ଉତ୍ସବ, ସ୍ଥାନ: ବଡ଼ତୋଟା, ଜଟଣୀ, ସମୟ: ଅପରାହ୍ନ ୧ଟା ।
- ଝାମୁଯାତ୍ରା, ସ୍ଥାନ: ଦଳେଇପୁଟ, ସମୟ: ଅପରାହ୍ନ ୨ଟା ।
- ଝାମୁଯାତ୍ରା, ସ୍ଥାନ: ଧବଳେଶ୍ୱରଙ୍କ ପୀଠ, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା ।
- ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ, ସ୍ଥାନ: ଶ୍ୟାମମାଧବ ପାଠାଗାର, ସମୟ: ଅପରାହ୍ନ ୪ଟା ।
- ଝାମୁଯାତ୍ରା, ସ୍ଥାନ: ଓରାଙ୍ଗ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ଓ ଅନୁସୂଚିତ ଜାତି ଓ ଜନଜାତି ପରିବାର ପକ୍ଷରୁ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଜୟୀ ରାଜଗୁରୁ ଟାଉନ ହଲ୍, ସମୟ: ଅପରାହ୍ନ ୫ଟା ।
- ଝାମୁଯାତ୍ରା, ସ୍ଥାନ: ଉଇଲିକଶନ ନଗର, ସମୟ: ଅପରାହ୍ନ ୫ଟା ।
- ସିଦ୍ଧମହାବୀର ଦେବଙ୍କ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗୋପବନ୍ଧୁ ବଜାର, କଲେଜ ରୋଡ୍, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।
- ସିଦ୍ଧମହାବୀର ଦେବଙ୍କ ୨୯ତମ ଜନ୍ମଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରେଲୱେ ଗୋଲେଇ ଓ ନିୟୁ ମାର୍କେଟ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା ।
- ୩୫ତମ ବାର୍ଷିକ ଶ୍ରୀରାମଚରିତ ମାନସ, ପାରାୟଣ ଓ ପ୍ରବଚନ, ସ୍ଥାନ: ହନୁମାନ ମନ୍ଦିର, ଜରିପୁଟ, ସମୟ: ରାତି ୮ଟା ।

## ବାଲେଶ୍ୱର

- ଡ.ଭୀମରାଓ ଆମ୍ବେଡ୍‌କରଙ୍କ ୧୩୪ ତମ ଜୟନ୍ତୀ ସମାରୋହ,ସ୍ଥାନ:ରେମୁଣା ଗୋଲେଇ,ବାଲେଶ୍ୱର,ସମୟ:ସକାଳ ୭ଟା ।
- ରାଷ୍ଟ୍ର ନିର୍ମାଣରେ ଆମ୍ବେଡ୍‌କରଙ୍କ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର,ସ୍ଥାନ: ପୋଲିସ ଲାଇନ ଛକ,ବାଲେଶ୍ୱର,ସମୟ: ସକାଳ ୮ଟା ।
- ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ହୁଳୁହୁଳି, ଝୋଟି ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା, ସ୍ଥାନ: ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିସର, ବାଲେଶ୍ୱର,ସମୟ:ସକାଳ ୮ଟା ୧୫ ।
- ହନୁମାନ ଜୟନ୍ତୀ ଉତ୍ସବ,ସ୍ଥାନ:ବଜରଙ୍ଗବାଲି ମନ୍ଦିର, ଧିତପୁରା, ବସ୍ତା,ସମୟ: ସକାଳ ୯ଟା ।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ନବ ବର୍ଷ ପାଳନ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ,ବାଲେଶ୍ୱର ସମୟ: ସକାଳ ୯ଟା ।
- ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଜିଲାପାଳଙ୍କ ନୂତନ ଅଡିଟୋରିୟମ ହଲ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ଜୟନ୍ତୀ ଓ ବାର୍ଷିକ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର, ଟାଉନ ହଲ ରୋଡ଼, ବାଲେଶ୍ୱର, ସମୟ:ଦିବସ ବ୍ୟାପୀ ।

## ଭଦ୍ରକ

- ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା ।
- ହନୁମାନ ଜୟନ୍ତୀ, ସ୍ଥାନ: ଅଗାପୁର, ପଦ୍ମପୁର, ବାସୁଦେବପୁର, ସମୟ: ସକାଳ ୭ଟା ।
- ହନୁମାନ ଜୟନ୍ତୀ ଓ ବାର୍ଷିକ ଉତ୍ସବ, ସ୍ଥାନ: ବଳରାମପୁର, ବାସୁଦେବପୁର, ସମୟ: ସକାଳ ୭ଟା ।
- ଚଣ୍ଡୀପୂଜା ଶୁଭାରମ୍ଭ, ସ୍ଥାନ: ମାଧପୁର ଚଣ୍ଡୀ ପଡ଼ିଆ, ଚାନ୍ଦବାଲି, ସମୟ: ସକାଳ ୮ଟା ।
- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ, କଳସ ଶୋଭାଯାତ୍ରା, ସ୍ଥାନ: କନ୍ଧା, ଚାନ୍ଦବାଲି, ସମୟ: ସକାଳ ୮ଟା ।
- ମହାବୀରଙ୍କ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଆଡ଼ିଆ ଗିରିଧାରୀନଗର ଛକ, ବନ୍ତ, ସମୟ: ସକାଳ ୮ଟା ।
- ଭେଡ଼ାନାୟକାଣୀ ମନ୍ଦିରରେ ଘଟୋତ୍ତଳନ, ପାଗୁଆଯାତ୍ରା, ପଣାଦାନ, ସ୍ଥାନ: ବାଲିମେଡ, ବାସୁଦେବପୁର, ସମୟ: ସକାଳ ୮ଟା ।
- ଆମ୍ବେଡ୍‌କର ଜୟନ୍ତୀ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ଜୟନ୍ତୀ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ମା' ସ୍ୱର୍ଣ୍ଣମୟୀଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରଗଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସାହାଡ଼ାପଲ୍ଲୀ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା ।
- ବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ଅପରାହ୍ନ ୫ଟା ।
- ଆଙ୍କୁଡ଼େଶ୍ୱରୀ ମନ୍ଦିରରେ ଘଟୋତ୍ତଳନ, ପାଗୁଆଙ୍କ ବେଢ଼ା ପରିକ୍ରମା, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା ।
- ପାଗୁଆ ଯାତ୍ରା, ସ୍ଥାନ: ରାଉତରାପୁର ସୁବର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ଆଗରପଡ଼ା, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର

- ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ସ୍ଥାନ: ସାମ ହନୁମାନ ମନ୍ଦିର, ପାଟଣା, ସମୟ: ସକାଳ ୭ଟା ।
- ମା' ପତିରିଆସୁଣୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଧରପୁର, ଛେନାପଦି, ସମୟ : ସକାଳ ୭ଟା ।
- ମା' ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ନିଶଙ୍କପୁର, ଛେନାପଦି, ସମୟ: ସକାଳ ୮ଟା ।
- ଏଆଇଏମ୍ ଡ୍ୟାନ୍ସ ଏକାଡେମୀର କଳା ଉତ୍ସବ, ସ୍ଥାନ: କେନ୍ଦୁଝର ଆଡିଟରିୟମ, ସମୟ: ସକାଳ ୮ଟା ।
- ଭାରତରତ୍ନ ଡ଼. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରଦରବାର ହଲ, କେନ୍ଦୁଝର, ସମୟ: ସକାଳ ୮ଟା ୩୦ ରେ ମାଲ୍ୟାର୍ପଣ, ୯ଟାରେ ସାଧାରଣ ସଭା ।
- ବଜରଙ୍ଗବାଲି ହନୁମାନଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ପୂର୍ବାହ୍ନ ୧୧ ଟା ।
- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ବିଷୁବ ସଂକ୍ରାନ୍ତିରେ ମା'ଙ୍କ ପୂଜା, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୭ ଟା ।
- ସାଂସ୍କୃତିକ ପରିଷଦ ପକ୍ଷରୁ ପଣା ଉତ୍ସବ ପାଳନ, ସ୍ଥାନ: ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା ।
- ବିଷୁବ ସଂକ୍ରାନ୍ତି ଅବସରରେ ଝୋଟି, ମୁରୁଜ, ଶଙ୍ଖ, ହୁଳହୁଳି ପ୍ରତିଯୋଗିତା, ସ୍ଥାନ: ଯୋଡ଼ା ଅଡିଟରିୟମ, ସମୟ : ଅପରାହ୍ନ ୩ଟା ।
- ରାମନବମୀ ପୂଜା କମିଟି ତରଫରୁ ହନୁମାନ ଜୟନ୍ତୀ ପାଳନ ଓ ଝଣ୍ଡା ଶୋଭାଯାତ୍ରା, ସ୍ଥାନ: ଢେଙ୍କିକୋଟ, ସମୟ: ସକାଳ ୮ଟାରୁ ଅପରାହ୍ନ ୨ଟା ।
- ମା' ତାରିଣୀ କ୍ଲବ୍ ଆନୁକୂଲ୍ୟରେ ସଙ୍କୀର୍ତ୍ତନ, ସ୍ଥାନ: ସତ୍ୟନାରାୟଣ ପେଣ୍ଡାଲ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଚିତ୍ରଡ ବସ୍‌ଷ୍ଟାଣ୍ଡ ଏବଂ ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସକାଳ ୭ ଟା ।
- ମା' କ୍ଷେତ୍ରପାଳଙ୍କ ବାର୍ଷିକୀ ପୂଜା ଉତ୍ସବ, ସ୍ଥାନ: ହଳଦୀପାଳ, ମୋରଡ଼ା, ସମୟ: ସକାଳ ୮ ଟା ।
- ଚଇତି ପରବର ପ୍ରଥମ ଦିନ ଘଟ ଉତ୍ତୋଳନ, ସ୍ଥାନ: ମାଣିଦା ଖେଳ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସକାଳ ୮ ଟା ।
- ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି, ସମୟ: ସକାଳ ୮ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ସହିତ ନବଜ୍ୟୋତି ଯୁବ ଟିମ୍‌ର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ସକାଳ ୮ଟା ।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା ।
- ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ସରବତ ବଣ୍ଟନ, ସ୍ଥାନ: ଚିତ୍ରଡ଼ା କଲେଜ ଛକ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ ଟା ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ବାବା ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ, ସମୟ: ଅପରାହ୍ନ ୨ ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଡ୍ରାଗନ ଯୁବ ଟିମ୍ ସହିତ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟ୍ସର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ ଟା ।
- ହନୁମାନ ଜୟନ୍ତୀ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ ଟା ।
- ମା'ବସୁଳିଙ୍କ ପୀଠରେ ପ୍ରସିଦ୍ଧ ଉଡ଼ାପର୍ବ, ସ୍ଥାନ: ଠାକୁରମୁଣ୍ଡା,ସମୟ:ସନ୍ଧ୍ୟା ୬ଟା ।
- ପ୍ରସିଦ୍ଧ ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା ।
- ବଳାଙ୍ଗୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାବା ବୁଢ଼ାରାଉଳ ମଠ ସନ୍ନିକଟ,ବାରିପଦା, ସମୟ: ସନ୍ଧ୍ୟା ୭ ଟା ।

## ବ୍ରହ୍ମପୁର

- ମହାବିଷୁବ ସଂକ୍ରାନ୍ତି ପାଳନ, ସ୍ଥାନ: ହିଲପାଟଣା ହନୁମାନ ମନ୍ଦିର, ସମୟ: ସକାଳ ୬ଟା ।
- ସିପିଏମ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ, ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସକାଳ ୮ଟା
- ସାପ୍ତାହିକ ସମ୍ବାଦପତ୍ର ନବୀନ ପକ୍ଷରୁ ୨୭ତମ ବିଷୁବ ମିଳନ ସମାରୋହ, ସ୍ଥାନ: ନବୀନ ଭବନ, ଇଞ୍ଜିନିୟରିଂ ସ୍କୁଲ ଛକ ବ୍ରହ୍ମପୁର, ସମୟ: ସକାଳ ୯ଟା ।
- ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ: ସକାଳ ୯ଟା ।
- ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ବାଇକ ଶୋଭାଯାତ୍ରା, ସ୍ଥାନ: ଫାଷ୍ଟ ଗେଟ୍, ସମୟ: ପୂର୍ବାହ୍ନ ୧୧. ୩୦ ।
- ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ଗଞ୍ଜାମ କଳାପରିଷଦ, ସମୟ: ସନ୍ଧ୍ୟା ୬.୩୦ ।

## ଗଞ୍ଜାମ

- ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ଚିନ୍ମୟ ମିଶନ ଗୋପବନ୍ଧୁନଗର ଆସିକା, ସମୟ: ସକାଳ ୮.୩୦ ।
- ବାବା ସାହେବ ଭିମ ରାଓ ଆମ୍ବଦକରଙ୍କ ଜନ୍ମ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ଗୁରୁକୃପା ଆଶ୍ରମ ବାଣୀବିହାର ଆସିକା, ସମୟ: ଅପରାହ୍ନ ୪.୩୦ ।

## କନ୍ଧମାଳ

- ହନୁମାନ ଜୟନ୍ତୀ ଉପଲକ୍ଷେ ବିରାଟ ଶୋଭାଯାତ୍ରା, ସ୍ଥାନ: ଶ୍ରୀରାମ ମନ୍ଦିର ଠାରୁ ଆରମ୍ଭ, ସମୟ: ସନ୍ଧ୍ୟା ୭ ଟା ।

## ଗଜପତି

- ଡକ୍ଟର ଭିମା ରାଓ ରାମଜୀ ଆମ୍ବେଦକର ଜୟନ୍ତୀ, ସ୍ଥାନ: ନୂତନ ବସଷ୍ଟାଣ୍ଡ ପାରଳାଖେମୁଣ୍ଡି, ସମୟ: ସକାଳ ୮ଟା ।

## ଢେଙ୍କାନାଳ

- ଅଗ୍ନିଶମ ସେବା ସପ୍ତାହ ପାଳନ ଓ ସଚେତନତା, ସ୍ଥାନ: ଜିଲା ଅଗ୍ନିଶମ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା ।
- ବିଷୁବ ମିଳନ ଓ କବି ବ୍ରଜନାଥ ବଡଜେନା ଜୟନ୍ତୀ, ସ୍ଥାନ: ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୦ଟା ୧୫ମିନିଟ ।
- ସାହିତ୍ୟ ଏକାଡେମୀ ପକ୍ଷରୁ କବି ବ୍ରଜନାଥଙ୍କ ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୧ଟା
- କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡଜେନା ଜୟନ୍ତୀ, ସ୍ଥାନ: ଶାଣ୍ଡିଲ୍ୟ ବସନ୍ତ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।
- ଗୀତିନାଟ୍ୟ ସମର ତରଙ୍ଗ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା ।
- ଶ୍ରୀ ହନୁମାନଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ: ହନୁମାନ ମନ୍ଦିର, କାମାକ୍ଷାନଗର, ସମୟ: ସନ୍ଧ୍ୟା ୬ଟା

## ଅନୁଗୋଳ

- ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଆଠମଲ୍ଲିକ ସହର, ସମୟ: ପୂର୍ବାହ୍ନ ୧୦ଟା ।
- ମହାବିଷୁବ ସଂକ୍ରାନ୍ତି ରେ ମେରୁଯାତ୍ରା, ସ୍ଥାନ: ରମେଶ୍ୱରପାଟଣା, ପବିତ୍ରନଗର, ସମୟ : ସନ୍ଧ୍ୟା ୬ଟା ।
- ମେରୁଯାତ୍ରା, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ , ଦୋଳମଣ୍ଡପ ସାହି, ପବିତ୍ରନଗର, ସମୟ: ସନ୍ଧ୍ୟା ୬ଟା ।
- ମେରୁ ଉପଲକ୍ଷେ ଦଣ୍ଡଯାତ୍ରା, ସ୍ଥାନ: ଲିପିଲୋଇ ଗ୍ରାମ, ପବିତ୍ରନଗର, ସମୟ: ରାତି ୧୦ଟା ।

## ଜଗତ୍‌ସିଂହପୁର

- ହନୁମାନ ଉପାସନା ସମିତିର ଜୟନ୍ତୀ ପାଳନ, ସ୍ଥାନ: ହନୁମାନ ମନ୍ଦିର, ବେଳାଭୂମି ଛକ, ପାରାଦୀପ, ସମୟ: ସକାଳ ୬ ଟା ।
- ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ବିଷୁବ ଆସର, ସ୍ଥାନ: ଶ୍ରମିକ ସଂଘ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୧୦ ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ଚାଲିଥିବା ୨ ଦିନିଆ ଓଡ଼ିଆ ପକ୍ଷ ସମାରୋହ ଉଦଯାପନୀ, ସ୍ଥାନ: ବତିଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା

- ମା'ନଉଲକୁମାରୀଙ୍କ ଜନ୍ମବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା ।
- ହନୁମନ୍ତ ପୂଜା କମିଟି ପକ୍ଷରୁ ଶ୍ରୀହନୁମାନ ଦେବଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମହିଁଷାସୁର, ରାଜନଗର, ସମୟ: ସକାଳ ୮ଟା ।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଲେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଳାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା ।
- ଝାମୁ ଯାତ୍ରା ମହୋତ୍ସବ, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡା, ସମୟ: ସକାଳ ୬ଟା ।

## ଯାଜପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ବିଷୁବ ସଂକ୍ରାନ୍ତି, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ମହାବୀର କ୍ଲବ ପକ୍ଷରୁ ୨୧ ତମ ହନୁମାନ ଜୟନ୍ତୀ ଉତ୍ସବ,ସ୍ଥାନ : ଯାଜପୁର ରୋଡ଼ କାଳୀ ମେଳଣ ପଡ଼ିଆ, ସମୟ: ରାତି ୭ଟା ।
- ଆଖଣ୍ଡଳମଣି ମନ୍ଦିରରେ ରୁଦ୍ରାଭିଷେକ ଓ ମହାବିଷୁବ ସଂକ୍ରାନ୍ତି, ସ୍ଥାନ : ଫେରୋକ୍ରୋମ ପ୍ଲାଣ୍ଟ ଗେଟ୍, ସମୟ : ସକାଳ ୮ଟା ।
- ମା'ତାରିଣୀ ମନ୍ଦିରରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି, ସ୍ଥାନ : ଯାଜପୁର ରୋଡ଼ ଚୋରଦା ବାଇପାସ୍, ସମୟ : ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଡିଫା କପ୍‌ର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ।
- ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଉତ୍ତରଶାସନସ୍ଥିତ ମା' ଅମରେଶ୍ୱରୀ ଦେବୀ ପୀଠ, ସମୟ: ସକାଳ ୬ଟା ।

## ନୟାଗଡ଼

- ୩୨ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ:ବଂଶୀଧର ମହାବିଦ୍ୟାଳୟ ଇଟାମାଟି, ସମୟ: ପୂର୍ବାହ୍ନ ୧୦ଟା ।
- ବିଷୁବ କବିତା ଆସର ଓ ପଣା ସେବନ କାର୍ଯ୍ୟକ୍ରମ, ସ୍ଥାନ: ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ ଶରଣକୁଳ ନିକଟସ୍ଥ ବାଉଁଶିଆଁ, ସମୟ:ପୂର୍ବାହ୍ନ ୧୦ଟା ।
- ପଣା ସଂକ୍ରାନ୍ତି ଯାତ୍ରା, ସ୍ଥାନ: ନୟାଗଡ଼ ପୁରୁଣା ସହର ମା'ଦକ୍ଷୀଣକାଳୀଙ୍କ ପୀଠ, ସମୟ: ପ୍ରାତଃ ୫ଟା ।
- ଜିଲାସ୍ତରୀୟ ଡ. ଭୀମରାଓ ଆମ୍ବେଡ଼କର ଜୟନ୍ତୀ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ।
- ସିଏମ୍ ଟ୍ରଫିର ଫାଇନାଲ ମ୍ୟାଚ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ:ଅପରାହ୍ନ ୪ଟା ।
- ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ନବମ ଦିବସରେ ଅଷ୍ଟବଧାନ ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଚଇତି ପର୍ବର ୩ୟ ଦିବସ, ସ୍ଥାନ:କଣ୍ଟିଲୋ ଅତିବୁଦ୍ଧିପାଟଣା, ସମୟ:ମଧ୍ୟାହ୍ନ ୧୨ଟା । ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ୩ୟ ଦିବସ, ସ୍ଥାନ:କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ:ମଧ୍ୟାହ୍ନ ୧୨ଟା ।
- ଚଇତି ପର୍ବର ୩ୟ ଦିବସ, ସ୍ଥାନ: କଣ୍ଟିଲୋ କଂସାରିସାହି ପାଟଣା, ସମୟ: ମଧ୍ୟାହ୍ନ ୧୨ଟା ।
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ଗିରି ହନୁମାନ ପୀଠ ସମୟ:ସକାଳ ୭ଟା ।
- ଚଇତି ପର୍ବର ୩ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସିଦ୍ଧମୂଳା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ।
- ଝାମୁଯାତ୍ରା, ସ୍ଥାନ:କଣ୍ଟିଲୋ ପାଣୁସାହୁ ପାଟଣା, ସମୟ: ପୂର୍ବାହ୍ନ ୧୧ଟା ।
- ଅରଟ ଯାତ୍ରା, ସ୍ଥାନ:କଣ୍ଟିଲୋ ହରି ସୁବୁଦ୍ଧିପାଟଣା, ସମୟ: ପୂବାହ୍ନ ୧୧ଟା ।
- ହନୁମାନ ଜୟନ୍ତୀ, ସ୍ଥାନ:ଖଣ୍ଡପଡା ବଡ ବାଣପୁର, ସମୟ: ସକାଳ ୭ଟା ।
- ହନୁମାନ ଜୟନ୍ତୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୮ଟା ।
- ଝାମୁଯାତ୍ରା, ସ୍ଥାନ:ଗୋଡିପଡା, ସମୟ: ପୂର୍ବାହ୍ନ ୯ଟା ।
- ଝାମୁଯାତ୍ରା, ସ୍ଥାନ:ନୟାଗଡ଼ର ଦୁର୍ଗାପ୍ରସାଦ, ସମୟ: ପୂର୍ବାହ୍ନ ୯ଟା ।

## ରାୟଗଡ଼ା

- ଭାଗବତ ଟୁଙ୍ଗିରେ ହନୁମାନ ଜୟନ୍ତୀ, ସ୍ଥାନ: ଜଗମଣ୍ଡା ପାହାଡ଼, ପଦ୍ମପୁର, ସମୟ: ସକାଳ ୫ ଟା ।
- ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ଶୋଭାଯାତ୍ରା, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର, ପଦ୍ମପୁର, ସମୟ: ସକାଳ ୭ ଟା ।
- ବାବା ସାହେବ ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ବସ୍‌ଷ୍ଟାଣ୍ଡ, ରାମା ଟକିଜ ଛକରେ ଥିବା ପ୍ରତିମୂର୍ତ୍ତି, ରାୟଗଡ଼ା, ସମୟ: ସକାଳ ୭ଟା ୩୦ ।
- ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୁଣପୁର କଲେଜ ନିକଟ ଗଣେଶ ମନ୍ଦିର, ସମୟ: ସକାଳ ୮ଟା ।
- ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ।
- ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ମୁନିଗୁଡା ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ହାଟ ମୁନିଗୁଡା ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର, ଟିକିରି ହନୁମାନ ମନ୍ଦିର, ସମୟ: ସକାଳ ୯ଟା ।
- ଆମ୍ବେଡକରଙ୍କ ଜୟନ୍ତୀ ସମାରୋହରେ ପଦଯାତ୍ରା ଓ ସଭା, ସ୍ଥାନ: ମୁନିଖୋଲ ଖେଳ ପଡିଆ, ମୁନିଗୁଡା, ସମୟ: ସକାଳ ୯ଟା ।
- ଡ ଭୀମାରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଡାରି ନୂଆ ବସ୍‌ଷ୍ଟାଣ୍ଡ, ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର ବିଜୁ କଲ୍ୟାଣ ମଣ୍ଡପ ସମୟ: ସକାଳ ୯ଟା, ପୂର୍ବାହ୍ନ ୧୦ ଟା, ସନ୍ଧ୍ୟା ୬ଟା ।
- ହନୁମାନ ଜୟନ୍ତୀ ଅବସରରେ ନଗର ପରିକ୍ରମା, ସ୍ଥାନ: ଜଗନ୍ନାଥ ମନ୍ଦିର, ରାୟଗଡ଼ା, ସମୟ: ଅପରାହ୍ନ ୪ ଟା ।
- ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସରରୁ ଆରମ୍ଭ, ସମୟ: ଅପରାହ୍ନ ୪ଟା ।
- କଳିଙ୍ଗ ସାହିତ୍ୟ ଘରର କବିତା ପାଠ ଉତ୍ସବ, ସ୍ଥାନ: ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ସଭା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ଟା ।
- ତ୍ରୟଦୋଷ ବିଷୁବ ମିଳନ ସମାରୋହ, ସ୍ଥାନ: ଗୁଣପୁର ଜଗନ୍ନାଥ ପ୍ୟାଲେସ, ସମୟ: ସନ୍ଧ୍ୟା ୫ଟା ।

## ନବରଙ୍ଗପୁର

- ଡ ଆମ୍ବେଡ୍‌କରଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୮ଟା ।
- ଆମ୍ବେଡ୍‌କରଙ୍କ ଜୀବନୀ ସମ୍ପର୍କରେ ଆଲୋଚନାଚକ୍ର ଓ ସ୍ମୃତିସଭା, ସ୍ଥାନ: ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲ, ସମୟ: ସକାଳ ୮ଟା ୩୦ ।
- ପାରମ୍ପରିକ ଖାଦ୍ୟ ଦିବସ, ଓଡିଆ ନବବର୍ଷ ପାଳନ ଓ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପିଠା, ହୁଳହୁଳି ଓ ଝୋଟି ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଡାବୁଗାଁ ଜୟନ୍ତୀ ନଗରସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ବିଷୁବ ମିଳନ ଓ ସାରସ୍ୱତ ସମାରୋହ, ସ୍ଥାନ: ଦର୍ଗାଗୁଡ଼ା, ଉମରକୋଟ, ସମୟ ପୂର୍ବାହ୍ନ ୧୧ଟା ।
- ହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ସାମୟିକ ଅସୁସ୍ଥତା ଅନୁଭବ କରିବେ । ଆଜି ଘରକାମ ହେଉ କିମ୍ବା କର୍ମକ୍ଷେତ୍ରର କାମ ହେଉ ପ୍ରତ୍ୟେକ କାମରେ ଶୁଭ ଫଳ ମିଳିବ । ହଠାତ୍ ପରିସ୍ଥିତି ବଶତଃ ଭଙ୍ଗା ପଡିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡି ହୋଇଯିବ । ଆର୍ଥିକ ଦିଗଟି ଭଲ ରହିବା ହେତୁ ମନ ଖୁସି ରହିପାରେ ।

**ବୃଷ** ଆଜି ଆତ୍ମୀୟଙ୍କ ଆତ୍ମୀୟତାର ଅସଲ ପରିଚୟ ପାଇ ଭୁଲ୍ ଧାରଣା ଦୂର ହୋଇଯିବ । ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ରାହୁଙ୍କ ପ୍ରଭାବରେ ନିଷ୍ପତ୍ତି ନେବାରେ ଭୁଲ୍ କରିପାରନ୍ତି । ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକନ୍ତୁ ନାହିଁ । ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ବଦଳରେ ଓଲଟା ଫଳ ଦୁଶ୍ଚିନ୍ତାର କାରଣ ପାଲଟି ଯିବ ।

**ମିଥୁନ** ଆଜି ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ ହେବେ । ଅନ୍ୟକୁ କଅଁଳେଇ କହି କାମ ହାସଲ କରିବା ସକାଶେ ଚେଷ୍ଟାକଲେ ଉପକୃତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ । ପାରିବାରିକ ସ୍ତରରେ ଆତ୍ମୀୟମାନଙ୍କ ପରାମର୍ଶ ଲୋଡ଼ିପାରନ୍ତି ।

**କର୍କଟ** ମନ ଭଲ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହାକୁ ସହଜରେ କରାଇ ଦେବ ନାହିଁ । ନୂତନ ଘରଟିଏ କିଣିବା,କିମ୍ବା ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି । ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ଆଲୋଚନା କରିପାରନ୍ତି । ସ୍ତ୍ରୀଙ୍କ ପରାମର୍ଶ ମାନି ଚଳିଲେ କେତେକାଂଶରେ ଉପକୃତ ହେବେ ।

**ସିଂହ** ପରିବାରରେ ତର୍କବିତର୍କ କାରଣରୁ ଭାଇ, ଭଉଣୀଙ୍କ ସହ ମତାନ୍ତର ଘଟିପାରେ । ଏହାସାଙ୍ଗକୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିବେ । କାର୍ଯ୍ୟବ୍ୟସ୍ତ କାରଣରୁ କୌଣସି କଥା ଠିକ୍ ରହିବ ନାହିଁ । ଅପେକ୍ଷା କରିଥିବା ଲୋକଟିର ଦେଖା ନ ପାଇବାରୁ ବିରକ୍ତି ଅନୁଭବ କରିପାରନ୍ତି ।

**କନ୍ୟା** ଆପଣ ପ୍ରତିକୂଳ ବାତାବରଣ ମଧ୍ୟରେ ଗତି କରୁଥିବାରୁ ମନ ଅଶାନ୍ତ ରହିପାରେ । କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ । ବନ୍ଧୁଙ୍କ ସହଯୋଗରୁ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ । ଅତୀତ କଥାକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ।

**ତୁଳା** ପାରିବାରିକ ସ୍ତରରେ ପିଲାଙ୍କ ବିଳମ୍ବ ବିବାହକୁ ନେଇ ଦୁଶ୍ଚିନ୍ତା ବଢିଯିବ । ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହନ୍ତୁ । ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ କିନ୍ତୁ ଏହି ଦିଗରେ ଅପେକ୍ଷା କରିଥିବା ବନ୍ଧୁଙ୍କଠାରୁ ଶୁଭ ସୂଚନା ପାଇବେ । ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସକାଶେ ଚେଷ୍ଟିତ ହେବେ ।

**ବିଛା** ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ପ୍ରତ୍ୟେକ କାମକୁ ସାହସର ସହ ସମ୍ପନ୍ନ କରିବାର ପ୍ରେରଣା ଦେବେ । ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ଭଲ । ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ । ପାରିବାରିକ ସମସ୍ୟାର ସମାପ୍ତି ଘଟାଇବେ ଅବଶ୍ୟ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ ।

**ଧନୁ** ଆଜି ଏକାଧାରରେ ମାନସିକ, ଶାରୀରିକ ଓ ଆର୍ଥିକ ଦିଗରୁ ଉନ୍ନତ ଫଳ ପାଇବେ । ପରିବାର ଓ ପରିବହନରେ କଳହର ସମ୍ଭାବନାକୁ ଏଡିହେବ ନାହିଁ । ଘରୋଇ କଥାକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ମତପାର୍ଥକ୍ୟ ଦେଖା ଦେଇପାରେ । କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି ।

**ମକର** କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ ପାଇଁ ଚେଷ୍ଟା କରିପାରନ୍ତି । ଅଫିସରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହେବ, ମାତ୍ର କିଛି ଅସୁବିଧା ପ୍ରାୟତଃ ହେବ ନାହିଁ । ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇ ପାରେ । ଅଟକି ରହିଥିବା କାମଗୁଡିକୁ ଆଜି ବନ୍ଧୁଙ୍କ ସହାୟତାରେ କରିପାରିବେ ।

**କୁମ୍ଭ** ବିଭିନ୍ନ ଦୁଶ୍ଚିନ୍ତାରୁ ମାନସିକ ଅସ୍ଥିରତା ଲାଗିରହିବ । ସମସ୍ୟା ଭିତରେ ବୁଡି ରହିଥିଲେ ମଧ୍ୟ କାମର ଚାପ ବିଶ୍ରାମ ସକାଶେ ଅବସର ଦେବନାହିଁ । ଘରେ ବସି ରହିଥିଲେ ମଧ୍ୟ ସମସ୍ୟା ଆସିବ ଓ ଆପଣ ଆତ୍ମ ସଂଯମ ଓ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ । ନିଜ ପରିସରରେ ରହୁଥିବା ଆତ୍ମୀୟମାନେ ମିଥ୍ୟା ଅଭିଯୋଗ କରିପାରନ୍ତି ।

**ମୀନ** ଆଜି ଅସହିଷ୍ଣୁ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତିକୂଳତା ସୃଷ୍ଟିକରିବ । ପରିବାରରେ ମଧ୍ୟ ବିନା କାରଣରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ । ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍ ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି । ମାଲିମକଦ୍ଦମା ଓ କଚେରି ମାମଲା ତଥା ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ ।

ଆଜି ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି, ଏପ୍ରିଲ ୧୪ ତାରିଖ, ହନୁମାନ ଜୟନ୍ତୀ, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ତୁଳସୀ ମୂଳେ ଜଳଦାନ ଆରମ୍ଭ, ଡ. ଆମ୍ବେଡକର ଜୟନ୍ତୀ, ଅଗ୍ନିଶମ ଦିବସ, ବୈଶାଖ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ସୋମବାର, ରାଶି ନକ୍ଷତ୍ର- ସ୍ୱାତି/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୩୩ ଗତେ ଘ.୦୭.୦୬ ମଧ୍ୟେ, ଘ.୧୦.୩୨ ଗତେ ଘ.୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୭.୦୬ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

## ରାଜଧାନୀରେ ଶିଶୁ...

ପ୍ରଥମ ପୃଷ୍ଠାରୁ...

ଜଣେ ବ୍ୟକ୍ତି ସେଠାକୁ ଆସି ସାନପୁଅ ସହ ଖେଳିଥିଲେ । ପୁଅକୁ କିଛି ଖାଦ୍ୟ ଦେବା ସହ ଜୁସ୍ ମଧ୍ୟ ପିଇବାକୁ ଦେଇଥିଲେ । କୋଳକୁ ନେଇ ମୋବାଇଲ ଫୋନ ଦେଖାଇଥିଲେ । ପିଲାଟି ମଧ୍ୟ ତାଙ୍କ ସହ ଖେଳିଥିଲା । ଏଭଳି ଦୁଇଘଣ୍ଟା ଧରି ବ୍ୟକ୍ତି ଜଣକ ପିଲା ସହ ହସିଖେଳି ସମୟ ବିତାଇଥିଲେ । ରାତି ପ୍ରାୟ ୨ଟାବେଳେ ଜୟନ୍ତୀ ତାଙ୍କ ସାନପୁଅର ପାଟି ଶୁଣିବାକୁ ପାଇ ନ ଥିଲେ । ପରିବେଶ ଶୂନଶାନ୍ ହୋଇଯାଇଥିବା ସତ୍ତ୍ୱେ ଜୟନ୍ତୀ ପାଟି କରି ଲୋକଙ୍କୁ ଡାକ ପକାଇବା ସହ ପୋଲିସର ସାହାଯ୍ୟ ଲୋଡ଼ିଥିଲେ । ଚୋରି ହୋଇଥିବା ପିଲାଟି ସ୍ତନପାନ ଛାଡ଼ି ନ ଥିଲା ବୋଲି ମା' ଜୟନ୍ତୀ ଦୁଃଖଭରା କଣ୍ଠରେ କାନ୍ଦି କହିଛନ୍ତି । ତେବେ ପିଲାକୁ ନେଇଯାଇଥିବା ଲୋକଟି ପ୍ରଥମ ଥର ସେଠାକୁ ଆସିଥିଲେ ବୋଲି ଜୟନ୍ତୀ କହିଛନ୍ତି । ସେପଟେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଛାନଭିନ୍ ଚଳାଇବା ସହ ଏକ ଅପହରଣ ମାମଲା(ନଂ.୧୬୨/୨୦୨୫) ରୁଜୁ କରିଛି । ପୋଲିସ ଟିମ୍ ଆଖପାଖ ଓ ଅନ୍ୟାନ୍ୟ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରିଛି । ପିଲାଟିକୁ ଅଭିଯୁକ୍ତଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହାୟତାରେ ଘଟଣାସ୍ଥଳରୁ ଗାଡ଼ିରେ ବସାଇ ନେଇଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ କଅଁଳ ପିଲାଟିକୁ ଫେରାଇ ଦେବାକୁ ଜୟନ୍ତୀ ଗଣମାଧ୍ୟମ ଜରିଆରେ ଆକୁଳ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ଖବର ପାଇ ରୁଚିକା ସମାଜ ମଙ୍ଗଳ ସଂଗଠନର କର୍ମକର୍ତ୍ତାମାନେ ପିଲାଟିକୁ ଖୋଜାଖୋଜି ଚଳାଇଛନ୍ତି । ଏଥିସହ ଜୟନ୍ତୀ ଓ ତାଙ୍କ ଝିଅର ସୁରକ୍ଷା ନେଇ ବ୍ୟବସ୍ଥା କରାଯାଉଛି । ଶିଶୁ କଲ୍ୟାଣ ସମିତି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ ଏନେଇ ସଂଗଠନ ପକ୍ଷରୁ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି ।

## ଆଶ୍ରମ ସ୍କୁଲରେ...

ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ । ଏନେଇ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ମଧ୍ୟ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ରବିବାର ଥିବାରୁ ଆଇ ସରସ୍ୱତୀ ବିଶ୍ୱାଳ କାନ୍ଦରୀଙ୍କୁ ଦେଖା କରିବାକୁ ଚାହିଁଥିବା ବେଳେ ସେ ଶୋଇଥିବା କହି ବିଦ୍ୟାଳୟ କର୍ତ୍ତୃପକ୍ଷ ଦେଖା କରାଇଦେଇ ନ ଥିଲେ । ଅପରାହ୍ନ ୩ଟା ୧୫ ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରି କାନ୍ଦରୀ ଗୁରୁତର ଥିବା ପରିବାର ଲୋକଙ୍କୁ କହିଥିଲେ । ପରିବାର ଲୋକେ ହସ୍ପିଟାଲରେ ପହଞ୍ଚି କାନ୍ଦରୀଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ । ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ତ୍ୱରାନ୍ୱିତ କରିଥିବା ବେଳେ କାନ୍ଦରୀଙ୍କ ବେକ ଏବଂ ଗାଲରେ ଦାଗ ରହିଥିବା ଦେଖିବାକୁ ମିଳିଛି । ଜିଲା ମଙ୍ଗଳ ଅଧିକାରୀ ମଲ୍ଲିକ ମେଡିକାଲରେ ପହଞ୍ଚି ଛାତ୍ରୀ ଜଣକ ଦୋଳିରେ ଗୁଡ଼ାଇ ହୋଇ ମୃତ୍ୟୁବରଣ କରିଥିବା କହିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ହଷ୍ଟେଲ କର୍ତ୍ତୃପକ୍ଷ, ମାଟ୍ରୋନ ଏବଂ ପ୍ରଧାନଶିକ୍ଷକଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ମୃତା ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପଶ୍ଚିମବଙ୍ଗର ସରକାରୀ ସ୍କୁଲଗୁଡ଼ିକରୁ ୨୫ ହଜାରରୁ ଅଧିକ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ହରାଇବାକୁ ନେଇ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାରଙ୍କ ନେତୃତ୍ୱରେ ଦଳ ପକ୍ଷରୁ ରାଜ୍ୟର ଟିଏମସି ସରକାରଙ୍କ ବିରୋଧରେ କରାଯାଇଥିବା ପ୍ରତିବାଦ ସଭା ।

# କ୍ଷମା ମାଗ, ନଚେତ୍ ନବୀନ ନିବାସ ଘେରିବୁ : ଭକ୍ତ

### ନେହେରୁଙ୍କ ସହ ପାଣ୍ଡିଆନଙ୍କୁ ତୁଳନା ପ୍ରସଙ୍ଗ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ବିଜେଡି ପକ୍ଷରୁ ପଣ୍ଡିତ ଜବାହର ଲାଲ୍ ନେହେରୁଙ୍କ ସହ ଭି.କେ. ପାଣ୍ଡିଆନଙ୍କୁ ତୁଳନା କରାଯିବାକୁ ନେଇ କଂଗ୍ରେସ ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କ୍ଷମାପ୍ରାର୍ଥନା ନ କଲେ ନବୀନ ନିବାସ ଘେରାଉ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଭବାନୀପାଟଣାଠାରେ ଖବରଦାତାଙ୍କ ଏକ କାର୍ଯ୍ୟକ୍ରମରେ ଭକ୍ତ କହିଛନ୍ତି, ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଜଣେ କମ୍ପାନୀ ଚାକିରିଆ। ତାଙ୍କ ମୁହଁରେ ନବୀନବାବୁ ପାଣ୍ଡିଆନଙ୍କ ପ୍ରଶଂସା କରାଉଛନ୍ତି, ଯିଏକି ଦଳରେ ନାହାନ୍ତି। ନେହେରୁଙ୍କ ସହ ବିଜୁ ପଟ୍ଟନାୟକ କାମ କରିଥିଲେ। ହାତକୁ ହାତ ମିଶାଇ ସେ ବହୁତ ବଡ଼ ବଡ଼ କାର୍ଯ୍ୟ କରିଛନ୍ତି। ଆଜି ତାଙ୍କ ପୁଅ ନବୀନବାବୁ ସନ୍ତୃପ୍ତ ମିଶ୍ରଙ୍କ ଜରିଆରେ କେବଳ ଯେ ନେହେରୁଙ୍କୁ ଅପମାନିତ କରିଛନ୍ତି ତା' ନୁହେଁ, ବିଜୁବାବୁଙ୍କୁ ମଧ୍ୟ ଅପମାନିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସଂତୃପ୍ତ କହିଥିଲେ ନେହେରୁ ଯେଭଳି ରାଷ୍ଟ୍ରର ହିତ କରି ମଧ୍ୟ ସମାଲୋଚିତ ହୋଇଥିଲେ ସେହିଭଳି ପାଣ୍ଡିଆନ୍ ରାଜ୍ୟର ବିକାଶ କରିଥିବା ସତ୍ତ୍ୱେ ତାଙ୍କୁ ସମାଲୋଚନା କରାଯାଉଛି। ତେଣୁ ରାଜ୍ୟବାସୀଙ୍କ ସାମ୍ନାରେ ନବୀନବାବୁ କ୍ଷମା ମାଗନ୍ତୁ, ଜବାବ ଦିଅନ୍ତୁ, ନଚେତ୍ ପ୍ରତିଧ୍ୱନି ଶୁଣିବେ। ନବୀନ ନିବାସ ଘେରାଉ କରାଯିବ ବୋଲି ଭକ୍ତ ଚେତାଇ ଦେଇଛନ୍ତି।

ଭକ୍ତ ପୁଣି କହିଛନ୍ତି, ପୂର୍ବର ବିଜେଡି ସରକାର ଯେଭଳି ଗଣମାଧ୍ୟମର କଣ୍ଠରୋଧ କରିଥିଲା, ଠିକ୍ ସେହିପରି ଭାଜପା ସରକାର ଖବରଦାତାଙ୍କ ଉପରେ ଅଙ୍କୁଶ ଲଗାଇଛି, ଯାହାଫଳରେ ଖବରଦାତାଙ୍କୁ ସେମାନଙ୍କ ଉଚିତ୍ ହକ୍ ମିଳିପାରୁନାହିଁ। ମାତ୍ର କଂଗ୍ରେସ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲା। ଯଦି ରାଜ୍ୟ ସରକାର ତୁରନ୍ତ ଖବରଦାତାଙ୍କ ଦାବି ପୂରଣ ନ କରନ୍ତି ତେବେ କଂଗ୍ରେସ ଏଥିପାଇଁ ଲଢ଼େଇ କରିବ।

ଭକ୍ତ କହିଥିଲେ ଯେ, ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହେଲା ବିଜେଡି। ହେଲେ ସେମାନେ ଭାଜପାର ତୋଷାମଦ କରୁଛନ୍ତି। ବିଜେଡି ଯେଭଳି ଖବରଦାତାଙ୍କ ଅଧିକାରକୁ ବିଧାନସଭାରେ ନିୟନ୍ତ୍ରଣରେ ରଖିଥିଲା, ଭାଜପା ମଧ୍ୟ ସମାନ ନୀତି ଅନୁସରଣ କରୁଛି। ୱକ୍ଫ ବିଲ୍‌କୁ ନେଇ ନବୀନବାବୁ ପ୍ରଥମେ ବିରୋଧ କରିବାକୁ ନିଷ୍ପତ୍ତି ନେଲେ ଏବଂ ବିଜୁବାବୁଙ୍କ ଏହା ସ୍ୱର ବୋଲି କହିଲେ, ହେଲେ ପରେ ସେ ସ୍ୱର ବଦଳାଇଦେଲେ। ଏହି ପ୍ରସଙ୍ଗରେ ଏତେ ତଳକୁ ନବୀନବାବୁ ଚାଲିଯାଇଛନ୍ତି ଯେ, ତାଙ୍କ ଦଳର ଲୋକେ ଏବେ ତାଙ୍କ ବିରୋଧରେ କହିବାକୁ ଜଣକ ପରେ ଜଣେ ଖୋଲାଖୋଲି ବାହାରୁଛନ୍ତି। ଏଥିରୁ ନବୀନଙ୍କ ତରୁଆପଣ ସ୍ପଷ୍ଟ ହେଉଛି। ନବୀନ ରାଜନୀତିର ମାନ ରଖନ୍ତୁ ବୋଲି ଭକ୍ତ କହିଛନ୍ତି।

# ତୈଳ ଉତ୍ପାଦ ଶୁଳ୍କ ବୃଦ୍ଧିର ସିଏଜି ଅଡିଟ୍ ହେଉ: କଂଗ୍ରେସ

### ସରକାରୀ ନୀତି ଘରୋଇ କମ୍ପାନୀକୁ ଲାଭବାନ୍ କରୁଛି

ନୂଆଦିଲ୍ଲୀ,୧୩।୪

ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି ଯୋଗୁ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଲୁଟୁଥିବା କଂଗ୍ରେସ ଅଭିଯୋଗ କରି ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ସରକାରଙ୍କ ନୀତି ଯୋଗୁ ଘରୋଇ କମ୍ପାନୀଗୁଡ଼ିକ କିପରି ଲାଭବାନ୍ ହେଉଛନ୍ତି, ତାହାର ସିଏଜି ଅଡିଟ୍ କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଜାଣିଶୁଣି ଅବହେଳା କରାଯାଉଛି ନା ଏହା ପଛରେ କୌଣସି ସଲାସୁତୁରା ରହିଛି, ତାହାର ତଦନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଏବଂ ସିବିଆଇ ଦ୍ୱାରା କରାଯାଉ ବୋଲି କଂଗ୍ରେସ କହିଛି।



ଜୟରାମ ରମେଶ

ଦଳର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଲେଖିଛନ୍ତି, ମୋଦି ସରକାର ଟିକସ ବୋଝ ବଢ଼ାଇ ସାଧାରଣ ଲୋକଙ୍କୁ ଲୁଟୁଥିବାବେଳେ ଘରୋଇ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଲାଭବାନ ହେଉଛନ୍ତି। ଏହା ଖୋଲା ଆର୍ଥିକ ଶୋଷଣ ବୋଲି ସେ କହିଛନ୍ତି। ୨୦୧୪ ମେ'ରେ ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୯ ଟଙ୍କା ୨୦ ପଇସା ଏବଂ ଡିଜେଲ ଉପରେ ୩ ଟଙ୍କା ୪୬ ପଇସା ଥିଲା। ମୋଦି ସରକାରରେ ତାହା ଯଥାକ୍ରମେ ୧୯ ଟଙ୍କା ୯୦ ପଇସା ଏବଂ ୧୫ ଟଙ୍କା ୮୦ ପଇସାକୁ ବୃଦ୍ଧି ପାଇଛି। ଗତ ୧୧ ବର୍ଷରେ ସରକାର ପେଟ୍ରୋଲିୟମ୍ କ୍ଷେତ୍ରରୁ ୩୯.୫୪ ଲକ୍ଷ କୋଟି ଟଙ୍କା ଆୟ କରିଥିବାବେଳେ ଲୋକଙ୍କୁ କୌଣସି ସୁବିଧା ଦେଇନାହାନ୍ତି। ୨୦୧୪ ମେ'ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୧୦୮ ଡଲାର ରହିଥିବାବେଳେ ଏବେ ୬୫.୩୧ ଡଲାର ରହିଛି, ଅର୍ଥାତ୍ ୪୦ ପ୍ରତିଶତ ଶସ୍ତା ହୋଇଛି। ଏହା ସତ୍ତ୍ୱେ ପେଟ୍ରୋଲ ଏବଂ ଡିଜେଲ ଦର ଉପା ସରକାର ଅମଳର ମୂଲ୍ୟଠାରୁ ଅଧିକ ରହିଥିବା ଜୟରାମ କହିଛନ୍ତି। ୨୦୧୪ରେ ପେଟ୍ରୋଲ ଏବଂ ଡିଜେଲ ଦର ଦିଲ୍ଲୀରେ ଯଥାକ୍ରମେ ୭୧ ଟଙ୍କା ୪୧ ପଇସା ଏବଂ ୫୫ଟଙ୍କା ୪୯ ପଇସା ଥିବାବେଳେ ଏବେ ତାହା ୯୪ ଟଙ୍କା ୭୭ ପଇସା ଏବଂ ୮୭ ଟଙ୍କା ୬୭ ପଇସା ହୋଇଛି। ଲୋକଙ୍କୁ ଲୁଟ୍ କରାଯାଉଥିବାବେଳେ ଏଥିରେ କିଏ ଲାଭବାନ୍ ହେଉଛି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି। ସରକାରୀ କମ୍ପାନୀ ସମେତ ଘରୋଇ ତୈଳ କମ୍ପାନୀ ବିଶୋଧନ ଏବଂ ବିପଣନରୁ ବିପୁଳ ଲାଭ ଉଠାଉଛନ୍ତି। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ସିଏଜି ଏହାର ଅଡିଟ୍ କରିବା ଜରୁରୀ। ଜାଣିଶୁଣି ଅବହେଳା ନା ସଲାସୁତୁରା ହୋଇଛି, ତାହାର ତଦନ୍ତ ମଧ୍ୟ ହେବା ଆବଶ୍ୟକ ବୋଲି ଜୟରାମ କହିଛନ୍ତି।

# ୫ ସରପଞ୍ଚ, ୨ ସମିତି ସଭ୍ୟ, ୯ ୱାର୍ଡ ସଭ୍ୟ ଲାଗି ହେବ ଉପନିର୍ବାଚନ

ଛତ୍ରପୁର,୧୩।୪(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ୫ ପଞ୍ଚାୟତର ସରପଞ୍ଚ, ୨ ପଞ୍ଚାୟତ ସମିତିସଭ୍ୟ ଏବଂ ୯ ୱାର୍ଡ ସଭ୍ୟ ପଦବୀ ଖାଲି ରହିଛି। ଏହି ପଦବୀଗୁଡ଼ିକ ପୂରଣ ଲାଗି ଉପନିର୍ବାଚନ କରାଯିବାକୁ ରାଜ୍ୟ ନିର୍ବାଚନ କମିଶନ ସ୍ଥିର କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ରାଜ୍ୟ ନିର୍ବଚନା କମିଶନ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଜିଲାର ଜଗନ୍ନାଥ ପ୍ରସାଦ ବ୍ଲକ କୁତୁତାଇ ଓ ବୁଡ଼ୁରୁଙ୍ଗୁ ପଞ୍ଚାୟତ ସରପଞ୍ଚ, କବିସୂର୍ଯ୍ୟନଗର ବ୍ଲକ୍ ବୋରସିଙ୍ଗି ପଞ୍ଚାୟତ ସରପଞ୍ଚ, ଶେରଗଡ଼ ବ୍ଲକ ଟାକରଡ଼ା ପଞ୍ଚାୟତ ସରପଞ୍ଚ ଏବଂ ସୋରଡ଼ା ବ୍ଲକ ଗାଙ୍ଗପୁର ପଞ୍ଚାୟତ ସରପଞ୍ଚ ପଦବୀ ଖାଲି ପଡ଼ିଥିବାରୁ ଉପନିର୍ବାଚନ ହେବ। କବିସୂର୍ଯ୍ୟନଗର ବ୍ଲକ୍ ଗୁଡ଼ିଆଲି ପଞ୍ଚାୟତ ସମିତିସଭ୍ୟ ଓ କୁକୁଡ଼ାଖଣ୍ଡି ବ୍ଲକ୍ ଡେଙ୍ଗାପଦର ପଞ୍ଚାୟତ ସମିତିସଭ୍ୟ ପଦବୀ ପାଇଁ ମଧ୍ୟ ଉପନିର୍ବାଚନ କରାଯିବ। ଜଗନ୍ନାଥପ୍ରସାଦ ବ୍ଲକ୍ ଅନ୍ଧେଇଗାଁ ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ, ଗେରେଡ଼ା ପଞ୍ଚାୟତର ୬ ନମ୍ବର ୱାର୍ଡ ସଭ୍ୟ ଓ ଖମରାପଲି ପଞ୍ଚାୟତର ୧୨ ନମ୍ବର ୱାର୍ଡ ସଭ୍ୟ, କବିସୂର୍ଯ୍ୟନଗର ବ୍ଲକ ବୋଲୋସର ପଞ୍ଚାୟତର ୬ ନମ୍ବର ୱାର୍ଡ ସଭ୍ୟ, ଖଜାପାଲି ପଞ୍ଚାୟତର ୬ ଓ ୧୦ ନମ୍ବର ୱାର୍ଡ ସଭ୍ୟ ଏବଂ ପୋଲସରା ବ୍ଲକ୍ ତୁଙ୍ଗାପଡ଼ା ପଞ୍ଚାୟତର ୧୦ ନମ୍ବର ୱାର୍ଡ ସଭ୍ୟ, ଜକର ପଞ୍ଚାୟତର ୫ ନମ୍ବର ୱାର୍ଡ ସଭ୍ୟ ଓ ମଥୁରା ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟ ପଦବୀ ପାଇଁ ମଧ୍ୟ ଉପନିର୍ବାଚନ କରାଯିବାକୁ ସ୍ଥିର ହୋଇଛି। ଚଳିତ ଜାନୁଆରୀରେ ପ୍ରକାଶ ପାଇଥିବା ନିର୍ବାଚନମଣ୍ଡଳୀସ୍ତରୀୟ ଭୋଟର ତାଲିକାକୁ ଆଧାର କରି ଉପନିର୍ବାଚନ ହେବ। ନୂଆ ନାମ ସଂଯୋଗ କରାଯିବନି, କେବଳ ଉକ୍ତ ଭୋଟର ତାଲିକା ସଂଶୋଧନ ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପ୍ରିଲ ୩୦ ମଧ୍ୟରେ ପଞ୍ଚାୟତର ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ମେ ୨ରୁ ୫ ମଧ୍ୟରେ ଉକ୍ତ ଆପତ୍ତି ଅଭିଯୋଗର ତଦନ୍ତ କରି ଫଇସଲା ହେବ ଏବଂ ମେ ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

### ପ୍ରଣବ ବଳବନ୍ତଙ୍କ ଉପରେ ଆକ୍ରମଣ ଘଟଣା

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ : ନବୀନ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଯୁବନେତା ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି। ରବିବାର ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ପ୍ରଣବଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ସଂଘବଦ୍ଧ ଆକ୍ରମଣ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ଯଦି ଜନପ୍ରତିନିଧିମାନେ ରାଜ୍ୟରେ ଅସୁରକ୍ଷିତ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅସାମାଜିକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ରୋକିବାରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଏବଂ ଏକପାଖିଆ ମନୋଭାବ ଏପରି ଘଟଣାକୁ ଆହୁରି ପ୍ରୋତ୍ସାହିତ କରୁଛି। ସରକାର ରାଜନୈତିକ ହିଂସାକୁ ପ୍ରୋତ୍ସାହିତ ନ କରି ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## Business

# ଲକି ଡ୍ର'ରେ ଲାଲ୍‌ଚନ୍ଦର ୩ ଗ୍ରାହକ ଲକ୍ଷପତି

ଭୁବନେଶ୍ୱର,୧୩।୪ (ଅଭୟ ଦାଶ)

ଲାଲ୍‌ଚନ୍ଦ ଜୁଏଲର୍ସର ଲୋକପ୍ରିୟ ଯୋଜନା 'କୌନ ବନେଗା ଲକ୍ଷପତି'ର ଲକି ଡ୍ର କାର୍ଯ୍ୟକ୍ରମ ଶନିବାର ଭୁବନେଶ୍ୱରର ହୋଟେଲ୍ ନିଉ ମାରିଅନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଅଢେଇ ହଜାର ଗ୍ରାହକ ଉତ୍ସାହର ସହ ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ସିଜନ୍‌ର ୨ୟ, ୩ୟ ଏବଂ ୪ର୍ଥ ଲକ୍ଷପତି ବିଜେତା ଗ୍ରାହକ ଭାବେ ତିନି ଜଣଙ୍କ ନାମ ଘୋଷଣା କରାଯାଇଛି। ବିଶେଷ କରି ୨୦୨୫ ଜାନୁଆରୀ ପାଇଁ ବ୍ରହ୍ମପୁରର ଡି. ଗୀତା ଲାଲ୍‌ଚନ୍ଦର ବ୍ରହ୍ମପୁର ଶୋ'ରୁମ୍‌ରୁ ବିଜେତା ହୋଇଥିଲାବେଳେ ଫେବୃଆରୀ ପାଇଁ ଭଦ୍ରକର ଶର୍ମିଷ୍ଠା ମହାଳିକ ଲାଲ୍‌ଚନ୍ଦର ମାଷ୍ଟର କ୍ୟାଣ୍ଟିନ ଶୋ'ରୁମ୍‌ର ବିଜେତା ଏବଂ ମାର୍ଚ୍ଚ ପାଇଁ କେନ୍ଦ୍ରାପଡାର ଭାଗୀରଥି ସାମଲ ମାଷ୍ଟର କ୍ୟାଣ୍ଟିନ ଶୋ'ରୁମ୍‌ର ବିଜେତା ଭାବେ ଲକ୍ଷପତି ଘୋଷିତ ହୋଇଛନ୍ତି। ଏପରିକି ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଲାଲଚନ୍ଦର ଦିଲ୍ଲୀ ଶୋ'ରୁମ୍ ପାଇଁ ଏକ ସ୍ୱତନ୍ତ୍ର ଲକି ଡ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଜଣ ଗ୍ରାହକଙ୍କୁ ଜଣକା ୫ ହଜାର ଟଙ୍କା ଲେଖାଏଁ ମୋଟ ଲକ୍ଷେ ଟଙ୍କା ପୁରସ୍କାର ଜିତିଥିବାବେଳେ ୨୦ ଜଣ ଗ୍ରାହକଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।



ଡି. ଗୀତା



ଶର୍ମିଷ୍ଠା ମହାଳିକ



ଭାଗୀରଥି ସାମଲ

ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଲାଲଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ସମେତ ଓଲିଉଡ୍ ଅଭିନେତ୍ରୀ ଭୂମିକା, ସୂର୍ଯ୍ୟମୟୀ ଏବଂ ଅଭିନେତା କୁନା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ବହୁ ହଜାର ଗ୍ରାହକଙ୍କ ସାମ୍ନାରେ ଏହି ଲକି ଡ୍ର'ର ଉଠାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ସେଥିମଧ୍ୟରୁ ଛୋଟ ପିଲାମାନଙ୍କୁ ମଞ୍ଚକୁ ଡକାଯାଇ ଲଟେରି ଉଠାଣ କରାଯାଇଥିଲା। ଅପରପକ୍ଷରେ ଲାଲଚନ୍ଦ୍‌ର ନୂଆ ହୀରା ସଂଗ୍ରହ 'ଆରୋହୀ'ର ଅନାବରଣ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି।

ସେହିଭଳି ଗ୍ରାହକମାନଙ୍କୁ ଉଚ୍ଚ ମାନ ଓ ସୁଲଭ ମୂଲ୍ୟରେ ହୀରା ଅଳଙ୍କାର ଯୋଗାଇ ଦେବାର ଲକ୍ଷ୍ୟ ନେଇ ଲାଲଚନ୍ଦ୍ 'ଆରୋହୀ' ହୀରା କଲେକ୍ସନ୍ ଆରମ୍ଭ କରିଛି ବୋଲି ଲାଲଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ ମତପ୍ରକାଶ କରିଛନ୍ତି। ହାଲୁକା ହୀରା ଅଳଙ୍କାରର ଏହି ସଂଗ୍ରହ ମାତ୍ର ୭ହଜାର ଟଙ୍କାରୁ ଆରମ୍ଭ ହେଉଛି। ସମସ୍ତ ହୀରା ଅଳଙ୍କାର ସାର୍ଟିଫାଏଡ୍ ଏବଂ ଏଥିରେ ୧୮ କ୍ୟାରେଟ୍ ଓ ୧୪ କ୍ୟାରେଟ୍ ବିଶିଷ୍ଟ ଏଚୟୁଆଇଡି ହଲମାର୍କ ସୁନା ବ୍ୟବହୃତ ହୋଇଛି।

ଲକି ଡ୍ରରେ ଭାଗନେଇଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ଉପହାର ପ୍ରଦାନ କରାଯାଇଥିଲା।


# ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୪

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଲିଙ୍କବଡ୍‌ସ ଫିଟ୍ ଇୟରବଡ୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା କାନର ଆକୃତିକୁ ନେଇ ଦୀର୍ଘଦିନରୁ ସଂଗ୍ରହ କରାଯାଇଥିବା ତଥ୍ୟ ଆଧାରରେ ଲିଙ୍କବଡ୍‌ସ ଫିଟ୍ ପାଇଁ ସୋନି ପକ୍ଷରୁ ଏକ ନୂଆ ଏୟାର ଫିଟିଂ ସପୋର୍ଟରେ ବିକାଶ କରାଯାଇଛି। ଅପରପକ୍ଷରେ ଦିନତମାମ ବ୍ୟବହାର ଉପଯୋଗୀ ଭଳି ତାହାକୁ ବିକାଶ କରାଯାଇଛି। ଯେଉଁଥିରେ ଏୟାର ଫିଟିଂ ସପୋର୍ଟରେ ଓ ହାଲୁକା ଇୟରବଡ୍ ଟିପ୍‌ସ ରହିଛି, ଯାହା ଆରାମଦାୟକ ଅନୁଭବ ପ୍ରଦାନ କରିବ। ଯାହା ଆରାମଦାୟକ ଫିଟ୍, ପ୍ରିମିୟମ୍ ସାଉଣ୍ଡ ଓ ବୁଦ୍ଧିମାନ ନଏଜ୍ କଣ୍ଟ୍ରୋଲ୍ ସହିତ ବ୍ୟକ୍ତିଗତ ଅଡିଓ ବର୍ଗରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବ। ଏୟାର ଫିଟିଂ ସପୋର୍ଟରେ ଓ କୋମଳ ଇୟରବଡ୍ ଟିପ୍‌ସ ସହିତ ଆସିଥିବା ଏହି ଇୟରବଡ୍‌ସ ହାଲୁକା ହୋଇଥିବାରୁ ତାହାକୁ ସାରା ଦିନ ପିନ୍ଧିହେବ।

# ରାମ ଚରଣ କାମ୍ପାର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୩।୪





ରାମ ଚରଣ

ରିଲାଏନ୍ସ ଗ୍ରୁପର ଥଣ୍ଡା ପାନୀୟ ବ୍ରାଣ୍ଡ୍ କାମ୍ପାକୋଲା (କାମ୍ପା)ର ନୂଆ ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ରାମ ଚରଣ ନିଯୁକ୍ତ ହୋଇଛନ୍ତି। ଏପରିକି କାମ୍ପା ପୂର୍ବରୁ ଯୁବପିଢ଼ିଙ୍କ ପ୍ରିୟ ରହିଛି। ରାମ ଚରଣ ଏହା ସହ ଯୋଡି ହେବା ଫଳରେ ଏହାର ନୂତନ ଅଭିଯାନ ହେଉଛି–କାମ୍ପା ବାଲା ଜିଦ୍। ଏହା ସେହି ଜିଦର କାହାଣୀ ଯାହା ଜଣଙ୍କୁ ସାଧାରଣରୁ ବିଶେଷ କରିପାରିଛି। ଏହା ସେହି ଯୁବପିଢ଼ିଙ୍କ କାହାଣୀ ଯେଉଁମାନେ ପ୍ରତିଦିନ ଆହ୍ୱାନ ସହିତ ଲଢ଼ିଥାନ୍ତି, ପଡ଼ିଥାନ୍ତି, ଉଠିଥାନ୍ତି ଏବଂ ତା'ପରେ ଜିଦର ସହିତ ଆଗକୁ ବଢିଥାନ୍ତି। କାମ୍ପାର ଏହି ନୂତନ ଅଭିଯାନ ସେମାନଙ୍କ ଏହି ମନୋଭାବକୁ ସଲାମ କରୁଛି।

ଏ ସମ୍ପର୍କରେ ମାକେନ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ପ୍ରସୂନ ଯୋଶୀ କୁହିଛନ୍ତି, କାମ୍ପା ୱାଲି ଜିଦ୍' ଅଭିଯାନ ମାଧ୍ୟମରେ ଆମେ ଏଭଳି ଏକ ସତ୍ୟ ଉପସ୍ଥାପନ କରିବାକୁ ଚାହୁଁଥିଲୁ। ଯାହା ଆମ ଯୁବପିଢ଼ିଙ୍କ ହୃଦୟର ନିକଟତର ହୋଇ ରହିବ। ରାମ ଚରଣ ମଧ୍ୟ ଏହି ଯୁବପିଢ଼ିଙ୍କ ପରି–ଏକ ଏହିଭଳି ଶକ୍ତି ଯାହାକୁ ଅଟକାଇବା ସମ୍ଭବ ନୁହେଁ। ଏହି ଅଭିଯାନର ଆତ୍ମା ହେଉଛି ଏକ ବ୍ରାଣ୍ଡ୍ ଫିଲ୍ମ, ଯେଉଁଥିରେ ରାମ ଚରଣ କୌଣସି ଚରିତ୍ରରେ ନୁହେଁ ବରଂ ତାଙ୍କ ବାସ୍ତବ ଜୀବନର ସ୍ୱରୂପରେ ଆସିଛନ୍ତି। କ୍ୟାମେରା ସାମ୍ନାରେ ସେ କୌଣସି ସଂଳାପ କହିନାହାନ୍ତି କିମ୍ବା କୌଣସି କାଳ୍ପନିକ ଦୃଶ୍ୟରେ ନାହାନ୍ତି–ସେ କେବଳ ତାଙ୍କ ଜୀବନରେ ଯେଉଁଭଳି ବଞ୍ଚିଛନ୍ତି ତାହା ଦେଖାଇଛନ୍ତି, କଠିନ ପରିଶ୍ରମ, ସଂଘର୍ଷ ଏବଂ ବିଜୟର ଏକ ସତ୍ୟ କାହାଣୀ। ଫିଲ୍ମରେ ତାଙ୍କର ଅସଲ ଷ୍ଟଣ୍ଟ, ଦମଦାର ଆକ୍ସନ ଏବଂ ଆତ୍ମବିଶ୍ୱାସଭରା ଭାବନା ଆମକୁ କହୁଛି ଯେ ସଫଳତା ସହଜରେ ମିଳେ ନାହିଁ, କିନ୍ତୁ ଯଦି ଆପଣ ଦୃଢ଼ ସଂକଳ୍ପ ବା ଜିଦି ରହିଛି, ତେବେ କିଛି ମଧ୍ୟ ଅସମ୍ଭବ ନୁହେଁ।

# ରିଅଲମି ସହ ଭୂମିର ବୁଝାମଣା

ଭୁବନେଶ୍ୱର,୧୩।୪

ରିଅଲମି ଏବଂ ଭୂମି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଜରିଆରେ ରିଅଲମି ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ଏକ ଉଜ୍ଜ୍ୱଳ, ଅଧିକ ଆଶାଜନକ ଭବିଷ୍ୟତ ଗଠନ କରିବା ପାଇଁ ଉପଯୁକ୍ତ କୌଶଳ, ସମ୍ବଳ ଏବଂ ସୁଯୋଗ ପ୍ରଦାନ କରିବ। ଅପରପକ୍ଷରେ ସେମାନଙ୍କୁ ସଶକ୍ତ କରିବା ପାଇଁ ସଂସ୍ଥା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଭୂମିକୁ ଏକ ବୃହତ ସମୁଦାୟ ନିକଟରେ ପହଞ୍ଚିବା ଏବଂ ସମର୍ଥନ କରିବାରେ ସକ୍ଷମ କରିବ ଏବଂ ସେମାନଙ୍କୁ ଏକ ସଫଳ ମାର୍ଗ ନିର୍ମାଣ କରିବା ପାଇଁ ଆବଶ୍ୟକ ଉପକରଣ ପ୍ରଦାନ କରିବ। ଭୂମି ଏହି ସହଭାଗିତା ମାଧ୍ୟମରେ ଭୂମି ଫେଲୋସିପ୍, ସାମାଜିକ ଏବଂ ଭାବନାତ୍ମକ ଶିକ୍ଷା (ଏସ୍‌ଇଏଲ୍) କାର୍ଯ୍ୟକ୍ରମ, ସ୍କୁଲ ଅଫ ଏକ୍ସିଲେନ୍ସ, ଇଗ୍ନାଇଟ ଆଶ୍ରୟସ୍ଥଳୀ ଏବଂ ଭୂମି କ୍ଲବ୍ ଭଳି ପ୍ରମୁଖ ପଦକ୍ଷେପକୁ ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷା, ନେତୃତ୍ୱ ଏବଂ ନାଗରିକ ସମ୍ପୃକ୍ତି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଅବହେଳିତ ଯୁବକମାନଙ୍କର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ। ରିଅଲମି ଯୁବକମାନଙ୍କୁ ଠିକ୍ ଉପକରଣ, ସମ୍ବଳ ଏବଂ ଜ୍ଞାନ ସହିତ ସଶକ୍ତ କରି ଏକ ଉଜ୍ଜ୍ୱଳ, ଅଧିକ ସମାବେଶୀ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଛି। ଭୂମିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୈଷ୍ଣବୀ ଶ୍ରୀନିବାସନ କହିଛନ୍ତି, ଆମେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷାର ଶକ୍ତିରେ ବିଶ୍ୱାସ କରୁ ଏବଂ ରିଅଲମି ସହିତ ଆମେ ଏହି ମିଶନକୁ ପରବର୍ତ୍ତୀସ୍ତରକୁ ନେବାରେ ସକ୍ଷମ ହୋଇଛୁ। ରିଅଲମିର ସମର୍ଥନରେ ଆମେ କେବଳ ଆମର ପହଞ୍ଚ ବଢାଉ ନାହୁଁ ବରଂ ଆମର କାର୍ଯ୍ୟକ୍ରମରେ ଅବିଶ୍ୱସନୀୟ ଗତି ମଧ୍ୟ ଯୋଡିଛୁ। ଆମେ ସମସ୍ତେ ମିଳିମିଶି ଦେଶର ପିଲା ଓ ଯୁବକମାନଙ୍କ ପାଇଁ ଶିଖିବା, ବଢିବା ଏବଂ ନେତୃତ୍ୱ ନେବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛୁ। ସେହିଭଳି ରିଅଲମି ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ତାଓ ଝାଙ୍ଗ କହିଛନ୍ତି, ଭୂମି ସହ ଆମର ସହଭାଗିତା ଏହି ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି।

# କାରାଟଲେନର ଏକ୍ସକ୍ଲୁସିଭ ଆଉଟଲେଟ୍

କଟକ,୧୩।୪(କାର୍ତ୍ତିକ ସାହୁ)

ଦେଶର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ 'କାରାଟଲେନ୍'ର ଏକ୍ସକ୍ଲୁସିଭ୍ ଆଉଟଲେଟ୍ ରବିବାର କଟକର ସିଡିଏ ସେକ୍ଟର–୬ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ପୋଲିସ ଡିଜି(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ଛାପୋଲିଆ, ପ୍ରଦୀପ କୁମାର ଗୁପ୍ତା, କୈଳାସ ଚନ୍ଦ୍ର ଛାପୋଲିଆ ପ୍ରମୁଖ ଉପସ୍ଥିତ ଥିଲେ। କଟକ ସହରରେ କାରାଟଲେନ୍‌ର ଏହା ଦ୍ୱିତୀୟ ଷ୍ଟୋର ବୋଲି କମ୍ପାନୀର ରିଜିଓନାଲ ବିଜନେସ୍ ମ୍ୟାନେଜର ଅନିଶ ଦାସ ସୂଚନା ଦେଇ କହିଛନ୍ତି, ଅଧିକ ଲୋକଙ୍କ ପାଖରେ ଆକର୍ଷଣୀୟ ଗହଣା ପହଞ୍ଚାଇବା ଲକ୍ଷ୍ୟରେ ଦେଶରେ କାରାଟଲେନ୍‌ର ୩୦୦ରୁ ଅଧିକ ଷ୍ଟୋର୍ ଖୋଲାଯାଇଛି। ପ୍ରତିଟି ନୂଆ ଷ୍ଟୋରରେ ଅଧିକ ଲୋକ ଗହଣା ଡିଜାଇନ୍ ଦେଖିବା, ପସନ୍ଦ କରିବା ଓ ଘରେ ବସି କ୍ରୟ କରିବା କିମ୍ବା ନିକଟସ୍ଥ ଷ୍ଟୋରରେ କ୍ରୟ କରିବା ସୁଯୋଗ ଦିଆଯାଉଛି। ଏଠାରେ ବ୍ରାଣ୍ଡରେ ପ୍ରସିଦ୍ଧ କଲେକ୍ସନ ଯଥା–ବଟରଫ୍ଲାଏ, ଆରାନ୍ୟା ଏବଂ ଓମବ୍ରେ ଉପଲବ୍ଧ ଅଛି। ଏହିସହିତ ଡିସନେ, ହାରି ପୋର୍ଟରେ ଓ ପେପା ପିଗ୍ ସହ ମନଲୋଭା କଲେକ୍ସନ ମଧ୍ୟ ରହିଛି। ଏହି ଷ୍ଟୋରରେ ଆଧୁନିକ ମଙ୍ଗଳସୂତ୍ର, ଦୈନିକ ବ୍ୟବହାର ହେବା ଯୋଗ୍ୟ ଇୟର ରିଂ, ଡାଏମଣ୍ଡ ରିଙ୍ଗ୍, ପିଲାଙ୍କ ପାଇଁ ଗହଣା ଏବଂ ଗିଫ୍ଟିଂ ଅପ୍‌ଶନ ମଧ୍ୟ ରହିଛି। କାରାଟଲେନ୍ ନୂଆ ସୋଲ୍ ଓ ଲୁନା ନାମକ ଦୁଇଟି ନୂତନ କଲେକ୍ସନ ଲଞ୍ଚ କରିଛି। ସମସ୍ତ ବର୍ଗର ଗ୍ରାହକଙ୍କ ପାଇଁ ବହୁପ୍ରକାର ଡିଜାଇନ୍‌ର ଗହଣା ଷ୍ଟୋର୍‌ରେ ଉପଲବ୍ଧ ରହିଛି। ଏବେ ଗ୍ରାହକଙ୍କ ପାଇଁ ୩୦,୦୦୦ ଟଙ୍କାର ଗହଣା କ୍ରୟ ଉପରେ .୫ ଗ୍ରାମ୍ ସୁନାମୁଦ୍ରା ମାଗଣା ମିଳୁଛି।



କଟକ ସିଡିଏ–୬ଠାରେ କାରାଟଲେନ୍‌ର ନୂତନ ଶୋ'ରୁମ୍‌କୁ ଅତିରିକ୍ତ ପୋଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଫିତା କାଟି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ କାରାଟଲେନ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବଜାରରେ ବାଇକୋନ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବୈଦ୍ୟୁତିକ ସାମଗ୍ରୀ ନିର୍ମାତା 'ବାଇକୋନ'ର ନୂତନ ଉତ୍ପାଦ 'ସ୍ୱିଚ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଓ ଡିଷ୍ଟ୍ରିବ୍ୟୁଟର ଏବଂ ରିଟେଲର ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ନୂତନ ଉତ୍ପାଦ 'ସ୍ୱିଚ' କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଅପରପକ୍ଷରେ କମ୍ପାନୀର ସୋଲାର ଲାଇଟିଂ, ଏଲ୍‌ଇଡି, ମିନିଏଟର ସର୍କିଟ ବ୍ରେକର୍ସ, ଡିଷ୍ଟ୍ରିବ୍ୟୁଶନ୍ ବକ୍ସେସ, ୱାୟାରସ୍, କେବଲ ଓ ସ୍ୱିଚ ଭଳି ବିଭିନ୍ନ ସାମଗ୍ରୀକୁ ମଧ୍ୟ ଲୋକାର୍ପଣ କରାଯାଇଥିଲା। ସେହିଭଳି ଏହି ଅନାବରଣ ଉତ୍ସବରେ କମ୍ପାନୀର ଏମଡି ବିକ୍ରମ ଜୈନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମନ ଜୈନ, ଜାତୀୟ ସେଲସ୍ ମୁଖ୍ୟ ଇରଫାନ ଖାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ପ୍ରଥମ ଥର ପାଇଁ ଓଡିଶା ବଜାରରେ ବାଇକୋନର ସ୍ୱିଚ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲଞ୍ଚ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଡିଷ୍ଟ୍ରିବ୍ୟୁଟର ଏଂ ରିଟେଲର୍ ଉପସ୍ଥିତ ରହିଥିଲେ। ଏହି ଉତ୍ସବରେ ଡିଷ୍ଟ୍ରିବ୍ୟୁଟର ଏବଂ ରିଟେଲରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅଯୋଜନ କରାଯାଇଥିଲା ଓ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମାଧ୍ୟମରେ ସମ୍ମାନିତ କରାଯାଇଥିଲା।

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

-ମହାବିଷୁବ ପଣା ସଂକ୍ରାନ୍ତି, ରାଧାରମଣ ଦେବ, ମହାବୀର ଓ ହନୁମାନ ଜୟନ୍ତୀ, ହଳ ନିଷେଧ



# ଭୁଲିବାନି ଯଶଓ୍ୱନ୍ତଙ୍କୁ

ଗଣତନ୍ତ୍ରର ୩ ମୁଖ୍ୟ ସ୍ତମ୍ଭ ବିଧାନପାଳିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ସାମ୍ବିଧାନିକ କର୍ତ୍ତବ୍ୟ ପାଳନକୁ ନେଇ ସାଧାରଣରେ ଆଲୋଚନା ହୋଇଥାଏ। ଭାରତରେ ମଧ୍ୟ ସେହି ସ୍ଥିତି ଜୋର୍ ଧରିଛି। ଯେହେତୁ ପ୍ରତିଟି ସ୍ତମ୍ଭ ନିଜ ଗୁଣରେ ଗରୀୟାନ ସେହେତୁ ସେମାନେ ନିଜକୁ ବଡ଼ ଭାବିଥାନ୍ତି। ଦେଖିବାକୁ ଗଲେ ସମ୍ବିଧାନରେ ପ୍ରତ୍ୟେକଙ୍କର କାର୍ଯ୍ୟ ଉଲ୍ଲେଖ ରହିଥିଲେ ମଧ୍ୟ ତାହା ଅନୁପାଳନ ବେଳେ କେତେକାଂଶରେ ବ୍ୟତିକ୍ରମ ଦେଖାଦେଉଥାଏ। ବିଧାନପାଳିକା ନୀତି ଓ ନିୟମ ପ୍ରଣୟନ କରୁଥିବା ବେଳେ ତାହାକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ। ଉପରୋକ୍ତ ଦୁଇଟିରେ କୌଣସି ଅସଙ୍ଗତି ଦେଖାଦେଲେ ନ୍ୟାୟପାଳିକାର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯାଏ। ତେବେ ନ୍ୟାୟପାଳିକା ମଧ୍ୟ ଗୋଟା ଅରୁଆ ଚାଉଳ ନୁହେଁ। କେବଳ ନିକଟରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶଓ୍ୱନ୍ତ ଭର୍ମାଙ୍କ ଘରୁ ପୁଳା ପୁଳା ପୋଡ଼ା ଟଙ୍କା ମିଳିବା ଓ ତା' ପରେ ଘଟିଥିବା ଘଟଣା ନୁହେଁ, ଅତୀତରେ ମଧ୍ୟ କେତେକ ବିଚାରପତିଙ୍କ କଳା ଗୁମର ପଦାରେ ପଡ଼ି ସାରିଛି। ତଥାପି ନ୍ୟାୟପାଳିକା ଉପରେ କେମିତି ଗୋଟେ ବିଶ୍ୱାସ ରହିଛି।

ଗତ ସପ୍ତାହରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ କାହିଁକି ବିଧାନସଭା ଦ୍ୱାରା ପାରିତ ୧୦ଟି ବିଲ୍ ଅଟକା ଯାଇଥିଲା, ସେ ସମ୍ପର୍କରେ ସୁପ୍ରିମକୋର୍ଟ କଡ଼ା ଭାଷାରେ ନିନ୍ଦା କରିଥିଲେ। ଶୀର୍ଷ ଅଦାଲତଙ୍କ ହସ୍ତକ୍ଷେପ ଅନୁଯାୟୀ ୧୧ ଏପ୍ରିଲରେ ତାମିଲନାଡୁ ସରକାର ଏକକାଳୀନ ୧୦ ବିଲ୍ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ମଞ୍ଜୁରୀରେ ଆଇନରେ ପରିଣତ କରିଛନ୍ତି। ଏହି ସମାନ ଦିନରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ କହିଛନ୍ତି, ରାଜ୍ୟପାଳ କୌଣସି ବିଲ୍ ଉପରେ ବିଚାର ପାଇଁ ପଠାଇବାର ୩ ମାସ ମଧ୍ୟରେ ରାଷ୍ଟ୍ରପତି ତାହାକୁ ସମ୍ମତି ପ୍ରଦାନ କରିବାକୁ ବାଧ୍ୟ। ଅର୍ଥାତ୍ ବିଲ୍ ସଂକ୍ରାନ୍ତ ନିଷ୍ପତ୍ତି ନେବାର ସମୟସୀମା ରାଷ୍ଟ୍ରପତିଙ୍କ ପାଇଁ ଧାର୍ଯ୍ୟ ହେଲା। ଏହି ବିଷୟ ଦେଶରେ ପ୍ରଥମ ଥର ଶୁଣିବାକୁ ମିଳିଲା। ଭାରତରେ ରାଷ୍ଟ୍ରପତି ଜଣେ ରବରଷ୍ଟାମ୍ପ ଭାବେ ପରିଚିତ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସମ୍ବିଧାନରେ କୌଣସି ବିଲ୍ ବା ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ସ୍ପଷ୍ଟ କରାଯାଇ ନ ଥିଲା। ସେହି କାର୍ଯ୍ୟକୁ ଅତି ସୁନ୍ଦର ଭାବେ ସୁପ୍ରିମକୋର୍ଟ କରି ଦେଖାଇଲେ। ଆଶ୍ଚର୍ଯ୍ୟ ଲାଗେ ଏଭଳି ଶକ୍ତି ସୁପ୍ରିମକୋର୍ଟ ଜଜ୍ ମାନେ ପ୍ରଦର୍ଶନ କରୁଛନ୍ତି। ଆଜିର ପରିସ୍ଥିତିରେ ସେହି ଆଶ୍ଚର୍ଯ୍ୟ ଖୁସିରେ ପରିଣତ ହେଉଛି। କାରଣ ଦେଶବ୍ୟାପି ବିଶିଷ୍ଟ ସମାଜରେ ଏକ ଦୃଢ଼ ଧାରଣା ସୃଷ୍ଟି ହେଉଥିଲା ଯେ ନ୍ୟାୟପାଳିକା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଗୋଡ଼ାଣିଆ ହୋଇ ସବୁ ରାୟ ରାଜନୈତିକ ନେତାଙ୍କୁ ଖୁସି କରିବା ପାଇଁ ଯେମିତି ଉଦିଷ୍ଟ। ଏହା ପଛରେ ସ୍ପଷ୍ଟ କାରଣ ମଧ୍ୟ ରହିଛି। ଜଣଙ୍କ ପରେ ଜଣେ ଜଜ୍ ଅବସର ନେବା ପରେ ଯେଉଁଭଳି ଆକର୍ଷଣୀୟ ସରକାରୀ ପଦବୀ ତାଙ୍କ ପାଇଁ ଦୁଆରମୁହଁରେ ଅପେକ୍ଷା କରି ରହୁଥିଲା, ସେଥିରୁ ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଯାଇଥିଲା। ଦିଲ୍ଲୀ ହାଇକୋର୍ଟର ନ୍ୟାୟାଧୀଶ ଭର୍ମାଙ୍କ ଘରୁ ନଗଦ ଟଙ୍କା ମିଳିବା ସତ୍ତ୍ୱେ ତାଙ୍କୁ ବହିଷ୍କାର କରିବା ପରିବର୍ତ୍ତେ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରିବା ପଛରେ ଅନ୍ୟସବୁ ଜଜ୍ମାନଙ୍କର ଉଦ୍ଦେଶ୍ୟ ରହିଛି ବୋଲି ଓକିଲଙ୍କ ମହଲରେ ଯେଉଁ ଆଲୋଚନା ହେଲା, ତାହାର ଏକ ସକାରାତ୍ମକ ପ୍ରଭାବ ପଡ଼ିବାରେ ଲାଗିଛି।

ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ନିକଟରେ ସର୍ବୋଚ୍ଚ ଅଦାଲତ ନେଇଥିବା ଦୁଇଟି ନିଷ୍ପତ୍ତି ଏହାର ସ୍ୱଚ୍ଛତାକୁ ଅନେକାଂଶରେ ଦର୍ଶାଉଛି। ପ୍ରଥମଟି ହେଲା ପ୍ରଧାନ ବିଚାରପତିଙ୍କ ସମେତ ସବୁ ଜଜ୍ ସାଧାରଣରେ ସେମାନଙ୍କର ସମ୍ପତ୍ତି ତାଲିକା ଘୋଷଣା କରିବେ। ଯଶଓ୍ୱନ୍ତ ଭର୍ମାଙ୍କ ଯୋଗୁ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ସ୍ଥିତି ପାଇଁ ଏଭଳି ଅବସର ଆସିଥିଲେ ମଧ୍ୟ ଏହା ନ୍ୟାୟପାଳିକାର ସ୍ୱଚ୍ଛତା ପ୍ରତି ଗୋଟିଏ ପାଦ ଅଗ୍ରସର ବୋଲି କୁହାଯାଇପାରେ। କାରଣ ପୂର୍ବରୁ ବିଚାରପତିମାନେ ସେମାନଙ୍କ ଆର୍ଥିକ ତଥ୍ୟ ଦେଉ ନ ଥିଲେ। ତେବେ ଏବର ଘୋଷଣା ଅନୁପାଳନ ହେଲେ ବିଚାରପତିଙ୍କ ଉତ୍ତରଦାୟିତ୍ୱ ବଢ଼ିପାରେ। ସୁପ୍ରିମକୋର୍ଟଙ୍କ ଦ୍ୱିତୀୟ ନିଷ୍ପତ୍ତି ହେଲା ପୂର୍ବଭଳି ଜଜ୍ ହେବା ପାଇଁ ଯେଉଁ କୋହଳ ପଦ୍ଧତି ଥିଲା, ସେଥିରେ ପରିବର୍ତ୍ତନ ଆଣାଯାଇ ପ୍ରକ୍ରିୟାକୁ କଠୋର କରାଯାଇଛି। ଅର୍ଥାତ୍ ଚଳିତ ମାସ ପ୍ରାରମ୍ଭରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ହାଇକୋର୍ଟ ବିଚାରପତି ଚୟନରେ ସାକ୍ଷାତକାର ପରୀକ୍ଷାକୁ ବାଧ୍ୟତାମୂଳକ କରିଦେଇଛନ୍ତି। ପୂର୍ବରୁ ହାଇକୋର୍ଟ କଲେଜିୟମ ଯେଉଁମାନଙ୍କ ନାମ ବିଚାରପତି ପାଇଁ ପ୍ରସ୍ତାବ ଦେଉ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ୩ଜଣିଆ ସୁପ୍ରିମକୋର୍ଟ କଲେଜିୟମକୁ ସୁପାରିସ କରୁଥିଲେ, ସେଥିରୁ ପ୍ରାୟ ୯୦ ପ୍ରତିଶତ ସଫଳତା ପାଉଥିଲେ। ହେଲେ ନିକଟରେ ହୋଇଥିବା ସାକ୍ଷାତକାର ପରୀକ୍ଷାରେ ହାଇକୋର୍ଟ କଲେଜିୟମ୍ ଦ୍ୱାରା ସୁପାରିସ ହୋଇ ଆସିଥିବା ନାମ ମଧ୍ୟରୁ ୫୦ ପ୍ରତିଶତ ଫେଲ୍ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଏଲାହାବାଦ, ବମ୍ବେ, କଲିକତା, ଦିଲ୍ଲୀ, ଗୁଜରାଟ, ମଣିପୁର, ଓଡ଼ିଶା, ପାଟନା, ରାଜସ୍ଥାନ, ତେଲଙ୍ଗାନା, ଉତ୍ତରାଖଣ୍ଡ ହାଇକୋର୍ଟପାଇଁ ସୁପାରିସ ହୋଇଥିବା ୧୦୧ ଜଣଙ୍କ ମଧ୍ୟରୁ ମାତ୍ର ୪୯ ଜଣ ବିଚାରପତି ହେବାକୁ ଉପଯୁକ୍ତ ବୋଲି ଜଣାପଡ଼ିଛି। ଆଗରୁ ସୁପାରିସ ହୋଇ ଆସୁଥିବା ନାମ ମଧ୍ୟରେ ପ୍ରିୟାପ୍ରୀତି କାମ ଦେଉଥିଲା। ଯେଉଁମାନଙ୍କ ନାମରେ ଗୋଇନ୍ଦା ରିପୋର୍ଟ ନକାରାତ୍ମକ ରହୁଥିଲା, ସେହିମାନେ ପରୀକ୍ଷାକୁ ଉଠିପାରୁ ନ ଥିଲେ। ହେଲେ ଏବେ ସମସ୍ତେ ସାକ୍ଷାତକାର ପରୀକ୍ଷା ଦେଲେ ସେମାନଙ୍କ ନ୍ୟାୟିକ ସୂକ୍ଷ୍ମ ବୁଦ୍ଧିର ପ୍ରମାଣ ମିଳିପାରିବ। ଏଭଳି ପ୍ରକ୍ରିୟା ସୁପ୍ରିମକୋର୍ଟ ବିଚାରପତିଙ୍କ କ୍ଷେତ୍ରରେ ଲାଗୁ ହେବା ଦରକାର। ସେ ସମ୍ପର୍କରେ କିଛି ଖବର ଆସି ନାହିଁ। ତାହା ଲାଗୁ ହେଲେ ନବାଗତମାନେ ସେମାନଙ୍କ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତିଙ୍କ ପାଖରେ ସାକ୍ଷାତକାରର ସମ୍ମୁଖୀନ ହୋଇପାରନ୍ତେ। ଏମିତି ବି କୁହାଯାଇପାରେ ଯେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଛିବା ପାଇଁ ନିର୍ଦ୍ଦିଷ୍ଟ ପରୀକ୍ଷା ଦେଇ ସମାଜର ସବୁ ବର୍ଗ ଗଣତନ୍ତ୍ରମ ପ୍ରୟାସ କରୁଥିଲା ବେଳେ ରାୟ ଶୁଣାଉଥିବା ଶ୍ରେଣୀ ପ୍ରତି ସମାନ ପ୍ରକ୍ରିୟା ଲାଗୁ ହେବା ବାଞ୍ଛନୀୟ ଥିଲା। ଡେରିରେ ହେଲେ ମଧ୍ୟ ଆରମ୍ଭ ହୋଇଥିବା ପ୍ରକ୍ରିୟା ଆଗକୁ କଳବଳର ରହିବା ସମସ୍ତେ ଚାହିଁବେ।

ଶେଷରେ ଏତିକି କୁହାଯାଇପାରେ ଗଣତନ୍ତ୍ରର ୩ ସ୍ତମ୍ଭ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିଲେ ସେମାନଙ୍କଠାରୁ ଅନ୍ୟମାନେ ଅନେକ କିଛି ଶିଖିପାରନ୍ତେ। ଏହାସହିତ ଆଉଟିକେ ଯୋଡ଼ିବା ପାଇଁ ଗଲେ କୁହାଯାଇପାରେ ସାଧାରଣ ନାଗରିକର ମଙ୍ଗଳ ମନାସିବାକୁ ହେଲେ ଏହିସବୁସ୍ତମ୍ଭମଧ୍ୟରେ ସବୁବେଳେ ଅପଡ଼ ରହିବା ଆବଶ୍ୟକ। ଯଦିତିନିବର୍ଗମଧ୍ୟରେ ଅତ୍ୟଧିକ ସମନ୍ୱୟ ଆସିଗଲା, ମିଳିମିଶି ଦେଶକୁ ଲୁଟିବେ ଓ ସମସ୍ତେ ପାଲଟିଯିବେ ଯଶଓ୍ୱନ୍ତ ଭର୍ମା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 3 | | | | | | |
| 7 | 8 | | | | | 2 | | 5 |
| | 6 | | | | | | | |
| | 7 | 6 | 9 | | | | | 4 |
| | | | 4 | | 2 | | 6 | |
| | | | 8 | 5 | | | | |
| | | | | | | | 4 | 1 |
| 9 | 1 | | 3 | | | | | 7 |
| 8 | | | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 2 | 4 | 1 | 3 | 7 | 8 |
| 4 | 1 | 8 | 5 | 3 | 7 | 2 | 9 | 6 |
| 7 | 2 | 3 | 9 | 8 | 6 | 1 | 5 | 4 |
| 8 | 3 | 7 | 4 | 5 | 9 | 6 | 2 | 1 |
| 1 | 5 | 9 | 6 | 2 | 8 | 4 | 3 | 7 |
| 2 | 4 | 6 | 7 | 1 | 3 | 5 | 8 | 9 |
| 3 | 9 | 4 | 8 | 6 | 2 | 7 | 1 | 5 |
| 5 | 7 | 1 | 3 | 9 | 4 | 8 | 6 | 2 |
| 6 | 8 | 2 | 1 | 7 | 5 | 9 | 4 | 3 |

ଗତକାଲିର ଉତ୍ତର

# ନୀତିଭ୍ରଷ୍ଟ ଶିକ୍ଷା ଓ ଛାତ୍ରୀଛାତ୍ର



ହରିଶଙ୍କର ମିଶ୍ର

ନିକଟ ଅତୀତରେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦୁଇଟି ଭିଡିଓ ବେଶ୍ ହୃଦୟସ୍ପର୍ଶୀ। ପ୍ରଥମଟି ଆନ୍ଧ୍ରପ୍ରଦେଶର ଗୋଟିଏ ସ୍କୁଲରେ ପ୍ରାର୍ଥନା ଚାଲିଥିବାବେଳେ ପ୍ରଧାନଶିକ୍ଷକ ନିଜେ କାନ ଧରି ଉଠ୍‌ବସ୍ ହେବା ପରେ ପିଲାଙ୍କ ସାମ୍ନାରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ। ଘଟଣାଟି ଅସଙ୍ଗତ ଲାଗୁଥିଲେ ବି ଏହା ପଛର ଉଦ୍ଦେଶ୍ୟ ନିଶ୍ଚିତ ସ୍ପର୍ଶକାତର। ଆଜିକାଲି ସ୍କୁଲସବୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷିତ ହୋଇଛି। ସେଥିପାଇଁ ଛାତ୍ରୀଛାତ୍ରମାନେ ବେପରୁଆ ହେଉଛନ୍ତି। ପୂର୍ବରୁ ପିଲାମାନଙ୍କୁ "ଅଭାବ ଉଦ୍ଭାବନ ପାଇଁ ପ୍ରେରଣା ଦିଏ" ପଢ଼ାଯାଉଥିଲା। ବହି ଖାତାର ଅଭାବ, ମାସିକ ସ୍କୁଲ ଦେୟ ପୈଠ ପାଇଁ ଅଭାବ, ପ୍ରକୃତ ପାଠ୍ୟ ପିପାସୁଙ୍କ ପାଇଁ ଆହ୍ୱାନ ସୃଷ୍ଟି କରୁଥିଲା। ଶିକ୍ଷକମାନେ ବେଶ୍ କର୍ତ୍ତବ୍ୟନିଷ୍ଠ ଥିଲେ। ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ ଥିଲା। ଶିକ୍ଷକମାନଙ୍କ କଠୋର ଆଚରଣ ସତ୍ତ୍ୱେ ହୃଦୟବାନ୍ ଥିଲେ। ସେଥିପାଇଁ ଛାତ୍ରୀଛାତ୍ରମାନେ ପାଠ୍ୟମନସ୍କ ହେଉଥିଲେ। ଶସ୍ତା ଲୋକପ୍ରିୟତା ପାଇଁ ମାଗଣା ଯୋଜନାରେ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଯେଉଁ ଦିନରୁ ସାମିଲ କରାଗଲା, ସେଇଦିନରୁ ଶିକ୍ଷା ଅବକ୍ଷୟମୁଖୀ ହୋଇଗଲା। ସାମାନ୍ୟ ଆକଟ କଲେ ଶିକ୍ଷକଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି। କୌଣସି ଅଭିଯୋଗ ହେଲେ ଉପରିସ୍ଥ ଅଧିକାରୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସମର୍ଥନ କରୁଛନ୍ତି। "ଛାଟ ବାଜିଲେ ପାଠ ହୁଏ" ବାକ୍ୟଟି ମୂଲ୍ୟହୀନ ହୋଇଯାଇଛି। ଚାଣକ୍ୟଙ୍କ ନୀତିରେ ପାଞ୍ଚ ବର୍ଷରୁ ଦଶବର୍ଷ ଅର୍ଥାତ୍ ପିଲାକୁ ପନ୍ଦର ବର୍ଷ ହେବା ପର୍ଯ୍ୟନ୍ତ ଶାସନ ମଧ୍ୟରେ ରଖାଯାଏ। ଆମ ଶାସ୍ତ୍ର ବିଧାନରେ ଯେଉଁ ପାଞ୍ଚ ଜଣ ପିତାଙ୍କ ସୂଚନା ରହିଛି, ତନ୍ମଧ୍ୟରୁ ଶିକ୍ଷକ ଅନ୍ୟତମ। କିନ୍ତୁ ସେଇ ଶିକ୍ଷକଙ୍କ ପାଇଁ ଲକ୍ଷ୍ମଣରେଖା ନିର୍ଦ୍ଧାରଣ ଆଜି ବିଷମ ଫଳ ଦେଉଛି। ସ୍କୁଲ କାନ୍ଥରେ ଲିଖିତ ଦେୟମୁକ୍ତ ଟେଲିଫୋନ ନମ୍ବର ଶିକ୍ଷକଙ୍କ ପାଇଁ କାଳଫାଶ ହୋଇଛି। ସେଥିପାଇଁ ସେମାନେ କିପରି ଶୀଘ୍ର ସ୍କୁଲ ସମୟ ସାରି ନିରାପଦରେ ଘରକୁ ଯିବେ ତାହାହିଁ ଭାବୁଛନ୍ତି। ଭିଡିଓରେ ଯେଉଁ ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କ ଅଧୋଗତିକୁ ସହ୍ୟ କରି ନ ପାରି ନିଜକୁ ଦାୟୀ କରି ଆତ୍ମଦଣ୍ଡିତ ହେଉଥିଲେ, ତାହା ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କ ପାଇଁ ବିକଳ୍ପ ନୁହେଁ। ତାଙ୍କର ଏତାଦୃଶ ବାର୍ତ୍ତା ସମାଜ, ସରକାର, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରଭାବିତ କଲା କି ସରକାର ବିଶୃଙ୍ଖଳା ଅଭିଯୋଗରେ ସେଇ ପ୍ରଧାନଶିକ୍ଷକଙ୍କ ଉପରେ ପୁନଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ତାହା ଅଜ୍ଞାତ ହେଲେବି ଭିଡିଓ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି।

ଦ୍ୱିତୀୟ ଘଟଣାଟି ଆମ ରାଜ୍ୟର। ଗଞ୍ଜାମ ଜିଲାର ଜଣେ ଖେଳ ଶିକ୍ଷକ। କଥା ମାଧ୍ୟମରେ ହସ ପରିବେଶ ସୃଷ୍ଟି କରନ୍ତି। ଗଣମାଧ୍ୟମରେ ମଧ୍ୟ ବେଶ୍ ସକ୍ରିୟ। ତାଙ୍କ ପରିବାରରେ ସମସ୍ତେ ଖେଳ



ଶିକ୍ଷକ ଓ ଶିକ୍ଷୟିତ୍ରୀ। ମାଟ୍ରିକ୍ ପରୀକ୍ଷା ସରିବା ପରେ ଛାତ୍ରମାନଙ୍କ ଉନ୍ମତ୍ତକାଣ୍ଡର ଶିକାର ହୋଇଥିଲା ସେଇ ଜିଲାର ବିଭିନ୍ନ ବିଦ୍ୟାଳୟ। ପଙ୍ଖାଠାରୁ ଆଶାପତ୍ର ଦୁଆର ଝରକା କେହି ସେମାନଙ୍କ ଅତ୍ୟାଚାରରୁ ବର୍ତ୍ତି ନ ଥିଲେ। କିଏ ଅଙ୍ଗ ହରାଇଥିଲେ ତ କେହି ଖଣ୍ଡ ବିମଣ୍ଡିତ ହୋଇ ସ୍ଥାନଚ୍ୟୁତ ହୋଇଥିଲେ। ପାଠ୍ୟପୁସ୍ତକମାନେ ବୀଭତ୍ସ ଓ ବିକ୍ଷିପ୍ତ ଭାବରେ ବିଦ୍ୟାଳୟ ପରିବର୍ତ୍ତେ ରାସ୍ତାରେ ଆବର୍ଜନାର ଭ୍ରମ ସୃଷ୍ଟି କରୁଥିଲେ। ସେହି ଖେଳ ଶିକ୍ଷକ ତାହାକୁ ବ୍ୟଙ୍ଗାତ୍ମକ ଭାଷାରେ ମୃଦୁ ଆକ୍ଷେପମୂଳକ ଭିଡିଓ କରି ଗଣମାଧ୍ୟମରେ ଛାଡ଼ିଥିଲେ। ଏଥିରେ ମଧ୍ୟ ବିଭାଗୀୟ ତଦନ୍ତ ବା ଉତ୍ତରଦାୟିତ୍ୱ ନ୍ୟସ୍ତ ହେଲା କି ନାହିଁ ତାହା ଯେତିକି ମନକୁ ଆନ୍ଦୋଳିତ କଲା, ତତୋଽଧିକ ବିସ୍ମିତ କଲା ଯେ ଏହା କୁଆଡ଼େ ସମ୍ପୃକ୍ତ ସ୍କୁଲମାନଙ୍କର ଅଘୋଷିତ ପରମ୍ପରା।

ଜଣେ ବିଭାଗୀୟ ପଦାଧିକାରୀଙ୍କଠାରୁ ଏହାର କାରଣ ଏବଂ କେବେଠାରୁ ଏହା ଅଘୋଷିତ ପରମ୍ପରା ହୋଇଛି ଜାଣିବାକୁ ଚାହିଁବାରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇଗଲେ। ଯେଉଁ ସ୍କୁଲରେ ଛାତ୍ରୀଛାତ୍ର ପାଠ ପଢ଼ି ଭବିଷ୍ୟତ ଗଢ଼ିବାର ପ୍ରଥମ ସୋପାନ ଅତିକ୍ରମ କରନ୍ତି, ସେମାନଙ୍କର ଏପରି ଆଚରଣ ତାଙ୍କୁ ଅସହ୍ୟ ହେଉଥିଲା। ଏଭଳି ପରିସ୍ଥିତିରେ ସମ୍ମୁଖୀନ ହେବା ଅକଳ୍ପନୀୟ ଏବଂ ଛାତ୍ରମାନଙ୍କର ଔଦ୍ଧତ୍ୟ ଅକ୍ଷମଣୀୟ ବୋଲି କହିଲେ। ସବୁଠାରୁ ତାଙ୍କୁ ମର୍ମାହତ କରୁଥିଲା ଅଭିଭାବକଙ୍କର ଅସମ୍ଭବ ନୀରବତା। ସେ ଏକଦା ସେଇ ଶିକ୍ଷା ଜିଲା ଦାୟିତ୍ୱରେ ଥିବାବେଳେ ଏହି ଅଘୋଷିତ ପରମ୍ପରା ଶୁଣି ପରୀକ୍ଷା ଶେଷଦିନ ପୋଲିସ ସହାୟତାରେ କିଛି ସ୍କୁଲରେ ଏହାକୁ ବନ୍ଦ କରିଥିବାବେଳେ କିଛି ଉଦ୍‌ଭ୍ରାନ୍ତ ଛାତ୍ରଙ୍କ କଟୁ ମନ୍ତବ୍ୟ ସେ ଏଯାବତ୍ ଭୁଲି ପାରିନାହାନ୍ତି। କିନ୍ତୁ ସେ ସ୍ୱୀକାର କଲେ ଯେ, ଯେବେଠାରୁ ସ୍କୁଲମାନଙ୍କୁ ଦଣ୍ଡମୁକ୍ତ ଅଞ୍ଚଳର ମାନ୍ୟତା ମିଳିଲା, ସେଇଦିନରୁ ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନଠାରୁ ଛାତ୍ରୀଛାତ୍ରଙ୍କ ଦୂରତା ନିଶ୍ଚିତ ବୃଦ୍ଧି ପାଉଛି। ଏହି ଦଣ୍ଡମୁକ୍ତ ଅଞ୍ଚଳର ବୁଦ୍ଧି ଯେଉଁମାନଙ୍କର ଉର୍ବର ମସ୍ତିଷ୍କରୁ ସୃଷ୍ଟି ହୋଇଛି, ସେମାନେ ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ସାବ୍ୟସ୍ତ ହୋଇସାରିଛି। ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢ଼ନ୍ତି ନାହିଁ। ଅଧିକ ଅର୍ଥ ଦେଇ ବେସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଶାସନ କରାଯାଏନାହିଁ। ବରଂ ସେମାନେ ସ୍କୁଲ ଅପେକ୍ଷା ଟିଉଶନ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରନ୍ତି। ସେଇମାନଙ୍କ ଚକ୍ରାନ୍ତରେ ସରକାରୀ ସ୍କୁଲରେ ମୂର୍ଖ ସୃଷ୍ଟି ପାଇଁ ଏପ୍ରକାର ନିୟମ ହୋଇଛି। ସହଜେ ରାଜ୍ୟର ସରକାରୀ ସ୍କୁଲରେ ଅଧିକାଂଶ ଶିକ୍ଷକ ଅପାରଗ। ଏଇ ନିୟମ ଯୋଗୁ କଙ୍କଡ଼ାକୁ ଗୋଳି ପାଣି ସୁହାଇବା ଭଳି ସଂଖ୍ୟାଧିକ ଅପାରଗ ଶିକ୍ଷକ ତା'ର ସୁଯୋଗ ବି ନେଉଛନ୍ତି। ଏହି ନିଷ୍ପତ୍ତି ସତ୍ତ୍ୱେ କୌଣସି ଶିକ୍ଷକ ଗୁରୁର କର୍ତ୍ତବ୍ୟ ଓ ଦାୟିତ୍ୱ ନିଜସ୍ୱ ସୃଜନୀ ଶକ୍ତି ବିନିଯୋଗ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରିପାରୁ ନାହାନ୍ତି। ବରଂ ଏଭଳି ଅଭାବନୀୟ ପରିସ୍ଥିତି ଓ ନିଜର ଶିଷ୍ୟାଶିଷ୍ୟଙ୍କ ଅମାନବୀୟ ଆଚରଣ ପାଖରେ ସେମାନେ ଅବନମିତ ହେଉଛନ୍ତି। ଯଦି ଆମର ନବେ ଦଶକ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା, ସେତେବେଳେ ଗ୍ରାମ୍ୟ ସ୍କୁଲରେ ଆଞ୍ଚଳିକ ଶିକ୍ଷକ ନିଯୁକ୍ତି ହେଉଥିଲେ ନତୁବା ଶିକ୍ଷକମାନେ ସ୍କୁଲ ପାଖରେ ରହୁଥିଲେ। ସେମାନେ ଦୁଇ କିଲୋମିଟର ବ୍ୟାସାର୍ଦ୍ଧରେ ଥିବା ଗ୍ରାମମାନଙ୍କର ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଚଳଣି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତ୍ୟେକ ଅସୁବିଧା ବ୍ୟକ୍ତିଗତ ଭାବରେ ଜାଣିବା ସହ ପାଠପଢ଼ାରେ ଦୁର୍ବଳ ଥିଲେ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିଲେ। ଫଳତଃ ଅଭିଭାବକମାନେ ମଧ୍ୟ ଶିକ୍ଷକଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ। ସେତେବେଳେ ସରକାରୀ ଶିକ୍ଷକ ମଧ୍ୟ ସ୍କୁଲ ନିକଟରେ ସରକାରୀ ଘର ବା ଭଡ଼ାଘରେ ରହୁଥିଲେ। ଏବେ ନୂତନ ପୁରାତନ ସରକାରୀ ଓ ପ୍ରାଥମିକ ସ୍କୁଲ ଶିକ୍ଷକମାନେ ଘରଭଡ଼ା ପାଉଛନ୍ତି। କିନ୍ତୁ କୌଣସି ଶିକ୍ଷକ ସ୍କୁଲ ପାଖରେ ରହୁନାହାନ୍ତି। ସମସ୍ତେ ସହରରେ ରହି ପାଠପଢ଼ାକୁ ଗୌଣ ମନେକରି ବିଭିନ୍ନ ବ୍ୟକ୍ତିଗତ ଓ ରାଜନୈତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି।

ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହରୁ ଜଣାପଡ଼ିଛି ଯେ, ଯେବେଠାରୁ ଓଏମ୍ଆର ମାଧ୍ୟମରେ ପଚାଶ ଶତାଂଶ ପରୀକ୍ଷା ସହ ନିଜ ସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେଲା, ସେଇ ସ୍କୁଲର ପରୀକ୍ଷାର୍ଥୀ ଶିକ୍ଷକଙ୍କ ସହଯୋଗରେ ଉତ୍ତୀର୍ଣ୍ଣ ହେବାକୁ ଚାହିଁଲେ। ଶିକ୍ଷକମାନେ ମଧ୍ୟ ସହଯୋଗ କରିଥିଲେ। ଫଳତଃ ସେହି ଅନୈତିକ କାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଦାବି ବା ଅଧିକାର ହୋଇଗଲା। କିନ୍ତୁ ସମୟାନ୍ତରେ ସେଥିରେ ବାଧକ ବା ଅସଫଳ ହେବାର ପ୍ରତିକ୍ରିୟାରେ ସେମାନେ ସ୍କୁଲ ଆଶାପତ୍ର କ୍ଷତିର ଯେଉଁ ତାଣ୍ଡବଲୀଳା କରିଥିଲେ, ତାହା ହିଁ ଅଘୋଷିତ ପରମ୍ପରା ହୋଇଗଲା। ତେଣୁ ନୀତିଭ୍ରଷ୍ଟ ଶିକ୍ଷକ ପଥଭ୍ରଷ୍ଟ ଛାତ୍ରୀଛାତ୍ର ଏବଂ ସରକାରୀ ସ୍କୁଲରେ ପିଲାଙ୍କୁ ପଢ଼ାଉନଥିବା ମାତ୍ର ଲକ୍ଷ୍ୟଭ୍ରଷ୍ଟ ଶିକ୍ଷାନୀତି ନିର୍ଦ୍ଧାରଣ କରୁଥିବା ରାଜନୈତିକ ଓ ପ୍ରଶାସକଙ୍କ ପାଇଁ ଆମ ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇସାରିଛି, ଏହା ଦିବାଲୋକ ପରି ସତ୍ୟ; ଯାହାକୁ ସଠିକ ବାଟକୁ ଆଣିବା ଅସମ୍ଭବ।

ଗୁଣ୍ଡିଚା ବିହାର, ପୁରୀ –୨
ମୋ: ୭୯୭୮୭୮୫୪୭୮

# ପୁରୁଷ ଆଇନ କେତେ ଜରୁରୀ



ରାନୀ ନାୟକ

ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କମିଶନ ଗଠନ କରିବାର ନିଷ୍ପତ୍ତି ନେବା ଏକ ଜଟିଳ ପ୍ରସଙ୍ଗ। କାରଣ ସମାଜର ଗୋଟିଏ ବର୍ଗ ଏହାର ଆବଶ୍ୟକତା ଥିବାର କହୁଥିବାବେଳେ ଅନ୍ୟ ଏକ ବର୍ଗ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଉଛନ୍ତି। ତେବେ ପୁରୁଷ କମିଶନ ଗଠନର ଯଥାର୍ଥତା ଅଛି କି ନାହିଁ ଏହି ପ୍ରସଙ୍ଗ ଉଠାଇବାର ମୂଳ ଉଦ୍ଦେଶ୍ୟ କ'ଣ ଟିକେ ଦୃଷ୍ଟି ପକାଇବା। ପ୍ରଥମେ କିଛି ଘଟଣା ଓ ମତ ଉପରେ ଆଲୋଚନା କରିବା ପରେ ଯାଇ ବିଚାରକରିବା ପୁରୁଷ ଆଇନର କେତେ ଆବଶ୍ୟକତା ଅଛି ଆଉ କେତେ ଅନାବଶ୍ୟକ।

ପୂର୍ବରୁ ଆଲୋଚନା କରିଛନ୍ତି ବହୁଚର୍ଚ୍ଚିତ ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ବିଷୟରେ ପୁଣି ଦେହରୁ କ୍ଷତ ଲିଭିନି ଆଉ ଏକ ଆତ୍ମହତ୍ୟା ମାନବ ଶର୍ମା କରିଛନ୍ତି। ସେ ବି ମଧ୍ୟ ସମାନ ଭାବେ ସ୍ତ୍ରୀଙ୍କଠାରୁ ଅତ୍ୟାଚାରିତ ହୋଇ ପ୍ରାଣ ତ୍ୟାଗ କରିଛନ୍ତି। ତେବେ ଏଠି ଗୋଟିଏ ପ୍ରଶ୍ନ ଆସୁଛି କ'ଣ ସତରେ ପୁରୁଷ ଏତେ ଦୁର୍ବଳ ହୋଇଗଲାଣି ଯେ କିଛି ରାସ୍ତା ନ ପାଇ ଆତ୍ମହତ୍ୟାର ବାଟ ବାଛିନେଉଛି। ଏମିତି ବହୁ ଘଟଣା ଏବେ ଘଟୁଛି ଏବଂ ଅତୀତରେ ମଧ୍ୟ ଘଟିସାରିଛି। ତେବେ ଅସଂଖ୍ୟ କୁଆ ଆଗେ ଗୋଟିଏ ପାରାର ରାବ ଶୁଭିପାରିନାହିଁ। ଅନେକ ସମୟରେ ମହିଳାଙ୍କୁ ସୁରକ୍ଷା ପାଇଁ କରାଯାଇଥିବା ଆଇନକୁ ସେମାନେ କିଛି ସ୍ଥାନରେ ଅସ୍ତ୍ର ରୂପେ ଅପବ୍ୟବହାର କରୁଛନ୍ତି।

ଯଦି ଦେଖିବା ଗତ ୨ ଦଶନ୍ଧି ମଧ୍ୟରେ ମହିଳାମାନେ ଅଧିକ ସଂଖ୍ୟାରେ ମାମଲା ଦାୟର କରୁଛନ୍ତି। ସେଥିମଧ୍ୟରୁ ସର୍ବାଧିକ ମାମଲା ପ୍ରତିଶୋଧପରାୟଣତାରୁ ହେଉଛି। ୨୦୨୦ରେ ଏହିପରି ଜଣେ ମହିଳା ତାଙ୍କର ପୁରୁଷ ବନ୍ଧୁଙ୍କ ନାମରେ ବଳାତ୍କାର ମାମଲା ଦାଏର କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘ ବର୍ଷ ଧରି ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ ବୋଲି ଅଭିଯୋଗ କରିଥିଲେ। କିନ୍ତୁ ଏହା ଗ୍ରହଣଯୋଗ୍ୟ ହେଲାନାହିଁ। ଏହିପରି ଅନେକ ଘଟଣା ଘଟୁଛି। ଏହାର ଅର୍ଥ ନୁହେଁ, ମହିଳାମାନେ ନିର୍ଯାତିତା ହେଉନାହାନ୍ତି କିମ୍ବା ସବୁ ମାମଲା ଉଦ୍ଦେଶ୍ୟମୂଳକ। କିନ୍ତୁ କହିବାର କଥା ହେଉଛି, ପୁରୁଷଙ୍କ ଉପରେ ମିଛ ମାମଲାର ସଂଖ୍ୟା ବଢୁଛି ଏବଂ ଜଣେ ବ୍ୟକ୍ତି ଦଣ୍ଡପାଇ ନିର୍ଦ୍ଦୋଷରେ ଖଲାସ ହେଉଥିବା ଦେଖିବାକୁ ମିଳୁଛି। ଏସବୁ ଘଟଣାବଳୀର ତର୍ଜମା କଲେ, ଏହା ମଧ୍ୟ ସାମ୍ନାକୁ ଆସୁଛି ଯେ ପୁରୁଷମାନେ ଏଭଳି ମିଛ ମାମଲାରୁ ସୁରକ୍ଷା ପାଇବାଯୋଗ୍ୟ। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଓକିଲ ମହେଶ କୁମାର ତିୱାରୀ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ପୁରୁଷ କମିଶନ ଗଠନ ଲାଗି ଆବେଦନ କରିଥିଲେ। ଉକ୍ତ ଆବେଦନରେ ୨୦୨୧ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟକୁ ଆଧାରକରି ଦର୍ଶାଇଥିଲେ ଏବଂ ସେ ଯୁକ୍ତି ବାଢ଼ି କହିଥିଲେ, ୩୩.୨ ଓ ୪.୮ ପ୍ରତିଶତ ପୁରୁଷ ପାରିବାରିକ ଓ ବିବାହଜନିତ ସମସ୍ୟା ଯୋଗୁ ଆତ୍ମହତ୍ୟା କରିଛନ୍ତି। ଏହି ତଥ୍ୟ ପ୍ରମାଣ କରୁଛି କି, ପୁରୁଷ ନିର୍ଯାତନା କେତେ ଗୁରୁତର ହେବାକୁ ଯାଉଛି ଏବଂ ମହିଳା ସୁରକ୍ଷା ଆଇନର କିପରି ଅପବ୍ୟବହାର ହେଉଛି। କିନ୍ତୁ ଏହା ସତ୍ତ୍ୱେ ପୁରୁଷ କମିଶନ ଗଠନ ପ୍ରସ୍ତାବକୁ ସୁପ୍ରିମ କୋର୍ଟ ୨୦୨୩ ଜୁଲାଇରେ ଖାରଜ କରିଦେଇଥିଲେ।



କର୍ମକ୍ଷେତ୍ରରେ ହେଉ କିମ୍ବା ଘରେ ଯଦି ଜଣେ ପୁରୁଷ କ'ଣ ଟିକେ କହିଦେଉଛନ୍ତି, ମହିଳା ଜଣକ ଆଇନ ବ୍ୟବସ୍ଥାକୁ ଢାଲକରି ଅଭିଯୋଗ ଲଗାଉଛି, ଡରାଉଛି ବା ଧମକାଉଛି। ତେଣୁ ପୁରୁଷଟିଏ ଲୋକଲଜ୍ଜାରେ ଚୁପ୍ ରହୁଛି। କେତେକେ ମୁହଁଖୋଲି ବିବାଦ, ଛାଡ଼ପତ୍ର ବା ଆପୋସ ସମାଧାନ କରୁଛନ୍ତି କିମ୍ବା ଅତୁଲ ସୁଭାଷଙ୍କ ଭଳି ଜୀବନ ହାରିଦେଉଛନ୍ତି। ଏହା ନିଶ୍ଚିନ୍ତ ଯେ, ବର୍ତ୍ତମାନ ଯୌତୁକ ନିର୍ଯାତନା ହାର କମିଛି। କିନ୍ତୁ ସୋସିଆଲ ମିଡିଆରେ ବ୍ଲାକ୍‌ମେଲିଂ, ପରକୀୟା ପ୍ରୀତି ଆଦି ଅପରାଧ ବଢ଼ିଛି। ପୁରୁଷ ଓ ମହିଳା ସମକକ୍ଷ ହୋଇଯିବାରୁ ନିଜ ନିଜର ଅଧିକାର ପାଇଁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲିଯାଉଛନ୍ତି। ତେଣୁ ସମାଜରେ ପୁରୁଷ ଆତ୍ମହତ୍ୟା ହେଉ କିମ୍ବା ଇଞ୍ଜିନିୟର ଅତୁଲଙ୍କ ମାମଲା ସମାଜ ପାଇଁ ଏକ ଚେତାବନୀ। ଏଥିପାଇଁ ନ୍ୟାୟ ବ୍ୟବସ୍ଥା ଦାୟୀ। ଯଦି ଅଧିକ ସଂଖ୍ୟାରେ ଥିବା କୌଣସି ଗୋଷ୍ଠୀ ନିର୍ଯାତିତ କିମ୍ବା ପ୍ରଭାବିତ ହେଉଥା'ନ୍ତି ତାଙ୍କ ସୁରକ୍ଷା ପାଇଁ କମିଶନ ଗୋଟିଏ ପ୍ଲାଟ୍‌ଫର୍ମ ଭଳି କାମକରେ ; ଯେମିତି ସଂଖ୍ୟାଲଘୁ ଓ ଏସ୍‌ସିଏସ୍‌ଟି କମିଶନ। ଥାନା କଚେରି ନ ଦେଇ ଆଇନ ପରିସର ଭିତରେ ଆପୋସ ସମାଧାନ ପାଇଁ କମିଶନ କାର୍ଯ୍ୟ କରିଥାଏ। ପୁରୁଷ କମିଶନର ଆବଶ୍ୟକତା ନାହିଁ। ମହିଳା କମିଶନରେ ଉଭୟ ମହିଳା ଓ ପୁରୁଷ ପକ୍ଷଙ୍କ ଅଭିଯୋଗ ଶୁଣି ବିଚାର କରାଯାଏ। କାହାକୁ ଦଣ୍ଡ ଦେବା ଲାଗି କମିଶନର ଅଧିକାର ନାହିଁ। ସେମାନେ କେବଳ କାଉନ୍‌ସେଲିଂ ମାଧ୍ୟମରେ ସମାଧାନ କରନ୍ତି କିମ୍ବା ପୋଲିସକୁ କେସ୍ ବିଷୟରେ ଜବାବ ମାଗନ୍ତି। ପୁରୁଷ କମିଶନ ହେଲେ ସମାଜରେ ବିଭକ୍ତୀକରଣ ସୃଷ୍ଟିହେବ। ଅର୍ଥାତ୍ କିଛି ଅସୁବିଧା ହେଲେ ମାଆ, ସ୍ତ୍ରୀ ବା ଭଉଣୀ ମହିଳା କମିଶନକୁ ଯିବେ ଆଉ ବାପା, ଭାଇ, ସ୍ୱାମୀ ମଧ୍ୟ ପୁରୁଷ କମିଶନକୁ ଯିବେ। ଏମିତି ହେଲେ ପରିବାର ବିଭକ୍ତ ହୋଇଯିବ। ଏଣୁ ଯେଉଁ ଆଇନ ବ୍ୟବସ୍ଥା ଅଛି ତାକୁ ସୁଦୃଢ଼ କରାଯାଉ ଏବଂ କୋର୍ଟରେ ତାରିଖ ନ ଗଡ଼ାଇ ମାମଲାର ବିଚାର ଯଥାଶୀଘ୍ର କରାଯାଉ।

ଯଦି ଅନ୍ୟ ଦିଗଟି ଦେଖିବା, ଅର୍ଥାତ୍ ପୁରୁଷ କମିଶନର ଆବଶ୍ୟକତାକୁ ନେବା ତେବେ ଏହାର ଯଥାର୍ଥତା ଅନେକ ରହିଛି। କାରଣ ଲିଙ୍ଗଗତ ଦୃଷ୍ଟିରୁ ଯଦି ପୁରୁଷ ମହିଳା ସମାନ ତେବେ ଏହା ଗଠନ ହେବା କଥା ନିଶ୍ଚିନ୍ତ। କାରଣ ଏକ ରିପୋର୍ଟକୁ ଆଧାରକରି ଯଦି ନେବା ଭାରତରେ ପ୍ରତି ଘଣ୍ଟାରେ ପ୍ରାୟ ୪ଜଣ ଓ ବର୍ଷକୁ ୩୧,୫୦୦ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଏହା କହିବାର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ପାଇଁ ଯଦି ଏତେ ଆଇନ ବ୍ୟବସ୍ଥା ଥାଇ ମଧ୍ୟ ସେମାନେ ସୁରକ୍ଷିତ ନୁହନ୍ତି ତେବେ ପୁରୁଷମାନେ ମଧ୍ୟ ମଣିଷ, ତାଙ୍କ ପାଇଁ କୌଣସି ଆଇନ ବ୍ୟବସ୍ଥା ହିଁ ନାହିଁ, ତେବେ ସେମାନେ କେତେ ସୁରକ୍ଷିତ ହୋଇପାରିବେ। ଉପରେ ଆଲୋଚନା କରିଥିଲେ କି କିପରି କେତେଜଣ ମହିଳା ଆଇନର ଅପବ୍ୟବହାର କରୁଛନ୍ତି। ତେବେ ଯେଉଁ ନିରୀହ ମହିଳାଙ୍କ ପାଇଁ ଆଇନ ଗଢ଼ାଯାଇଛି ସେମାନେ ତାହାର ଲାଭ ଉଠାଇପାରୁ ନାହାନ୍ତି ବରଂ କେତେଜଣ ମହିଳା ଏହାର ଅପବ୍ୟବହାର କରୁଛନ୍ତି। ତେବେ ପୁରୁଷ କମିଶନ ଗଠନ କରିବାରେ କ'ଣ ଅସୁବିଧା। ଗଠନ ହେଲେ କେତେକେ ଏହାର ଅପବ୍ୟବହାର କରିବେ ଆଉ କେତେଜଣ ପୁରୁଷ ତ ସୁରକ୍ଷା ପାଇପାରିବେ। ତେବେ ବେଳ ଥାଉ ଥାଉ କାହିଁକି ବନ୍ଧ ନ ବାନ୍ଧିବା। ନଚେତ୍ ଦିନ ଆସିବ ମହିଳାମାନେ ଯେପରି ଅବସ୍ଥା ଭୋଗୁଥିଲେ ସେହି ଅବସ୍ଥା ପୁରୁଷମାନେ ଭୋଗିବାକୁ ପ୍ରସ୍ତୁତ ହୋଇଯିବେ।

ମୋ: ୭୬୦୬୯୯୬୦୫୩

## ଏଇ ଭାରତରେ

ଚୋର ବିଭିନ୍ନ ଜିନିଷ ଚୋରି କରିବା କଥା ସମସ୍ତେ ଶୁଣିଥିବେ। ହେଲେ ଚୋରି କରିଥିବା ଜିନିଷକୁ ଚୋର କେବେ ସେହି ସ୍ଥାନକୁ ଫେରାଇବାକୁ ଆସିବା କଥା ଶୁଣିଛନ୍ତି! ଏକଥା ହୁଏତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମନେ ହୋଇପାରେ। ମାତ୍ର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାଜସ୍ଥାନର ବିକାନେରର ତୋଲିଆସର ଗାଁରେ। ଏହି ଗାଁରେ ଥିବା କାଳଭୈରବଙ୍କ ମନ୍ଦିର ଆଗରୁ କିଛି ଦିନ ତଳେ ଏକ ମୋଟର ସାଇକେଲ ଚୋରି ହୋଇଯାଇଥିଲା। ମନ୍ଦିର ପୂଜାରେ ସାମିଲ ହେବା ପାଇଁ ଜଣେ ଯୁବକ ବାହାରେ ଗାଡି ରଖି ମନ୍ଦିର ଭିତରକୁ ଯାଇଥିଲେ। ମାତ୍ର ଫେରିବା ବେଳକୁ ତାଙ୍କ ଗାଡି ଚୋରି ହୋଇଯାଇଥିଲା। ମନ୍ଦିର ବାହାରେ ଲାଗିଥିବା ସିସିଟିଭି ଫୁଟେଜ୍ ଦେଖିବା ପରେ ଏହା ସ୍ପଷ୍ଟ ଜଣାପଡିଥିଲା। ଏହାପରେ ପୋଲିସ ଏହି ଘଟଣାରେ ପଚରାଉଚରା ଆରମ୍ଭ କରି ଚୋର ଖୋଜିବାରେ ଲାଗି ପଡିଥିଲା। ହେଲେ ପୋଲିସ ଚୋର ନିକଟରେ ପହଞ୍ଚିବା ପୂର୍ବରୁ ଚୋର ନିଜେ ଆସି ଗାଡି ଫେରାଇ ଦେଇ ଯାଇଥିଲେ। ଗାଡି ଚୋରି ହେବାର ଠିକ୍ ଦୁଇ ଦିନ ପରେ ଚୋର ମନ୍ଦିର ସାମ୍ନାକୁ ଆସି ଯଥା ସ୍ଥାନରେ ଗାଡି ରଖି ଦେଇ ଯାଇଥିଲେ। ଖାଲି ସେତିକି ନୁହେଁ ଚୋରି କରିଥିଲେ ବୋଲି ପଶ୍ଚାତାପ କରି ଭୁଲ୍ ମାଗିବା ସହିତ ବସ ଉଠ ହୋଇ ଠାକୁରଙ୍କ ଆଗରେ କ୍ଷମା ପ୍ରାର୍ଥନା ବି କରିଥିଲେ। ଏସବୁ ଦୃଶ୍ୟ ରେକର୍ଡ ହୋଇଥିଲା ସିସି ଟିଭିରେ। ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜୋରଦାର ଚର୍ଚ୍ଚା ହେଉଛି। କେତେଜଣ କହୁଛନ୍ତି ପ୍ରଭୁ କାଳଭୈରବଙ୍କର କୃପାରୁ ଏପରି ହେଲା ତ ଆଉ କେତେକଙ୍କ ମତରେ ମାନବିକତା ଥିବାରୁ ଚୋର ଏପରି କରିଛି।

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,


ନିଜର ପ୍ରଚାର ଓ ପ୍ରସାର ପାଇଁ,ବହୁ ଯତ୍ନ ସହକାରେ ଆମେ ବୃକ୍ଷରୋପଣ କରୁଛେ ସତ, କିନ୍ତୁ ପରବର୍ତ୍ତୀ ସମୟରେ ଏବଂ ଗଛ ଲଗାଇବା ପରେ ସେଠାକୁ ଆଉ ଯାଉନାହାନ୍ତି। ଫଳରେ ଯତ୍ନ ଅଭାବରୁ ସେସବୁ ଝାଉଁଳି ଶୁଖି ଡାଙ୍ଗ। ଦାୟିତ୍ୱ ଅଭାବରୁ କରିପାରୁନାହେଁ ରୋପିତ ଚାରା ବୃକ୍ଷରେ ମୁନ୍ଦାଏ ଜଳସିଞ୍ଚନ। ରୋପିତ ବୃକ୍ଷ ତା'ର ଚେର ବିସ୍ତାର କରି ବଞ୍ଚି ପାରିଲା ପର୍ଯ୍ୟନ୍ତ ତା'ର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଗଛକୁ ବଞ୍ଚାଇବାରେ ନିଜର ସହୃଦୟତା ଓ ମହତ୍ ଉଦ୍ଦେଶ୍ୟ ପ୍ରତିପାଦନ କରିବା କର୍ତ୍ତବ୍ୟ ହେବା ଉଚିତ। ସରକାର ନିୟମିତ ବ୍ୟବଧାନରେ ରୋପିତ ବୃକ୍ଷ ଚାରାରେ ପାଣି ମୁନ୍ଦାଏ ଦେବାରେ ପଦକ୍ଷେପ ଗ୍ରହଣ କଲେ ଭଲହୁଅନ୍ତା। ଏହାସହିତ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗ୍ରାମବାସୀ ନିଜର ଦୈନିକ କର୍ମବ୍ୟସ୍ତତା ମଧ୍ୟରୁ କିଛି ସମୟ ବାହାର କରି ରାସ୍ତାକଡ଼ର ବୃକ୍ଷ ମୂଳରେ ପାଣି ଦେଲେ ପରିବେଶ ସୁରକ୍ଷାର ଶିକ୍ଷଣୀୟ ପ୍ରେରଣା ଯୋଗାଇବ। ବିଶେଷତଃ, ରାଜପଥକୁ ଦୁଇଭାଗ କରୁଥିବା ମଧ୍ୟଭାଗରେ ବହୁ ଗଛ ଲଗାଯାଇଛି। ପାଣିଦେବା ଅଭାବରୁ ସେସବୁ ବଢିପାରୁନାହିଁ। ସେହିପରି ପଥପାର୍ଶ୍ୱରେ ଛାଇ ଓ ଶୀତଳ ପ୍ରଦାନ ନିମନ୍ତେ ନୂତନ ଭାବେ ବହୁ ଗଛ ବାଉଁଶ ଏବଂ ଲୁହା ଜାଲି ଭିତରେ ଲଗାଯାଇଛି ଯାହା ଅତ୍ୟନ୍ତ ପ୍ରଶଂସନୀୟ।

–ଅଶୋକ କୁମାର ଆଢ଼୍ୟ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ବି ଚେସ୍ ; ସାର୍ଥକ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ପୋଖରୀପୁଟଠାରେ ଥିବା ଆର୍‌ବି ଚେସ୍ ସେଣ୍ଟର୍ ଆନୁକୁଲ୍ୟରେ ଅନୁଷ୍ଠିତ ଚେସ୍ ଟୁର୍ନାମେଣ୍ଟରେ ସାର୍ଥକ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ବିନିଥ ନାୟକ ରନରଅପ୍ ଏବଂ ସତ୍ୟ ସ୍ୱରୂପ ତ୍ରିପାଠୀ ୨ୟ ରନରଅପ୍ ହୋଇଛନ୍ତ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଆଦ୍ୟା ଅଭିତ ଦାସ, ରୁଦ୍ର ପ୍ରତାପ ସାହୁ, କନିଥ୍ ବେଦାନ୍ତ, ସୁଶ୍ରୀ ସଙ୍ଗୀତା ତ୍ରିପାଠୀ, ସତ୍ୟ ନାରାୟଣ ସ୍ୱାଇଁ, ଇହାନ ଚୌଧୁରୀ ଏବଂ ସାଇ ଶ୍ରେୟଂସ ଟପ୍-୧୦ ଫିନିଶ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟ ଗୁଇନ୍ଦା ଇନସ୍ପେକ୍ଟର ପ୍ରିୟଦର୍ଶନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଷ୍ଠାତା ପି.ବି. ସାମନ୍ତସିଂ ଏବଂ ମୁଖ୍ୟ ପ୍ରଶିକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ କରାଟେ ଗ୍ରେଡିଂରେ ୩୫୦ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲ ପରିସରରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ଏହାର ବିଭିନ୍ନ ବେଲ୍ଟ ପରୀକ୍ଷାରେ ମୋଟ ୩୫୦ କରାଟେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱରର ସତ୍ୟନଗର, ଡୁମୁଡୁମା, ରଶ୍ମିବିହାର, ପଟିଆ, ଚନ୍ଦ୍ରଶେଖରପୁର, ଟଙ୍କପାଣି , ରସୁଲଗଡ଼, କଳ୍ପନା, ଡେକାଥଲନ, ଉରାଳି ଓ ମୁଖ୍ୟ କାର୍ଯ୍ୟାଳୟରୁ ପିଲାମାନେ ବ୍ରାଉନ୍, ବ୍ଲୁ, ଗ୍ରୀନ୍, ଅରେଞ୍ଜ୍, ୟେଲୋ ବେଲ୍ଟରେ ପରୀକ୍ଷା ଦେଇଥିଲେ। ସେନ୍‌ସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ରାହୁଲ ପ୍ରଧାନ, ଆଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର ୧୮ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ଦଳ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୬୫ ରନ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୩୫ ଓଭରରେ ୧୯୯ ରନ୍‌କରି

## କମଳା ପରିଡ଼ା ସ୍ମାରକୀ ୧୮ ବର୍ଷରୁ କମ୍ କ୍ରିକେଟ

ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶାଶ୍ୱତ ରାଉତ ସର୍ବାଧିକ ୪୮ ଓ ସୋହମ୍ ପଟ୍ଟନାୟକ ୩୮ ରନ୍ କରିଥିଲେ। ଅତିରିକ୍ତଭାବେ ପାରାମାଉଣ୍ଟ ବୋଲର ୩୮ ରନ୍ ବ୍ୟୟ କରିଥିଲେ। ଅଧିନାୟକ ସ୍ୱାଗତ ମିଶ୍ର ୪ଟି ଏବଂ ବିଜୟ ସିଂ ଓ ପ୍ରଜ୍ଞା କୁମାର ପତ୍ରି ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୦ ରନ୍ ବିଜୟ ଲକ୍ଷ୍ୟରେ ପାରାମାଉଣ୍ଟ ୩୨.୪ ଓଭରରେ ୧୩୪ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା।



ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳି ଓ ଅତିଥିମାନେ।

ସେକ୍ ନକିବ ସର୍ବର ୩୨ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶୁଭ୍ରକାନ୍ତ ପରିଡ଼ା ଓ ସୋହମ୍ ପଟ୍ଟନାୟକ ୩ଟି ଲେଖାଏ ଏବଂ ସ୍ୱୟମ୍ ପଣ୍ଡା ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସୋହମ୍ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପାରାମାଉଣ୍ଟର ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ସିରିଜ, ରାମେଶ୍ୱରର ଶୁଭାଶିଷ ମଲିକ ଶ୍ରେଷ୍ଠ ବ୍ୟାଟର, ଶୁଭ୍ରକାନ୍ତ ପରିଡ଼ା ଶ୍ରେଷ୍ଠ ବୋଲର ଓ ତୀର୍ଥଙ୍କର ସାହୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଅମ୍ପାୟର ସାରାଂଶ କୁମାର ଓ ପ୍ରିୟବ୍ରତ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମିର ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଉପସଭାପତି ରାଧାନାଥ ମହାପାତ୍ର, ବିଏସ୍‌ଏନ୍‌ଏଲ୍‌ର ସହକାରୀ ଜେନେରାଲ ମ୍ୟାନେଜର ଅରବିନ୍ଦ ପ୍ରସାଦ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ପରେଶ ପଟେଲ, କୋଷାଧ୍ୟକ୍ଷ ବିଜୟ କୁମାର ରଥ, ପୂର୍ଣ୍ଣ ମହାରଣା, ନିର୍ମଳ ବିଶ୍ୱାଳ, ମାନସ ସାହୁ, ବିଶ୍ୱଜିତ ମଲିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ରାଜ୍ୟ ନନ୍‌ଚାକୁ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଥମ ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ସବ୍‌ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର ମହିଳା ଏବଂ ପୁରୁଷ ବର୍ଗରେ ମୋଟ ୮୨ ପ୍ରତିଯୋଗୀ ଭାଗ ନେଇଥିଲେ। ନନ୍‌ଚାକୁ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ବାବୁଲ ବର୍ମା ଏବଂ ମିଡିଆ ସଂଯୋଜକ ବିଜୟ ଖୁସ୍‌ୱାହା ଉପସ୍ଥିତ ରହି ଏକ ନନ୍‌ଚାକୁ ବୈଷୟିକ ସେମିନାର ଆୟୋଜନ କରିବା ସହ ପ୍ରତିଯୋଗିତାର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ। ଓଡ଼ିଶା ରାଜ୍ୟ ନନ୍‌ଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ଖାରବେଳ ମଲ୍ଲିକ, ସନ୍ତୋଷ କୁମାର ମହାରଣା, ଅବିନାଶ ପୁହିର, ସପନ କୁମାର ମିଶ୍ର, ପ୍ରଦୀପ କୁମାର, ବିଜନ କୁମାର ଦଳବେହେରା, ବିଜୟ କୁମାର ସାମଲ, ବିଜୟ କୁମାର ମୁଣ୍ଡା, ସର୍ବେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ସନ୍ତରଣରେ ଲୁକାସ ମାର୍ଟେନ୍ସଙ୍କ ନୂଆ ବିଶ୍ୱ ରେକର୍ଡ

**ଷ୍ଟକ୍‌ହାମ,୧୩।୪(ଏପି)**

ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି। ସ୍ୱିମ୍ ଓପନ୍ ଷ୍ଟକ୍‌ହାମରେ ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି। ଶନିବାର ଅନୁଷ୍ଠିତ ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ। ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ୱ ରେକର୍ଡ ଥିଲା। ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ଅଲକାରାଜଙ୍କୁ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟାଇଟଲ

**ମୋନାକୋ, ୧୩।୪ (ଏପି):** କାର୍ଲୋସ ଅଲକାରାଜ ଚଳିତ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଷଷ୍ଠ ମାଷ୍ଟର୍ସ ଓ ମୋଟ ଉପରେ ୧୮ତମ ଟାଇଟଲ। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୨୧ ବର୍ଷୀୟ ଅଲକାରାଜ ୩-୬, ୬-୧, ୬-୦ ସେଟରେ ଆହତ ସମସ୍ୟା ଦେଇ ଗତି କରୁଥିବା ଲରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଯୋଗୁ ଅଲକାରାଜ ଏଟିପି ର୍‍ୟାଙ୍କିଙ୍ଗ୍ସରେ ନଂ-୨କୁ ଉନ୍ନୀତ ହେବେ ବୋଲି ଜଣାପଡ଼ିଛି। ମ୍ୟାଚ୍‌ର ଶେଷ ତଥା ତୃତୀୟ ସେଟରେ କ୍ୟାରିୟରରେ ପ୍ରଥମ ଥର ପାଇଁ ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟର ଫାଇନାଲ ଖେଳୁଥିବା ୨୩ ବର୍ଷୀୟ ମୁସେଟିଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ଏଥିଲାଗି ସେ କୋର୍ଟ ଉପରେ ଚିକିତ୍ସା କରାଇଥିଲେ। ଏହାସତ୍ତ୍ୱେ ମ୍ୟାଚର ଶେଷ ଆଡ଼କୁ ସେ ଠିକ ମୁଭ କରିପାରୁନଥିଲେ। 'ମୁଁ ଏଭଳି ମ୍ୟାଚ ଜିତିବାକୁ ଚାହେଁ ନାହିଁ। ମୁଁ ସତରେ ମୁସେଟିଙ୍କ ଲାଗି ଦୁଃଖିତ। ପ୍ରଥମ ଥର ମଣ୍ଟେ କାର୍ଲୋ ଜିତିଥିବାରୁ ଖୁସି ଅଛି। ପୂରା ଟୁର୍ନାମେଣ୍ଟରେ ମୁଁ ଯେଉଁ ଭଳି ଖେଳିଲି, ସେଥିଲାଗି ମୁଁ ଗର୍ବିତ' ବୋଲି ଅଲକାରାଜ କହିଛନ୍ତି।

# ପ୍ରତି ଛକା, ଉଇକେଟ ଲାଗି ୧ ଲକ୍ଷ

**କରାଚି, ୧୩।୪:** ବର୍ତ୍ତମାନ ପରିସ୍ଥିତିରେ ପାଲେଷ୍ଟାଇନକୁ ସହାୟତା ଯୋଗାଇବା ଲାଗି ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ଦଳ ମୁଲ୍‌ତାନ ସୁଲ୍‌ତାନ ପକ୍ଷରୁ ଏକ ଚାରିଟେବଲ ଅଭିଯାନ ଘୋଷଣା କରାଯାଇଛି। ଦଳୀୟ ଖେଳାଳିମାନେ ଚଳିତ ପିଏସ୍‌ଏଲ୍‌ରେ ମାରିବାକୁ ଥିବା ପ୍ରତ୍ୟେକ ଛକା ଏବଂ ନେବାକୁ ଥିବା ପ୍ରତି ଉଇକେଟ ଲାଗି ୧ ଲକ୍ଷ ପାକିସ୍ତାନୀ ଟଙ୍କା ବା ୩୫୬ ଆମେରିକୀୟ ଡଲାର ପାଲେଷ୍ଟାଇନର ଚ୍ୟାରିଟି ଲାଗି ଦିଆଯିବ। ଆମେ ଚଳିତ ପିଏସ୍‌ଏଲ୍ ସିଜନରେ ପାଲେଷ୍ଟାଇନରେ ଥିବା ଚ୍ୟାରିଟି ଫାଉଣ୍ଡେଶନକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛୁ। ମୁଲ୍‌ତାନ ସୁଲ୍‌ତାନର ଯେକୌଣସି ବ୍ୟାଟର ଛକା ମାରିଲେ, ଆମେ ପାଲେଷ୍ଟାଇନର ଚ୍ୟାରିଟିକୁ ୧ ଲକ୍ଷ ଟଙ୍କା ଦେବୁ। ଆମ ବୋଲରମାନେ ବି ଏହି ଅଭିଯାନର ଅଂଶ ହେବାକୁ ଚାହୁଁଛନ୍ତି। ଏଣୁ ଆମେ ପ୍ରତି ଉଇକେଟ ପିଛା ୧ ଲକ୍ଷ ଟଙ୍କା ଦାନ କରିବୁ। ମୁଖ୍ୟତଃ ଛୁଆଙ୍କ ଲାଗି କାମ କରୁଥିବା ଚ୍ୟାରିଟି ପାଇଁ ଆମେ ଏହି ଦାନ କରିବୁ ବୋଲି ଫ୍ରାଞ୍ଚାଇଜ୍‌ର ମାଲିକ କହିଛନ୍ତି।


# Classified Everyday
**0674-2580101, 9692975378**


**REAL ESTATE**
**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439


**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377


Healthcare

Positively health benefited SPA by expert female therapist. 9114559860. D-76907

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Newly open Jyoti SPA positively health benefits (Expert therapist). 8458067955. D-76908

**AFFIDAVIT**

By virtue of an affidavit sworn before the Notary Public, Nuapada, I, Hemalata Sinha @ Kalar, D/o- Balaram Sinha, W/o- Santosh Kalar, R/o- Gadtor, P.S./Dist.- Nuapada, Odisha declare that in Bank of Baroda S.B Ac No.-87300100003669 my name has been mentioned as Hemalata Kalar. That in Aadhaar Card vide No.-xxxx xxxx 5900 my name has been mentioned as Hemalata Sinha. That both the names is one and same person. D-159

By virtue of an affidavit sworn before Executive Magistrate, Tangi, on dated 19.03.2025, I, Puja Parida, D/o- Laxmidhar Parida, At- Godipatana Sahi, P.O./P.S.- Tangi, PIN- 752023, Dist.- Khorda, declare that I have changed my name from Puja Parida to Parida Pooja Laxmidhar. Henceforth, I shall be known as Parida Pooja Laxmidhar for all purposes. D-157

I, Binay Ekka, S/o- Libnus Ekka, R/o- At- Kiralaga, P.O.- Kurumkel, Dist.- Sundargarh declare that in Aadhaar Card bearing No.- xxxx xxxx 5129 my name has been wrongly mentioned as Biraj Ekka instead of Binay Ekka. By this affidavit No.-1394, dated 09.04.2025 sworn before the Executive Magistrate, Subdega I have changed my name to Binay Ekka for all future purposes. D-156

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384 6@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

**LOST**

ହଜିଯାଇଥିବା ମୂଳ କବଲା- ମୁଁ, ଇ ଶ୍ରୀଧର ପାତ୍ର, ପିତା- ନାଗେଶ୍ୱର ପାତ୍ର, ପ୍ଲଟ୍ ନଂ- ୩୨, ଗୌତମ ନଗର, ପୋଷ୍ଟ- ବିଜେବି ନଗର, ଭୁବନେଶ୍ୱର, ଖୋର୍ଦ୍ଧାରେ ବାସ କରୁଅଛି। ମୋବାଇଲ୍ ନମ୍ବର- ୯୪୩୮୦୨୪୭୧୪, ହଜିଯାଇଥିବା କବଲାର ବିବରଣୀ: ଖାତା ନମ୍ବର- ୧୦୫୭/୩୧୩୯, ପ୍ଲଟ୍ ନମ୍ବର- ୧୩୬୫/୩୯୫୫/୪୯୦୫, କ୍ଷେତ୍ର ୦.୦୨୧ ଡିସିମିଲି ଏବଂ ଖାତା ନମ୍ବର- ୧୦୫୭/୩୨୮୨, ପ୍ଲଟ୍ ନମ୍ବର- ୧୩୬୫/୩୯୫୫/୪୯୦୪, କ୍ଷେତ୍ର ୦.୦୪ ଡିସିମିଲି ଏବଂ ଖାତା ନମ୍ବର- ୧୦୫୭/୩୧୮୬, ପ୍ଲଟ୍ ନମ୍ବର- ୧୩୭୧/୩୯୫୪, କ୍ଷେତ୍ର- ୦.୦୧୯ ଡିସିମିଲି ଏବଂ ପ୍ଲଟ୍ ନମ୍ବର- ୧୩୬୫/୩୯୫୫/ ୪୯୦୪/୪୯୯୨, କ୍ଷେତ୍ର- ୦.୧୩ ଡିସିମିଲି, ବିକ୍ରୟ ଡିଡ୍ ନମ୍ବର- ୧୧୦୮୨୧୧୧୯୦୮, ତାରିଖ- ୦୪।୧୦।୨୦୨୧ ଏବଂ ନଂ.- ୧୧୦୮୨୩୦୬୯୫୦, ତାରିଖ- ୨୩।୦୫।୨୦୨୩ ଏବଂ ନଂ.- ୧୧୦୮୨୧୧୧୯୨୨, ତାରିଖ- ୦୪।୧୦।୨୦୨୧, **SBI RACPC,** ଭୁବନେଶ୍ୱରରୁ ଗୃହ ଋଣ (**BR** କୋଡ୍- ୦୪୪୮୫)ରୁ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ ଶ୍ରୀ ବଳରାମ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ପୂର୍ବ ମୂଳ ବିକ୍ରୟ ଡିଡ୍ ନଂ- ୧୦୫୩୭, ତାରିଖ- ୧୩।୧୦।୨୦୦୬ ଏବଂ ବିକ୍ରୟ ଡିଡ୍ ନଂ.- ୧୦୪୨୨, ତାରିଖ- ୧୧।୧୦।୨୦୦୬ କାଦମ୍ବିନୀ ପାତ୍ରଙ୍କ ସପକ୍ଷରେ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ ଏବଂ ବିକ୍ରୟ ଡିଡ୍ ନଂ- ୧୧୦୮୨୦୧୧୨୦୦, ତାରିଖ- ୨୪।୧୨।୨୦୨୦ରେ, ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ, ସୁକଦେବ ମାର୍ଥାଙ୍କ ସପକ୍ଷରେ ଏବଂ ବିକ୍ରୟ ଡିଡ୍ ନଂ.- ୧୧୦୮୨୦୦୫୩୨୦ ଥିବା ବିକ୍ରୟ ଡିଡ୍, ସୁକଦେବ ମାର୍ଥାଙ୍କ ସପକ୍ଷରେ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ତାରିଖ ୧୫।୦୭।୨୦୨୦ରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା ଏବଂ ମୂଳ ଖାତା ନଂ- ୧୦୫୭/୧୬୯୭ ତାରିଖ ୧୦।୦୪।୨୦୨୫ରେ ପଳାସୁଣୀ ଅଞ୍ଚଳରେ କବଲା ହଜିଯାଇଥିଲା। ଏହି ସମ୍ପର୍କରେ ମୁଁ ମଞ୍ଚେଶ୍ୱର ପୋଲିସ୍ ଷ୍ଟେସନ, ଭୁବନେଶ୍ୱରରେ ରିପୋର୍ଟ ଦାଖଲ କରିଛି, କ୍ରମିକ ନଂ.- ୦୧୫, ତାରିଖ- ୧୨।୦୪।୨୦୨୫ରିଖା ଧ-୧୬୦

# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ସ୍ୱ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
(ପୂର୍ବତନ ରାଜ୍ୟ ସୂଚନା କମିଶନର)
ପୋଖରୀପୁଟ, ଭୁବନେଶ୍ୱର
ଆପଣ ଚାରି ବର୍ଷ ହେଲା କନ୍ଦାଇ ଦେଇ ଚାଲିଗଲେ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଶୋକାକୁଳ ପରିବାର ଓ ବନ୍ଧୁବର୍ଗ।
ଧ-୭୬୦୫୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ସ୍ୱ ଇଂ. ଲଳାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଆପଣ ଚାରି ବର୍ଷ ହେଲା କନ୍ଦାଇ ଦେଇ ଚାଲିଗଲେ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଶୋକାକୁଳ ପରିବାର ଓ ବନ୍ଧୁବର୍ଗ।
ଧ-୭୬୦୫୧

**୧୮ତମ ଶ୍ରାଦ୍ଧବାର୍ଷିକୀ**
**୧୪।୦୪।୨୦୨୫ (ସୋମବାର)**

**ସ୍ୱ ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୬୨

**ଶ୍ରଦ୍ଧାଞ୍ଜଳି**

**ସ୍ୱ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଳି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ, ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୬୮୪୨

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ Bhubaneswar, Monday, April 14/ 2025

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସର୍ଭେ ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୧୩।୪(ପି.ଟି.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ପ୍ରଭାବଶୀଳତା ଆକଳନ ଲାଗି ଏହାର ସ୍ୱତନ୍ତ୍ର ସର୍ଭେ କରାଯିବା ଆବଶ୍ୟକ ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ପ୍ରସ୍ତାବ ଦେଇଛି। ବର୍ତ୍ତମାନ ଦେଖାଦେଇଥିବା ଚ୍ୟାଲେଞ୍ଜଗୁଡ଼ିକୁ ଦୃଷ୍ଟିରେ ରଖି ଯୋଜନାରେ ସୁଧାର ଆଣିବା ଉପରେ କମିଟି ଜୋର୍ ଦେଇଛି। ପାର୍ଲାମେଣ୍ଟର ବଜେଟ ଅଧିବେଶନ କାଳରେ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳ ବିକାଶ ଏବଂ ପଞ୍ଚାୟତିରାଜ ସଂସଦୀୟ ସ୍ଥାୟୀ କମିଟି ଉକ୍ତ ଯୋଜନାରେ କାର୍ଯ୍ୟଦିବସ ସଂଖ୍ୟା ୧୦୦ରୁ ୧୫୦କୁ ବଢ଼ାଇବା ସହ ଦୈନିକ ମଜୁରି ଅନ୍ୟୂନ ୪୦୦ ଟଙ୍କା କରିବାକୁ ପ୍ରସ୍ତାବ ଦେଇଥିଲା। ଗ୍ରାମାଞ୍ଚଳରେ ନିଯୁକ୍ତି ଗ୍ୟାରେଣ୍ଟି ଦେଉଥିବା ଏହି ଯୋଜନା ପାଇଁ କମ୍ ବ୍ୟୟବରାଦକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ସାମାଜିକ ଅଡିଟ୍ କରାଯିବା ଉପରେ ଗୁରୁତ୍ୱ ଦେଇଥିଲା।

### ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୮ ମୃତ

ବିଶାଖାପାଟଣା, ୧୩।୪

ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଜିଲା କୋଟାଭୁରାଟଲା ଗ୍ରାମ ନିକଟରେ ଥିବା ଏକ ବାଣ ଫ୍ୟାକ୍ଟ୍ରିରେ ରବିବାର ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ୭ ଜଣ ଆହତ ହୋଇଛନ୍ତି। ଦମକଳ ବାହିନୀ, ପୋଲିସ ଏବଂ ସ୍ଥାନୀୟ ଲୋକେ ଫ୍ୟାକ୍ଟ୍ରିରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତଙ୍କୁ ବିଶାଖାପାଟଣାର କିଙ୍ଗ ଜର୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପିଏମ୍‌ଏନ୍‌ଆର୍‌ଏଫ୍ ଫାଣ୍ଡିରୁ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ବିସ୍ଫୋରଣର କାରଣ ସମ୍ପର୍କରେ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ହାଇଦ୍ରାବାଦରେ କେନ୍ଦ୍ରର ୱାକ୍‌ଫ ଆଇନ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ ବିଶାଳ ସମାବେଶ।

# ପଳାଅ ନ ହେଲେ ଜେଲ

## ବିନା ପଞ୍ଜୀକରଣରେ ଆମେରିକାରେ ରହୁଥିବା ବିଦେଶୀଙ୍କୁ ନିର୍ଦ୍ଦେଶ

ୱାଶିଂଟନ୍,୧୩।୪

ଆମେରିକାରେ ବିନା ପଞ୍ଜୀକରଣରେ ୩୦ ଦିନରୁ ଅଧିକ ସମୟ ଧରି ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଟ୍ରମ୍ପ ପ୍ରଶାସନର ନୂଆ ଛାଟ। ଏଣିକି ଏଭଳି ବିଦେଶୀମାନେ ଆମେରିକା ଛାଡ଼ି ପଳାଇବେ ନଚେତ୍ ସେମାନଙ୍କୁ ଜେଲ ଯିବାକୁ ପଡ଼ିବ ବୋଲି ଦେଶର ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦ରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ରେସିପ୍ରୋକାଲ ଟାରିଫ୍ ଲାଗୁ କରିବା ସହ ଆପ୍ରବାସନ ନୀତିକୁ କଠୋର କରିଛନ୍ତି। ଏହା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଡିଏଚ୍‌ଏସ୍ ପକ୍ଷରୁ ଶନିବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ପୋଷ୍ଟ କରାଯାଇଥିବା ଏକ ନିର୍ଦ୍ଦେଶନାମା ବେଆଇନ ଆପ୍ରବାସୀଙ୍କ ମଧ୍ୟରେ ହଡ଼କମ୍ପ ସୃଷ୍ଟି କରିଛି। ଡିଏଚ୍‌ଏସ୍ ଅନୁଯାୟୀ, ଆମେରିକାରେ ବିନା ପଞ୍ଜୀକରଣରେ ୩୦ ଦିନରୁ ଅଧିକ ସମୟ ରହିବା ଏକ ଅପରାଧ। ଯଦି କୌଣସି ବିଦେଶୀ ନାଗରିକ ବିନା ପଞ୍ଜୀକରଣରେ ରହୁଥିବେ ତାଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ କୁହାଯାଇଛି। ବେଆଇନ ଏଲିୟନ୍‌ମାନେ ଆମେରିକାରୁ ନ ପଳାଇଲେ ଉଭୟ ଜେଲଦଣ୍ଡ ଭୋଗିବେ ଓ ଜରିମାନା ମଧ୍ୟ ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଫିସ୍ ଏବଂ ଡିଏଚ୍‌ଏସ୍ ସେକ୍ରେଟାରି କ୍ରିଶି ନୋଏମ୍‌ଙ୍କୁ ଉକ୍ତ ପୋଷ୍ଟରେ ଟ୍ୟାଗ୍ କରାଯାଇଛି। ଏହି ପୋଷ୍ଟ ସମସ୍ତ ବିଦେଶୀ ଏଲିୟନ୍‌ଙ୍କ ପାଇଁ ସ୍ପଷ୍ଟ ସନ୍ଦେଶ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ଯୋଗୁ ଏଚ୍-ଆଇବି କିମ୍ବା ଷ୍ଟୁଡେଣ୍ଟ ଭିଜା ଭଳି ଆଇନଗତ ଭିଜା ଧାରକଙ୍କ ପରମିଟ୍ ଉପରେ ତତ୍କାଳ କୌଣସି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ଏହାଦ୍ୱାରା ଆପ୍ରବାସନ ପ୍ରବର୍ତ୍ତନ ନୀତି ଆହୁରି କଠୋର ହୋଇଛି। ତେବେ ଯେଉଁ ଏଚ୍-୧ବି ଭିଜା ଧାରକ ଚାକିରି ହରାଇ ଗ୍ରେସ୍ ଅବଧି ପରେ ମଧ୍ୟ ଆମେରିକାରେ ରହୁଛନ୍ତି, ସେମାନେ ପ୍ରଭାବିତ ହେବେ। ଯେଉଁମାନେ ଦେଶ ଛାଡ଼ି ନ ଯିବେ, ସେମାନଙ୍କୁ ଦିନକୁ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏପରି କି ଭବିଷ୍ୟତରେ ଆମେରିକାକୁ ପ୍ରବେଶ ପାଇଁ ଅନୁମତି ମଧ୍ୟ ମିଳିବ ନାହିଁ। ସେମାନଙ୍କ ପ୍ରବାସନ ଉପରେ ଆଜୀବନ ରୋକ ଲଗାଯିବ। ଆତ୍ମପ୍ରତ୍ୟର୍ପଣ ସୁରକ୍ଷିତ। ଏହାଦ୍ୱାରା ବିଦେଶୀ ଲାଭାନ୍ୱିତ ହେବେ ବୋଲି ଡିଏଚ୍‌ଏସ୍ ପକ୍ଷରୁ କୁହାଯାଇଛି।

### ଅନ୍‌ଲାଇନ ସ୍ଥାୟୀ ଲୋକ ଅଦାଲତ ସେବା ଆରମ୍ଭ

#### ଦେଶରେ କେରଳ ପ୍ରଥମ

ନୂଆଦିଲ୍ଲୀ,୧୩।୪

ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ଲକ୍ଷ୍ୟ ନେଇ କେରଳ ଦେଶର ପ୍ରଥମ ରାଜ୍ୟ ଭାବେ ଅନ୍‌ଲାଇନ୍ ସ୍ଥାୟୀ ଲୋକ ଅଦାଲତ ସେବା ଆରମ୍ଭ କରିଛି। ଏଥିରେ ଅନ୍‌ଲାଇନରେ ଅଭିଯୋଗ ଦାଏର କରାଯିବା ସହ ଶୁଣାଣି ସୁବିଧା ଉପଲବ୍ଧ ହେବ। କେରଳ ରାଜ୍ୟ ନ୍ୟାୟିକ ସେବା କର୍ତ୍ତୃପକ୍ଷ (କେଇଏଲ୍‌ଏସ୍‌ଏ)ର ଏହି ପଦକ୍ଷେପ ନ୍ୟାୟ ମିଳିବା କ୍ଷେତ୍ରରେ ରହିଥିବା ବ୍ୟବଧାନ ଦୂର କରିବାରେ ପ୍ରଯୁକ୍ତି ଉପଯୋଗ କରାଯିବାର ଏକ ଉଲ୍ଲେଖନୀୟ ଘଟଣା। ନିକଟରେ କେରଳର ଥିରୁଭାନନ୍ତପୁରମ୍, ଏର୍ନାକୁଲମ ଏବଂ କୋଝିକୋଡ଼ରେ ୩ଟି ସ୍ଥାୟୀ ଲୋକ ଅଦାଲତର ଆୟୋଜନ କରାଯାଇଥିଲା। ଏବେ ମଧ୍ୟ ଦୂରଦୂରାନ୍ତ ଅଞ୍ଚଳର ବାଦୀ ଓ ପ୍ରତିବାଦୀମାନଙ୍କୁ ଛୋଟମୋଟ ଦାବି ଉପସ୍ଥାପନ ନିମନ୍ତେ ଏହିସବୁ କେନ୍ଦ୍ରକୁ ଯିବା ପାଇଁ ଦୀର୍ଘପଥ ଅତିକ୍ରମ କରିବାକୁ ପଡୁଥିଲା। ନୂଆ ଡିଜିଟାଲ କେନ୍ଦ୍ର ଯୋଗୁ ଆବେଦନକାରୀ ରାଜ୍ୟର ଯେକୌଣସି ସ୍ଥାନରୁ ଅନ୍‌ଲାଇନରେ ମାମଲା ଫାଇଲ୍ କରିପାରିବେ। ଫଳରେ ସେମାନଙ୍କ ସମୟ ଓ ସମ୍ବଳ ସଞ୍ଚୟ ହେବା ସହ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ ନାହିଁ। ଆଗାମୀ ମେ’ରୁ ଏହି ସୁବିଧା ପୂରାଦମ୍‌ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

### ୟୁକ୍ରେନ୍‌ରେ ରୁଷିଆର ମିଶାଇଲ ମାଡ଼: ୨୪ ମୃତ

କିଭ୍,୧୩।୪

ୟୁକ୍ରେନ୍‌ର ସୁମି ସହରରେ ରବିବାର ରୁଷିଆର ମିଶାଇଲ୍ ମାଡ଼ରେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ୮୪ ଜଣ ଆହତ ହୋଇଛନ୍ତି। ପାଲ୍‌ମ ଉତ୍ସବ ପାଳନ ପାଇଁ ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ସମୟରେ ସହର ମଧ୍ୟଭାଗରେ ଲୋକେ ରୁଣ୍ଡ ହୋଇଥିବାବେଳେ ୨ଟି ବାଲିଷ୍ଟିକ୍ ମିଶାଇଲ ମାଡ଼ ହୋଇଥିଲା। ସେଠାରୁ ଧୂଆଁ ଉଠିବା ସହ ମୃତଦେହଗୁଡ଼ିକ ପଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। ଉତ୍ସବ ସମାବେଶ ଉପରେ ରୁଷିଆର ଡବଲ ମିଶାଇଲ୍ ଆକ୍ରମଣକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିନ୍ଦା କରିଛନ୍ତି।

## ରିଭ୍ୟୁ ପିଟିଶନ୍ ଦାଖଲ କରିପାରେ କେନ୍ଦ୍ର

### ବିଲ୍ ଉପରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଭୂମିକା ନେଇ ସୁପ୍ରିମକୋର୍ଟଙ୍କ ରାୟ

ନୂଆଦିଲ୍ଲୀ,୧୩।୪

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ବିରୋଧରେ ରାଜ୍ୟ ସରକାର ଦାଏର କରିଥିବା ମାମଲାର ଶୁଣାଣି କରି ଗତ ୮ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟ ବିରୋଧରେ ରିଭ୍ୟୁ ପିଟିଶନ୍ ଦାଏର ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରସ୍ତୁତି ଚଳାଇଛି। ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତି ଅଯଥା ପକାଇ ରଖିପାରିବେ ନାହିଁ। ରାଜ୍ୟପାଳ ପଠାଇଥିବା ବିଲ୍ ଉପରେ ନିଷ୍ପତ୍ତି ନେବା ନିମନ୍ତେ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ପାଇଁ ୩ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହା ବିରୋଧରେ ମନ୍ତ୍ରଣାଳୟ ରିଭ୍ୟୁ ପିଟିଶନ ଦାଖଲ ଲାଗି ବିଚାର କରୁଛି। ସୁପ୍ରିମକୋର୍ଟଙ୍କ ରାୟ ଯୋଗୁ ରଦ୍ଦ ବିଲ୍ ପୁଣି ସଚଳ ହେବା ପାଇଁ ବାଟ ଖୋଲିଯାଇଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ, କୌଣସି ବିଲ୍ ନିର୍ଦ୍ଦିଷ୍ଟ ଅଧିବେଶନ କାଳରେ ଗୃହୀତ ହୋଇ ନ ପାରିଲେ, ତାହାକୁ ପୁଣିଥରେ ମୂଳ ରୂପରେ କିମ୍ବା ରାଷ୍ଟ୍ରପତି ଦେଇଥିବା ସଂଶୋଧନ ପ୍ରସ୍ତାବ ସହ ପୁନର୍ବାର ବିଧାନସଭାରେ ଉପସ୍ଥାପନ କରିବାକୁ ପଡ଼ିଥାଏ। ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କୁ ମତାମତ ଉପସ୍ଥାପନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇ ନ ଥିବାରୁ ଏହା ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିବା ଆବଶ୍ୟକ ପଡୁଥିବା ଅଧିକାରୀମାନେ କହିଛନ୍ତି।

## ପୁଣି ବିବାଦରେ ତାମିଲନାଡୁ ରାଜ୍ୟପାଳ

### କଲେଜ ପିଲାଙ୍କୁ କହିଲେ ‘ଜୟ ଶ୍ରୀରାମ’ କୁହ

ମଦୁରାଇ,୧୩।୪

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେଇ ଦୀର୍ଘଦିନ ପକାଇରଖିବା ଘଟଣାରେ ଗତ ୮ ତାରିଖରେ ସୁପ୍ରିମକୋର୍ଟରୁ ଭର୍ତ୍ସିତ ହୋଇଥିବା ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ମଦୁରାଇର ଏକ ଇଞ୍ଜିନିୟରିଂ କଲେଜ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ବେଳେ ରାଜ୍ୟପାଳ



ଆର୍.ଏନ୍. ରବି

ଛାତ୍ରୀଛାତ୍ରଙ୍କୁ ଜୟ ଶ୍ରୀରାମ ସ୍ଲୋଗାନ ଦେବାକୁ କହିଥିଲେ। କମ୍ବ ରାମାୟଣମ୍ ଲେଖିଥିବା ପୁରାତନ କବିଙ୍କୁ ସମ୍ମାନ ଦେବାକୁ ଯାଇ ଛାତ୍ରୀଛାତ୍ର ଜୟ ଶ୍ରୀରାମ ଜପ କରିବାକୁ କହୁଥିବା ସମୟର ଭିଡିଓ ଭାଇରାଲ ହୋଇଛି। ଏହା ଶ୍ରୀରାମଙ୍କ ମହାନ ଭକ୍ତଙ୍କ ପାଇଁ ଏକପ୍ରକାର ଶ୍ରଦ୍ଧାଞ୍ଜଳି ହେବ। ଆମେ ସମସ୍ତେ ଜୟ ଶ୍ରୀରାମ କହିବା ବୋଲି ରବି ଶନିବାର କଲେଜ ପିଲାମାନଙ୍କୁ କହିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଶାସକ ଦଳ ଡିଏମ୍‌କେ ସମାଲୋଚନା କରିବା ସହ ତାଙ୍କୁ ଆର୍‌ଏସ୍‌ଏସ୍‌ର ମୁଖପାତ୍ର ବୋଲି କହିଛି। ଏହା ଦେଶର ଧର୍ମନିରପେକ୍ଷତା ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି। କାହିଁକି ରାଜ୍ୟପାଳ ବାରମ୍ବାର ସମ୍ବିଧାନର ଉଲ୍ଲଂଘନ କରିବାକୁ ଚାହୁଁଛନ୍ତି ବୋଲି ଡିଏମ୍‌କେ ମୁଖପାତ୍ର ଧରଣୀଧରନ୍ ପ୍ରଶ୍ନ କରିଛନ୍ତି। ଜୟ ଶ୍ରୀରାମ ସ୍ଲୋଗାନ ପାଇଁ ରାଜ୍ୟପାଳଙ୍କୁ କଂଗ୍ରେସ ବିଧାୟକ ଆସାନ ମୌଲାନା ନିନ୍ଦା କରିଛନ୍ତି। ସେ ଧାର୍ମିକ ବିଚାରଧାରାର ପ୍ରଚାର କରୁଥିବା ଜଣେ ଧର୍ମଗୁରୁ ଭଳି ଭାଷଣ ଦେଉଥିବା ମୌଲାନା କହିଛନ୍ତି।

## ମହାକାଶରୁ ରାତିରେ ଏମିତି ଦିଶୁଛି ଭାରତ

ୱାଶିଂଟନ, ୧୩।୪

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ନିଆଯାଇଥିବା କିଛି ଚମତ୍କାର ଫଟୋକୁ ରବିବାର ଆମେରିକୀୟ ମହାକାଶ ସଂସ୍ଥା (ନାସା) ଏକ୍ସ’ରେ ଶେୟାର କରିଛି। ନାସା ପକ୍ଷରୁ ୪ଟି ଫଟୋ ଶେୟାର କରାଯାଇଛି, ଯେଉଁଥିରେ ଆଇଏସ୍‌ଏସ୍‌ରୁ ରାତ୍ରି ସମୟରେ ମଧ୍ୟପଶ୍ଚିମ ଆମେରିକା, ଭାରତ, ଦକ୍ଷିଣପୂର୍ବ ଏସିଆ ଏବଂ କାନାଡା କିପରି ଦେଖାଯାଉଛି, ତାହା ଜଣାପଡ଼ିଛି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଏହି ୪ ଫଟୋ ମାଧ୍ୟମରେ ଉପରେ ତାରା, ତଳେ ପୃଥିବୀର ବିଭିନ୍ନ ସହରର ଆଲୋକ ଏବଂ ପୃଥିବୀର ଦିଗ୍‌ବଳୟକୁ ଘୋଡ଼ାଇ ରଖୁଥିବା ବାୟୁମଣ୍ଡଳୀୟ ଚମକକୁ ଏକସଙ୍ଗେ ଦେଖାଯାଇପାରିବ।



ନାସା ଶେୟାର କରିଥିବା ଭାରତର ରାତି ସମୟର ଫଟୋ ଅତ୍ୟନ୍ତ ଚମତ୍କାର ହୋଇଛି। ମହାକାଶରୁ ଭାରତର ସହରଗୁଡ଼ିକ ଆଲୋକରେ ଝଲସୁଥିବା ନେଇ ଏହି ଫଟୋରେ ଦେଖିବାକୁ ମିଳିଛି। ତାରାଗୁଡ଼ିକର ଚାଦରରେ ଭାରତ ଆଚ୍ଛାଦିତ ହେବା ପରି ମନେହେଉଛି। ସେହିପରି ଏହି ଫଟୋ ଭାରତର ଘନ ଜନସଂଖ୍ୟାକୁ ମଧ୍ୟ ଦର୍ଶାଉଛି। ଭାରତର ବଡ଼ ବଡ଼ ସହରଗୁଡ଼ିକ ଆଲୋକର ଜାଲ ପରି ବିଛାଇ ହୋଇ ରହିଥିବା ନେଇ ଏହି ଫଟୋରେ ଦେଖିବାକୁ ମିଳିଛି। ମହାକାଶରୁ ଭାରତର ସୌନ୍ଦର୍ଯ୍ୟକୁ ଉକ୍ତ ଫଟୋ ଦର୍ଶାଉଛି ବୋଲି ଅନେକ ୟୁଜର୍ସ କହିଛନ୍ତି। ପୃଥିବୀ ଖୁବ୍ ଆଶ୍ଚର୍ଯ୍ୟଜନକ ହୋଇଥିବା ନେଇ ମଧ୍ୟ ସେମାନେ କହିଛନ୍ତି। ନାସା ଅନୁଯାୟୀ, ଆଇଏସ୍‌ଏସ୍ ପୃଥିବୀଠାରୁ ୩୭୦ରୁ ୪୬୦ କିଲୋମିଟର ଉଚ୍ଚତାରେ ଘୂରି ବୁଲୁଛି। ପୃଥିବୀଠାରୁ ଏତେ ଉଚ୍ଚତାରେ ଥିବା କାରଣରୁ ଆଇଏସ୍‌ଏସ୍ ନିୟମିତ ଭାବେ ପୃଥିବୀର ବିଭିନ୍ନ ପ୍ରାନ୍ତର ସୁନ୍ଦର ଓ ଆଶ୍ଚର୍ଯ୍ୟଜନକ ଫଟୋକୁ ଶେୟାର କରିଥାଏ। ପ୍ରକାଶ ଯେ, ଆଇଏସ୍‌ଏସ୍‌ରୁ ନାସା ଆଷ୍ଟ୍ରୋନଟ୍ ଡୋନାଲ୍ଡ ପେଟିଟ୍ ଗତ ଫେବୃଆରୀରେ ପ୍ରୟାଗରାଜରେ ଚାଲିଥିବା କୁମ୍ଭମେଳାର ଫଟୋ ଶେୟାର କରିଥିଲେ ଯାହାକୁ ଭାରତୀୟମାନେ ପସନ୍ଦ କରିଥିଲେ।

## ଚାଇନାରେ ଗର୍ଲଫ୍ରେଣ୍ଡଙ୍କ ସହ ଦେଖାଦେଲେ ଆମିର

ବେଜିଂ

ଚାଇନାରେ ଆୟୋଜିତ ମକାଉ ଇଣ୍ଟରନ୍ୟାଶନାଲ କମେଡି ଫେଷ୍ଟିଭାଲରେ ବଲିଉଡ୍ ଅଭିନେତା ଆମିର ଖାନ୍ ଓ ତାଙ୍କ ଗର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟ୍‌ଙ୍କୁ ଏକାଠି ଦେଖିବାକୁ ମିଳିଛି। ଏହି ଅବସରରେ ଦୁହେଁ ପରସ୍ପରର ହାତ ଧରି ଅନ୍ୟ ସେଲିବ୍ରିଟିଙ୍କ ସହ ମିଶି ଫଟୋଗ୍ରାଫରଙ୍କୁ ପୋଜ୍ ଦେଉଥିବାର ନଜରକୁ ଆସିଛନ୍ତି। ଏହାସହ ପ୍ରଥମଥର ପାଇଁ କୌଣସି ପବ୍ଲିକ୍ ଇଭେଣ୍ଟରେ ଆମିର ଏବଂ ଗୌରୀଙ୍କୁ ଏକାଠି ଦେଖିବାକୁ ମିଳିଛି। ମକାଉ ଇଣ୍ଟରନ୍ୟାଶନାଲ କମେଡି ଫେଷ୍ଟିଭାଲରେ ଏହି ଯୋଡ଼ି ଭାରତୀୟ ପାରମ୍ପରିକ ପୋଷାକରେ ନଜରକୁ ଆସିଛନ୍ତି। ଆମିର କଳା ରଙ୍ଗର କୁର୍ତ୍ତା ଏବଂ ପାଇଜାମା ପିନ୍ଧିଥିବାବେଳେ କାନ୍ଧରେ ଏକ ଶାଲ ଘୋଡ଼ାଇଥିଲେ। ସେହିପରି ଗୌରୀ ହାଲୁକା ନୀଳ ରଙ୍ଗର ଫୁଲ ଥିବା ପ୍ରିଣ୍ଟେଡ୍ ଶାଢ଼ି



ଗର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟ୍‌ଙ୍କ ସହ ଆମିର ଖାନ୍।

ପିନ୍ଧିଥିଲେ। ଏହି ଅବସରରେ ପ୍ରସିଦ୍ଧ ଚାଇନା ଅଭିନେତା ଶେନ୍ ଟେଙ୍ଗ ଓ ଅଭିନେତ୍ରୀ ‘ମା ଲି’ଙ୍କ ସହ ଆମିର ଏବଂ ଗୌରୀ ଷ୍ଟେଜ୍ ଶେୟାର କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, April 14/2025 Page 16 ₹ 7.00
୫୧ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 139 ମୂଲ୍ୟ₹୭/-

# ଶ୍ରୀମନ୍ଦିର କ୍ୟାଲେଣ୍ଡର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ନବବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ପୁରୀ, ୧୩।୪ (ଅଜିତ୍ କୁମାର ମହାନ୍ତି)**

ଓଡ଼ିଆ ନବବର୍ଷ ଅବସରରେ ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର ପ୍ରକାଶ ପାଇଛି। ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବାବେଳେ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଲୋକାର୍ପଣ କରିଛନ୍ତି। ସେହିପରି ପ୍ରଥମଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକା ମଧ୍ୟ ଲୋକାର୍ପଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଶୁଭକାର୍ଯ୍ୟ ଓଡ଼ିଆ କ୍ୟାଲେଣ୍ଡର ଅନୁଯାୟୀ କରାଯାଇଥାଏ। ତେଣୁ ଏହି କ୍ୟାଲେଣ୍ଡର ଲୋକଙ୍କ ପାଇଁ ଓଡ଼ିଆ ଅସ୍ମିତା। ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ ଓ ଉନ୍ନତି କାମନା କରିଛି। ସୋମବାର ଓଡ଼ିଆ ନବବର୍ଷ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ☞ପୃଷ୍ଠା–୪

# ଚିଲ ନେଇଗଲା ଶ୍ରୀମନ୍ଦିର ବାନା

## ଶୁଭ ଅଶୁଭକୁ ନେଇ ଚର୍ଚ୍ଚା



**ପୁରୀ, ୧୩।୪ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପତିତପାବନ ବାନା ନେଇ ଏକ ଚିଲ ଉଡ଼ିଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେଉଥିବାବେଳେ ଶୁଭ ଅଶୁଭ ନେଇ ଭକ୍ତଙ୍କ ମଧ୍ୟରେ ଆଶା ଓ ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଚୁନରା ସେବାୟତମାନେ ପ୍ରତ୍ୟେକ ଦିନ ଭଳି ନୀଳଚକ୍ରରେ ନୂତନ ବାନା ବାନ୍ଧିବା ସହ ଲାଗିହୋଇଥିବା ବାନାକୁ ଓଲାଗି କରିଥିଲେ। ତେବେ ଓଲାଗି ପରେ ଚିଲ ସେହି ବାନାକୁ ନେଇ ଉଡ଼ିଯାଉଥିବା କୁହାଯାଉଛି। ସେହିପରି ଅନ୍ୟ କେତେଜଣ ରବିବାର ପୂର୍ବାହ୍ନରେ ଏପରି ଘଟଣା ଘଟିଥିବା କହୁଛନ୍ତି। ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଏକ ଚିଲ ସଦୃଶ ପକ୍ଷୀ ଶ୍ରୀମନ୍ଦିର ☞ପୃଷ୍ଠା–୪

# ୱାକ୍‌ଫ ଆଇନକୁ ବିରୋଧ ବଢ଼ୁଛି

ଧର୍ମୀୟ ବା ଦାତବ୍ୟ କାର୍ଯ୍ୟ ଉଦ୍ଦେଶ୍ୟରେ ମୁସଲିମ୍‌ମାନଙ୍କ ଦାନ ସମ୍ପତ୍ତିର ପରିଚାଳନା ପାଇଁ ଭାରତରେ ୧୯୯୫ରୁ ପ୍ରଚଳିତ ୱାକ୍‌ଫ ଆଇନରେ କେନ୍ଦ୍ର ସରକାର ସଂଶୋଧନ ଆଣି ଏହାର ରୂପରେଖ ବଦଳାଇ ଦେଇଛନ୍ତି। ନୂଆ ୱାକ୍‌ଫ ସଂଶୋଧନ ବିଧେୟକ, ୨୦୨୫ ଏପ୍ରିଲ ୩ ରେ ଲୋକ ସଭା ଓ ୪ରେ ରାଜ୍ୟ ସଭାରେ ପାରିତ ହେବା ପରେ ୫ ତାରିଖରେ ଏହା ଆଇନରେ ପରିଣତ ହୋଇଛି। ତେବେ ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇ ନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାକୁ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ଶୁକ୍ରବାର ନମାଜ ପାଠ ପରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ପାଟନା ଓ ଲକ୍ଷ୍ନୌ ଆଦି ସହରରେ ସଂଖ୍ୟାଲଘୁ ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଏହି ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଲୋକ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗର ମାଲଦା, ଦକ୍ଷିଣ ୨୪ ପ୍ରଗଣା ଓ ହୁଗୁଳି ଆଦି ମୁସଲିମ ବହୁଳ ଜିଲାରେ ମଧ୍ୟ ହିଂସାକାଣ୍ଡ ଘଟିଛି। ଏସବୁ ଘଟିଚାଲିଥିବାବେଳେ ସାମ୍ବିଧାନିକ ଅଦାଲତ ନୀରବଦ୍ରଷ୍ଟା ସାଜି ରହିପାରିବେ ନାହିଁ ବୋଲି କଲିକତା ହାଇକୋର୍ଟ କହିବା ସହ ମୁର୍ଶିଦାବାଦର ହିଂସା ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଆସାମର ସିଲଚର ସମେତ ଦେଶର ଆଉ କେତେକ ସ୍ଥାନରେ ମଧ୍ୟ ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ଦେଖିବାକୁ ମିଳିଛି। କଟକରେ ରାଜ୍ୟ ମାଇନୋରିଟି ସଂଘ ପକ୍ଷରୁ ସଂଶୋଧିତ ୱାକ୍‌ଫ ଆଇନ ବିରୋଧରେ ଆସନ୍ତା ୧୯ ତାରିଖରେ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ହାଇଦ୍ରାବାଦରେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନଲ ଲ' ବୋର୍ଡ ପକ୍ଷରୁ ମଧ୍ୟ ବିକ୍ଷୋଭ କରାଯିବ ବୋଲି ସ୍ଥାନୀୟ ଏମ୍‌ପି ତଥା ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି।





ମଧ୍ୟପ୍ରଦେଶ ଜବଲପୁରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ରବିବାର ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ।

- ମୁର୍ଶିଦାବାଦରୁ ୪୦୦ ହିନ୍ଦୁଙ୍କ ଗଣପଳାୟନ: ଭାଜପା
- ହିଂସା ପ୍ରଭାବିତ ଅଞ୍ଚଳରେ ୫ କମ୍ପାନୀ ବିଏସ୍‌ଏଫ୍

**କୋଲକାତା/ନୂଆଦିଲ୍ଲୀ, ୧୩।୪**

ପଶ୍ଚିମବଙ୍ଗରେ ୱାକ୍‌ଫ ଆଇନ ଲାଗୁ ହେବାକୁ ଦିଆଯିବ ନାହିଁ। ରାଜ୍ୟରେ ମୁସଲମାନମାନଙ୍କ ସମ୍ପତ୍ତିଗତ ଅଧିକାର ବଳବତ୍ତର ରହିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ତେଜିଥିଲା। ମୁର୍ଶିଦାବାଦରେ ନୂଆ ୱାକ୍‌ଫ ଆଇନ ବିରୋଧୀ ହିଂସାରେ ୩ ଜଣଙ୍କ ଜୀବନ ଯିବା ସହ ସଂଘର୍ଷରେ ଜଡ଼ିତ ୧୫୦ରୁ ଊର୍ଦ୍ଧ୍ୱ ଗିରଫ ହେବା ପରେ ଜମାଇତ୍ ଉଲେମା–ଇ–ହିନ୍ଦ୍ ମୁଖ୍ୟ ମହମୁଦ୍ ମଦାନୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମଦାନୀ କହିଛନ୍ତି, ଭାଜପା ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଆଇନ ଆଣିଛି। ସଂସ୍କାର ନାମରେ ମୁସଲମାନମାନଙ୍କ ଦାନ ଜମି ଛଡ଼ାଇନେବା ପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି। ହିଂସାକାଣ୍ଡ ଭିଆଇଲେ ଆନ୍ଦୋଳନ ନ୍ୟୂନ ହୋଇଯିବ। ତେଣୁ ଅହିଂସା ଉପାୟରେ ବିକ୍ଷୋଭ ଜାରି ରଖିବାକୁ ସେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ପରାମର୍ଶ ଦେଇଛନ୍ତି।

କେବଳ ମୁସଲିମ୍ ଧର୍ମଗୁରୁ ନୁହନ୍ତି, ରାଜନେତାମାନେ ମଧ୍ୟ ଏହି ପ୍ରସଙ୍ଗରେ ନାନା ମତ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ରାଜନୈତିକ ବୟାନବାଜି ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛି। ପଶ୍ଚିମବଙ୍ଗର ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ରବିବାର କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କ ତୁଷ୍ଟୀକରଣ ରାଜନୀତି ଯୋଗୁ କଠୋରପନ୍ଥୀ ତତ୍ତ୍ୱ ଉତ୍ସାହିତ ହୋଇ ହିଂସା ଭିଆଉଛନ୍ତି। ମୁର୍ଶିଦାବାଦର ଧୁଲିଆନ୍‌ରେ ହିଂସା ଯୋଗୁ ୪୦୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଘରଦ୍ୱାର ଛାଡ଼ି ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ସେମାନେ ମାଲଦାର ନଦୀ ଭିତରେ ଓ ସ୍କୁଲଗୁଡ଼ିକରେ ଆଶ୍ରୟ ନେଇଛନ୍ତି ବୋଲି ଶୁଭେନ୍ଦୁ କହିବା ସହ କେତେଜଣ ହିଂସା ପ୍ରଭାବିତ ଲୋକଙ୍କ ସାକ୍ଷାତ୍କାର ବେଳର ଭିଡିଓକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓରେ ଜଣେ ବ୍ୟକ୍ତି କହୁଛନ୍ତି, ତାଙ୍କ ଘର ଜାଳି ଦିଆଯାଇଛି। ପୋଲିସ ସାହାଯ୍ୟ ନ କରିବାରୁ ସେମାନେ ଗାଁ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଭାଜପା ନେତା ତରୁଣ ଚୁଘ ମମତାଙ୍କୁ ଆଧୁନିକ ଯୁଗର ମହମ୍ମଦ ଅଲୀ ଜିନ୍ନା ଭାବେ ଅଭିହିତ କରି ତାଙ୍କ ଦଳର କାର୍ଯ୍ୟକୁ ୧୯୪୦ ଦଶକରେ ମୁସଲିମ୍ ଲିଗ୍‌ର କାର୍ଯ୍ୟ ସହ ତୁଳନା କରିଛନ୍ତି। ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ହିଂସା ପାଇଁ ମମତା ସରକାରଙ୍କୁ ଦାୟୀ କରିଛନ୍ତି। କଂଗ୍ରେସ ଏମ୍‌ପି ଇଶା ଖାନ୍ ଚୌଧୁରୀ ଟିଏମ୍‌ସି ସରକାରଙ୍କୁ ସର୍ବଦଳୀୟ ବୈଠକ ଡାକିବାକୁ ଅନୁରୋଧ କରିଛନ୍ତି। ହିଂସା ପ୍ରଭାବିତ ୪ ଜିଲାରେ ହିନ୍ଦୁମାନଙ୍କ ଉପରେ ଲଗାତର ଆକ୍ରମଣ ହେଉଥିବା ଦର୍ଶାଇ ☞ପୃଷ୍ଠା–୪

DADLS-12



ବାର୍ତ୍ତା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମ୍ପାଟି)

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0509/2526

**ହାଣ୍ଡିଭଙ୍ଗା ଯାତ୍ରା ଉଦ୍‌ଯାପିତ**

**ଖଣ୍ଡପଡା,(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦସ୍ଥିତ ମହୁଲପଡାର ମା ମହିଷାସୁରୀ ପୀଠରେ ଅନୁଷ୍ଠିତ ହାଣ୍ଡିଭଙ୍ଗା ପର୍ବର ଉଦ୍‌ଯାପନୀ ଦିବସ ରବିବାରରେ ଏକତାଳ ଓ ନରସିଂହପୁର ଅଞ୍ଚଳର ମହିଳା ମଣ୍ଡଳ ପକ୍ଷରୁ ବାଦି ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାତ୍ରୀ ସମୟରେ ନୟାଗଡ଼ ଜିଲ୍ଲା ଅସୁରଡ଼ିପି ଅଞ୍ଚଳର ଏକ ଭାଗବତ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାର ପରିବେଷିତ 'ହରିହର କ କି'ନାଟକ ଉପଭୋଗ କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ସଂକୀର୍ତନ ମଣ୍ଡଳୀ ସହ ଠାକୁରଙ୍କୁ ବିମାନ ଯୋଗେ ଏକ ପାଟପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଚାଟେରୀ ଭୋଗ ଲାଗି ହୋଇଥିଲା।

# ପଣାଯାତ୍ରା ପାଇଁ ଉତ୍ସବମୁଖର ନୟାଗଡ଼

**ନୟାଗଡ଼,୧୩।୪(ଲୋକନାଥ ମିଶ୍ର)**



- ଶ୍ରୀଜୀଉଙ୍କ ସକାଳ ଧୂପ ଓ ଆଳତିରୁ ଆସେ ଅଗ୍ନି
- ମା'ଙ୍କ ଭୋଗ ପଣା ପିଇବାକୁ ଭକ୍ତଙ୍କ ଅପେକ୍ଷା

ଦକ୍ଷିଣକାଳୀଙ୍କ ପ୍ରସିଦ୍ଧ ପଣାଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଛି ନୟାଗଡ଼ ପୁରୁଣା ସହର। ପଣା ପର୍ବ ୬ଦିନ ଧରି ଚାଲିବ। ପଣାସଂକ୍ରାନ୍ତିର ପୂର୍ବ ଦିନ ମେରୁରେ ସ୍ଥାନୀୟ ଅଞ୍ଚଳର ୭ ଶକ୍ତିପୀଠ ମା'ଶୂଳିଆ ଠାକୁରାଣୀ, ରାମଚଣ୍ଡୀ ଠାକୁରାଣୀ, ବ୍ରାହ୍ମଣୀଦେଇ, ତରକେଇ ଠାକୁରାଣୀ, ମଣେଇ ଠାକୁରାଣୀ ଓ ଚଣ୍ଡି ଠାକୁରାଣୀ ପର୍ବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବା ପରେ ସାମିଲ ହୋଇଥାନ୍ତି। ବିଷୁବ ସଂକ୍ରାନ୍ତିର ପ୍ରତ୍ୟୁଷରେ ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ ଓ ଆଳତିରୁ ଅଗ୍ନି ଓ ମନ୍ଦିରରରୁ ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୁଏ। ମା'ଙ୍କ ପୀଠରେ ଶଙ୍କରାଚାର୍ଯ୍ୟଙ୍କ ଆନନ୍ଦ ଲହରୀ(ସ୍ତବ) ଓ ଚଣ୍ଡୀପାଠ ଆବୃତ୍ତି ହୁଏ। ସେହିଭଳି ମା'ଙ୍କ ଠାରେ ଭୋଗ ଲାଗି ପରେ ମୁଖ୍ୟ ମନ୍ଦିର ଉପରକୁ ଆଜ୍ଞାମାଳ ଓ ଧୂପ ଉଠାଯାଏ। ଏହାକୁ ଦର୍ଶନ କଲେ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଆଳତି ହେବା ପରେ ବିଶ୍ୱ ଶାନ୍ତି ପାଇଁ ଶାନ୍ତିପଣା, ଟେରାଭୋଗ, ଓ ଅନ୍ୟ ଭୋଗ ଲାଗି ହୁଏ। ପରେ ନିମନ୍ତ୍ରିତ ୭ ଶକ୍ତିପୀଠକୁ ପଣା ଭାଣ୍ଡ ଯାଏ। ଠାକୁରାଣୀଙ୍କୁ ପଣା ଲାଗି ପରେ ଭକ୍ତମାନେ ଏହାକୁ ସେବନ କରିଥାନ୍ତି। ଅନ୍ୟପକ୍ଷେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରୁ ଆସିଥିବା ଅଗ୍ନିକୁ ଦକ୍ଷିଣକାଳୀଙ୍କ ପୀଠରେ ୩ଦିନ ଧରି ସାଇତି ରଖାଯାଇ ଅଗ୍ନିରୁ ପ୍ରଦୀପ ପ୍ରଜ୍ୱଳନ କରାଯାଏ।

ଅନ୍ୟପକ୍ଷେ ଓଡିଆ ନବବର୍ଷକୁ ସ୍ୱାଗତ କରାଯାଇ ନୂତନ ପଞ୍ଜିକାର ଶୁଭାରମ୍ଭ କାହିଁ କେଉଁ ବର୍ଷରୁ ହୋଇ ଆସୁଛି। ପଣା ସଂକ୍ରାନ୍ତି ପର୍ବ ପାଇଁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପର୍ବ ଅବସରରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥରେ ୩ଟି ଓ ମା'ଙ୍କ ମନ୍ଦିର ନିକଟରେ ଗୋଟିଏ ଏପରି ୪ଟି ତୋରଣ କରାଯାଇଛି। ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ କେବଳ ଦୋକାନ ବ୍ୟବସ୍ଥା ହୋଇଥିବାବେଳେ ଅବଶିଷ୍ଟ ମା'ଙ୍କ ପୀଠ ପାଖ ପଡିଆରେ ଦୋକାନ କରାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅନୁରୂପ ବ୍ୟବସ୍ଥା ରହିଛି। ୧୫ ତାରିଖରୁ ୨ଦିନ ଲୋକାଲ ନାଚ ଓ ୫ ଦିନ ମାଗଣା ଅପେରା ପରିବେଷଣ କରାଯିବ। ପଣା ସଂକ୍ରାନ୍ତି ରାତିରେ ଆତସବାଜୀ ପ୍ରତିଯୋଗିତା ହୋଇଥାଏ। ପଣାଯାତ୍ରାର ଆତସବାଜି ପ୍ରଦର୍ଶନୀରେ ଭକ୍ତଙ୍କୁ ପ୍ରାଧାନ୍ୟ ଦେବାର ଅଦ୍ୱିତୀୟ ପରମ୍ପରା ରହିଛି। ଯେଉଁ ମାନସିକଧାରୀଙ୍କର ମାନସିକ ପୂରଣ ହୋଇଥାଏ ଯାତ୍ରାର ୧୫ ଦିନ ପୂର୍ବରୁ ଭକ୍ତମାନେ ମନ୍ଦିର ଅଫିସକୁ ଆସି ଚେକ୍ କାଟି ଆତସବାଜି ପ୍ରତିଯୋଗିତାରେ ଭାଗ ନେବା ପାଇଁ ନାମ ପଞ୍ଜୀକରଣ କରିଥାନ୍ତି। ମାନସିକଧାରୀ ଭକ୍ତମାନଙ୍କର ନାମ ପୂଜା ପାଠ ମାଧ୍ୟମରେ ମା'ଙ୍କୁ ଅବଗତ କରାଇ ଅନୁମତି ଆଣିବା ପରେ ଆତସବାଜି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ମିଳିଥାଏ। ପଣାଯାତ୍ରାର ଆତସବାଜି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଂଚଳର ବାଣାକାର ଭାଗ ନେଇ ନିଜର ବାଣ ପ୍ରସ୍ତୁତିର ପରାକାଷ୍ଠା ଦେଖାଇଥାନ୍ତି। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ପ୍ରତିଯୋଗୀମାନଙ୍କର ନାମ ବିଚାରକ ମଣ୍ଡଳୀ ଦ୍ୱାରା ଘୋଷଣା କରାଯାଇଥାଏ। ପରେ ସେମାନଙ୍କୁ ପୁରସ୍କାର ରାଶି ବଣ୍ଟନ କରାଯାଏ। ଚଳିତ ବର୍ଷ ୧୫୦ରୁ ଉର୍ଦ୍ଧ ଗଛ ବାଣ ଓ ଅନ୍ୟାନ୍ୟ ବାଣ ଫୁଟିବାର ବ୍ୟବସ୍ଥା ରହିଛି।

# ଗଣିଆ ବ୍ଲକ୍‌ରେ ମେରୁ ଉତ୍ସବ



ଦଣ୍ଡୁଆମାନେ ଧୂଳିଦଣ୍ଡ ତୋଳୁଛନ୍ତି।

**ଗଣିଆ,୧୩।୪ (ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ୧୩ ଦିନ ଧରି ଚାଲିଥିବା ମା'ଦଣ୍ଡକାଳୀଙ୍କ ଭକ୍ତି ଓ ଉପାସନାର ଦଣ୍ଡପର୍ବ ରବିବାର ମେରୁ ଉତ୍ସବର ଉଦ୍‌ଯାପିତ ହୋଇଯାଇଛି। ମେରୁ ପର୍ବର ଅପରାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ ପରେ ପାଣିଦଣ୍ଡ ତୋଳିଥିଲେ। ଏହା ଉପଲକ୍ଷେ କାମନାଘର ସମ୍ମୁଖରେ ହୋମକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ହୋମକୁଣ୍ଡର ଦୁଇ ପାର୍ଶ୍ୱରେ ଥିବା ମଣିଖୁଣ୍ଟରେ ବଡ଼ଦଣ୍ଡୁଆ ଓ ପାଟ ଦଣ୍ଡୁଆଙ୍କ ଅରଟି ଖେଳା ଯାଇଥିଲା। ବଡ଼ ଓ ପାଟ ଦଣ୍ଡୁଆଙ୍କ ମୁଣ୍ଡ ହୋମକୁଣ୍ଡରେ କିଛି ସମୟ ପାଇଁ ଝୁଲି ରହିବା ଓ ହଳତପ ଦୃଶ୍ୟ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ସଞ୍ଚାର କରିଥିଲା। ପରେ ମଣିଖୁଣ୍ଟରେ ବନ୍ଧା ହୋଇଥିବା କଞ୍ଚା ଆମ୍ବକୁ ବଡ଼ଦଣ୍ଡୁଆ ଶ୍ରଦ୍ଧାଳୁମାନଙ୍କ ଉପରକୁ ଫିଙ୍ଗିଥିଲେ। ମେରୁ ବ୍ରତଧାରୀମାନେ କାଷ୍ଠା ଓ ନିଷ୍ଠାର ସହ ବ୍ରତ ପାଳନ କରିଥିଲେ। ମଧ୍ୟ ରାତିରେ ମା'ଦଣ୍ଡକାଳୀଙ୍କୁ ବରଣ କରାଯାଇ ମନ୍ଦିରକୁ ବିଜେ କରାଯାଇଥିଲା। ଏହି ଉତ୍ସବ ଦେଖିବା ପାଇଁ ବ୍ଲକର ଗଣିଆ, ବିଜୟ ନଗର, ଛାମୁଣ୍ଡିଆ, କିଶୋରପ୍ରସାଦ, ରାଜୀଙ୍ଗି, ଡଙ୍କରିସାହି, ପତାଣ୍ଡା, ରାସଙ୍ଗ, ବଡ଼ମୂଳ, ଆଡକଟା, କରଡାପଡା ଆଦି ଗ୍ରାମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଚୁଲି ନିଆଁରୁ ଅଗ୍ନିକାଣ୍ଡ, ୨ ବଖରା ଭସ୍ମୀଭୂତ



**ଶରଣକୁଳ,୧୩।୪(ଦୀପକ କର)**

ଶରଣକୁଳ ନିକଟ ହରିହରପୁର ପଞ୍ଚାୟତ ବଡ଼ପୁଟ ଗ୍ରାମର ମୁରଲୀଧର ଦାସଙ୍କ ଘରେ ନିଆଁ ଲାଗି ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଓଡ଼ଗାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରବିବାର ସକାଳେ ମୂରଲୀଧର ଦାସଙ୍କ ସ୍ତ୍ରୀ ରୋଷେଇ କରୁଥିବା ସମୟରେ ଅସାବଧାନତା କାରଣରୁ ଚୁଲିରୁ ଚାଳକୁ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ଗୋଟିଏ ପରେ ଅନ୍ୟ ଗୋଟିଏ ବଖରା ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ଦେଖି ଗ୍ରାମବାସୀ ଲିଭାଇବାକୁ ଉଦ୍ୟମ କରିଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଭିତରେ ପଶିବାକୁ କେହି ସାହାସ କରି ନ ଥିଲେ। ଫଳରେ ଘରେ ଥିବା ସମସ୍ତ ଧାନ,ଚାଉଳ ଓ ଆସବାବ ପତ୍ର ପୋଡ଼ି ଯାଇଛି। ଖବରପାଇ ଓଡ଼ଗାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିବା ବେଳକୁ ସବୁ ଛାରଖାର ହୋଇଯାଇଥିଲା। ମୁରଲୀଧରଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାସ୍ତା ଉପରେ ଦୋକାନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଖଣ୍ଡପଡ଼ା,୧୩।୪(ଅଜୟ କୁମାର ମହାରଣା)**

କଣ୍ଟିଲୋ ଶ୍ରୀନୀଳମାଧବ ପୀଠର ବିକାଶ କାର୍ଯ୍ୟ ଚାଲୁ ରହିଛି। ତେବେ କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତା ଏବେ ମୁଖ୍ୟରାସ୍ତା ଭାବେ ଗୁରୁତ୍ୱ ବହନ କରୁଛି। ଉକ୍ତ ରାସ୍ତାରେ ପ୍ରତ୍ୟେହ ବିଭିନ୍ନ ଯାନବାହାନ ଚଳାଚଳ କରୁଛି। ହେଲେ କେତେଜଣ ଉଠାଦୋକାନୀଙ୍କ ଦଖଲରେ ଉକ୍ତ ରାସ୍ତା ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ପୂର୍ବରୁ ଉକ୍ତ ରାସ୍ତା ଉପରେ ପରିବା ତଥା ଅନ୍ୟାନ୍ୟ ଦୋକାନୀ ନିଜର ପସରା ମେଲାଉ ଥିଲେ। ବାରମ୍ବାର ତାଗିଦ ସତ୍ତ୍ୱେ ସେମାନେ ରାସ୍ତାକୁ ଅବରୋଧ କରି ବସୁଥିଲେ। ଏବେ ଜଳ ସଂପଦ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ କରାଯାଇଛି। ଏହାପରେ ଧୀରେ ଧୀରେ ସେହି ରାସ୍ତା ଉପରେ ଉଠାଦୋକାନୀଙ୍କ ଭିଡ଼ ବଢୁଛି। ଏହାକୁ ନେଇ ବିବାଦ ବଢ଼ିବା ପରେ ଉକ୍ତ ରାସ୍ତା ଉପରେ ଦୋକାନ ଖୋଲିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଦୋକାନୀମାନଙ୍କୁ ଚେତାବନୀ ଦେଇଛନ୍ତି।

ଗତ ସରକାର ଶ୍ରୀ ନୀଳମାଧବ ପୀଠର ବିକାଶ ପାଇଁ ୧୦୦କୋଟି ଟଙ୍କାର ଅନୁଦାନ ୨୦୨୨ ମେ'ରେ ମଞ୍ଜୁର କରିଥିଲେ। ବିକାଶ ପ୍ରକଳ୍ପ କାମ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ହେଲେ ଇତିମଧ୍ୟରେ ୩ବର୍ଷ ବିତିଥିଲେ ମଧ ସେହି କାମ ଶେଷ ହୋଇନାହିଁ। ଏ ପରିପ୍ରେକ୍ଷୀରେ ନୀଳମାଧବ ମନ୍ଦିରକୁ ଯିବା ପାଇଁ ଯାତ୍ରାପଦା ବଜାରଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ (ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ)ରେ ଜଳ ସଂପଦ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ଏହି ୩୪୦ ମିଟର ରାସ୍ତାର ୨ ପାର୍ଶ୍ୱକୁ ୨.୫ ମିଟର ଓସାର ବିଶିଷ୍ଟ ଫୁଟପାଥ ନିର୍ମାଣ କରାଯାଇଛି। ଯାନବାହାନ ଚଳାଚଳ ପାଇଁ ୭ମିଟର ଚଉଡ଼ାର ସିମେଣ୍ଟ କଂକ୍ରିଟ ରାସ୍ତା କାମ ଶେଷ ହୋଇଛି। ହେଲେ ଅମାନିଆ ବ୍ୟବସାୟୀମାନେ ସେହି ରାସ୍ତାରେ ନିଜର ଉଠାଦୋକାନ ଖୋଲୁଛନ୍ତି। ଏହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଆଖପାଖ ୭ରୁ ୮ ପଞ୍ଚାୟତର ଲୋକମାନେ ପନିପରିବା ସହ ବିଭିନ୍ନ ସାମଗ୍ରୀ କିଣିବା ପାଇଁ କଣ୍ଟିଲୋ ବଜାର ଉପରେ ନିର୍ଭର କରିଥାଆନ୍ତି। ଏହି ରାସ୍ତାପାର୍ଶ୍ୱରେ ଖୋଲାଯାଉଥିବା ଦୋକାନ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମନ୍ଦିରକୁ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ନୟାଗଡ଼ ଜଳ ସଂପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରିତମ ଚେତନ ପୋଥାଳ ଓ ସହକାରୀ ଯନ୍ତ୍ରୀ ଇଂ. ରାମମୋହନ ବେହେରା ଉକ୍ତ ରାସ୍ତା ପରିଦର୍ଶନ କରିଥିଲେ। ଯେଉଁମାନେ ରାସ୍ତା ପାର୍ଶ୍ୱକୁ ଅବରୋଧ କରିବେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଖୋଲିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


# ମଣିଖୁମ୍ବ ଓଲଟ ତପରେ ଝୁଲିଲେ ଭଗତା

**ଦଣ୍ଡଠାକୁରଙ୍କ ମହାମେରୁ ପର୍ବ**

**ରଣପୁର,୧୩।୪(ସୁକାନ୍ତ କିଶୋର ଡାକୁଆ)**



ରବିବାର ଅପରାହ୍ନ ରେ ରଣପୁର ଦଣ୍ଡ ଠାକୁରଙ୍କ ପାଟଦଣ୍ଡ କାମନା କୋଠିର ଭଗତାମାନଙ୍କ ଦ୍ୱାରା କୋଠି ପ୍ରାଙ୍ଗଣରେ ବିଭିନ୍ନ ହଲୁଆ ନାଚଗୀତ ଓ ପାରମ୍ପରିକ ଧାନ ବୁଣା ଯାଇଥିଲା। ଏହାପରେ ଠାକୁରଙ୍କ ପାଣିତୋଳା ପର୍ବ ନିକଟସ୍ଥ ବଧି ପୋଖରୀ ଘାଟରେ ସମାପନ କରାଯାଇଥିଲା। ମେରୁ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ପୋଖରୀ ଘାଟରେ ବୁଡ ପକାଇଥିଲେ। କାମନା କୋଠି ପ୍ରାଙ୍ଗଣରେ ପବିତ୍ର ହୋମ ଯଜ୍ଞ,ପୂଜାର୍ଚ୍ଚନା ଓ ଭୋଗଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜାର୍ଚ୍ଚନା ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ଢୋଲବାଦ୍ୟ ଓ ଶଙ୍ଖ ଧ୍ୱନୀରେ କୋଠି ପ୍ରାଙ୍ଗଣ କମ୍ପି ଉଠିଥିଲା। ପୂଜାର ଶେଷ ଭାଗରେ ମହାପ୍ରଭୁଙ୍କ ସମେତ ବାର ଭଗତା ହସ୍ତରେ ନଡିଆ ଧରି ମଣିଖମ୍ବ ଓଲଟ ତଳପରେ ଦୋଳି ଖେଳିଥିଲେ। ମହାପ୍ରଭୁ ଓ ଭଗତାଗଣଙ୍କ ହସ୍ତର ନଡିଆକୁ ଯେଉଁ ଭକ୍ତମାନେ ପ୍ରାପ୍ତ କରି ମାନସିକରେ ଭକ୍ଷଣ କରେ ନିଃସନ୍ତାନ ପୁତ୍ର ସନ୍ତାନ ପ୍ରାପ୍ତି କରିଥାଏ ବୋଲି ବିଶ୍ୱାସ ରହିଛି। ଏହା ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ତାହା ଦେଖିବା ପାଇଁ କାମନା ଘର ଆଗରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୋମବାର ମହାବିଷୁବ ପଣା ସଂକ୍ରାନ୍ତି ହୋଇଥିବାରୁ ୧୭ ଦିନ ଧରି ନିଷ୍ଠାର ସହିତ ଥିବା ଦଣ୍ଡୁଆ ଓ ଭଗତାମାନେ ସକାଳୁ ପାଟଦଣ୍ଡଙ୍କ ସହିତ ନିତ୍ୟକର୍ମ ସାରି ନିଆଁ ଗାଡ଼ରେ ଚାଲିବା ସହିତ କଣ୍ଟାରେ ଗଡିବାର ବିଧି ରହିଛି।




# ରାମ ବନବାସ, ଭରତ ମିଳନ

**ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୮ମ ଦିବସ**

**ଦଶପଲ୍ଲା,୧୩।୪(ପ୍ରକାଶ କୁମାର ପାଣି)**

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ଦିବସ ହୃଦୟସ୍ପର୍ଶୀ ହୋଇଥିଲା। ପୂର୍ବାହ୍ନରେ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପରିସରରେ ଶ୍ରୀରାମ ବନବାସ ଓ ଭରତ ମିଳନ ରୀତିନୀତି ଅନୁଷ୍ଠିତ ହୋଇଥିଲା। ରାତିରେ ମନ୍ଦିର ସମ୍ମୁଖସ୍ଥ ମୁଖ୍ୟ ମଞ୍ଚରେ କଳାକାରମାନଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ରାଜା ଦଶରଥ ରାମଚନ୍ଦ୍ରଙ୍କୁ ଯୁବରାଜ ଭାବେ ଅଭିଷେକ କରିବାକୁ ମନସ୍ଥ କରନ୍ତି। ସାରା ରାଜ୍ୟରେ ରାମରାଜ୍ୟର ମଧୁର ବାତାବରଣ ଖେଳିଯାଏ। କିନ୍ତୁ ଏତିକିବେଳେ ମହାରାଣୀ କୈକେୟୀଙ୍କୁ ଦାସୀ ମନ୍ଥରା ଚକ୍ରାନ୍ତ କରି ଭରତଙ୍କୁ ରାଜା କରିବା ପାଇଁ ପରାମର୍ଶ ଦିଅନ୍ତି। ପୂର୍ବେ ମହାରାଣୀ କୈକେୟୀ ଦଶରଥଙ୍କ ସହାୟତା କରି ଦୁଇଟି ବରପ୍ରାପ୍ତ କରାଇଥିଲେ। ସେହି ବରରେ କୈକେୟୀ ଭରତଙ୍କୁ ରାଜା କରିବେ ଓ ଶ୍ରୀରାମଙ୍କୁ ବନବାସୀ କରିବାକୁ ପଠାଇଲେ। ପୁତ୍ର ମୋହରରେ ମୋହଗ୍ରସ୍ତ ହୋଇ ମହାରାଣୀ ରାଜା ଦଶରଥଙ୍କୁ ସତ୍ୟ କରାଇ ୨ଟି ବର ମାଗିନେଲେ। ପ୍ରଥମ ବରରେ ଭରତ ରାଜା ହେବ ଓ ଦ୍ୱିତୀୟ ବରରେ ରାମଚନ୍ଦ୍ର ୧୪ ବର୍ଷ ବନବାସ ଯିବେ। ମହାରାଜା ଦଶରଥ ଏହାଶୁଣି ମର୍ମାହତ ହୁଅନ୍ତି। ମାତ୍ର ରାମଚନ୍ଦ୍ର ଏକଥା ଜାଣିପାରି ସ୍ୱଇଚ୍ଛାରେ ବନଗମନ ପାଇଁ ବାହାରି ପଡ଼ନ୍ତି। ପତିବ୍ରତା ସୀତା ମଧ୍ୟ ବନଗମନ କରନ୍ତି। ହେଲେ ପରବର୍ତ୍ତୀ ସମୟରେ ଏତେବଡ଼ ଦୁଃଖକୁ ରାଜା ଦଶରଥ ସହ୍ୟ କରିପାରନ୍ତି ନାହିଁ। ଶେଷରେ ସେ ଦାରୁଣ ଦୁଃଖରେ ମ୍ରିୟମାଣ ହୋଇ ପ୍ରାଣତ୍ୟାଗ କରନ୍ତି। ସେତେବେଳେ ଯୁବରାଜ ଭରତ ଓ ଶତ୍ରୁଘ୍ନ ମାମୁ ଘରେ ଥାଆନ୍ତି। ଏହି ଖବର ପାଇ ନଅରକୁ ପ୍ରତ୍ୟାବର୍ତ୍ତନ କରି ଦୁଃଖରେ ଭାଙ୍ଗି ପଡ଼ନ୍ତି ଓ ମନ୍ଥରାକୁ ଦଣ୍ଡ ଦିଅନ୍ତି। ଶେଷରେ ପିତୃକାର୍ଯ୍ୟ, ଶୁଦ୍ଧିକ୍ରୀୟା ସମାପନ ପରେ ଚିତ୍ରକୁଟ ଗମନ କରନ୍ତି। ଶ୍ରୀରାମଙ୍କୁ ଫେରାଇ ଆଣିବା ପାଇଁ ଚିତ୍ରକୁଟରେ ଭରତ ପହଞ୍ଚନ୍ତି, ସେଠାରେ ଶ୍ରୀରାମ-ଭରତ ମିଳନ ହୁଏ। ସେଠାରେ ଭରତ ଶୀରାମଙ୍କୁ ଅନୁରୋଧ କରନ୍ତି ଫେରିଆସିବା ପାଇଁ କିନ୍ତୁ ଶ୍ରୀରାମ ପ୍ରତ୍ୟାବର୍ତ୍ତନ କରିବାକୁ ମନା କରନ୍ତି। ଭରତ ଶ୍ରୀରାମଙ୍କ କଠଉ ନେଇ ଫେରି ଆସନ୍ତି। କଠଉକୁ ସିଂହାସନରେ ବସାଇ ନିଜେ ସନ୍ୟାସୀ ପରି ନନ୍ଦି ଗ୍ରାମରେ ରହି ରାଜ୍ୟଭାର ଦେଖାଶୁଣା କରନ୍ତି। ମୁକ୍ତାକାଶ ରଙ୍ଗମଞ୍ଚରେ ଏହି ଦୃଶ୍ୟ ବାସ୍ତବିକ ଭକ୍ତମାନଙ୍କୁ ବେଶ ଆନ୍ଦୋଳିତ କରିଦେଇଥିଲା।



ଲଙ୍କାପୋଡ଼ି ଯାତ୍ରାର ଏକ ଦୃଶ୍ୟ।

# ଆଜି ରତ୍ନଗିରି ପାହାଡ଼ରେ ଚାଙ୍ଗୁଡ଼ା ଯାତ୍ରା

## ପଶ୍ଚିମମୁଖୀ ମହାକାଳଙ୍କ ଉପରେ ପଡ଼ିବ ସୂର୍ଯ୍ୟଙ୍କ କିରଣ

**ବରୀ, ୧୩।୪ (ମହେନ୍ଦ୍ର ସ୍ୱାଇଁ):**


ରତ୍ନଗିରି ବୌଦ୍ଧ ପୀଠ।

ସୋମବାର ଓଡ଼ିଆ ନୂଆ ବର୍ଷ ପାଳନ କରାଯିବ। ଏଥିପାଇଁ ସଜେଇ ହୋଇଛି ବରୀ ବ୍ଲକ୍‌ର ବୌଦ୍ଧପୀଠ ରତ୍ନଗିରି। ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ରତ୍ନଗିରି ପାହାଡ଼ରେ ଚାଙ୍ଗୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଚାଙ୍ଗୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପଣାସଂକ୍ରାନ୍ତି ଦିନ ପଶ୍ଚିମ ମୁଖୀ ମହାକାଳଙ୍କ ଉପରେ ସୂର୍ଯ୍ୟଙ୍କ କିରଣ ପଡ଼ିଥାଏ। ସୂର୍ଯ୍ୟ ଦେବତା ହେଉଛନ୍ତି ମହାକାଳଙ୍କ ପିତା। ନିର୍ଦ୍ଦିଷ୍ଟ ଏହି ଦିନରେ ମହାକାଳ ମନ୍ଦିରରେ ସୂର୍ଯ୍ୟଙ୍କ କିରଣ ପଡ଼ିଲେ ବାପପୁଅଙ୍କ ମିଳନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହାମଧ୍ୟ ପ୍ରତ୍ୟକ୍ଷ ଭାବେ ଦେଖା ଯିବା ଯୋଗୁ ଏହି ଅଲୌକିକ ଘଟଣା ଦେଖିବାକୁ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

ପରମ୍ପରା ଅନୁଯାୟୀ ପଣା ସଂକ୍ରାନ୍ତି ଦିନ ନୂଆଚାଙ୍ଗୁଡ଼ିରେ ୭ଟି ଆମ୍ବ ମହାକାଳଙ୍କ ନିକଟରେ ପୂଜା କରାଯାଇ ପାଖ କେଲୁଅ ନଦୀ କୂଳକୁ ନିଆଯାଏ। ସେଠାରେ ଏକ କୁମ୍ଭୀର ଚାଙ୍ଗୁଡ଼ିରେ ଥିବା ଆମ୍ବକୁ ଦେଖି କୂଳରେ ପହଞ୍ଚିବା ପରେ କୁମ୍ଭୀର ମଥାରେ ସିନ୍ଦୁର ଲଗା ଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହାପରେ ଆମ୍ବ ଚାଙ୍ଗୁଡ଼ି ମହାକାଳଙ୍କ ନିକଟକୁ ଫେରିଆସେ। ଏହି ଘଟଣା ଇତିହାସ ହୋଇଥିଲେ ମଧ୍ୟ ଆଜି ବି ସେହି ପରମ୍ପରାକୁ ବଜାୟ ରଖି ସ୍ଥାନୀୟ ଲୋକେ ନଦୀକୂଳରେ ଚାଙ୍ଗୁଡ଼ାରେ ଆମ୍ବ ରଖି ପୂଜାର୍ଚ୍ଚନା କରୁଛନ୍ତି। ପୂଜାର୍ଚ୍ଚନା ପରେ ଚାଙ୍ଗୁଡ଼ିରେ ଆସିଥିବା ଆମ୍ବ ଖାଇଲେ ନିଃସନ୍ତାନ ଦମ୍ପତି ସନ୍ତାନପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏତଦ୍‌ବ୍ୟତୀତ ପୂଜକମାନେ ୧୦୮ ବେତ ଧରି ଚାଙ୍ଗୁଡ଼ାରେ ଥିବା ଆମ୍ବକୁ ସମ୍ପୂର୍ଣ୍ଣ ସୁରକ୍ଷାବଳୟରେ ନଦୀକୂଳରୁ ମନ୍ଦିର ପର୍ଯ୍ୟନ୍ତ ନେଇଥାନ୍ତି। ଏହି ମହାକାଳ ଦେବତାଙ୍କୁ ଧର୍ମରାଜ, ଯମରାଜ, ଶିବ, ଚଣ୍ଡୀ ଭାବେ ପୂଜାର୍ଚ୍ଚନା କରାଯାଏ ବୋଲି ପୂଜକମାନେ କୁହନ୍ତି। ଏହି ଠାକୁରଙ୍କ ନିକଟରେ କୃଷ୍ଣ ପକ୍ଷରେ ବେଲପତ୍ର ଓ ଶୁକ୍ଳପକ୍ଷରେ ତୁଳସୀ ପତ୍ର ଭୋଗ ଲାଗିଥାଏ। ମା'ଦୁର୍ଗା ଏହି ପୀଠରେ ମହିଷାସୁରକୁ ବଧ କରିଥିବା ବିଶ୍ୱାସ ରହିଥିବାରୁ ଏହି ପୀଠକୁ ବ୍ରହ୍ମ ପୀଠ ବୋଲି ମଧ୍ୟ କୁହାଯାଏ। ଆହୁରି ମଧ୍ୟ ଏଠାରେ ୩୩ କୋଟି ଦେବତା ଅଛନ୍ତି ବୋଲି ପୂଜକମାନଙ୍କ ସହ ସ୍ଥାନୀୟ ଲୋକେ ଯୁକ୍ତି ବାଢ଼ନ୍ତି।

### ଏମାନେ କୁହନ୍ତି...



-ଚାଙ୍ଗୁଡ଼ା ଯାତ୍ରା ଉପରେ ଆମର ବିଶ୍ୱାସ ରହିଛି। ସେଥିପାଇଁ ପ୍ରତିବର୍ଷ ଆମେ ଏହି କାର୍ଯ୍ୟକ୍ରମରେ ସାମିଲ ହେଉଛୁ। ଏହାର ଉନ୍ନତି କରାଯିବା ଆବଶ୍ୟକ।
**ଅତୁଲ କୁମାର ମଙ୍ଗରାଜ ମହାପାତ୍ର, ରତ୍ନଗିରି ବାସିନ୍ଦା।**



-ଚାଙ୍ଗୁଡ଼ା ଯାତ୍ରା କେଉଁ ଦିନରୁ ଅନୁଷ୍ଠିତ ହୋଇଆସୁଛି। ସେଥିପାଇଁ ଆମେ ଏଥିରେ ସାମିଲ ହେଉଛୁ।
**ମନୋଜ ଦାସ, ଅଲ୍ଲିଆବାଦ ବାସିନ୍ଦା।**



-ଚାଙ୍ଗୁଡ଼ା ଯାତ୍ରାର ପରମ୍ପରା ଓ ଇତିହାସ ବହୁ ପୁରୁଣା ଏବଂ ତାହା ବିଶ୍ୱାସ ଯୋଗ୍ୟ। ଏହା ଆମ ଅଞ୍ଚଳ ପାଇଁ ଗୌରବର କଥା।
**ଶରତ କୁମାର ଶାନ୍ତି, ରତ୍ନଗିରି ବାସିନ୍ଦା।**

# ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା'

## ଭୋଟକା ହିଙ୍ଗୁଳା ମହାଯଜ୍ଞୋତ୍ସବର ଦ୍ୱିତୀୟ ଦିବସ

**ରସୁଲପୁର, ୧୩।୪ (ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ବଇଞ୍ଚ ପଡ଼ିଆ ମା'ହିଙ୍ଗୁଳାଙ୍କ ୬୬ତମ ବାର୍ଷିକ ମହାଯଜ୍ଞୋତ୍ସବର ରବିବାର ଦ୍ୱିତୀୟ ଦିବସରେ ମହାମାୟୀ ମା' ଶ୍ରଦ୍ଧାଳୁଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରୁ ମା'ଙ୍କ ପୂଜା କାର୍ଯ୍ୟ କରାଯାଇଥିଲା। ମା'ଙ୍କୁ ମହାଲକ୍ଷ୍ମୀ ବେଶରେ ସୁସଜ୍ଜିତ କରିବା ପାଇଁ ଶୁକ୍ଳବସ୍ତ୍ର, ଶୁକ୍ଳପୁଷ୍ପ ଓ ଭୋଗନୈବେଦ୍ୟ ଅର୍ପଣ କରାଯାଇଥିଲା। ମା'ଙ୍କୁ ବଡ଼ସିଂହାର ବେଶରେ ଭୂଷିତ କରାଯିବା ସହ ପଦ୍ମଫୁଲ ଲାଗି କରାଯାଇଥିଲା। ପୀଠରେ ଚଣ୍ଡୀପାଠ କରାଯାଇ ହୋମଯଜ୍ଞ ଆରମ୍ଭ ହୋଇଥିଲା।

ପଣ୍ଡିତ କେଶବ ଚନ୍ଦ୍ର ରଥ, ଗଗନ ମିଶ୍ର, ଗୁଲଶନ ମିଶ୍ର, କଳ୍ପତରୁ ନନ୍ଦ, ମାନସ ପଣ୍ଡା, ଗୋପୀନାଥ ପଣ୍ଡା ପ୍ରମୁଖଙ୍କ ସହାୟତାରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହୋଇଥିଲା। ମା'ଙ୍କ ଲକ୍ଷ୍ମୀ ବେଶ ଦର୍ଶନ ପାଇଁ ମହିଳା ଭକ୍ତଙ୍କ ପୀଠରେ ଅଧିକ ଭିଡ ଜମିଥିଲା। ସନ୍ଧ୍ୟାରେ ଆଳତୀ ଉତ୍ସବ ଅତ୍ୟନ୍ତ ମନୋରମ ହୋଇଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ଅତିଥି ଭାବରେ ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିବାବେଳେ ଅନ୍ୟ ଅତିଥିମାନେ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କୁ ଦର୍ଶନ କରୁଛନ୍ତି। ବଇଞ୍ଚ ପଡ଼ିଆରେ ଆୟୋଜତି ଯାତ୍ରା ଉତ୍ସବ ଅବସରରେ ସ୍ଥାପନ କରାଯାଇଥିବା ଅସ୍ଥାୟୀ ଦୋକାନ, ବାଜରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଦର୍ଶକମାନେ ଚାଟ୍, ଗୁପଚୁପ୍, ମଥୁରା କେକ୍, ଲଙ୍କା ଚପ୍, ସିଝା ମକାର ମଜା ନେଉଛନ୍ତି।

# ସାହିତ୍ୟ ସମାଜକୁ ସଦାସର୍ବଦା ବାର୍ତ୍ତା ଦେଇଥାଏ

## ଅଖିଳଚକ୍ର ପକ୍ଷରୁ ଶାମେଶ୍ୱର ପୀଠରେ ମହାବିଷୁବ ମିଳନ

**ଯାଜପୁର, ୧୩।୪ (ହର୍ଷବର୍ଦ୍ଧନ ବେହେରା):**


ଅଖିଳଚକ୍ର ପକ୍ଷରୁ ଅନୁଷ୍ଠିତ ମହାବିଷୁବ ମିଳନରେ ଯୋଗଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଯାଜପୁର ଜିଲା ବିଞ୍ଝାରପୁର ଅରିଲୋ ଶାମେଶ୍ୱର ପୀଠରେ ରବିବାର ଅଖିଳଚକ୍ର ପକ୍ଷରୁ ମହାବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଭୂୟାଁ ଏହି କର୍ଯ୍ୟକ୍ରମକୁ ଉଦଘାଟନ କରି ସାହିତ୍ୟ ସବୁବେଳେ ସମାଜକୁ ବାର୍ତ୍ତା ଦେଇଥାଏ ବୋଲି କହିଥିଲେ। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ପ୍ରତାପ ଧଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟର ଅନ୍ତର୍ନିହୀତ ଶକ୍ତି ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ ଆଜିର ଓଡ଼ିଶାରେ ଏକତା, ଭ୍ରାତୃତ୍ୱ ଓ ଉତ୍କଳୀୟ ଚେତନାର ଉଦ୍ରେକ ପାଇଁ ଆହ୍ୱାନ ଦେଇଥିଲେ। ରବୀନ୍ଦ୍ର କୁମାର ପରିଡା ଅତିଥି ପରିଚୟ ଦେଇଥିଲେ। ଶିକ୍ଷାବିତ୍ ଗୋପୀନାଥ ଦାଶ ଉତ୍ସବର ପରିଚାଳନା କରିଥିଲେ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ଖରସ୍ରୋତା ପୁସ୍ତକ ମେଳା କମିଟିର ଅଧ୍ୟକ୍ଷ ପଦ୍ମାକର ଗୁରୁ, ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି ନରହରି ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡିଶାର ଭାଷା ସଂସ୍କୃତିର ସୁରକ୍ଷା ପାଇଁ ଚିନ୍ତା ବ୍ୟକ୍ତି କରିଥିଲେ। ଏହି ଅବସରରେ ସାହିତ୍ୟିକ ଆଦିତ୍ୟ ପ୍ରତାପ ଧଳ, ସମାଜିକ କର୍ମୀ ଅଟଳବିହାରୀ ନାୟକ, ଗୋବିନ୍ଦ ଚନ୍ଦ୍ର ସାମଲ, ଦେବେନ୍ଦ୍ର ନାୟକ ଓ ଆଶିଷ କୁମାର ସାମଲଙ୍କୁ ଉପଢ଼ୌକନ, ମାନପତ୍ର ଦିଆ ଯାଇ ମହାବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଉନ୍ନୟନ ପରିଷଦର ମୁଖପତ୍ର ଶୈବକଳ୍ପକୁ ଉନ୍ମୋଚନ କରିଥିଲେ। ଅପରାହ୍ନରେ ନାରୀ କବି ବିଦ୍ୟୁତ ପ୍ରଭା ଦେବୀଙ୍କୁ ସ୍ମୃତି ଅର୍ଘ୍ୟ ଦିଆଯାଇ କବିମାନେ ସ୍ୱରଚିତ ଓ ବିଦ୍ୟୁତପ୍ରଭାଙ୍କ କାବ୍ୟାବଳୀରୁ କବିତା ଆବୃତି କରିଥିଲେ। ଏଥିରେ ଅନୁଷ୍ଠାନ ପକ୍ଷରୁ ଗୌରାଙ୍ଗ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଦେବ ପ୍ରସାଦ ସାମଲ, କବି ଭାଗ୍ୟଧର ସାହୁ, କବି ଭକ୍ତ ଚରଣ ସାହୁ, ଆଡଭୋକେଟ ଅମ୍ବିକା ପ୍ରସାଦ ସାମଲ, କବି ସନ୍ତୋଷ କୁମାର ବେଉରିଆ, ଅଧ୍ୟାପକ ଅଜୟ କୁମାର ଓଝା ଆଲୋଚନା କରିଥିଲେ। ସଂଯୋଜିକା ଭାବେ କବୟିତ୍ରୀ ଅମ୍ରିତା ସିଂହ, ବନ୍ଦନା ସାମଲ, ଅଧ୍ୟାପକ ମଞ୍ଜୁ ବଳିୟାର ସିଂହ ଓ କବି ଜିତେନ୍ଦ୍ର କୁମାର ବେଉରିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅଟଳବିହାରୀ ନାୟକ ଓ ଗୋବିନ୍ଦ ଚନ୍ଦ୍ର ସାମଲ ଶାମେଶ୍ୱରଙ୍କ ଐତିହ୍ୟ ଓ ମହାତ୍ମ୍ୟ ଉପରେ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଶାଖୀ ମହୋତ୍ସବ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବ

**ଚଣ୍ଡିଖୋଲ, ୧୩।୪ (ପ୍ରଦୀପ୍ତ କୁମାର ପୃଷ୍ଟି):**


ହୋଲି ଜେସସ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ବୈଶାଖୀ ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ହୋଲି ଜେସସ ପବ୍ଲିକ ସ୍କୁଲ ପରିସରରେ ୩ ଦିନ ଧରି ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍ ଅଧ୍ୟକ୍ଷା କାମିନୀ ନାୟକ ଉତ୍ସବକୁ ଉଦ୍‌ଘାଟନ କରି ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳିକୁ ପରିପ୍ରକାଶ କରିବାରେ ଏହି ମହୋତ୍ସବ ସାହାଯ୍ୟ କରିବା ସହ ଶିକ୍ଷା ପ୍ରତି କୋମଳମତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବ ବୋଲି କହିଥିଲେ। ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ୫୦ରୁ ଅଧିକ ଇଭେଣ୍ଟରେ ଭାଗ ନେଇଥିଲେ। ଭଲିବଲ, କ୍ୟାରମ, ଚେସ, ଚିତ୍ରକଳା, ମାଟିପାତ୍ର ତିଆରି, ଜଳକ୍ରୀଡ଼ା, ଘୋଡ଼ାଚଢ଼ା, ଡିସ୍କୋ ରୁମ, ବର୍ଷାନୃତ୍ୟ, ଫଟୋ ଗ୍ରାଫି, ସିନେମାଟାଇମ, ଅନ୍ଧ ପୁତୁଳି, ବୃତ୍ତକଳା, ମ୍ୟାଜିକବକ୍ସ ଆଦି ବହୁ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ପରେ ଲକିଡ୍ର ଦ୍ୱାରା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦେବାଶିଷ ନାୟକ, ଚନ୍ଦନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବକୁ ପ୍ରିୟଙ୍କା ମଲ୍ଲ, ସବିତା ମହାପାତ୍ର, ପ୍ରଣତୀ ସାହୁ, କିରଣ ଯାଦବ, ଜ୍ୟୋତିକା ଶର୍ମା, ସ୍ୱାଗତିକା ଦାସ, ଇପ୍ସିତା ରାଉତ, ସୁଭାଷିନୀ ମଲ୍ଲିକ, ସୁଭାଷିନୀ ଦାସଯାଦବ, ରେସମା ପର୍ବନ, ସୁଭଲକ୍ଷ୍ମୀ ସାହୁ, ସାଗରିକା ଶର୍ମା, ମୌସୁମୀ ଦାସ, ଶୀତଳ ପଟୋଡ଼ିଆ, ସୁଷମା ମହାନ୍ତି, ସୂତପା ଗିରି, ଶୁଭଶ୍ରୀ ବେହେରା, ଜ୍ୟୋତିର୍ମୟୀ, ପୁନମ ଭାରତୀ, ଚିରଞ୍ଜୀବ ଜେନା, ଲକ୍ଷ୍ମୀଧର ମଲ୍ଲିକ, ସଞ୍ଜୟ ରାଉତ ଓ ସୌଭାଗ୍ୟ ପାଣ୍ଡବ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ବାହାରୁ ଆସିଥିଲେ ଗୁଣ୍ଡାଶ୍ରେଣୀୟ ଯୁବକ

## ଧର୍ମଶାଳା ଥାନାରେ ଆରୁହା ଗ୍ରାମବାସୀଙ୍କ ଅଭିଯୋଗ

**ଯାଜପୁର, ୧୩।୪ (ହର୍ଷବର୍ଦ୍ଧନ ବେହେରା):**

ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କୁ ଆକ୍ରମଣ ଘଟଣାରେ ଆରୁହା ଗ୍ରାମବାସୀ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ହିଙ୍ଗୁଳା କମିଟିର ସମ୍ପାଦକ ପ୍ରମୋଦ କୁମାର ଜେନା ଏବଂ ଅନ୍ୟମାନେ ତାଙ୍କ ଅଭିଯାଗରେ ଦର୍ଶାଇଛନ୍ତି, ହିଙ୍ଗୁଳାଙ୍କ ଯଜ୍ଞ ପାଇଁ ପୂର୍ବତନ ବିଧାୟକ ଜିତୁଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ ରକ୍ଷା କରି ସେ ଆରୁହା ଗ୍ରାମକୁ ଆସୁଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେହି ଗ୍ରାମର ରତିକାନ୍ତ ଜେନା ଓ ମନୋଜ କୁମାର ସାମଲ କେତେଜଣ ଲୋକଙ୍କ ସହିତ ଠେଙ୍ଗା, ଲୁଡା ରଡ଼, ଲୁହା ପାଇପ୍, ଭୁଜାଲି, ବୋମା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ତାଙ୍କୁ ଆକ୍ରମଣ କରିଥିଲେ। ଜିତେନ୍ଦ୍ର ସାମଲ, ସୁରେଶ ସାମଲ, ଦିବ୍ୟରଞ୍ଜନ ସାମଲ, ସତ୍ୟଜିତ ସାମଲ, ମନୋଜ ସାମଲ, ଦୀପକ ଦାସ, ହରିହର ଦାସ, ନିରାକାର ସାମଲ, ନୀହାର ରଞ୍ଜନୀ ସାମଲ, ରତିକାନ୍ତ ସାମଲ, ଜ୍ୟୋତିରଞ୍ଜନ ସାହୁ, ପ୍ରୀତିରଞ୍ଜନ ସାହୁ, ରାଜେନ୍ଦ୍ର ବାରିକ, ତାପସ ସାମଲ, ନିରଞ୍ଜନ ସେନାପତି ପ୍ରମୁଖଙ୍କ ସହ ବାହାରୁ ଆସିଥିବା ୩୦ ଜଣ ଯୁବକ ଜିତୁଙ୍କୁ ଆକ୍ରମଣରେ ସାମିଲ ହୋଇଥିଲେ। ବାହାରୁ ଆସିଥିବା ଯୁବକମାନଙ୍କ ନେତୃତ୍ୱ ନେଇଥିଲେ ରବୀନ୍ଦ୍ର ଦାସ ଓ ଶମ୍ଭୁ। ଏହି ସମୟରେ ଆରୁହା ଗ୍ରାମବାସୀ ଜିତୁଙ୍କୁ ଉଦ୍ଧାର କରି ମା'ହିଙ୍ଗୁଳାଙ୍କ ଦର୍ଶନ କରାଇଥିଲେ। ତେଣୁ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ରାମଚନ୍ଦ୍ର ଖୁଣ୍ଟିଆ ଏଆଇସିସିର ବରିଷ୍ଠ ପର୍ଯ୍ୟବେକ୍ଷକ

**ଯାଜପୁର ଟାଉନ, ୧୩।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ପୂର୍ବତନ ରାଜ୍ୟ ସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ (ଏଆଇସିସ)ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅବସରେ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ରବିବାର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷରେ ଏହି ନିଯୁକ୍ତି ପାଇଁ ଖୁଣ୍ଟିଆ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଜୟ ଦ୍ୱିବେଦୀ, ଦେବ ପଣ୍ଡା, ଶ୍ୟାମସୁନ୍ଦର କର, ସାଗର ପରିଡ଼ା, ଖଗେଶ୍ୱର ମଲ୍ଲିକ, ବିଳାସ ରାଉତ, ସଂଗ୍ରାମ ସାହାଣୀ, ଅରଜିତ ନାୟକ, ରାଜୀବ ମହାପାତ୍ର, ନରେଶ ମହାନ୍ତି, ସାଗର ପରିଡ଼ା, ଅକ୍ଷୟ ଶତପଥୀ, ଅନିଲ ମହାନ୍ତି, ବିଜୟ ମହାପାତ୍ର ଓ ନକୁଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# ଡିଫା କପ୍ ଫୁଟ୍‌ବଲ୍: କଟକ କ୍ଲବ୍ ଫାଇନାଲ୍‌ରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଧର୍ମଶାଳା, ୧୩।୪ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏଶନ୍(ଡିଫା) ପକ୍ଷରୁ ଚାଲିଥିବା ୨୭ତମ ଡିଫା କପ୍ ଓ ୭ମ ରଞ୍ଜିତ୍ ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।

ଧର୍ମଶାଳା ବାଣୀପୀଠ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ୟଙ୍ଗ ଉତ୍କଳ କ୍ଲବ ଫାଇନାଲରେ ପ୍ରବେଶ କରିଛି। କଟକ ୟଙ୍ଗ ଉତ୍କଳ କ୍ଲବ ସହ ପୁରୀ ନୀଳଚକ୍ର କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୨-୨ ଗୋଲରେ ସ୍କୋର କରିଥିଲେ। ଶେଷରେ ଟ୍ରାଏବ୍ରେକ୍ ଜରିଆରେ କଟକ କ୍ଲବ ୪-୧ ଗୋଲରେ ପୁରୀ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ ପୁରୀ ତରଫରୁ ଅବିନାଶ ସାମଲ ଗୋଟିଏ ଗୋଲ ସ୍କୋରକରିଥିବାବେଳେ କଟକ ପକ୍ଷରୁ ବାପୁଜୀ ବିଦ୍ଧାଣୀ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କଟକ କ୍ଲବ ପକ୍ଷରୁ ମଳୟ ନାୟକ ଗୋଟିଏ ଗୋଲ ସ୍କୋର କରିଥିଲେ। ପୁରୀ ପକ୍ଷରୁ ଅନିସ୍ ନାୟକ ଗୋଟିଏ ଗୋଲ ସ୍କୋର କରିଥିଲେ। ଖେଳରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକର ସଞ୍ଜୟ ଦାସଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ପୁରୀର ସତ୍ୟବ୍ରତ ସାହୁଙ୍କୁ ବେଷ୍ଟ ସ୍କୋରର୍ ଭାବେ ପୁରସ୍କୃତ କରିଥିଲେ।



# ସୁନାବେଶରେ ଝଲସିବେ ମା'ରାମଚଣ୍ଡୀ

- ଆଜି ମା'ଙ୍କ ପ୍ରସିଦ୍ଧ ଝାମୁଯାତ୍ରା
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ
- ଉନ୍ମୋଚନ ହେବ 'ଦରିଆ ରାଣୀ' ପୁସ୍ତକ

**ମହାକାଳପଡ଼ା,୧୩।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ଦରିଆ ରାମଚଣ୍ଡି ମନ୍ଦିରରେ ମହାବିଷ୍ଣୁବ ସଂକ୍ରାନ୍ତି ଅବସରରେ ସୋମବାର ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ମା' ସୁନାବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ମା'ରାମଚଣ୍ଡି ଆଞ୍ଚଳିକ ସେନା ପକ୍ଷରୁ 'ଦରିଆ ରାଣୀ' ପୁସ୍ତକ ଉନ୍ମୋଚନ ହେବ। ଝାମୁଯାତ୍ରା ଉତ୍ସବ ଏକ ସପ୍ତାହ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯିବ। ଏହି ଅବସରରେ ମା'ଙ୍କ ପୀଠରେ ଜିଲା ପ୍ରଶାସନ ପକ୍ଷରୁ ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା-୨୦୨୫ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତ ସରିଛି ।

ସୋମବାର ପ୍ରାତଃ ୪ରୁ ନୀତି ନିର୍ଘଣ୍ଟ ଅନୁସାରେ ପହଡ଼ ଖୋଲାଯିବା ପରେ ଗଙ୍ଗା ଜଳ, ପଇଡ଼ ପାଣି, ଆଗୁର, କ୍ଷୀର, ହଳଦୀ ଓ ଚନ୍ଦନ ଜଳ ମିଶ୍ରିତ ପାଣିରେ ମା'ଙ୍କୁ ମାଜଣା କରାଯାଇ ମହାସ୍ନାନ କରାଯିବ । ଏହାପରେ ମଙ୍ଗଳ ଆଳତୀ କରାଯାଏ। ମା'ଙ୍କୁ ପାଟବସ୍ତ୍ର, ଫୁଲ ଓ ଗଜରାରେ ସଜା ଯିବ । ଏଥିସହିତ ମା'ସୁନା,ରୁପାରେ ନିର୍ମିତ ବିଭିନ୍ନ ଅଳଙ୍କାର ପରିଧାନ କରିବେ। ମା'ଙ୍କ ନିକଟରେ ଧୂପ,ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇ ଫଳ ଫୁଲୁରି ପଣା ପ୍ରସ୍ତୁତ କରାଯାଇଥାଏ। ପଣାରେ ବେଲ, ନଡ଼ିଆ, କଦଳୀ, କ୍ଷୀର, ଦହି, ଛେନା, ଯଅ ଛତୁଆ, ସର, ଲବଣୀ, ଗୁଜୁରାତି, ଅଳେଇଚ, ଗୁଡ଼ ମିଶ୍ରିତରେ ପଣା ଭୋଗ ଅର୍ପଣ କରାଯାଏ। ମଧ୍ୟାହ୍ନରେ ମା'ଙ୍କୁ ଖିରି, ଖେଚୁଡ଼ି, ଅନ୍ନ, ବେସର ମହୁର ଆଦି ଅର୍ପଣ କରାଯାଏ। ଅପରାହ୍ନ ସାଢେ ଗୋଟାଏରେ ମା'ଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ସ୍ଥାପନ କରାଯାଇ ମନ୍ଦିର ସମ୍ମୁଖ ରଖାଯାଇଥାଏ। ବିମାନ ଝୁରିଆ ସେବକ, ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟ, ଘଣ୍ଟା, ଢୋଲ, ମହୁରୀ, ଶଙ୍ଖ, ବିଭିନ୍ନ ବାଦ୍ୟ ବଜାଯାଇ ମା'ଙ୍କ ବିମାନକୁ ମନ୍ଦିର ଚାରି ପାଖରେ ୭ଥର ପରିକ୍ରମା କରିବା ପରେ ମନ୍ଦିର ସାମ୍ନାରେ ବିମାନକୁ ରଖାଯାଏ। ଏହାପରେ ମା'ଙ୍କ ବିମାନ ସମ୍ମୁଖରେ ରାଉଳ ସଂପ୍ରଦାୟର ଘଣ୍ଟୁଆପାଟମାନେ ମୁଣ୍ଡରେ ଘଟ ରଖି ରଡ ନିଆଁ ଗର୍ତ୍ତରେ ୭ ଥର ପ୍ରବେଶ କରିଥାନ୍ତି ବୋଲି ମନ୍ଦିର ମୁଖ୍ୟ ପୂଜକ ପ୍ରମୋଦ କୁମାର ସାମନ୍ତରାୟ କହିଛନ୍ତି। ସନ୍ଧ୍ୟାରେ ଆଳତୀ ଓ ରାତି ୧୦ଟା ପରେ ମା'ଙ୍କୁ ଅନ୍ନ ଭୋଗ ଅର୍ପଣ ପରେ ପହୁଡ଼ ପଡେ।

ଝାମୁଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମନ୍ଦିର ସୋଲ ଟ୍ରଷ୍ଟି ତହସିଲଦାର ଶିବ ମଲିକ, ରାଜସ୍ୱ ନୀରିକ୍ଷକ ବିଜୟ କୁମାର ବେହେରା, ଫାରସ ନାୟକ, ଲକ୍ଷ୍ମୀକାନ୍ତ ସ୍ୱାଇଁଙ୍କ ସହିତ ମା'ଙ୍କ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ତଦାରଖ କରୁଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।



ମା'ଙ୍କ ସୁନାବେଶ।

## ନାରୀ ନିର୍ଯାତନା ପ୍ରତିବାଦରେ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

**ରାଜକନିକା,୧୩।୪(ସଞ୍ଜୟ କୁମାର ଦାଶ)**

ରାଜ୍ୟରେ ଭାଜପା ଶାସିତ ସରକାରର ୧୦ ମାସ ମଧ୍ୟରେ ନାରୀ ନିର୍ଯାତନା ମାତ୍ରାଧିକ ଭାବେ ବଢି ଚାଲିଛି । ସ୍କୁଲ କଲେଜରେ ପଢୁଥିବା ନାବାଳିକାମାନେ ମଧ୍ୟ ଏହି ସରକାରରେ ବେଶୀ ଅସୁରକ୍ଷିତ। ନାରୀମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ଦାବିରେ ଭାରତୀୟ ଜାତୀୟ କଂଗ୍ରେସ ବିଧାନସଭା ଭିତରେ ଓ ବାହାରେ କ୍ରମାଗତ ଭାବେ ଆନ୍ଦୋଳନ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତ ଚାରଣ ଦାସଙ୍କ ଆହ୍ୱାନ କ୍ରମେ ଆସନ୍ତା ୧୫ରେ ହେବାକୁ ଥିବା ମଶାଲ ଶୋଭାଯାତ୍ରା ପାଇଁ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମେଲଣପଡିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସ, ଆଳିର କଂଗ୍ରେସ ନେତ୍ରୀ ଡ.ଦେବସ୍ମିତା ଶର୍ମା, ବ୍ଲକ ପର୍ଯ୍ୟବେକ୍ଷକଙ୍କ ସମେତ ସମସ୍ତ ପଞ୍ଚାୟତ ସଭାପତି ଯୋଗ ଦେଇ ଏହାକୁ ସଫଳ କରିବାକୁ ସ୍ଥିର କରିଥିଲେ।

## ଭେଣ୍ଡର ବଂଶୀଧରଙ୍କ ମୃତ୍ୟୁ ଘଟଣା,୨ କୋର୍ଟ ଚାଲାଣ

**ପାଟକୁରା,୧୩।୪ (ରବିନ୍ଦ୍ରନାଥ ବାରିକ**

ଗତ ଗୁରୁବାର ଗରଦପୁର ବ୍ଲକ ଅଧୀନ ପାଖଡ଼ ମଶାଣି ପାଖ ଚାଖୁଣ୍ଡା ଗଛରେ ପାଖଡ଼ ଗ୍ରାମର ବଂଶୀଧର ମିଶ୍ରଙ୍କ ଝୁଲନ୍ତା ମୃତଦେହକୁ ପାଟକୁରା ପୋଲିସ ଜବତ କରିଥିଲା । ବଂଶୀଧର ପେଶାରେ ଜଣେ ତହସିଲ ଷ୍ଟାମ୍ପ ଭେଣ୍ଡର ଥିଲେ। ତାଙ୍କ ସ୍ତ୍ରୀ ଗାୟତ୍ରୀ ମିଶ୍ରଙ୍କ ଅଭିଯୋଗ କ୍ରମେ ପାଟକୁରା ପୋଲିସ ଏକ ମାମଲା(ନଂ.୫୭/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ପାଟକୁରା ପୋଲିସ ୨ ଜଣଙ୍କୁ ଗିରଫକରି ରବିବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଇଣ୍ଡାଲ ଗ୍ରାମପଞ୍ଚାୟତ ଅଢ଼ଙ୍ଗା ଗ୍ରାମର ପ୍ରତୀକ ମିଶ୍ର ଓ ଅନ୍ୟଜଣେ ହେଲେ ମହାକାଳପଡ଼ା, ନଛିପଡା ଗ୍ରାମର ବାବୁଲି ମଳିକ। ପାଟକୁରା ପୋଲିସ ବଂଶୀଧର ମିଶ୍ରଙ୍କ ମୃତ୍ୟୁ ଘଟଣାରେ ବିଭିନ୍ନ ଦିଗରୁ ତଦନ୍ତ କରୁଛି ।

## ଶ୍ରୀରାମନବମୀ ମହୋତ୍ସବ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ,୧୩।୪(ବେବର୍ତ୍ତା ଅଜୟ ଦାଶ)**

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ଗ୍ରାମର ବଟମହାପୁରୁଷ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ବଟଗୋସେଇଁଙ୍କ ପୀଠରେ ସମ୍ପୂର୍ଣ୍ଣ ରାମାୟଣ ବଚନିକା ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଉଛି । ପବିତ୍ର ଚୈତ୍ର ପୂର୍ଣ୍ଣିମା ରାତ୍ରିରେ ସୀତା ଚୋରି ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଧାୟକ ମହାପାତ୍ର ଅନୁଷ୍ଠାନର ପୁରାତନ କଳାକାର ଚିତ୍ତ ରଞ୍ଜନ ଦାସ, ମହେନ୍ଦ୍ର କୁମାର ଦାସ, ବିଜୟ କୁମାର ନାଥ, କାହ୍ନୁ ଚରଣ ରାଉଳ ଓ କୈଳାସ ଘଡ଼େଇଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ମାନିତ କରିଥିଲେ।

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୧୩।୪ (ଜଗନ୍ନାଥ ଧଳ)**

ଇଂଲିଶରେ ଟ୍ରଷ୍ଟର ଓଡ଼ିଆ ଅର୍ଥ ବିଶ୍ୱାସ। କୌଣସି ଚାରିଟେବୁଲ ଟ୍ରଷ୍ଟ ଯଦି ନିରାଶ୍ରୟ ଓ ପୀଡ଼ିତାଙ୍କ ବିଶ୍ୱାସ ଭାଜନ ହୋଇପାରିଲା, ତାହା ଦୀର୍ଘସ୍ଥାୟୀ ହୁଏ। ସମାଜର କଲ୍ୟାଣ ପାଇଁ ଏପରି ଟ୍ରଷ୍ଟ ସର୍ବଦା ଆଦରଣୀୟ ବୋଲି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ଅତିଥିମାନେ ଶନିବାର ମତ ଦେଇଛନ୍ତି। ଟ୍ରଷ୍ଟ ସଭାପତି ଦମନକୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିନ୍ନ ଏକ ବିଶ୍ୱକର୍ମା ଶୀର୍ଷକ ଏହି ଉତ୍ସବ କେନ୍ଦ୍ରାପଡ଼ା ସହର ଗରାପୁର ହନୁମାନ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଦେବଦାସୀ ମୋହିନୀ ମାଆ, ମହନ୍ତ ସନ୍ତୋଷ ଚୈତନ୍ୟ, ମହନ୍ତ ଚେତନାନନ୍ଦ ଦାସ ମହାରାଜ, ବ୍ରହ୍ମଚାରୀ ସ୍ୱରୂପ ଚୈତନ୍ୟ, ବୁଦ୍ଧିଜୀବୀ କମଳାକାନ୍ତ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟଧାରା ସମାଜ ଉପଯୋଗୀ ବୋଲି ପ୍ରକାଶ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଶାନ୍ତି ମାଆ, ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ, ଶ୍ରୀ ବଳଦେବଜୀଉଙ୍କ ସେବକ ମାଧବ ଚନ୍ଦ୍ର ପତି, ଶିକ୍ଷକ ନରହରି ଦାସ, ଶିକ୍ଷାବିତ୍ ବନବିହାରୀ ଦାସ, ଶ୍ରୀ ଜଗନ୍ନାଥଙ୍କ ସେବକ ନନ୍ଦକିଶୋର ମିଶ୍ର, ସାମାଜିକ କର୍ମୀ କେଶବ ଚନ୍ଦ୍ର ସୂତାର, ପ୍ରଭାତ କୁମାର ଜେନା, ଦଣ୍ଡ ପ୍ରଣାମୀ ଶ୍ରଦ୍ଧାଳୁ ମଙ୍ଗୁ ବସନ୍ତିଆ, ବିସ୍ମୟ ବାଳକ ମୃତ୍ୟୁଞ୍ଜୟ ମଲିକ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଟ୍ରଷ୍ଟ ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ କୁମାର ତରାଇ ଏହି ଉତ୍ସବକୁ ପରିଚାଳନା କରିଥିଲେ। ଟ୍ରଷ୍ଟ କର୍ମକର୍ତ୍ତା ରାଜେଶ କୁମାର ବାରିକ, ଇଂ.ନଳିନୀକାନ୍ତ ରଥ, ସଂଗ୍ରାମ କୁମାର ଦାସ, ତପନ କୁମାର ନାଥ, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଲୋକକଳା ମହୋତ୍ସବ-୨୦୨୫

**ରାଜକନିକା,୧୩।୪(ସଞ୍ଜୟ କୁମାର ଦାଶ)**

ଓଡ଼ିଶାରେ ଲୋକକଳା ବିଲୁପ୍ତ ହେବାକୁ ଯାଉଥିବା ବେଳେ ଏହାକୁ ଉଜ୍ଜୀବିତ କରି ରଖିବାକୁ ରାଜକନିକା ବ୍ଲକ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ ଲୋକକଳା ମହୋତ୍ସବ-୨୦୨୫ ଗତ ୯ ଓ ୧୦ରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଉପସଭାପତି ବିଶ୍ୱନାଥ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଗିରିଆ ମେଲଣ ପଡିଆରେ ଅନୁଷ୍ଠିତ ମହୋତ୍ସବରେ ଉଦଘାଟନ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ମୁଖ୍ୟବକ୍ତା ଭାବେ ଓଳାଭର ଯୁବକ ସଂଘର ସମ୍ପାଦକ ଶ୍ରୀନିବାସ ଓଝା ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଯୋଗଦେଇ ଘୋଡ଼ା ନାଚ, ଓଡ଼ିଶୀ, ପାଲା ପରିବେଷଣ, ବାଡିଖେଳ କଳାକାର ଏବଂ ଭଜନ ଓ ବିଭିନ୍ନ ନୃତ୍ୟ ପରିବେଷଣ କରିଥିବା କୁନି କୁନି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ଉଦଯାପନୀ ଉତ୍ସବରେ ସମସ୍ତ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା । ରବିନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସୁରେନ୍ଦ୍ର ମହାନ୍ତି, ଅଶୋକ ଗିରି, ସଦାନନ୍ଦ ଶତପଥୀ, ବସନ୍ତ ରାୟ, ରତିକାନ୍ତ ରାୟ, ଟୁନା ଘଡ଼େଇ, ଈଶର ମଣ୍ଡଳ, ଅମର ବେହେରା ପ୍ରମୁଖ ବାଦ୍ୟଯନ୍ତ୍ର ରେ ସାହାଯ୍ୟ କରିଥିଲେ । ଉପସ୍ଥାପକ ଭାବେ ତନ୍ମୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୁଣାତ୍ମକ ଶିକ୍ଷା ପାଇଁ ନିଷ୍ଠାପର ଉଦ୍ୟମ ଆବଶ୍ୟକ

### ବିଡି ନୋଡାଲ ସ୍କୁଲ ବାର୍ଷିକୋତ୍ସବ

**ପଟ୍ଟାମୁଣ୍ଡାଇ,୧୩।୪(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ତନୁପୁର ବିଡି ନୋଡାଲ ଉପ୍ରା ସ୍କୁଲ ବାର୍ଷିକ ଉତ୍ସବ ଓ ଗୁରୁ ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ରାଜ୍ୟ ପୁରସ୍କୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ସିଆରସିସି ମଳୟ ଜେନା,ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୁଶାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ପ୍ରସାର ଦିଗରେ ସମସ୍ତେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ମାମାଲିନ କୁଣ୍ଡ ସ୍ୱାଗତଭାଷଣ ଓ ରଶ୍ମିରେଖା ବରାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନସୀ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ । ଏଇ ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ପୂର୍ବତନ ଗୁରୁମା-ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ । ଛାତ୍ରୀ ଶିବାନୀ ବେହୁରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ବାର୍ଷିକ ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀ ପ୍ରିୟଙ୍କା ତରାଇଙ୍କୁ ପ୍ରଶଂସାପତ୍ର ଓ ସିଲଡ଼ ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ଲୋପାମୁଦ୍ରା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିଷୁବ ମିଳନ, କବିତା ପାଠୋତ୍ସବ



ବିଷୁବ ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଡେରାବିଶ,୧୩।୪(ବେବର୍ତ୍ତା ଅଜୟ ଦାସ)**

ରବିବାର ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଜୟ ଭାରତୀ ସାଥୀ ସମାଜ ପରିସରରେ ଉତ୍କଳୀୟ ନବବର୍ଷ ଓ ବିଷୁବ ମିଳନ ତଥା କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ନିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାହିତ୍ୟ ସଂସଦର ସଭାପତି କରୁଣାକର ଦାସ ଯୋଗଦେଇ ଓଡିଆ ପକ୍ଷ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସ୍ୱାଭିମାନ, ସଂସ୍କୃତି ସୁରକ୍ଷା ଉପରେ ନୂଆ ଯୁବପୀଢିକୁ ସଂଶ୍ଳିଷ୍ଟ କରାଇବାରେ ପ୍ରତ୍ୟେକ ଓଡ଼ିଆଙ୍କ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। କବିତା ପାଠରେ କବୟିତ୍ରୀ ପ୍ରତିଭା ଦାସ ଓ ପ୍ରମୋଦ କୁମାର ପ୍ରତାପ ସଂଯୋଜନା କରିଥିଲେ। ମଧ୍ୟାହ୍ନରେ ବିଷୁବ ପଣାରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଉତ୍କଳୀୟ, ଧର୍ମ, ସଂସ୍କୃତି ବିଶେଷକରି ଓଡ଼ିଆ ଅସ୍ମିତା ସହିତ ଶ୍ରୀ ଜଗନ୍ନାଥ ଦର୍ଶନ ଉପରେ ବକ୍ତାମାନେ ଆଲୋଚନା କରିଥିଲେ । ପ୍ରଚଳିତ ଧର୍ମ ସଂସ୍କୃତି କାର୍ଯ୍ୟକ୍ରମରେ ସଂସ୍କାର ପାଇଁ ଅନୁରୋଧ କରିଥିଲେ। ସମସ୍ତ ଅତିଥି ଓ କବିମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଏହି ଆଲୋଚନାରେ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମଲିକ,ଦାମୋଦର ବେଦାନ୍ତ,ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ପାତ୍ର ଅଂଶ ଗ୍ରହଣ କରିଥିଲେ। ସାଥି ସମାଜର ସଂଯୋଜିକା ମନୋରମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୌଦାମିନୀ ବିଶ୍ୱାଳ, ମନ୍ଦାକିନୀ ବେହେରା, ରାଜଶ୍ରୀ ସ୍ୱାଇଁ, ଅଞ୍ଜନା ପରିଡ଼ା ସହଯୋଗ କରିଥିଲେ।

## ୫ ଦିନରେ ପହଞ୍ଚିଲା ଧାରଣା




ଧାରଣାରେ ବସିଥିବା ଜିଏଲ୍ଏଫ୍ ।

- ସମର୍ଥନରେ ବାହାରିଲେ ୨୯ ପଞ୍ଚାୟତର ଜିଏଲ୍ଏଫ୍
- ୧୫ରେ ବ୍ଲକସ୍ତରୀୟ ମହିଳା ସମାବେଶ

**ରାଜକନିକା,୧୩।୪ (ସଞ୍ଜୟ କୁମାର ଦାଶ)**

ଜାଗୁଲାଇପଡା ପଞ୍ଚାୟତର ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ମିଶନ ଶକ୍ତି ପୁନଃ ଗଠନ ବନ୍ଦ କରିବା ଦାବିକରି ଗତ ୯ରୁ ରାଜକନିକା ବ୍ଲକ ପରିସରରେ ଦିବାରାତ୍ର ଧାରଣାରେ ବସିଛନ୍ତି। ମହିଳାମାନେ ଦାବି କରିଛନ୍ତି, ବର୍ଷେ ହେବ ଆମର ପଞ୍ଚାୟତସ୍ତରୀୟ ମହାସଂଘ ଗଠନ କରଯାଇଛି। ଆମକୁ କୌଣସି ସରକାରୀ ଆର୍ଥ ମିଳି ନାହିଁ କି ଆମ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନାହିଁ । ସରକାର ଆମ ପଞ୍ଚାୟତରେ ପଞ୍ଚୟତ ସ୍ତରୀୟ ସଙ୍ଗଠନ ପୁନଃ ଗଠନ ନ କରଯାଉ ବୋଲି ଦାବି କରିଛନ୍ତି । ହେଲେ ୫ ଜିତିଥିଲେ ମଧ୍ୟ ପ୍ରଶାସନ କିଛି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି । ତେବେ ରବିବାର ଦିନ ଧାରଣାସ୍ଥଳରେ ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ତଥା ଓଳାଭର ପଞ୍ଚାୟତ ଜିଏଲ୍ଏଫ୍ର ସଭାନେତ୍ରୀ ସବିତା ବରଜ ପହଞ୍ଚି ନୈତିକ ସମର୍ଥନ ଜଣାଇବା ସହ ବ୍ଲକସ୍ତରୀୟ ଫେଡେରେଶନର ସଭାନେତ୍ରୀ ଓ ସମ୍ପାଦିକାମାନେ ଧାରଣାସ୍ଥଳରେ ପହଞ୍ଚି ସମର୍ଥକ ଜଣାଇଛନ୍ତି। ଏହି କ୍ରମରେ ଧାରଣାସ୍ଥଳରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ମୁତାବକ ବ୍ଲକର ୨୯ଟି ପଞ୍ଚାୟତର ସ୍ୱୟଂ ସହାୟକ ମହିଳାମାନେ ମହିଳା ସମାବେଶ କରିବାପାଇଁ ନିଷ୍ପତ୍ତି ନିଆଯାଇଛି । ଧାରଣାରତ ମହିଳା ସଭାନେତ୍ରୀ ଗାୟତ୍ରୀ ମହାନ୍ତି, ସମ୍ପାଦିକା ମିନତି ବିଶାଳ, ପ୍ରଭାବତୀ ସାହୁ, ଡଲିରାଣୀ ପାତ୍ର, ବିନୋଦିନୀ ମହାନ୍ତି, ସନ୍ଧ୍ୟାରାଣୀ ବେହେରା, ସଂଘମିତ୍ରା ଦାସ, ଶାନ୍ତିଲତା ମଲିକ, ଅନିତା ମହାରଣା, ସସ୍ମିତା ବେହେରା, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଝୁନାରାଣୀ ମଲିକ, କୁନିଲତା ସାମଲ, ସବିତା ନାୟକ, ବନଲତା ବେହେରା, ସଞ୍ଜିଲତା ନାୟକ, ପୂଜା ରାଣୀ ନାୟକ, ଡଲିରାଣୀ ପାତ୍ର, ବିଦ୍ୟୁସ୍ମିତା ଭଳି, ମଞ୍ଜୁଲତା ଦାସ, ସରସତୀ ମହାପାତ୍ର, ପ୍ରତିମା ବେହେରା, ବିମଳା ମହାପାତ୍ର, ସରସତୀ ମହାପାତ୍ର, ଆରତୀ ପରିଡା, ଜାନକୀ ଦାସ, ପ୍ରଭାତୀ ସାମଲ, କୁନିଲତା ସାମଲ, ସୁଜାତା ବେହେରା, ସବିତା ନାୟ, ଜଞ୍ଜାଳି ମଲିକ, ସ୍ୱର୍ଣ୍ଣାକାନ୍ତି ରାଉତ, ଉର୍ମିଳା ରାୟ ଏବଂ ସବିତା ବରଜ, ବୈଜୟନ୍ତୀ ବିହାରୀ, ପ୍ରେମଲତା ପଟ୍ଟନାୟକ, ଉର୍ମିଳା ବେହେରା, ରେଣୁବାଳା ମିଶ୍ର, କ୍ଷୀରୋଦିନୀ ସ୍ୱାଇଁ, ଅଭୟଲକ୍ଷ୍ମୀ ଦାଶ, ପ୍ରଭାତୀ ବେହୁରୀଆ, ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଅଂଶ ଗ୍ରହଣ କରିଥିଲେ ।



# ଓଡ଼ିଆ ନୂଆବର୍ଷର ସଂକଳ୍ପ



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଆଜି ପବିତ୍ର ଓଡ଼ିଆ ନୂଆବର୍ଷ। ମହାବିଷୁବ ସଂକ୍ରାନ୍ତି ମହାବୀର ହନୁମାନ ଜୟନ୍ତୀ। ଆଜି ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଓଡ଼ିଆ ପାଞ୍ଜିର ହେବ ଶୁଭାରମ୍ଭ। ଆଜି ଭାରତର ସମ୍ବିଧାନ ପ୍ରଣେତା, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଅବହେଳିତ, ଦଳିତଙ୍କ ସ୍ୱାର୍ଥ ଓ ସମ୍ମାନ ତଥା ସାମାଜିକ ସମରସତାର ମୂର୍ତ୍ତିମନ୍ତ ପ୍ରତୀକ ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ଜନ୍ମ ଜୟନ୍ତୀ। ଆଜିର ଏହି ପବିତ୍ର ଶୁଭଦିନରେ ଆମ ରାଜ୍ୟର, ରାଜ୍ୟ ବାହାରେ ଏବଂ ସାରା ବିଶ୍ୱରେ ବସବାସ କରୁଥିବା ଓଡ଼ିଆମାନଙ୍କୁ ଅଭିନନ୍ଦନ ଜଣାଉଛି। ଆଗାମୀ ବର୍ଷ ଓ ଆଗକୁ ଆହୁରି ଅନେକ ଅନେକ ବର୍ଷ ଆପଣଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦର ହାତ ରହୁ ଏହା ହିଁ କାମନା କରୁଛି।

ଗତ କିଛିଦିନ ତଳେ ଚଳିତ ଏପ୍ରିଲ ମାସ ୧ ତାରିଖରେ ଆମେ ଓଡ଼ିଶା ଦିବସ ପାଳନ କରିଛେ। ଏପ୍ରିଲ ୧ ଓଡ଼ିଶା ଦିବସରୁ ଏପ୍ରିଲ ୧୪ ଓଡ଼ିଆ ନୂଆବର୍ଷ ପର୍ଯ୍ୟନ୍ତ ଆମେ ଓଡ଼ିଆ ଭାବରେ ଆମ ସ୍ୱାଭିମାନ, ପରିଚୟ ଓ ଅସ୍ମିତାରେ ଯୋଡ଼ି ହେବା ପାଇଁ ଓ ଏଥିରୁ ପ୍ରେରଣା ନେବା ଲାଗି ପ୍ରତିଦିନ ଓଡ଼ିଆ ସ୍ୱତନ୍ତ୍ର ପରିଚୟର ଉତ୍ସବ ପାଳନ କରିଛେ। ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ନେଇ ଗତ ୧୪ ଦିନ ଧରି ଆମ ପରିଚୟକୁ ଖୋଜିବା ସହ ନୂଆ ପିଢ଼ି ପାଖକୁ ବାର୍ତ୍ତା ପହଞ୍ଚାଇବା ପାଇଁ ଚେଷ୍ଟା କରିଛେ। ଏହି ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି ମହାପୁରୁଷ ଓ ମହୀୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ, ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ, ସେମାନଙ୍କୁ ଯଥୋଚିତ ସମ୍ମାନ ଦେଉଛୁ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୯୧ତମ ପ୍ରତିଷ୍ଠା ଦିବସରୁ ଆଜି ୧୪ ଏପ୍ରିଲ ମହାବିଷୁବ ପଣାସଂକ୍ରାନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂଆ ଅବସର ପାଇଁ ସୁଯୋଗ ସୃଷ୍ଟି କରୁ, ଆଜି ଦିନରେ ଏହା ହିଁ କାମନା।

ଆସନ୍ତୁ ମନ, ପ୍ରାଣ, ହୃଦୟରୁ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମର ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଠନ କରିବାକୁ ସଂକଳ୍ପ ନେବା।

ଓଡ଼ିଆ ଆଜି ଯାହା ଚିନ୍ତା କରେ, ସାରା ଦେଶ ଆଗାମୀ ଦିନରେ ସେହି ରାସ୍ତାରେ ଯାଏ। ସ୍ୱାଧୀନତା ପୂର୍ବରୁ ଆମ ଜାତି ଭାଷା ଆଧାରିତ ରାଜ୍ୟ ଗଠନ ପାଇଁ ଦୀର୍ଘ ଦଶନ୍ଧି ଧରି ଲଢ଼େଇ କରିଥିଲା। ସ୍ୱାଧୀନତା ପରେ ଆମ ଦେଶରେ ରାଜ୍ୟ ଗଠନର ଆଧାର ହେଲା ଭାଷା। ଉତ୍କଳଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର, ସ୍ୱଭାବକବି ଗଙ୍ଗାଧର, ବ୍ୟାସକବି ଫକୀର ମୋହନ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏମିତି ଆହୁରି ଅନେକ ନେତୃତ୍ୱଙ୍କର ଦୂରଦୃଷ୍ଟିର ଓଡ଼ିଆ ଜାତି ହିଁ ଦାୟାଦ।

ଥରେ ଭାବନ୍ତୁ- ଆମେ କଳିଙ୍ଗ ଯୁଦ୍ଧ ହାରିନଥିଲୁ। ବୀର ଓଡ଼ିଆଙ୍କ ଶକ୍ତି, ସାମର୍ଥ୍ୟ ଓ ସାହସ ଆଗରେ ସମ୍ରାଟ୍ ଅଶୋକଙ୍କ ମଥାନତ ହୋଇଥିଲା। ସଂସ୍କୃତ ପରେ ମହାଭାରତ ଓଡ଼ିଆ ଭାଷାରେ ହିଁ ପ୍ରଥମେ ରଚିତ ହୋଇଥିଲା। କାଳିଦାସ ତାଙ୍କ କାବ୍ୟ ମେଘଦୂତରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ଭାବରେ ଅବିହିତ କରିଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସାରା ବିଶ୍ୱରେ ମହିଳା ସଶକ୍ତୀକରଣର ନୂତନ ବାର୍ତ୍ତା ଦେଇଥିଲା। ମା' ଲକ୍ଷ୍ମୀ ତଥାକଥିତ ସମାଜର ପଛୁଆବର୍ଗର ମହିଳା ଶ୍ରୀୟା ଘରକୁ ଯାଇ ସ୍ୱଚ୍ଛତାର ବାର୍ତ୍ତା ଉପରେ ମୋହର ଲଗାଇଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର କେବଳ ଭାସ୍କର୍ଯ୍ୟର ପେଣ୍ଠସ୍ଥଳୀ ନୁହେଁ, ବରଂ ବାଳସୂର୍ଯ୍ୟ, ଉଦିତ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ନିର୍ଦ୍ଦିଷ୍ଟ ସ୍ଥିତି ଓ ଅବସ୍ଥିତି ଏବଂ ଗଣନା ଆଧାରରେ ଆଷ୍ଟ୍ରୋ ଫିଜିକ୍ସର ଓଡ଼ିଆଙ୍କ ପାରଙ୍ଗମତାର ନିଦର୍ଶନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୮୦୦ ବର୍ଷ ପୁରୁଣା ମନ୍ଦିରର ଦୃଢ଼ତା ଓ ସ୍ଥାୟିତ୍ୱ ଓଡ଼ିଆ ଜାତିର, ଷ୍ଟ୍ରକ୍ଚରାଲ ଇଂଜିନିୟରିଂ ଓ କେମିକାଲ ଇଂଜିନିୟରିଂ କ୍ଷେତ୍ରରେ ନୈପୁଣ୍ୟତାର ପ୍ରମାଣ। ଏହାକୁ ମାନିବାକୁ ହେବ। ଭୀମ ଭୋଇଙ୍କ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ କାଳଜୟୀ କବିତା ମହିମା ବିଚାର ଯେ, ବିଶ୍ୱର ସବୁଠୁ ବଡ଼ ଦର୍ଶନ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ହକ୍‌ଦାର, ଏଥିରେ କେହି ଦ୍ୱିମତ ହେବେ ନାହିଁ। ସମ୍ବଲପୁର, କୋଟପାଡ଼, ପଶାପାଲି, ମାଣିଆବନ୍ଧ ସମେତ ପ୍ରାୟ ସବୁ ଜିଲାର ବସ୍ତ୍ର ଓ ହସ୍ତକଳାର ପ୍ରାଚୁର୍ଯ୍ୟ ତଥା ଆମର କଳା ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ ବିଶ୍ୱକୁ ପ୍ରଭାବିତ କରିବା ପାଇଁ ବଡ଼ ସମ୍ଭାବନା ରଖିଛି, ଏହାକୁ ଯେ କେହି ବି ସ୍ୱୀକାର କରିବ।

ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡ଼ିଶାରେ ତାଙ୍କ ମାର୍ଗ ଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର। ଯଦି ପ୍ରତି ଓଡ଼ିଆ ପାଦେପାଦେ ଆଗକୁ ଚାଲିବେ, ତା'ହେଲେ ଓଡ଼ିଶା ସାଢ଼େ ୪ କୋଟି ପାଦ ଆଗକୁ ଯିବ। କହିବାର ଉଦ୍ଦେଶ୍ୟ, ଆମେ ଓଡ଼ିଶାବାସୀ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ। ଯଦି ଏ ଜାତି ଆଗକୁ ବଢ଼ିବା ପାଇଁ ଦୃଢ଼ ନିଶ୍ଚିତ ହୁଏ, ଏହାର ପ୍ରଗତିକୁ କେହି ରୋକି ପାରିବେ ନାହିଁ।

ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ହିସାବରେ ଓ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଯେତେବେଳେ ନୂଆ ଓଡ଼ିଶାର ନୂଆ ପିଢ଼ି ସହ ମିଶିଛି, ସେମାନଙ୍କ ଆଖିରେ ନିଜେ ବଡ଼ ହେବାର ଓ ଆମ ମାତୃଭୂମିକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ଶପଥର ଝଲକକୁ ମର୍ମେ ମର୍ମେ ଅନୁଭବ କରିଛି।

ଓଡ଼ିଶା ମାଟିତଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅମାପ ଖଣିଜ ସମ୍ପଦ ଦେଇଛନ୍ତି। ଉଇମାନର ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ୍, କୋଇଲା, ଚୂନପଥର, ଲାଇମ୍‌ଷ୍ଟୋନ , ଡୋଲ୍‌ମାଇଟ, ଗ୍ରାଫାଇଟ୍‌ର ଅମାପ ଭଣ୍ଡାର ଦେଇଛନ୍ତି।

ଆମର ନଦନଦୀ, ଜଳଶକ୍ତିରେ ଓଡ଼ିଶାକୁ ବେଶ୍ ସମୃଦ୍ଧ କରିଛି। ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ଆମର ଅନନ୍ୟ ସମ୍ପଦ। ନୀଳ ଅର୍ଥନୀତିର ବଡ଼ ସମ୍ଭାବନାର ସୁଯୋଗ ଆମକୁ ଦେଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶା ପାଖରେ ଅଛି ଅମାପ ଜଙ୍ଗଲ ସମ୍ପଦ। ଜଙ୍ଗଲ ସହିତ ଜଡ଼ିତ ଆଦିବାସୀ ଓ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ସହିତ ଜଡ଼ିତ ଆର୍ଥିକ ବିକାଶର ଅନେକ ଦିଗ ବିକାଶର ବାଟରେ ଆମ ରାଜ୍ୟକୁ ଆଗେଇ ନେବା ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି।

ଓଡ଼ିଶା ଆଜିକା ଦିନରେ ଭୌତିକ ଦୃଷ୍ଟିରୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ହୁଏତ ପଛରେ ଥାଇପାରେ, ମାତ୍ର ଆମ ଯୁବପିଢ଼ିର ବୌଦ୍ଧିକ ଶକ୍ତି ଦେଶର କୌଣସି ବି ରାଜ୍ୟଠାରୁ ପଛରେ ନୁହେଁ; ଏକଥା ମୁଁ ଦୃଢ଼ତାର ସହିତ କହିପାରିବି। ଭାରତର ବଡ଼ ବୁଦ୍ଧି ଆଧାରିତ ସୂଚନା ଓ ପ୍ରଯୁକ୍ତି ବା ଆଇଟି ଶିଳ୍ପରେ ଓଡ଼ିଆ ନୂଆ ପିଢ଼ିର ଯୋଗଦାନକୁ ଯେ କେହି ବି ସ୍ୱୀକାର କରିବ।

ଓଡ଼ିଆ ଜାତି ପରିଶ୍ରମୀ। ଏକଥା ସତ, ଆମ ମାଟିରେ ଆମ ଲୋକମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇ ଦିଆଯାଇ ପାରିନାହିଁ। ମାତ୍ର ଦଶନ୍ଧି ଦଶନ୍ଧି ଧରି ଆମ ଲୋକମାନଙ୍କ ଝାଳରେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରଦେଶମାନେ ଯେ, ଆର୍ଥିକ ପ୍ରଗତିର ଶୀର୍ଷକୁ ଯିବା ପାଇଁ ସଫଳ ହୋଇଛନ୍ତି, ଏଥିରେ କେହି ଦ୍ୱିମତ ହେବେ ନାହିଁ।

ଏସବୁ ପ୍ରସଙ୍ଗ ଉଠାଇବା ପଛରେ ମୋ ମନରେ ଏକ ଆବେଗ ଅଛି। ଆମେ ଆମର ଅପାର ସମ୍ଭାବନାକୁ ସଠିକ୍ ଉପଯୋଗ ନ କରିବା କାରଣରୁ ଆମେ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ପ୍ରଗତିର ମାପଦଣ୍ଡରେ ପଛରେ ପଡ଼ିଛେ। କାହାକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ହଟିଯିବା ମୋ ଭଳି ଗରିବ ପୃଷ୍ଠଭୂମିରୁ ସଂଘର୍ଷର ରାସ୍ତା ଆପଣାଇ ଏହି ସ୍ଥାନରେ ପହଞ୍ଚିଥିବା ମେହନତୀ ମଣିଷ ପକ୍ଷରେ ସମ୍ଭବ ନୁହେଁ।

ଭଗବାନ୍ ଆମକୁ ଖଣି ଦେଇଛନ୍ତି। ଗତ କିଛି ବର୍ଷରେ ମୋଦୀ ସରକାରଙ୍କର ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଏବଂ ଖଣିଥିବା ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡ଼ିଶାର ବଜେଟ ଆକାରକୁ ବହୁତ ବଢ଼ାଇଛି। ସରକାରଙ୍କର ବଜେଟ ସାଇଜ୍ ବଡ଼ ହୋଇଛି ସତ, କିନ୍ତୁ ଓଡ଼ିଆ ଲୋକଙ୍କର ରୋଜଗାର ଯେତିକି ବଢ଼ିବା କଥା ତାହା ବଢ଼ି ପାରିନାହିଁ।

ଖଣି ଆଧାରିତ ରାଜ୍ୟ ରାଜସ୍ୱ ତ ମିଳିବ, କିନ୍ତୁ ଆମକୁ ଖଣି ବାହାରେ ପୁରୁଷାର୍ଥ କରିବାକୁ ପଡ଼ିବ। କୃଷି, କୃଷି ଆଧାରିତ ଆନୁଷଙ୍ଗିକ କ୍ଷେତ୍ର ଓ କୃଷି ଉତ୍ପାଦର ପ୍ରକ୍ରିୟାକରଣର ସମ୍ଭାବନାକୁ ମୋ ସରକାର ପ୍ରାଥମିକତା ଦେଇଛି। ଓଡ଼ିଆ ଲୋକଙ୍କୁ ଚାକିରିଆ ନୁହେଁ, ରୋଜଗାର ସୃଷ୍ଟି କରିବା ପାଇଁ ଉଦ୍ୟମୀ ହେବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଆମେ ଉଦ୍ୟମରତ। ଶିଳ୍ପ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ଏବଂ ଓଡ଼ିଶାର ପାରମ୍ପରିକ ଶିଳ୍ପ ଯଥା ବୟନ ଶିଳ୍ପ, ହସ୍ତକଳା ଆଦିକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ବଡ଼ ଯୋଜନାକୁ କ୍ରିୟାନ୍ୱିତ କରିବା ପ୍ରକ୍ରିୟାରେ ଆମେ ଲାଗି ପଡ଼ିଛୁ।

ଦେଶ ଏବେ ଅମୃତକାଳରେ। ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ। ମାତ୍ର ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଆମର ସଂକଳ୍ପ ଦେଶ ଯେତେବେଳେ ୧୦୦ ବର୍ଷ ପୂରଣ କରିବ, ଦେଶକୁ ବିଶ୍ୱର ଏକ ନମ୍ବର ଅର୍ଥନୀତି କରିବାରେ ଓଡ଼ିଶା ଏକ ନିର୍ଣ୍ଣାୟକ ଭୂମିକା ନେବ। ସେଥିପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ଖାଲି ଭାରତର ନୁହେଁ, ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଆଗୁଆ ଭୂଖଣ୍ଡ ଭାବେ ଗଢ଼ି ତୋଳିବା ପାଇଁ ଆମକୁ ଯୋଜନାରେ ସଫଳ ହେବାକୁ ପଡ଼ିବ। ହାତରେ ମାତ୍ର ୧୧ ବର୍ଷ, ମାନେ ୧୧ X ୩୬୫ ଏପରି ମୋଟ ୪୦୧୫ ଦିନ। ଯୋଜନାବଦ୍ଧ କଠିନ ପରିଶ୍ରମ ହିଁ ଆମର ନିଷ୍ଠା। ଆମ ଆତ୍ମବିଶ୍ୱାସ ଆମର ଶକ୍ତି। ଆମ ରାଜାଙ୍କ ବିଜୟ ପାଇଁ କଳା ଧଳା ଘୋଡ଼ାରେ ଚଢ଼ି ଆମ ବଡ଼ଠାକୁର ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବା ଓଡ଼ିଆଙ୍କ ଲୋକବିଶ୍ୱାସ। ଓଡ଼ିଆ ସାଧବପୁଅ ସାତ ଦରିଆ ତେର ନଈ ଡେଇଁ ସମୁଦ୍ର ପଥରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲା। ଓଡ଼ିଆଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରି ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆଜି ଓଡ଼ିଆ ନୂଆବର୍ଷରେ ଆସନ୍ତୁ ଦୃଢ଼ ସଂକଳ୍ପ ନେବା।

## ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ବିଶ୍ୱବିଦିତ କରିବାକୁ ଆହ୍ୱାନ



ଓଡ଼ିଆ ପକ୍ଷ ପାଳନ ଅବସରରେ ମହିଳାମାନେ ନିଜେ ପ୍ରସ୍ତୁତ କରିଥିବା ପିଠା ଓ ବିଭିନ୍ନ ପାରମ୍ପାରିକ ଖାଦ୍ୟ।

**ଓଡ଼ିଆ ପକ୍ଷର ୧୩ଶ ଦିବସ**

### ଆମ ରୁଚି ଆମ ଖାଦ୍ୟ ଉତ୍ସବ

**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୧୩।୪
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ପକ୍ଷ ପାଳନର ୧୩ଶ ଦିବସ ରବିବାର 'ଆମ ରୁଚି ଆମ ଖାଦ୍ୟ' ଉତ୍ସବ ରାଜ୍ୟବ୍ୟାପୀ ପାଳିତ ହୋଇଯାଇଛି। ଆମ ଓଡ଼ିଆ ହାଣ୍ଡିଶାଳର ବିଭିନ୍ନ ବ୍ୟଞ୍ଜନ ଯଥା ପିଠାପଣା, ପଖାଳ ଭାତ, ବେସର-ମହୁର, ନଅ ତିଅଣ ଛଅ ଭଜା ଆଦି ପାରମ୍ପରିକ ଖାଦ୍ୟର ବହୁଳ ପ୍ରଚାର ଓ ପ୍ରସାର ସହ ଯୁବପିଢ଼ିଙ୍କ ମଧ୍ୟରେ ଏହାକୁ ପୁନଃ ଆଦୃତ କରିବା ଲକ୍ଷ୍ୟରେ ଏପରି ସ୍ୱତନ୍ତ୍ର ତଥା ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ଜିଲା, ବ୍ଲକ, ପୌରାଞ୍ଚଳ, ପୌର ପରିଷଦ ପକ୍ଷରୁ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ନେଇ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଓଡ଼ିଆ ବ୍ୟଞ୍ଜନକୁ ଭରପୂର ଉପଭୋଗ କରିବା ସହିତ ପାରମ୍ପରିକ ଖାଦ୍ୟର ବୈଶିଷ୍ଟତା ଓ ଉପାଦେୟତା ସମ୍ପର୍କରେ ଭାବ ବିନିମୟ କରିଥିଲେ। ଏଥିସହିତ ଫଟୋ ଉଠାଇ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ www.odiapakhya.comରେ ଅପ୍‌ଲୋଡ୍ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ପୁନଶ୍ଚ ବିଶ୍ୱବିଦିତ କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ।

DADLS-13

ଭାରତରତ୍ନ ବାବାସାହେବ
ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୧୪ ଅପ୍ରେଲ - ୨୦୨୫

ସକାଳ ଘ.୮.୩୦ ମିନିଟ୍ : ଏଜି ଛକ, ଭୁବନେଶ୍ୱରସ୍ଥିତ ଭାରତରତ୍ନ ବାବାସାହେବ
ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ
ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସଂନ୍ଧ୍ୟା ୭ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ
ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ
କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ, ସାଂସଦ, ଜଗତସିଂହପୁର
ଡ. ରବିନ୍ଦ୍ର ନାରାୟଣ ବେହେରା, ସାଂସଦ, ଯାଜପୁର

- ମୁଖ୍ୟବକ୍ତା -
ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ



"ଗଣତନ୍ତ୍ର ହେଉଛି ଏପରି ଏକ ଶାସନ ବ୍ୟବସ୍ଥା
ଯେଉଁଥିରେ ବିନା ରକ୍ତପାତରେ ଜନଗଣଙ୍କ ଆର୍ଥିକ
ଏବଂ ସାମାଜିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ
ଆଣିବା ସମ୍ଭବ ହୋଇଥାଏ।"
- ଡଃ. ବି. ଆର୍. ଆମ୍ବେଦକର୍

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0513/2526

# ଶୃଙ୍ଖଳିତ ଢଙ୍ଗରେ ହନୁମାନ ଜୟନ୍ତୀ ପାଳନକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡିଜିପି ୱାଇ. ବି. ଖୁରାନିଆଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

- ସୋସିଆଲ ମିଡିଆ ଗୁଜବ ଉପରେ ନଜର ରଖିବାକୁ ଡିଜିପିଙ୍କ ନିର୍ଦ୍ଦେଶ
- ସମ୍ବେଦନଶୀଳ ଜିଲାରେ ବ୍ୟାପକ ଫୋର୍ସ ମୁତୟନ

ଭୁବନେଶ୍ୱର, ୧୩।୪ (ସତ୍ୟଜିତ୍ ରାଉତ)

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଶୃଙ୍ଖଳିତ ଢଙ୍ଗରେ ପାଳିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇଛି। ରବିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଆୟୋଜିତ ସମୀକ୍ଷା ବୈଠକରେ ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଥିଲା। ଡିଜିପି ୱାଇ.ବି. ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୋଇନ୍ଦା ଆଇଜି ଜୟ ନାରାୟଣ ପଙ୍କଜ, ଗୋଇନ୍ଦା ନିର୍ଦ୍ଦେଶକ ଆର୍. ପି. କୋଚେଙ୍କ ସହ ସବୁ ରେଞ୍ଜର ଆଇଜି, ଡିଆଇଜି, ଜିଲାପାଳ ଓ ଏସ୍‌ପି ପ୍ରମୁଖ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ। ରାମ ନବମୀକୁ ରାଜ୍ୟରେ ଶୃଙ୍ଖଳିତ ଭାବେ ପାଳନ କରାଯାଇଥିବାରୁ ମୁଖ୍ୟ ଶାସନ ସଚିବ ପୋଲିସକୁ ସାଧୁବାଦ ଜଣାଇଥିଲେ। ତେଣୁ ହନୁମାନ ଜୟନ୍ତୀକୁ ମଧ୍ୟ ଶୃଙ୍ଖଳିତ ଢଙ୍ଗରେ ପାଳିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସମ୍ବେଦନଶୀଳ ଜିଲାଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ସବୁବେଳେ ସତର୍କ ରହିବା ସହ କୌଣସି ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇଲେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ବିଶେଷକରି ସୋସିଆଲ ମିଡିଆରେ ଗୁଜବ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଘଟ ସଂକ୍ରାନ୍ତରେ ନଜର ରଖିବାକୁ କହିଥିଲେ। ଏହାଛଡ଼ା ସମ୍ବେଦନଶୀଳ ସ୍ଥାନରେ ପାଟ୍ରୋଲିଂ, ସିସିଟିଭି କ୍ୟାମେରା ସ୍ଥାପନ, ସନ୍ଦିଗ୍ଧ ଗାଡ଼ି, ମଦ୍ୟପାନ କରି ଗାଡ଼ି ଚାଳନା, ଚୋରା ମଦ ବିକ୍ରି ଆଦି ଉପରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ଯେପରି ସାଧାରଣ ଲୋକେ ହଇରାଣ ନ ହେବେ, ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଥିଲେ। ତାପମାତ୍ରା ଅଧିକ ରହିବା ସହ କାଳବୈଶାଖୀ ସମ୍ଭାବନା ଥିବାରୁ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ତେବେ ପର୍ବପର୍ବାଣିର ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ ପାଳନ ପାଇଁ ମୁଖ୍ୟଶାସନ ସଚିବ ଓ ଡିଜିପି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ୨୦୦ ପ୍ଲାଟୁନ୍ ଫୋର୍ସ, ୬୫୦ ସିସିଟିଭି କ୍ୟାମେରା

ଆଇନଶୃଙ୍ଖଳା ଏଡିଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସାରା ରାଜ୍ୟରେ ୧୦ କମ୍ପାନୀ ସିଏପିଏଫ୍ ସହ ୨୦୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଫୋକସ ବା ସମ୍ବେଦନଶୀଳ ଅଞ୍ଚଳରେ ପ୍ରାୟ ୬୫୦ ସିସିଟିଭି କ୍ୟାମେରା ସହ ୪୦ଟି ଡ୍ରୋନ୍ ମଧ୍ୟ ନଜର ରଖିବ। ସବୁ ଜିଲାରେ ଗୋଟିଏ ଲେଖାଏ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ କରାଯାଇଥିବା ବେଳେ ସେଠାରେ ବରିଷ୍ଠ ପୋଲିସ ଅଧିକାରୀ ରହି ସ୍ଥିତି ଉପରେ ନଜର ରଖିବେ। ବଡ଼ ଜିଲାରେ ଦୁଇ କିମ୍ବା ୩ଟି ସବ୍ କଣ୍ଟ୍ରୋଲ ରୁମ୍ କରାଯାଇଛି। ସମ୍ବଲପୁରରେ କ୍ୟାମେରା ଲାଗିଥିବା ଅତିରିକ୍ତ ସ୍ୱତନ୍ତ୍ର ପୋଲିସ ଗାଡି ଦିଆଯାଇଛି। ସମ୍ବେଦନଶୀଳ ଧାର୍ମିକ ସ୍ଥଳଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ ସହ କିଛି ଜାଗାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭିଡରେ ନିୟୋଜିତ କନ୍‌ଷ୍ଟେବଲଙ୍କ ବଡିରେ କ୍ୟାମେରା ଲଗାଯାଇଛି। ତେବେ ସମ୍ବଲପୁରରେ ୧୦ଟି ଏଲ୍‌ସିଡି ଲଗାଯାଇ ସିସିଟିଭି ସହ ଲିଙ୍କ୍ କରାଯାଇଛି। ଶୃଙ୍ଖଳାର ସହ ଆୟୋଜନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଏଡିଜି କହିଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ଶ୍ରୀମନ୍ଦିର ନିକଟରେ ଭକ୍ତଙ୍କୁ ଟଙ୍କତୋରାଣି ବାଣ୍ଟିଲେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭକ୍ତଙ୍କୁ ଟଙ୍କତୋରାଣି ବଣ୍ଟନ କରୁଛନ୍ତି।

ପୁରୀ, ୧୩।୪ (ଅଜିତ୍ କୁମାର ମହାନ୍ତି)

ପୁରୀଠାରେ ଅନୁଷ୍ଠିତ ଭାଜପାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଡ଼ା ସୁରକ୍ଷା ମଧ୍ୟରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହ ଆସିଥିବା ଅନ୍ୟ ମନ୍ତ୍ରୀମାନେ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏଥିସହ ଭିତରବେଢ଼ାରେ ଥିବା ମା’ ମହାଲକ୍ଷ୍ମୀ, ମା’ ବିମଳା ଓ ପ୍ରଭୁ ବଟ ଗଣେଶଙ୍କ ସମେତ ଅନ୍ୟ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ। ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ ସମୟରେ କିଛି ସମୟ ପାଇଁ ବାଇଶିପାହାଚରେ ବସିଥିଲେ। ପ୍ରସ୍ଥାନ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା ପ୍ରଦାନ କରାଯାଇଥିଲା। ସେହିଭଳି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଶୁଖିଲା ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ନୂଆ ଓଡ଼ିଆ ବର୍ଷର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ପରେ ଶ୍ରୀମନ୍ଦିର ନିକଟରେ ଟଙ୍କ ତୋରାଣି ଶିବିରକୁ ଉଦ୍‌ଘାଟନ କରିବା ସହ ଭକ୍ତଙ୍କୁ ଟଙ୍କତୋରାଣି ବଣ୍ଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ ଓ ଉନ୍ନତି କାମନା କରିଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ୱାକ୍‌ଫ ଆଇନକୁ...

ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଫ୍ଏସ୍‌ପିଏ) ଲାଗୁ କରିବାକୁ ଭାଜପାର ପୁରୁଲିଆ ଏମ୍‌ପି ଜ୍ୟୋତିର୍ମୟ୍ ସିଂ ମହତୋ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ସେହିପରି ଭାଜପାର ଦାର୍ଜିଲିଂ ଏମ୍‌ପି ରାଜୁ ବିସ୍ତା ସମ୍ପୃକ୍ତ ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର କୌଣସି ରାଲି କରାଇ ନ ଦେବାକୁ ମମତାକୁ ପରାମର୍ଶ ଦେଇଛନ୍ତି।

ପଶ୍ଚିମବଙ୍ଗର ଜଣେ ଅଧିକାରୀ କହିଛନ୍ତି, ସାମ୍ପ୍ରଦାୟିକ ହିଂସା ଯୋଗୁ ମୁର୍ଶିଦାବାଦର ମୁସଲମାନବହୁଳ ସୁତି, ଧୁଲିଆନ୍, ଜାଙ୍ଗିପୁର ଓ ଶମଶେରପୁର ଅଞ୍ଚଳରୁ ଅନେକ ଶହ ଲୋକ ଭାଗୀରଥି ନଦୀ ଅତିକ୍ରମ କରି ମାଲଦାରେ ଆଶ୍ରୟ ନେଇଛନ୍ତି। ସ୍ଥାନୀୟ ପ୍ରଶାସନ ସେମାନଙ୍କ ପାଇଁ ଖାଇବା ରହିବା ବ୍ୟବସ୍ଥା କରୁଥିବା ସେ ସୂଚନା ଦେଇଛନ୍ତି। ଅନେକ ଘର, ଦୋକାନ, ହୋଟେଲ ଜଳୁଥିବାର ଦୃଶ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳୁଛି।

ଇତିମଧ୍ୟରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ୫ କମ୍ପାନୀ ଫୋର୍ସକୁ ହିଂସା ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯାଇଛି। ସାଉଥ୍ ବେଙ୍ଗଲ ଫ୍ରଣ୍ଟିୟର କର୍ଣ୍ଣି ସିଂ କହିଛନ୍ତି, ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ବିଏସ୍ଏଫ୍ ଟିମ୍ ରାଜ୍ୟ ପୋଲିସକୁ ସହଯୋଗ କରୁଛି। ଯଥାଶୀଘ୍ର ସମ୍ଭବ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ ଚାଲିଥିବା ସେ କହିଛନ୍ତି। ଶନିବାର ୩ଜଣଙ୍କ ମୃତ୍ୟୁ ଘଟିଥିବା ସ୍ଥାନରୁ ରବିବାର ଆଉ ୧୨ ଜଣଙ୍କୁ ଗିରଫ କରାଯାଇଛି। ଏହାକୁ ମିଶାଇ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୧୫୦ରେ ପହଞ୍ଚିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ଦଫା ୧୬୩ ଜାରି କରାଯାଇଛି। ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ତେବେ ରବିବାର କୌଣସି ପ୍ରକାର ସାନି ହିଂସା ଘଟି ନ ଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। କଲିକତା ହାଇକୋର୍ଟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସ୍ଥିତି ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଏପ୍ରିଲ ୧୭ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସ୍ୱତନ୍ତ୍ର ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

### ୧୯ରେ ହାଇଦ୍ରାବାଦରେ ବିକ୍ଷୋଭ ବୈଠକ: ଓ୍ୱାଇସି

ହାଇଦ୍ରାବାଦ, ୧୩।୪

ଏପ୍ରିଲ ୧୯ରେ ହାଇଦ୍ରାବାଦରେ ୱାକ୍‌ଫ ଆଇନ ବିରୋଧରେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ’ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ପକ୍ଷରୁ ଏକ ବିକ୍ଷୋଭ ବୈଠକ କରାଯିବ। ହାଇଦ୍ରାବାଦ୍ ଏମ୍‌ପି ତଥା ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ରବିବାର ଏନେଇ ସୂଚନା ଦେଇଛନ୍ତି।

ଓ୍ୱାଇସି ଗଣମାଧ୍ୟମକୁ କହିଛନ୍ତି, ୧୯ ତାରିଖରେ ଦଳୀୟ ମୁଖ୍ୟାଳୟ ଦାରୁସଲାମ୍‌ରେ ଏଆଇଏମ୍‌ପିଏଲ୍‌ବିର ପ୍ରତିବାଦ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୭ଟାରୁ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଉକ୍ତ ବୈଠକରେ ଲ’ ବୋର୍ଡ ଅଧ୍ୟକ୍ଷ ଖାଲିଦ ସୈଫୁଲ୍ଲାହ ସଭାପତିତ୍ୱ କରିବେ। ଏଥିରେ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ମୁସଲିମ ପର୍ସନାଲ ଲ’ ବୋର୍ଡ ଏବଂ ଅନ୍ୟ ମୁସଲମାନ ସଙ୍ଗଠନର ସଦସ୍ୟମାନେ ଯୋଗଦେବେ। ୱାକ୍‌ଫ ଆଇନ କିପରି ମୁସଲମାନ ବିରୋଧୀ ସେନେଇ ସେମାନେ ନିଜ ନିଜ ବକ୍ତବ୍ୟ ରଖିବେ। ଓ୍ୱାଇସି ଆହୁରି କହିଛନ୍ତି, ସଂସଦର ୱାକ୍‌ଫ କମିଟି ସଦସ୍ୟମାନଙ୍କୁ ମଧ୍ୟ ଏଥିରେ ସାମିଲ ହେବାକୁ ଅନୁରୋଧ କରାଯିବ। ନରେନ୍ଦ୍ର ମୋଦି ସରକାର ଆଣିଥିବା ଏହି ଅସାମ୍ବିଧାନିକ ଆଇନ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୨୫, ୨୬ ଓ ୨୯କୁ ଉଲ୍ଲଂଘନ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉକ୍ତ ବିଲ୍‌ରେ ଏପ୍ରିଲ ୫ରେ ସ୍ୱାକ୍ଷର କରିଥିବାବେଳେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ୮ ତାରିଖରେ ଏହା ଲାଗୁ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲା। ପ୍ରଧାନମନ୍ତ୍ରୀ ଦେଶ ଉପରେ ନିଜ ବିଚାରଧାରାକୁ ଲଦି ନ ଦେଇ ଉକ୍ତ ଆଇନ ଉପରେ ପୁନର୍ବିଚାର କରିବାକୁ ଓ୍ୱାଇସି ଅନୁରୋଧ କରିଛନ୍ତି।

### ସିଲଚରରେ ବିକ୍ଷୋଭକାରୀଙ୍କ ଟେକାମାଡ଼, ପୋଲିସର ଲାଠିଚାର୍ଜ

ଗୁଆହାଟୀ, ୧୩।୪

ପଡ଼ୋଶୀ ପଶ୍ଚିମବଙ୍ଗରେ ଲାଗିଥିବା ୱାକ୍‌ଫ ଆଇନ ବିରୋଧୀ ଆନ୍ଦୋଳନର ନିଆଁ ରବିବାର ଆସାମକୁ ବ୍ୟାପିଛି। କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ଆଇନ ବିରୋଧରେ ଜିଲାର ଚମରାଗୁଡ଼ମ୍, ବେରେଙ୍ଗା ଆଦି ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ୪୦୦ରୁ ଊର୍ଦ୍ଧ୍ୱ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେରେଙ୍ଗାରେ ଶତାଧିକ ଲୋକ ପ୍ରଶାସନର ବିନା ଅନୁମତିରେ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କୁ ହଟିବାକୁ କହିଥିଲେ। କେତେଜଣ ବ୍ୟକ୍ତି ଭାଜପା ସରକାର ବିରୋଧରେ ସ୍ଲୋଗାନ ଦେବା ସହ ପୋଲିସକୁ କଳାପତାକା ଦେଖାଇ ଟେକାମାଡ଼ କରିବାରୁ ପୋଲିସ ଲାଠିଚାର୍ଜ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୱାକ୍‌ଫ ଆଇନକୁ ନେଇ ସନ୍ତୋଷ ବ୍ୟକ୍ତ କରିବାର ଦିନକ ପରେ ଆସାମରେ ଏହି ବିକ୍ଷୋଭ ମୁଣ୍ଡ ଟେକିଛି।

### ଶ୍ରୀମନ୍ଦିର କ୍ୟାଲେଣ୍ଡର...

ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲଙ୍କ ସମେତ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ଉକ୍ତ କ୍ୟାଲେଣ୍ଡରରେ ବର୍ଷତମାମ (୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତିଠାରୁ ୨୦୨୬ ମସିହାର ରାମାଭିଷେକ ନୀତି ପର୍ଯ୍ୟନ୍ତ) ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସର ସୂଚନା ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ସେବକ ନିଯୋଗଗୁଡ଼ିକ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଞ୍ଜିକାରଙ୍କୁ ନେଇ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ପର୍ବପର୍ବାଣି ତିଥିଗୁଡ଼ିକ ସ୍ଥିରୀକୃତ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ସୂଚନାକେନ୍ଦ୍ରଗୁଡ଼ିକରେ ଏହି କ୍ୟାଲେଣ୍ଡର୍ ଶ୍ରଦ୍ଧାଳୁଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ। ଓଡ଼ିଆ ନବବର୍ଷ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

### ଚିଲ ନେଇଗଲା...

ନିକଟରେ କିଛି ସମୟ ଉଡ଼ିବୁଲିଥିଲା। ପରେ ସେ ତା’ର ଥଣ୍ଟରେ ପତିତପାବନ ବାନାକୁ ନେଇ ଉଡ଼ି ଉଡ଼ି ସମୁଦ୍ର ଆଡ଼କୁ ଯାଇ ଅଦୃଶ୍ୟ ହୋଇଯାଉଛି। ଅନ୍ୟପକ୍ଷରେ ଚିଲଟି ପତିତପାବନ ବାନା ନୁହେଁ, ବରଂ ଏକ ବାନା ପରି ଦେଖାଯାଉଥିବା ହଳଦିଆ କପଡ଼ା ଧରି ଉଡୁଥିବା ନେଇ କେତେଜଣ ବ୍ୟକ୍ତି ମତ ରଖିଛନ୍ତି। ତେବେ ଏପରି ଘଟଣା ପୁରୀରେ ପ୍ରଥମଥର ଦେଖିବାକୁ ମିଳିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଆଗକୁ କିଛି ନା କିଛି ଘଟଣା ଘଟିପାରେ ବୋଲି ଆଶା ଓ ଆଶଙ୍କା କରାଯାଉଛି। ତେବେ କେହି ଏପରି ଘଟଣାକୁ ଅଶୁଭ ମନେ କରୁଥିବାବେଳେ ଆଉ କେହି ଏହାକୁ ଶୁଭ ବୋଲି କହୁଛନ୍ତି। ଏନେଇ ପୁରୀ ବାସିନ୍ଦା ତଥା ଜଗନ୍ନାଥପ୍ରେମୀ ମନୋଜ କୁମାର ବାରିକ କହିଛନ୍ତି, ପୂର୍ବରୁ ଶୁଣିଛି ଯେ, ଶ୍ରୀମନ୍ଦିର ଉପରେ ଚିଲ ବସିବା ଦ୍ୱାରା ଦେଶ ତଥା ରାଜ୍ୟ ପ୍ରତି ବିପଦ ଦେଖାଦେଇଥାଏ। ତେଣୁ ଚିଲ ପତିତପାବନ ବାନା ଧରି ଶ୍ରୀମନ୍ଦିର ଚାରିପଟେ ଉଡ଼ିବା ଓ କେଉଁଆଡେ ନେଇ ପଳାଇବା ଘଟଣା ମନରେ ଅନେକ ଆଶଙ୍କା ସୃଷ୍ଟି କରୁଛି। ଆଗକୁ କିଛି ଅଘଟଣ ଘଟିପାରେ, ଯାହା ବି ହେବ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହେବ ଏବଂ ମହାପ୍ରଭୁ ଆମକୁ ରକ୍ଷା କରିବେ ବୋଲି ବାରିକ ମତବ୍ୟକ୍ତ କରିଛନ୍ତି। ସେହିପରି ଭକ୍ତ ବିନୋଦ ସାହୁ କହିଛନ୍ତି, ଶ୍ରୀମନ୍ଦିର ଉପରେ ଚିଲ ବସିବା ଓ ଉଡ଼ିବା ଅନେକ ସମୟରେ ଦେଖିବାକୁ ମିଳିଥାଏ। ଚିଲ ଧରିଥିବା କପଡ଼ାଟି ପତିତପାବନ ବାନା କି ନୁହେଁ ତାହା ସ୍ପଷ୍ଟ ଜଣାପଡୁନାହିଁ। ଏପରିକି ତାହା ଏକ ହଳଦିଆ ରଙ୍ଗର କପଡ଼ା କି ନୁହେଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ତେଣୁ ଏଥିରେ ଆଶଙ୍କା କରିବାର କିଛି ନାହିଁ। କୌଣସି ଆଶଙ୍କା କରିବା କିମ୍ବା ଭୟଭୀତ ହେବା ପରିବର୍ତ୍ତେ ବରଂ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ଉଚିତ ବୋଲି ସାହୁ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଚୂନରା ସେବାୟତ ଶରତ କୁମାର ମହାନ୍ତି କହିଛନ୍ତି, ବହୁ ଉଚ୍ଚରେ ଚିଲମାନେ ଉଡ଼ିଥାନ୍ତି। ତେଣୁ ଅନେକ ସମୟରେ ଦେଖିବାକୁ ମିଳିଥାଏ ଯେ, ଚିଲ ଶ୍ରୀମନ୍ଦିର ଉପରେ ବିଶ୍ରାମ ନେଇଥାନ୍ତି। ସେମାନେ ଉଡୁଥିବା ସମୟରେ ପତିତପାବନ ବାନା ଧରି ଉଡିଯିବା କୌଣସି ବିଚିତ୍ର କଥା ନୁହେଁ। ଏହା ଏକ ସଂଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ରାମନବମୀଠାରୁ ମହାପ୍ରଭୁଙ୍କ ରାମଲୀଳା ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଶ୍ରୀକ୍ଷେତ୍ରରେ ଲଙ୍କାପୋଡ଼ି ନୀତି ଥିଲା। କୁହାଯାଏ ଯେ, ଲଙ୍କାପୋଡ଼ିରେ ହନୁମାନ ହାତରେ ଝଣ୍ଡା ଧରି ସମୁଦ୍ରକୁ ଲଙ୍ଘି ଲଙ୍କାକୁ ଉଡ଼ି ଉଡ଼ି ଯାଇଥିଲେ। ତେଣୁ ଏହା ପ୍ରକୃତରେ ମହାପ୍ରଭୁଙ୍କ ଲୀଳା। ଚାରିଯୁଗର ଲୀଳା ମହାପ୍ରଭୁ ଏଠାରେ କରିଥାନ୍ତି। ତେଣୁ ଏପରି ଘଟଣାରେ କୌଣସି ପ୍ରକାର ଆତଙ୍କିତ କିମ୍ବା ଭୟଭୀତ ହେବାର କଥା ନାହିଁ। ଯାହା ବି ହୋଇଛି ଦେଶର ମଙ୍ଗଳ ହେବ। ତେଣୁ ଯେଉଁମାନେ ଦର୍ଶନ କରିଛନ୍ତି ସେମାନଙ୍କ ମଙ୍ଗଳ ହେବ ବୋଲି ମହାନ୍ତି ମତବ୍ୟକ୍ତ କରିଛନ୍ତି। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ଅଟୋ ସହ ୧୦୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ଅଧୀକ୍ଷକ ବିମ୍ବାଦ୍ର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଥାନା କର୍ମଚାରୀମାନେ ଚଲାଣଗୁଡ଼ା ପଞ୍ଚାୟତ ଟିଟିବେରି ଗ୍ରାମ ମୁଖ୍ୟରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଅଟୋ ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଅଟୋରେ ଗଞ୍ଜେଇ ଥିବା ଜାଣି ଅଟୋ ସହ ଚାଳକଙ୍କୁ ଗିରଫ କରିଥିଲେ। ଅଟୋରେ ମୋଟ ଚାରିଟି ବସ୍ତାରେ ୧୦୦ ଗଞ୍ଜେଇ ଥିବା ବେଳେ ଏହା ଛତିଶଗଡ଼ ଚୋରାଚାଲାଣ ହେଉଥିବା ଗିରଫ ଅଟୋ ଡ୍ରାଇଭର ସ୍ୱୀକାର କରିଥିଲେ। ଡ୍ରାଇଭର ଚିତ୍ରକୋଣ୍ଡା ବ୍ଲକ୍ ନିଲାପାର ଗ୍ରାମର ପ୍ରଶାନ୍ତ ଖରା। ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ କିଣି ଆଣିଥିବା ତଦନ୍ତରୁ ଜଣାପଡ଼ିଛି। ନଂ. ୯/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୃଥକ୍ ସ୍ଥାନରେ ୧୩ ମାଓବାଦୀଙ୍କ ଆତ୍ମସମର୍ପଣ, ୨ ଗିରଫ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ଦୁଇଟି ପୃଥକ୍ ସ୍ଥାନରେ ୧୩ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୨ଜଣ ଗିରଫ ହୋଇଛନ୍ତି।

ନାରାୟଣପୁର ଜିଲା କାହୁଲପାରରେ ଗତ ଦୁଇଦିନ ପୂର୍ବେ ନୂତନ ସୁରକ୍ଷା କର୍ମୀଙ୍କ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ସେଠାରେ ରବିବାର ୫ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଲିମବୁ ବଡଦା, ସୁକୁ ନୁରେଟି, କୃଷ୍ଣ ନୁରେଟି, ଲାଲୁ ରାମ ଓ କଟିୟାରାମ ମାଣ୍ଡବି। ଏମାନେ ଜନତାନା ସରକାର ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ଏମାନଙ୍କ ମଧ୍ୟରୁ ଲିମବୁ ବଡଦାଙ୍କ ନାମରେ ୧ ଲକ୍ଷ ଓ ସୁକୁ ନୁରେଟିଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଏମାନଙ୍କୁ ଛତିଶଗଡ ସରକାରଙ୍କ ଦ୍ୱାରା ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ଚେକ୍ ପ୍ରଦାନ କରାଯାଇଛି। ସେହିପରି ଛତିଶଗଡ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ମଙ୍ଗଡୁ ମଡକମ, ରାମ କୁଂଜାମ, ହଡମା ସୋଡି, ବୁଧରାମ ମାଡକାମ, ଜୋଗା ମାଡକାମ, ପାୟକି କବାସୀ, ସିଗରେଟ୍ ବଂଜାମୀ ଓ ପାୟକୁ ବଂଜାମି। ଏମାନଙ୍କୁ ଛତିଶଗଡ ପୋଲିସ ତରଫରୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ସେହିପରି ଛତିଶଗଡ ସୁକ୍‌ମା ଜିଲା ପୋଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିଛି। ୨୨୩ ବାହିନୀ ସିଆର୍‌ପିଏଫ୍ ଜାଗୁରଗୋଣ୍ଡା ଥାନା ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ କେତେଜଣ ଲୋକ ସୁରକ୍ଷା କର୍ମୀଙ୍କୁ ଦେଖି ସେଠାରୁ ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ୨ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଦୁଇଜଣ କୁହରାମ ହାଡମା ଓ ବାର୍ସେ ହିଡମା। ଏହି ଦୁଇଜଣ ମାଓବାଦୀ ବୋଲି ସ୍ୱୀକାର ବେଳେ ଜାଗୁରଗୋଣ୍ଡା ଥାନା ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ଲୁଟ, ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା କହିଛନ୍ତି। ଏହି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ୧୫ରୁ ୨ମାସ ସାମୁଦ୍ରିକ କଟକଣା ଲାଗୁ

**ମତ୍ସ୍ୟଜୀବୀ ଏବେ ଘରମୁହାଁ**

ପାରାଦୀପ, ୧୩।୪ (ଶରତ ରାଉତ)

ସମଗ୍ର ରାଜ୍ୟର ପୂର୍ବ ଉପକୂଳରେ ଆସନ୍ତା ୧୫ ତାରିଖରୁ ସାମୁଦ୍ରିକ କଟକଣା ଲାଗୁ ହେବ। ଏ ନେଇ ଓଡ଼ିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ୧୧ ତାରିଖରେ ନୋଟିସ ନଂ. ୪୦୩୮ ଜାରି କରିଛନ୍ତି। ଏଥିରେ ଦର୍ଶାଯାଇଛି, ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ୬୧ଦିନ ସମୁଦ୍ର ମଧ୍ୟରେ ମାଛଧରା କଟକଣା ଲାଗୁ କରାଯିବ। କାରଣ ଏହି ସମୟରେ ସମୁଦ୍ରରେ ମାଛ ବଂଶ ବୃଦ୍ଧି ଓ ଯାଆଁଳ ସୁରକ୍ଷା ପାଇଁ ଏହା ପାଳନ ଅନିବାର୍ଯ୍ୟ। ଉକ୍ତ ନିୟମ ରାଜ୍ୟର ସବୁ ମାଛଧରା ବନ୍ଦର ପାଇଁ ଲାଗୁ ହେବ। ଏହିକ୍ରମରେ ରାଜ୍ୟର ବୃହତ୍ତମ ପାରାଦୀପ ମାଛଧରା ବନ୍ଦରରେ ରବିବାରଠାରୁ ବୋଟ୍‌ଗୁଡ଼ିକୁ ବର୍ଥରେ ବନ୍ଧା ଯାଇଛି। ପ୍ରାୟ ୯୦ ପ୍ରତିଶତ ବୋଟ୍ ବର୍ଥରେ ପହଞ୍ଚିଛି। ଅବଶିଷ୍ଟ ବୋଟ୍ ସୋମବାର ସନ୍ଧ୍ୟା ସୁଦ୍ଧା ଫେରିବ ବୋଲି ଜଣାପଡିଛି। ପହଞ୍ଚି ଥିବା ବୋଟ୍‌ର ମତ୍ସ୍ୟଜୀବୀ ଏବେ ଘରମୁହାଁ ହୋଇଛନ୍ତି। ଏହି କଟକଣା ସମୟରେ ସାମୁଦ୍ରିକ ମାଛ ବଜାରରେ ଉପଲବ୍ଧ ହେବ ନାହିଁ। ମାଛଧରା ବନ୍ଦ ରହିବା ଯୋଗୁ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ପରିବାର ଲୋକଙ୍କ ରୋଜଗାର ବାଧାପ୍ରାପ୍ତ ହେବ। ଯଦିଓ ଏହି ସମୟରେ ସରକାର ମତ୍ସ୍ୟଜୀବୀଙ୍କ ପାଇଁ ଚାଉଳ ଓ ଅନ୍ୟ ସହାୟତା ବ୍ୟବସ୍ଥା କରିଛନ୍ତି ସେସବୁ ସେମାନେ ପାଉନାହାନ୍ତି। କାରଣ ପାରାଦୀପ ମତ୍ସ୍ୟଜୀବୀଙ୍କ ମତ୍ସ୍ୟ ବିଭାଗ ପାଖରେ ପଞ୍ଜୀକରଣ ନାହିଁ। କେବଳ ପାରମ୍ପରିକ ମତ୍ସ୍ୟଜୀବୀ ଏହାର ସୁବିଧା ପାଇବେ। ଏହି ସମୟରେ ଆମ ପରିବାର ଲୋକେ ଅସୁବିଧା ଭୋଗୁଥିବା ସାମୁଦ୍ରିକ ମତ୍ସ୍ୟଜୀବୀ ସୁବା ରାଓ କହିଛନ୍ତି। ପ୍ରାୟ ନୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଏହି ୨ମାସ ନିଜ ରାଜ୍ୟ ଆନ୍ଧ୍ରପ୍ରଦେଶ ପଳାଇଥାନ୍ତି ବୋଲି ସେ କହିଛନ୍ତି।


**OFFICE OF THE EXECUTIVE ENGINEER, R.W.S&S DIVISION, SAMBALPUR**
Brooks Hill, Infront of VSS Stadium Main Gate, Pin-768001
e-mail ID: eerwsssbp@gmail.com

**SHORT QUOTATION CALL NOTICE No.02/2025-26**

**No.O-47:** Sealed Quotations are invited from interested reputed Travel Agencies/ Tour Operators/ Private individuals having valid GST and PAN Card for providing one number of AC diesel/ petrol driven vehicle BS-VI compliant having seating capacity not less than five including Driver (which shall confirm to the terms & conditions of the quotation call notice) for official use of the following offices for inspection of the official work on monthly rent basis.

| Sl. No. | Name of the Work | Type of Vehicle | Fuel Used | Required No. |
|---|---|---|---|---|
| 1 | Hiring of one private vehicle for official use of Asst. Executive Engineer, RWS&S Sub-Division, Rairakhol for the year 2025-26 (From 01.05.2025 to 31.03.2026) | TUV 300/ Bolero/ Ertiga/ Sumo Gold | Diesel | 01 (One) |
| 2 | Hiring of one private vehicle for official use of Asst. Executive Engineer, RWS&S Sub-Division, Kuchinda for the year 2025-26 (From 01.05.2025 to 31.03.2026) | -do- | Diesel | 01 (One) |
| 3 | Hiring of one private vehicle for official use of Addl. Chief Engineer, RWS&S Circle, Sambalpur for the year 2025-26 (From 01.05.2025 to 31.03.2026) | -do- | Diesel | 01 (One) |

| Cost of Quotation Document (Non-refundable) | Sale of Quotation Document | | Last Date of Drop of Quotation | Opening of Quotation |
|---|---|---|---|---|
| | From | To | | |
| Rs.1000/- (One thousand) (Cash/DD By Hand) per each work, Rs.1000/- (One thousand) (DD) (In case of download of document) per each work | 16.04.2025 At 07.00 AM | 25.04.2025 Upto 01.00 PM | 25.04.2025 Upto 01.00 PM | 28.04.2025 At 09.30 AM |

Further details can be seen from the DQCN.

Sd./- Executive Engineer
RWS&S Division, Sambalpur

OIPR-25015/11/0005/2526



**OFFICE OF THE PRINCIPAL**
**EKAMRA COLLEGE**
BHUBANESWAR- 751002, Ph:2592343 (Off)
No.437/25 Date:11.4.25

**EKAMRA COLLEGE,BHUBANESWAR**
**QUOTATION CALL NOTICE**

**No.N-08:** Sealed quotations are invited from GST registered firms/ Agencies on or before 30.04.2025 to supply Desktop Computers, UPS System, Multifunction Printers (MFM), LED TV (65 inch), wireless mice, cameras for virtual meetings and internet facilities, etc. under Govt. of Odisha upgrading IT infrastructure fund. For details log on to **www.ekamracollege.edu.in.**

Sd./- Principal,
Ekamra College, Bhubaneswar-2

OIPR-11171/11/0001/2526



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-107

**OFFICE OF THE DIVISIONAL HEAD, IDCO**
**IDCO BALASORE DIVISION**
Tender Call Notice No.
BLS/CIV/EST/3846/ 550, dated: 04.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work:** Construction of shed for housing of 750 Kva, 3.3 Kv DG Set with other equipments at Intake Well of river Budhabalanga at Balasore.
2. **Value of the work:** Rs.10.73 Lakhs
3. **Period of Completion:** 02 (Two) Calendar Months
4. **Other details :**

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, Balasore Division, IDCO, Balasore | BLS/CIV/EST-01/2025-26 | 15.04.2025 at 17.00 Hrs. | 25.04.2025 upto 17.00 Hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Divisional Head
IDCO, Balasore

OIPR-04075/11/0001/2526



GOVERNMENT OF ODISHA, DEPARTMENT OF WATER RESOURCES
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**
No.A-35 Email Address:cemech.eicwr.od@gmail.com

**e-Procurement Notice**
**Bid Identification No.CEM/MDC-01/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDC-01/2025-26
5. Estimated Cost : Rs.47,51,250.00
6. Period of Completion : 03 (Three) Calendar Months
7. Date & Time of availability of bid documents in the portal : From dt.16.04.2025 (10.00 AM) to Dt.29.04.2025 (5.30 PM)
8. Last date/time for receipt of bid in the portal : Dt.29.04.2025 (upto 5.30 PM)
9. Date and Place of opening of Technical Bid : Dt.30.04.2025 (12.00 Noon onwards in the O/o the undersigned)
10. Date and Place of opening Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha Bhubaneswar.

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
Secha Sadan, Bhubaneswar

OIPR-32520/11/0033/2526

# ସୀତାରାମଙ୍କୁ ପୋଲିସ ଗୁଳି

ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହ ଅପରାଧୀଙ୍କୁ ଦମନ ପାଇଁ ପୋଲିସ ଏବେ ମୁହାଁମୁହିଁ ନୀତି ଆପଣାଇଛି। ଗତ ୩ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଅପରାଧୀଙ୍କୁ ପୋଲିସ ଗୁଳି କରି ଆହତ କଲାଣି। ରାଜଧାନୀ ଭୁବନେଶ୍ୱର ସମେତ ଅନୁଗୋଳ, ତାଳଚେର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ବିଭିନ୍ନ ସ୍ଥାନରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଟାର୍ଗେଟ କରୁଛି ପୋଲିସ। ପୋଲିସର ଏଭଳି କଠୋର ଆଭିମୁଖ୍ୟ ଦେଖି ଅପରାଧୀଙ୍କ ମଧ୍ୟରେ ଛନକା ପଶିଲାଣି। ଶନିବାର ସକାଳେ ୨ବଳାତ୍କାରୀ ଅଭିଯୁକ୍ତଙ୍କୁ ବେଲପାହାଡ଼ରୁ ଝାରସୁଗୁଡ଼ା କୋର୍ଟ ଚାଲାଣ ପାଇଁ ଅଣାଯାଉଥିଲା। ବାଟରେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି କରି ଅଭିଯୁକ୍ତଦ୍ୱୟ ଫେରାର ହେଉଥିବାବେଳେ ପୋଲିସ ସେମାନଙ୍କୁ ପାଲଟା ଗୁଳି ମାଡ଼ କରିଥିଲା। ସେହିପରି ରବିବାର ସମ୍ବଲପୁରରେ ଦୁର୍ଦ୍ଦାନ୍ତ ଅପରାଧୀ ସୀତାରାମ ଷଡ଼ଙ୍ଗୀଙ୍କୁ କାବୁ କରିବାକୁ ପୋଲିସ ଚେଷ୍ଟା କରିବା ବେଳେ ପୋଲିସ ଉପରକୁ ଗୁଳି କରି ଖସିଯିବାକୁ ଚେଷ୍ଟା କରିଥିଲେ ଅଭିଯୁକ୍ତ। ପରେ ପୋଲିସ ଆତ୍ମରକ୍ଷା ପାଇଁ ସୀତାରାମଙ୍କୁ ଗୁଳି କରି କାବୁ କରିଛି। ସୀତାରାମଙ୍କ ବିରୋଧରେ ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ର ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡ଼ିଛି।


ଭିମ୍ସାରରେ ଆହତ ଅପରାଧୀ ସୀତାରାମ ଷଡ଼ଙ୍ଗୀ।


ଏନ୍କାଉଣ୍ଟର ସ୍ଥଳରେ ପଡ଼ିଥିବା ବାଇକ୍।

## ୩ ମାସରେ ୧୫ ଅପରାଧୀଙ୍କୁ ଟାର୍ଗେଟ

ସମ୍ବଲପୁର/ କୁଚିଣ୍ଡା,୧୩।୪ (ପ୍ରମୋଦ ବହିଦାର/ ବିଜୟ ଦର୍ଜୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ରଙ୍ଗିଆଟିକିରା ଗ୍ରାମ ରାସ୍ତାରେ ରବିବାର ସକାଳେ ପୋଲିସ ଓ ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ପୋଲିସ ଗୁଳିରେ ଗୋବିନ୍ଦପୁର ଥାନା ବାମରା ବାର୍ଶଲଗା ପଞ୍ଚାୟତର ଅପରାଧୀ ସର୍ଗିଡିହି ଗ୍ରାମର ସୀତାରାମ ଷଡ଼ଙ୍ଗୀ(୩୪) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମଗୋଡ଼ରେ ଗୁଳି ବାଜିଛି। ବୁର୍ଲା ଭିମ୍ସାରରେ ତାଙ୍କୁ ଭର୍ତ୍ତି କରାଯାଇଛି। ସୀତାରାମଙ୍କ ନିକଟରୁ ଏକ ୭.୬୫ ମିମି ଦେଶୀ ପିସ୍ତଲ, ୧ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଖାଲି କାର୍ତ୍ତୁସ (ପୋଲିସ ଉପରକୁ ଚଳାଇଥିବା ଗୁଳି), ନମ୍ବର ବିହୀନ ବାଇକ୍ ଓ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ତାଙ୍କ ନାମରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁରର ଜିଲାର ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଥିବା ସୂଚନା ମିଳିଛି।

ସମ୍ବଲପୁର ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗୋବିନ୍ଦପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍) ଦଫା ୩୧୦(୨) ଓ ଅସ୍ତ୍ରଶସ୍ତ୍ର ଆଇନରେ ରୁଜୁ ଆପରାଧିକ ମାମଲା(ନଂ.୪୬/୨୫)ରେ ପୋଲିସ ସୀତାରାମଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିଲା। ସୀତାରାମ ଭୋର ସାଢ଼େ ୫ଟାରେ କୁଚିଣ୍ଡାରୁ ନିଜ ଗାଁ ସର୍ଗିଡିହି ଫେରୁଥିବା ଖବର ପାଇ ଗୋବିନ୍ଦପୁର ପୋଲିସ ରଙ୍ଗିଆଟିକିରାଠାରେ ତାଙ୍କୁ ଅଟକାଇଥିଲା। ପୋଲିସକୁ ଦେଖି ସେ ଏକ ବାଇକ୍ରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ତାଙ୍କ ପିଛା କରିଥିଲା। କିଛି ଦୂର ଯିବା ପରେ ତାଙ୍କୁ ପିଛା କରୁଥିବା ଦେଖି ସୀତାରାମ ପୋଲିସ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳି ଚାଳନା କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇ ବାଇକ୍ରୁ ପଡ଼ିଯାଇଥିଲେ। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ ଉଦ୍ଧାର କରି କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ନେଇଥିଲା। ପରେ ତାଙ୍କୁ ବୁର୍ଲା ଭିମ୍ସାର ସ୍ଥାନାନ୍ତର କରାଯାଇଥିଲା।

ଏନେଇ ସମ୍ବଲପୁର ଏସ୍ପି ମୁକେଶ କୁମାର ଭାମୁ କହିଛନ୍ତି, ସୀତାରାମଙ୍କ ବିରୋଧରେ ସମ୍ବଲପୁର ସମେତ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳ, ରାଜଗାଙ୍ଗପୁର, ରାଉରକେଲା ଆଦି ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ହତ୍ୟା ଉଦ୍ୟମ ଭଳି ୨୫ରୁ ଅଧିକ ସଙ୍ଗୀନ ମାମଲା ରହିଛି। ବିଶେଷ କରି ସେ ଝାଡ଼ଖଣ୍ଡର ଅପରାଧୀମାନଙ୍କ ସହ ମିଶି ସୀମାବର୍ତ୍ତୀ ଅଞ୍ଚଳରେ ଦିନ ସମୟରେ ବୁଲାବୁଲି କରି ରାତିରେ ଡକାୟତି, ଚୋରି, ଲୁଟ୍ ଆଦି ଅପରାଧକୁ ରୂପ ଦେଉଥିଲେ। ତାଙ୍କୁ ଧରିବାକୁ ଯାଇଥିବା ପୋଲିସ ଦଳ ଉପରକୁ ସୀତାରାମ ପ୍ରଥମେ ଗୁଳିଚାଳନା କରିଥିଲେ। ତେଣୁ ଆତ୍ମରକ୍ଷା ସ୍ୱରୂପ ପୋଲିସ ପାଲଟା ଗୁଳିଚାଳନା କରିଥିଲା। ତଦନ୍ତ ସମୟରେ ତାଙ୍କର କେତେକ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ କେତେକ ଝାଡ଼ଖଣ୍ଡର କୁଖ୍ୟାତ ଅପରାଧୀ ମଧ୍ୟ ରହିଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି। ତାଙ୍କ ନିକଟରୁ ଜବତ ୧ଲକ୍ଷ ଟଙ୍କା କେଉଁଠାରୁ ଆସିଲା ତାହାର ତଦନ୍ତ ଚାଲିଛି ବୋଲି ଏସ୍ପି ଭାମୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୧ତାରିଖରେ ଧନୁପାଲି ଥାନା ପୋଲିସ ସିଟି ରେଲୱେ ଷ୍ଟେସନ ନିକଟରେ ୨ ଗୋଚାଲାଣକାରୀ ଗୁଳି ଚଳାଇବା ପରେ ପୋଲିସ ପାଲଟା ଗୁଳି କରିଥିଲା।

# ଜମି ବିବାଦରୁ ମହିଳାଙ୍କୁ ହତ୍ୟା ପରେ ଜାଳିଦେଲେ

ଇଟାୱା, ୧୩।୪

ଉତ୍ତରପ୍ରଦେଶର ଇଟାୱାରେ ଏକ ଜମି ବିବାଦକୁ କେନ୍ଦ୍ରକରି ଅଞ୍ଜଳି (୨୫) ନାମ୍ନୀ ଜଣେ ମହିଳାଙ୍କୁ ଗଳାଚିପି ହତ୍ୟା ପରେ ଜାଳି ଦେଇଛନ୍ତି ୨ ଅଭିଯୁକ୍ତ। ଜମିର କାଗଜ ଦେବା ବାହାନାରେ ୨ ପ୍ରପର୍ଟି ଡିଲର ଶିବେନ୍ଦ୍ର ଯାଦବ (୨୬) ଏବଂ ଗୌରବ (୧୯) ଅଞ୍ଜଳିଙ୍କୁ ନିଜ ଅଫିସ ଡକାଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ରବିବାର ଉଭୟ ଅଭିଯୁକ୍ତ ପ୍ରପର୍ଟି ଡିଲରଙ୍କୁ ପୋଲିସ ଗିରଫ କରିଛି। ୨ ଅଭିଯୁକ୍ତଙ୍କ ସହ ଅଞ୍ଜଳିଙ୍କର ଦୀର୍ଘ



ଦିନ ଧରି ଜମି ବିବାଦ ଚାଲିଥିବା ନେଇ ପୋଲିସ ସୂଚନା ଦେଇଛି। ଗତ ୭ ତାରିଖରେ ଉଭୟ ଶିବେନ୍ଦ୍ର ଓ ଗୌରବ ଜମି କାଗଜ ଦେବା ବାହାନାକରି ଅଞ୍ଜଳିଙ୍କୁ ନିଜ ଅଫିସକୁ ଡକାଇଥିଲେ। ସେଠାରେ ଉଭୟେ ଅଞ୍ଜଳିଙ୍କୁ ମଦ୍ୟପାନ କରିବାକୁ ବାଧ୍ୟ କରିଥିଲେ। ପରେ ଉଭୟ ସେଠାରେ ଅଞ୍ଜଳିଙ୍କ ଗଳା ଚିପି ହତ୍ୟା କରିବା ସହ ତାଙ୍କ ମୃତଦେହରେ ନିଆଁ ଲଗାଇ ଦେଇଥିଲେ। ସେମାନେ ଅଞ୍ଜଳିଙ୍କ ମୃତଦେହକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ୫ ଦିନ ଧରି ଅଞ୍ଜଳି ନିଖୋଜ ରହିବା ପରେ ଶନିବାର ପୋଲିସ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଜବତ କରିଥିଲା। ଅଞ୍ଜଳିଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଶିବେନ୍ଦ୍ର ଓ ଗୌରବଙ୍କୁ ଗିରଫ କରିଛି।

# ଫେସ୍ବୁକରେ ବନ୍ଧୁତା, ୮.୭୫ ଲକ୍ଷ ଠକେଇ

## କେନ୍ଦୁଝରର ଟାଉନ ଆଇଆଇସି କହି ଧମକାଇଥିଲେ ମହିଳା

ଭୁବନେଶ୍ୱର,୧୩।୪(ସତ୍ୟଜିତ୍ ରାଉତ)

ଫେସ୍ବୁକରେ ପ୍ରଥମେ ବନ୍ଧୁତା। ପରେ ସାହାଯ୍ୟ ଆଳରେ ୮.୭୫ ଲକ୍ଷ ଟଙ୍କା ନେଇଗଲେ। ଟଙ୍କା ମାଗିବାରୁ କନଷ୍ଟେବଲଙ୍କ ପତ୍ନୀ ଖେଳିଥିଲେ ନୂଆ ଚାଲ୍। କେନ୍ଦୁଝର ଟାଉନ ଥାନାର ଆଇଆଇସି କହି ଧମକାଇଥିଲେ। ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଦାସପୁର ଗ୍ରାମର ଜଣେ କଣ୍ଟ୍ରାକ୍ଟର ବିଷ୍ଣୁପ୍ରସାଦ ମୁଦୁଲି ଏଭଳି ଠକାମୀର ଶିକାର ହୋଇଥିବାବେଳେ ଭୁବନେଶ୍ୱର ସାଇବର ଥାନା ପୋଲିସ ଅଭିଯୁକ୍ତ ମହିଳାଙ୍କୁ କେନ୍ଦୁଝରରୁ ଗିରଫ କରିଛି। ସେହେଲେ କେନ୍ଦୁଝର ଟାଉନର ସଞ୍ଜୁକ୍ତା ଭୁୟାଁ। ସଞ୍ଜୁକ୍ତାଙ୍କୁ ସାଇବର ପୋଲିସ ଶନିବାର କୋର୍ଟ ଚାଲାଣ କରିଥିବାବେଳେ ସେ ଜେଲକୁ ଯାଇଛନ୍ତି।

ସୂଚନା ଅନୁଯାୟୀ, ବିଷ୍ଣୁପ୍ରସାଦଙ୍କୁ ସଞ୍ଜୁକ୍ତା ଫେସ୍ବୁକରେ ଅନୁରୋଧ ପଠାଇ ଫ୍ରେଣ୍ଡ ହୋଇଥିଲେ। ସଞ୍ଜୁକ୍ତା ନିଜକୁ ଅବିବାହିତ କହି କଥା ହୋଇଥିଲେ। ପରେ ଫୋନ ନମ୍ବର ଦିଆନିଆ ସହ କଥାବାର୍ତ୍ତା ମଧ୍ୟରେ ସମ୍ପର୍କରେ ଘନିଷ୍ଠତା ହୋଇଥିଲା। ନିଜ ଭାଇଙ୍କ ଗୋଡ଼ ଭାଙ୍ଗିଯାଇଥିବା କହି ଚିକିତ୍ସା ପାଇଁ ସଞ୍ଜୁକ୍ତା ପ୍ରଥମେ ଟଙ୍କା ମାଗିଥିଲେ। ବିଭିନ୍ନ ସମୟରେ ବିଷ୍ଣୁପ୍ରସାଦ ଫୋନ ପେ' ଜରିଆରେ ୨୦୨୪ ଜୁଲାଇ ୧୧ରୁ ୨୦୨୫ ଜାନୁଆରୀ ୨୦ ମଧ୍ୟରେ ୮ଲକ୍ଷ ୭୫ ହଜାର ୮୦୦ଟଙ୍କା ଦେଇଥିଲେ। ପରେ ସଞ୍ଜୁକ୍ତା ଆଉ ଟଙ୍କା ଫେରାଇ ନ ଥିଲେ। ବିଷ୍ଣୁପ୍ରସାଦ ଟଙ୍କା ମାଗିବାରୁ ସଞ୍ଜୁକ୍ତା ଏକ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲି ସେଥିରେ କେନ୍ଦୁଝର ଟାଉନ ଥାନାର ଜଣେ ମହିଳା ଆଇଆଇସିଙ୍କ ଫଟୋ ରଖିଥିଲେ। ପରେ ବିଭିନ୍ନ ଆଳ ଦେଖାଇ ବିଷ୍ଣୁପ୍ରସାଦଙ୍କୁ ଧମକାଇଥିଲେ। ଏନେଇ ବିଷ୍ଣୁପ୍ରସାଦ ଗତ ଜାନୁଆରୀ ୨୭ରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୩/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବଚସାରୁ ଯୁବକଙ୍କ ଗଳାକାଟି ହତ୍ୟା

ରାଉରକେଲା,୧୩।୪(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ରଘୁନାଥପାଲି ଥାନା ଅଧୀନ ଏସ୍ଟିଆଇ ରେଳଲାଇନ୍ର କିଛିଦୂରରେ ରବିବାର ସକାଳ ପ୍ରାୟ ୭ଟା ସମୟରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ଅମୃତ ମହାକୁଡ(୪୨)। ଏହି ଘଟଣାରେ ପୋଲିସ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ମୂଳନିବାସୀ ତଥା ବର୍ତ୍ତମାନ ଏସ୍ଟିଆଇ ଗଜପତିପାଲିରେ ରହୁଥିବା ବିକାଶ ଗୋଚ୍ଛାୟତ(୨୪)। ହତ୍ୟାରେ ବ୍ୟବହୃତ ଛୁରି ତାଙ୍କଠାରୁ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭/୨୫) ରୁଜୁ କରି ଅପରାହ୍ନ ୨ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ବୋଲି ଏସ୍ଡିପିଓ ଅମ୍ବିତ ମହାନ୍ତି ରଘୁନାଥପାଲି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

ଏସ୍ଡିପିଓ ମହାନ୍ତି କହିଥିଲେ, ଅମୃତ ଚାନ୍ଦିପୋଷ ଥାନା ମହୁପଦା ଅଞ୍ଚଳର ବାସିନ୍ଦା। ସେ ପ୍ରାୟ ମାସେ ତଳେ ରାଉରକେଲା ଆସି ସିଭିଲଟାଉନଶିପ୍ ଯୋଡା ପାଣିଟାଙ୍କିରେ କାମ କରୁଥିଲେ। ଏହି ସମୟରେ ବିକାଶଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ରବିବାର ସକାଳେ କୌଣସି କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିକାଶ ଘରୁ ଏକ ଧାରୁଆ ଛୁରି ଆଣି ଅମୃତଙ୍କ ଗଳାକୁ କାଟିଦେଇଥିଲେ।

# ପୋଷ୍ଟ ମାଷ୍ଟରଙ୍କ ହାତଗୋଡ଼ ବାନ୍ଧି ଲୁଟ୍

ସୋର,୧୩।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅନନ୍ତପୁର ପାଣ୍ଡି ଅଧୀନ ଟେଷ୍ଟେଇ ଗ୍ରାମରେ ଶନିବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଗ୍ରାମର ପୋଷ୍ଟ ମାଷ୍ଟର ବଟକୃଷ୍ଣ ମଲିକ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ଝିଅ ବାହାଘର ପାଇଁ ରଖିଥିବା ନଗଦ ୫ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଖବରପାଇ ସୋର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପରିବାର ଲୋକେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ସମୟରେ ୪ ଜଣ ଦୁର୍ବୃତ୍ତ ଘର ପଛ କବାଟ ଭାଙ୍ଗି ଭିତରେ ପଶିଥିଲେ। ବଟକୃଷ୍ଣ ଓ ସ୍ତ୍ରୀ ସୁରତିଙ୍କ ହାତଗୋଡ଼ ବାନ୍ଧି ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ଏହି ସମୟରେ ବଟକୃଷ୍ଣଙ୍କ ଝିଅ ସୁନନ୍ଦା ଫୋନ୍ କରିବାରୁ ତାଙ୍କ ବେକରେ ଭୁଜାଲି ଲଗାଇ ଗଡ୍ରେଜ୍ ଚାବି ନେଇ ସେମାନେ ନଗଦ ୫ ଲକ୍ଷ ଟଙ୍କା, ଏକ ସୁନାହାର, ୨ ହଳ କାନଫୁଲ ଓ ଏକ ସୁନାଚେନ୍ ଲୁଟି ନେଇ ପଳାଇଥିଲେ।

# ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ

## ୨ ଗୋଷ୍ଠୀ ମଧ୍ୟରେ ବଚସା, ଠେଙ୍ଗାମାଡ଼

ଯାଜପୁର/ କାଏମା,୧୩।୪ (ହର୍ଷବର୍ଦ୍ଧନ ବେହେରା/ ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଆରୁହା ଆଞ୍ଚଳିକ ହିଙ୍ଗୁଳା କମିଟି ପକ୍ଷରୁ ଆୟୋଜିତ ହିଙ୍ଗୁଳା ଯଜ୍ଞରେ ଯୋଗଦେବାକୁ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ରବିବାର ଅପରାହ୍ନ ପ୍ରାୟ ୧ଟା ସମୟରେ ନିଜ କାର୍ରେ ଯାଉଥିଲେ। ଏହି ସମୟରେ ତାଙ୍କୁ ୩୦ରୁ ଊର୍ଦ୍ଧ୍ୱ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଭାଜପା ପକ୍ଷରୁ ବି ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ଏନେଇ ପ୍ରଣବ କହିଛନ୍ତି, ସେ ଆରୁହା ଗ୍ରାମକୁ ଯିବା ପୂର୍ବରୁ ଏସ୍ପିଙ୍କୁ ଜଣାଇଥିଲେ। ହେଲେ ପୋଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିଲା।



ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ବୋଲେରୋରେ ଆସି ଗୁଣ୍ଡାଶ୍ରେଣୀର କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ପ୍ରଣବ କହିଛନ୍ତି। ଏହି ଅଭିଯୋଗକୁ ବିଧାୟକ ସାହୁ ଖଣ୍ଡନ କରିବା ସହ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରସ୍ପରକୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ସେ ନିନ୍ଦା କରୁଛନ୍ତି ବୋଲି କହିଛନ୍ତି। ଏଥିରେ କୌଣସି ଭାଜପା କର୍ମୀଙ୍କ ହାତ ନାହିଁ। ଏଥିରେ ସଂପୃକ୍ତ ଦୋଷୀମାନେ ନିଶ୍ଚିତ ଦଣ୍ଡ ପାଇବେ ବୋଲି ବିଧାୟକ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଆରୁହା ଆଞ୍ଚଳିକ ହିଙ୍ଗୁଳା ଯଜ୍ଞ କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ପୂର୍ବତନ ବିଧାୟକ ପ୍ରଣବ ଯୋଗଦେବାକୁ ଯାଉଥିଲେ। ହିଙ୍ଗୁଳା ଗ୍ରାମର ପ୍ରବେଶ ପଥରେ କେତେଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାକୁ ପ୍ରଣବଙ୍କ ସମର୍ଥକମାନେ ବିରୋଧ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଏବଂ ଠେଙ୍ଗାବାଡ଼ିରେ ମାରପିଟ ହୋଇଥିଲା। ଖବର ପାଇ ଜେନାପୁର ଥାନା ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଗ୍ରାମବାସୀ ପ୍ରଣବଙ୍କୁ ଯଜ୍ଞସ୍ଥଳକୁ ପାଛୋଟି ନେଇଥିଲେ।

ସୂଚନାଯୋଗ୍ୟ, ୧୭।୧୦।୨୦୨୪ରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପ୍ରଥମେ ରାଜନୈତିକ ଆକ୍ରୋଶ ଦେଖା ଦେଇଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପ୍ରଣବ ଜେନାପୁର ଥାନା ଅନ୍ତର୍ଗତ ୧୨ନଂ. ଜୋନ୍ କୁରିକଣା ଗ୍ରାମକୁ ଲକ୍ଷ୍ମୀପୂଜା ନିମନ୍ତ୍ରଣ ପାଇ ସେଠାକୁ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଫେରୁଥିବା ବେଳେ କୁରିକଣା ଛକ ନିକଟରେ ତାଙ୍କ ଗାଡ଼ି ଉପରକୁ କେତେଜଣ ଯୁବକ ଅଣ୍ଡା ମାଡ଼ କରିଥିଲେ। ଏହାସହ ପୂର୍ବତନ ବିଧାୟକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନ ଦେଖିଲା ପୁଏ ଦେଖ**
**କଇଁଛ କାଢ଼ିଛି ବେକ ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେକରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳ କରି ସେମାନଙ୍କଠାରେ ଆତ୍ମବଡ଼ିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ମତ୍ତଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈକେ ବାଙ୍କ,**
**ଦେଶକେ ଫାଙ୍କ।**

ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣି ପ୍ରଭୃତି ରହିଥିବାର ଦେଖିବାକୁ ମିଳିଥାଏ। ଯେଉଁଠି ଯେପରି ଚଳଣି ଥାଏ, ସେଠି ବାହାରୁ ଆସିଥିବା ବ୍ୟକ୍ତିଙ୍କୁ ସେଥିରେ ଅଭ୍ୟସ୍ତ ହେବାକୁ ହିଁ ପଡ଼ିଥାଏ। ଚଳଣିକୁ ବଦଳାଇ ଦେଇ ହେବ ନାହିଁ ଏବଂ ସ୍ଥାନ ଅନୁସାରେ ଏହାର ସୃଷ୍ଟି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉଠାଯାଇଥିବା ପାଣିପାଗ ଚିତ୍ର।

# ବନ୍ଦ ଘରୁ କନଷ୍ଟେବଲ୍ଙ୍କ ମୃତଦେହ ଜବତ

ଅସ୍ତରଙ୍ଗ,୧୩।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନାରେ କାର୍ଯ୍ୟରତ କନଷ୍ଟେବଲ୍ ତଥା ଗାଡ଼ିଚାଳକ ସନ୍ତୋଷ କୁମାର ସେଠୀଙ୍କ ମୃତଦେହ ରବିବାର ସକାଳୁ ରାଇକଣାସ୍ଥିତ ନିଜ ବାସଭବନରୁ ପୋଲିସ ଜବତ କରିଛି। ସେ ଥାନାରେ ୬ମାସ ହେବ କାର୍ଯ୍ୟରତ ଥିଲେ। ଏନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା ୫/୨୫ରେ ରୁଜୁ କରି ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ନିମାପଡ଼ା ଉପଖଣ୍ଡ ଅଧିକାରୀ ପାଢ଼ୀ ସୂଚନା ଦେଇଛନ୍ତି।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
No.A-36
**e-Procurement Notice**
**Bid Identification No. - CEM/MDS-01/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDS - 01/2025-26 |
| 5. | Estimated Cost | : Rs. 51,38,087.00 |
| 6. | Period of Completion | : 03 (Three) calendar months |
| 7. | Date & time of availability of bid documents in the Portal | : From dt. 16.04.2025 (10.00 A.M.) to dt. 29.04.2025 (5.30 P.M.) |
| 8. | Last date / time for receipt of bid in the portal | : Dt. 29.04.2025 (up to 5.30 P.M.) |
| 9. | Date and Place of opening of Technical Bid | : Dt.30.04.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical
O/O - Engineer-In-Chief, Secha Sadan, Bhubaneswar
OIPR-32520/11/0034/2526



**DEPUTY DIRECTOR**
**NANDANKANAN ZOOLOGICAL PARK**
P.O.:BARANG, DIST-KHURDA,PIN-754005, PHONE (M) 9437022023
Email: deputydirector.kanan@gmail.com
NANDANKANAN
Web: www.nandankanan.org
**Tender Notice No.69/PMU/NKZP/2024-25 Dated:11.04.2025**
**E-TENDER NOTICE**
**FOR OPERATION AND MAINTENANCE OF BOATINQ FACILITY OVER BOATING ZONE- A OF KANJIA LAKE AT NANDANKANAN ZOOLOGICAL PARK**
**No.MM-07:**Deputy Director, Nandankanan Zoological Park invites sealed tenders online from interested persons/ firms/ entrepreneurs for operation and maintenance of Boating Facility over Zone A of Kanjia lake of Nandankanan Zoological Park. The detailed tender document can be downloaded - and apply online through Odisha e-procurement website: www.tendersodisha.gov.in from 11.04.2025 of 2.00 PM to 5.00 PM of 28.04.2025. The detailed tender document can also be downloaded from the website of Nandankanan Zoological Park: www.nandankanan.org. The last date of receipt of technical and financial bids is till 5.00 PM of 28.04.2025. The technical bids shall be opened on 29.04.2025 at 11.00 AM. Please refer the tender documents for further details. Nandankanan Zoological Park reserves the right to cancel this Invitation and / or invite fresh Bid with or without amendments to this invitation without liability or any obligation for such invitation and without assigning any reason. NKZP reserves the right to accept or reject any or all proposals without assigning any reason whatsoever.
OIPR-08070/11/0065/2526
Sd./- Deputy Director, Nandankanan Zoological Park



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail-eejspurirr@gmail.com
**"e" Procurement Notice No.JID-01 of 2025-26**
**No.A-39:**1. Total No. of Works: 65 (Sixty Five) Nos. 2. Tender Amount (Approx.): Rs. 5.24 Lakh to Rs.83.65 Lakh. 3. Tender Paper Cost: Rs.4,000/-, Rs.6,000/- & Rs.10,000/- (On-line payment) (Non-Refundable). 4. Class of Contractor: "D", "C" & "B" Class Contractor. 5. Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal. | Place of opening of Tender O/o the Superintending Engineer, Jagatsinghpur Irrigation Division, Jagatsinghpur | | |
|---|---|---|---|---|---|---|---|
| | | From | To | | Technical Bid (Cover-I) | Financial Bid (Cover-II) | Date and time of lottery if required |
| Superintending Engineer, Jagatsinghpur Irr. Division, Jagatsinghpur | JID-01/ 2025-26 | 16.04.2025 at 10.00 Hours | 29.04.2025 at 17.30 Hours | 25.04.2025 Upto 1.00 PM during office hours | 30.04.2025 at 11.00 Hours | Will be intimated while uploading the Technical Evaluation Summary | Will be intimated while uploading the Financial Bid Opening Summary |

Further details can be seen from the Govt. website **"https://tendersodisha.gov.in"**
All corrigendum/ cancellation of tender if any, will only be uploaded in the above website.
Sd./- Superintending Engineer,
Jagatsinghpur Irrigation Division, Jagatsinghpur
OIPR-32050/11/0003/2425




Email ID- eeliangul@gmail.com
**ODISHA LIFT IRRIGATION CORPORATION LIMITED**
( A Government of Odisha Undertaking)
**OFFICE OF THE EXECUTIVE ENGINEER, L.I.DIVISION, ANGUL**
**e-Tender Notice**
**Bid Identification No.E.E.,ANGUL (OLIC) 01/2025-26, Date 10.04.2025**
**No.CAD-103:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work "installation and energisation of following L.I. Projects under **Athamallik, Banarpal, Chhendipada, Kishorenagar and Pallahara** blocks in Angul district on turn-key basis as detailed in the table below. The Bid should be submitted by bidder holding CIVIL Contractors Licence with HT Licence. The H.T. Electrical Licence should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. In case the contractor has either only HT Licence or Civil Licence, then he may go for a joint venture with the other one. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersodisha.gov.in.**
**1. Name of Works : Installation & energisation of River Lift Projects with supply of all materials on Turnkey basis.**
**2. Total Nos. of Packages : 15 Nos**
**3. Approximate Estimated Cost : Rs. 23.070 Lakh to Rs. 50.215 Lakh**
**4. Class of Contractor : "C" & "B" valid civil Class with H.T. valid License.**
**5. Period of completion : 90 Days from the date of issue of work order.**
**6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seek-ing ten der clarification | Date & Time of Opening of tender in the office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 01/2025-26 | 16.04.2025 10.00 A.M. | 29.04.2025 Upto 5.00 PM | 25.04.2025 | 30.04.2025 11.00 AM |


• Details can be seen from the Website www.tendersorissa.gov.in
• Any Corrigendum/ Addendum will be displayed in the above website only.
OIPR-32547/11/0001/2526
Sd./- (Er. Debaraj Sethi), Executive Engineer, L.I. Division, Angul

# ବିଜ୍ଞାନର ଉନ୍ନତିରେ ଜର୍ମାନୀ ବୈଜ୍ଞାନିକଙ୍କ ଭୂମିକା


ପ୍ର. ଡ. ହାର୍ଟମୁର୍ଟ କାବେଲ୍

''ଜର୍ମାନ ଗବେଷକ ନିକୋଲାସ୍ କୋପରନିକସ୍ (୧୪୭୩-୧୫୪୩) ସ୍ପଷ୍ଟ ଭାବେ କହିଲେ, 'ସୌରଜଗତର କେନ୍ଦ୍ରରେ ସୂର୍ଯ୍ୟ ରହିଛି ଓ ପୃଥିବୀ ପ୍ରଭୃତି ଗ୍ରହମାନେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। ଏଇ ସୌରକେନ୍ଦ୍ରିକ ସିଦ୍ଧାନ୍ତ ଆଧୁନିକ ଜ୍ୟୋତିର୍ବିଜ୍ଞାନର ମୂଳଦୁଆ ପକାଇଛି। ଜ୍ୟୋତିର୍ବିଜ୍ଞାନରେ ବିପ୍ଳବ ସମ୍ଭବ ହୋଇଛି ଏଇ ତତ୍ତ୍ୱ ପାଇଁ। ସୌରକେନ୍ଦ୍ରିକ ସିଦ୍ଧାନ୍ତର ମହତ୍ତ୍ୱପୂର୍ଣ୍ଣ ଗାଣିତିକ ତତ୍ତ୍ୱ ପ୍ରଦାନ କରିଛନ୍ତି ଆଉ ଜଣେ ଜର୍ମାନ ବୈଜ୍ଞାନୀ ଜୋହାନ୍ସ କେପଲର୍ (୧୫୭୧-୧୬୩୦), ଯିଏ ଗ୍ରହମାନଙ୍କ ଗତି ନିରୂପଣ ପାଇଁ ତିନୋଟି ନିୟମ ନିଗମନ କରିଛନ୍ତି।''


ମାର୍ଟିନ୍ ଲୁଥର


ନିକୋଲାସ୍ କୋପରନିକସ




ମଧ୍ୟଯୁଗୀୟ ୟୁରୋପରେ ନିରୀକ୍ଷଣ, ପରୀକ୍ଷଣ ଓ ଗହନ ଗଣିତର ପରମ୍ପରା ନଥିଲା। ପଠନ ଓ ଅନୁଶୀଳନ ବୈଜ୍ଞାନିକ ଗତିବିଧିର ମାନଦଣ୍ଡ ଥିଲା। ପଣ୍ଡିତମାନେ ମୁଖ୍ୟତଃ ଦାର୍ଶନିକ ପୁସ୍ତକ ବା ଧର୍ମଗ୍ରନ୍ଥ ପଢ଼ାପଢ଼ି ଓ ତର୍ଜମା କରୁଥିଲେ ଏବଂ ବିଜ୍ଞାନର ଯାତ୍ରା ଏଇ ମାଧ୍ୟମ ଦେଇ ଯାହାକିଛି ଚାଲୁଥିଲା। ଆରିଷ୍ଟଟଲ୍‌ଙ୍କ ଲେଖା ଓ କଥା ତଥା ଖ୍ରୀଷ୍ଟିଆନ୍‌ମାନଙ୍କ ଧର୍ମଗ୍ରନ୍ଥ ବାଇବେଲ୍‌କୁ ଆଧାର କରି ବୈଜ୍ଞାନିକ ଗତିବିଧି ଚାଲୁଥିଲା।

ପଞ୍ଚଦଶ ଶତାବ୍ଦୀ ବେଳକୁ ବିଜ୍ଞାନର ଅବଧାରଣା ପ୍ରାୟତଃ ଏହିପରି ଥିଲା। ଜ୍ୟୋତିର୍ବିଜ୍ଞାନ, ବିଜ୍ଞାନର ସର୍ବପ୍ରାଚୀନ ଓ ସର୍ବଜନାଦୃତ ବିଷୟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସୌର ପରିବାର ଜ୍ୟୋତିର୍ବିଜ୍ଞାନର ଏକ ମୌଳିକ ଓ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ଗ୍ରହଣ କରି ଗଣନା ଓ ତାତ୍ତ୍ୱିକ ତର୍ଜମା ସର୍ବମାନ୍ୟ ଥିଲା। ସମ୍ପ୍ରତି ଇଜିପ୍ଟର ଏଲ୍ ମାନସେ(ଟଲେମାଇସ୍ ହରମିଅସ୍) ତତ୍କାଳୀନ ରୋମାନ ସାମ୍ରାଜ୍ୟର ଗୋଟିଏ ସହର ଥିଲା ଓ ଏଇଠାରେ ଜନ୍ମଗ୍ରହଣ କରିଥିବା କ୍ଲାଉଡିଅସ୍ ଟଲେମୀ ଭୂ-କେନ୍ଦ୍ରିକ ବ୍ରହ୍ମାଣ୍ଡ ସିଦ୍ଧାନ୍ତକୁ ତାତ୍ତ୍ୱିକ ରୂପ ଦେଇଥିଲେ ଓ ଏହା ବହୁ ଶତାବ୍ଦୀ ଧରି ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ବାଇଜାଣ୍ଟାଇନ୍, ୟୁରୋପୀୟ ଓ ମୁସଲମାନ ଜ୍ୟୋତିର୍ବିଜ୍ଞାନର ଆଧାରଶିଳା ଥିଲା।

ଜର୍ମାନୀ ପ୍ରଥମେ ଏଇ ପ୍ରାଚୀନ ପ୍ରମାଦକୁ ସଠିକ୍ ସ୍ୱରୂପ ପ୍ରଦାନ କଲା, ଯେତେବେଳେ ଜର୍ମାନ ଗବେଷକ ନିକୋଲାସ୍ କୋପରନିକସ୍ (୧୪୭୩-୧୫୪୩) ସ୍ପଷ୍ଟଭାବେ କହିଲେ, 'ସୌରଜଗତର କେନ୍ଦ୍ରରେ ସୂର୍ଯ୍ୟ ରହିଛି ଓ ପୃଥିବୀ ପ୍ରଭୃତି ଗ୍ରହମାନେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। ଏଇ ସୌରକେନ୍ଦ୍ରିକ ସିଦ୍ଧାନ୍ତ ଆଧୁନିକ ଜ୍ୟୋତିର୍ବିଜ୍ଞାନର ମୂଳଦୁଆ ପକାଇଛି। ଜ୍ୟୋତିର୍ବିଜ୍ଞାନରେ ବିପ୍ଳବ ସମ୍ଭବ ହୋଇଛି ଏଇ ତତ୍ତ୍ୱ ପାଇଁ। ସୌରକେନ୍ଦ୍ରିକ ସିଦ୍ଧାନ୍ତର ମହତ୍ତ୍ୱପୂର୍ଣ୍ଣ ଗାଣିତିକ ତତ୍ତ୍ୱ ପ୍ରଦାନ କରିଛନ୍ତି ଆଉ ଜଣେ ଜର୍ମାନ ବୈଜ୍ଞାନିକ ଜୋହାନ୍ସ କେପଲର୍ (୧୫୭୧-୧୬୩୦), ଯିଏ ଗ୍ରହମାନଙ୍କ ଗତି ନିରୂପଣ ପାଇଁ ତିନୋଟି ନିୟମ ନିଗମନ କରିଛନ୍ତି। ଗ୍ରହୀୟ ଗତିର ସଠିକ୍ ଆକଳନ ଜ୍ୟୋତିର୍ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଓ ପରବର୍ତ୍ତୀ ସମୟରେ ଫିରିଙ୍ଗୀ ବୈଜ୍ଞାନିକ ସାର୍ ଆଇଜାକ୍ ନ୍ୟୁଟନ୍‌ଙ୍କୁ ମାଧ୍ୟାକର୍ଷଣ ନିୟମ ନିଗମନ କରିବା ପାଇଁ ପ୍ରେରିତ କରିଛି।

ଏଇ ସମୟରେ ମାର୍ଟିନ୍ ଲୁଥର ଖ୍ରୀଷ୍ଟିଆନ୍ ଚର୍ଚ୍ଚରେ ସଂସ୍କାର ପାଇଁ ଯେଉଁ ଲଢ଼େଇ ଲଢ଼ିଥିଲେ, ତାହା ପ୍ରାୟ ୩୦ ବର୍ଷ ଧରି ଚାଲିଲା ଓ ଜର୍ମାନ ବିଜ୍ଞାନରେ ଶହେବର୍ଷ ପର୍ଯ୍ୟନ୍ତ ଯଥା ସ୍ଥିତି ଲାଗିରହିଲା। ତତ୍କାଳୀନ ସାମାଜିକ ଓ ସାଂସ୍କୃତିକ ଚାପ ଦୂର ହେବାବେଳକୁ ବାୟୁମଣ୍ଡଳର ଚାପ ଆବିଷ୍କାର କରି ଆଧୁନିକ ବିଜ୍ଞାନର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟି ସ୍ଥାପନ କଲେ ଜର୍ମାନ ବୈଜ୍ଞାନିକ ଅଟୋ ଭନ୍ ଗୁଏରିକେ (୧୬୦୨-୧୬୮୬)। ବ୍ରାଉନ୍‌ସ୍ୱେଗ୍ ସହରର ତତ୍କାଳୀନ ମେୟର ଓ କୁଶଳୀ ଗବେଷକ ଗୁଏରିକେ ପରୀକ୍ଷଣ ମାଧ୍ୟମରେ ପ୍ରଦର୍ଶନ କଲେ ବାୟୁଚାପର ତୀବ୍ରତା। ସେ ଗୋଟିଏ ପୋଲା ଗୋଲକକୁ ଭାକୁମ୍ ଚାମ୍ବର ଭାବେ ରୂପାୟିତ କରି ଦେଖାଇଲେ ଏହାର ଅପରିମିତ ବଳ ଓ କିପରି ଛଅଟି ଘୋଡ଼ାର ବଳଠାରୁ ମଧ୍ୟ ଏଇ ପୋଲା ଗୋଲକରୂପୀ ଭାକୁମ୍ ଚାମ୍ବରର ବାୟୁଚାପ ଅଧିକ। ବାୟୁଚାପର ଆବିଷ୍କାର ଓ ତାତ୍ତ୍ୱିକ ଅବଧାରଣା ଆଧୁନିକ ବିଜ୍ଞାନର ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଦ୍ୟୁତ୍‌ର ତାତ୍ତ୍ୱିକ ଅବଧାରଣାକୁ ବୁଝିବା ପାଇଁ ଗୋଟିଙ୍ଗେନ୍‌ର ଜର୍ମାନ ପ୍ରାଧ୍ୟାପକ ଜର୍ଜ ଖ୍ରୀଷ୍ଟୋଫ୍‌ର ଲିଷ୍ଟେନ୍‌ବର୍ଗ (୧୭୪୨-୧୭୯୯)ଙ୍କ ଗଛର ଶାଖା ପରି ବୈଦ୍ୟୁତିକ ବିସର୍ଜନ (ଡିସ୍‌ଚାର୍ଜ) ପ୍ରକ୍ରିୟାକୁ ଗବେଷଣାଗାରରେ ଆବିଷ୍କାର କରିବା ଓ ଜର୍ଜ ସାଇମନ୍ ଓମ୍ (୧୭୮୯-୧୮୫୪)ଙ୍କ ବିଦ୍ୟୁତ୍ ସୁପରିବାହୀରେ ବୈଦ୍ୟୁତିକ ବିଭବ ଓ ବିଦ୍ୟୁତ୍ ସ୍ରୋତ ମଧ୍ୟରେ ସରଳରୈଖିକ ସମ୍ପର୍କ ଅନାବରଣ ପୂର୍ବକ ବୈଦ୍ୟୁତିକ ପ୍ରତିରୋଧର ଗାଣିତିକ ସ୍ୱରୂପ ଆବିଷ୍କାର କରିବା ଐତିହାସିକ ଗୁରୁତ୍ୱ ବହନ କରେ। ଆମେ ଏବେ ବି ବୈଦ୍ୟୁତିକ ପ୍ରତିରୋଧର ଏକକକୁ ଓମ୍ କହୁ। ଜର୍ମାନ୍ ଇଞ୍ଜିନିୟର୍ ଗୋଟ୍‌ହିଲଫ ହାଗେନ୍ (୧୭୯୭-୧୮୬୯) ନଳୀ ଦେଇ ଗତି କଲାବେଳେ ତରଳ ପଦାର୍ଥର ଚାପ ଅନ୍ତର ଓ ତରଳର ଗତି ମଧ୍ୟରେ ସରଳରୈଖିକ ସମ୍ପର୍କ ପ୍ରଦର୍ଶନ କରିଥିଲେ ଓ ତରଳ ପଦାର୍ଥରେ ପ୍ରତିରୋଧର ଗାଣିତିକ ସ୍ୱରୂପ ଜଣାପଡ଼ିଥିଲା


ଜର୍ମାନ୍ ଗବେଷକ ଗୁସ୍ତାଭ ରବର୍ଟ କିରକଫ୍ (୧୮୨୪-୧୮୮୭) ପାରମ୍ପରିକ ବୈଦ୍ୟୁତିକ ବିଜ୍ଞାନର ବିକାଶ ପାଇଁ ଯେଉଁ 'ଲୁପ୍ ନିୟମ' ଆବିଷ୍କାର କରିଥିଲେ, ତାହା 'କିରକଫ୍ ଲୁପ୍ ନିୟମ' ଭାବେ ପ୍ରସିଦ୍ଧ। ଶୃଙ୍ଖଳା ଓ ସମାନ୍ତରାଳ ବୈଦ୍ୟୁତିକ ପରିପଥରେ ବିଦ୍ୟୁତ୍ ପ୍ରବାହ ବୁଝିବା ପାଇଁ ଏଇ ନିୟମ ବ୍ୟବହୃତ ହୁଏ। ଉକ୍ତ ବସ୍ତୁରୁ ନିର୍ଗତ ଦୃଶ୍ୟମାନ ଓ ଅଦୃଶ୍ୟ ବିକିରଣର ପରିମାଣ ବସ୍ତୁର ତାପମାତ୍ରା ଉପରେ ନିର୍ଭରଶୀଳ ବୋଲି କିରକଫ୍ ପ୍ରମାଣିତ କରିଥିଲେ, ଯାହା କ୍ୱାଣ୍ଟାମ୍ ବିଜ୍ଞାନର ଆଧାରଶିଳା ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଜର୍ମାନ୍ ବୈଜ୍ଞାନିକ ଯୋଶେଫ୍ ରିଟର ଭନ୍ ଫ୍ରାଉନହୋଫର (୧୭୮୭-୧୮୨୬) ଉଚ୍ଚ ପ୍ରତିସରଣ କ୍ଷମତାଯୁକ୍ତ ଲେନ୍ସ ଆବିଷ୍କାର କରି ମହାଜାଗତିକ ପିଣ୍ଡ ନିରୀକ୍ଷଣ ପାଇଁ ବ୍ୟବହୃତ ଦୂରବୀକ୍ଷଣ ଯନ୍ତ୍ରର ବିକାଶରେ ସହାୟତା କରିଥିଲେ। ଲେନ୍ସ ପରିଷ୍କରଣ, ଆକ୍ରୋମାଟିକ ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ, ଉଚ୍ଚମାନର ଲେନ୍ସ ନିର୍ମାଣ ପାଇଁ ଫ୍ରାଉନହୋଫର ସର୍ବଦା ମନେରହିବେ। ବିଚ୍ଛୁରଣ କାଚ ବା ଡିଫ୍ରାକ୍ସନ ଗ୍ରେଟିଂ ଓ ସ୍ପେକ୍ଟ୍ରୋସ୍କୋପ୍ ଉଦ୍ଭାବନ କରିଥିଲେ ଫ୍ରାଉନ୍‌ହୋଫର। ସୂର୍ଯ୍ୟ ଓ ପୃଥିବୀର ବାୟୁମଣ୍ଡଳ ବିଷୟରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲା ସୌରବର୍ଣ୍ଣାଳୀରେ ଅବଶୋଷଣ ରେଖାମାନଙ୍କ ଆବିଷ୍କାର, ଯାହା ଫାଉନ୍‌ହୋଫରଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ଓ ଫ୍ରାଉନ୍‌ହୋଫର ରେଖା ଭାବରେ ବିଖ୍ୟାତ। ଜର୍ମାନ୍ ବୈଜ୍ଞାନିକ ହେରମାନ୍ ଭନ୍ ହେଲମୋଲ୍‌ଜ (୧୮୨୧-୧୮୯୪) ଜଳଗତି ବିଜ୍ଞାନ, ତାପଗତି ବିଜ୍ଞାନ, ଆଲୋକ ବିଜ୍ଞାନକୁ ନୂଆ ଦିଗ ଓ ଦିଗନ୍ତ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ ନିଜ ତାତ୍ତ୍ୱିକ ନିଷ୍କର୍ଷଗୁଡ଼ିକ ମାଧ୍ୟମରେ। ଆର୍.ଜି.ବି. କୋଡିଂ, କର୍ଟି ରୂପକ କାନର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଆବିଷ୍କାର ଓ ତାପଗତି ବିଜ୍ଞାନର ନିୟମ ନିଗମନ ପାଇଁ ହେଲ୍‌ମୋଲଜ୍ ସର୍ବଦା ମନେରହିବେ। ଜର୍ମାନ୍ ବୈଜ୍ଞାନିକ ହାଇନ୍‌ରିଚ୍ ହର୍ଜ (୧୮୫୭-୧୮୯୪) ମାକ୍ସୱେଲଙ୍କ ପ୍ରଦତ୍ତ ବିଦ୍ୟୁତ୍ ଚୁମ୍ବକୀୟ ତତ୍ତ୍ୱକୁ ଠିକ୍ ପ୍ରମାଣିତ କରିଥିଲେ ଗବେଷଣାଗାରରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଠାବ କରି। ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ଆବୃତ୍ତି ବା ଫ୍ରିକ୍ୱେନ୍ସି ଆମେ ହର୍ଜ ଏକକରେ ମାପୁଛେ।

ବିଂଶ ଶତାବ୍ଦୀ ପୂର୍ବରୁ ଆଧୁନିକ ବିଜ୍ଞାନକୁ ଆଧାରଶିଳା ପ୍ରଦାନ କରିବା ଓ ନୂଆ ଦିଗ ଓ ଦିଗନ୍ତ ପ୍ରଦାନ କରିବାରେ ଜର୍ମାନ୍ ଜାତିର ଅବଦାନ ଅନସ୍ୱୀକାର୍ଯ୍ୟ। ବିଂଶ ଶତାବ୍ଦୀ ଓ ପରବର୍ତ୍ତୀ କାଳଖଣ୍ଡରେ ନୋବେଲ୍ ପୁରସ୍କାର ମୁଖ୍ୟତଃ ଶ୍ରେଷ୍ଠ ଗବେଷଣାର ମାନଦଣ୍ଡ ଭାବେ ବ୍ୟବହୃତ ହୁଏ। ପଦାର୍ଥ ବିଜ୍ଞାନରେ ପ୍ରଥମ ନୋବେଲ୍ ପୁରସ୍କାର ମିଳିଥିଲା ୱିଲେମ୍ କନ୍‌ରାଡ଼ ରଣ୍ଟେଜେନ୍‌ଙ୍କୁ। ସେ ରଞ୍ଜନ ରଶ୍ମି ବା ଏକ୍ସରେ ଆବିଷ୍କାର କରି ଆଧୁନିକ ବିଜ୍ଞାନକୁ ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ।

– ପ୍ର. ଡ. ହାର୍ଟମୁର୍ଟ କାବେଲ୍
(ମୂଳଲେଖା)
ରୁର୍ ବିଶ୍ୱବିଦ୍ୟାଳୟ, ବୋଖୁମ୍, ଜର୍ମାନୀ
ଅନୁବାଦ–ଦୁର୍ଗାମାଧବ ମିଶ୍ର,
ଆସିଷ୍ଟାଣ୍ଟ ପ୍ରଫେସର, ଆଇଆଇଟି, ଯୋଧପୁର, ରାଜସ୍ଥାନ
ମୋ: ୬୩୭୦୩୩୫୧୫୦

## ଅତ୍ୟଧିକ ଖାଦ୍ୟ ଓ ସ୍ମରଣ ଶକ୍ତି



ମନଲୋଭା ଖାଦ୍ୟ ଖାଇବାକୁ କିଏ ବା ଭଲ ନ ପାଏ? ହେଲେ ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହା ହୁଏତ ମନକୁ ସାମୟିକ ଶାନ୍ତି ଦେଇପାରେ, ହେଲେ ଏହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ସବୁବେଳେ ଯଦି ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଏଭଳି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ଖାଇବାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥିଲେ ସେମାନଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇପାରନ୍ତି। ସବୁବେଳେ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ପେଟଜନିତ ସମସ୍ୟା ଦେଖାଯିବାର ମଧ୍ୟ ଆଶଙ୍କା ରହିଛି।

## ଶ୍ୱାସକ୍ରିୟା ସମସ୍ୟା ଦୂର କରେ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। କେତେକ କାରଣରୁ ଅନେକ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ହେଲେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟକୁ ପ୍ରତିଦିନ ଖାଉଥିବା ଖାଦ୍ୟ ତାଲିକାରେ ସାମିଲ୍ କରିବେ, ତେବେ ଅନେକାଂଶରେ ଏଥିରୁ ରକ୍ଷା ପାଇପାରିବେ। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଏକ ସଦ୍ୟତମ ସର୍ଭେରୁ ଜାଣିପାରିଛନ୍ତି। ପରୀକ୍ଷାମୂଳକ ଭାବରେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡ଼ିଥିଲା। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ ବୋଲି ରିପୋର୍ଟର ଦର୍ଶାଯାଇଛି। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ଜାଣି ରଖନ୍ତୁ




- ଆବଶ୍ୟକତାଠାରୁ ଅଧିକ ପରିମାଣର ଲୁଣଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ବ୍ଲଡ୍‌ପ୍ରେସର ଏବଂ ହାର୍ଟ ଆଟାକ୍ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ।
- ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରତିଦିନ ରାତିରେ ୭-୮ ଘଣ୍ଟା ଆରାମରେ ଶୁଅନ୍ତୁ। ନିଦ ଯଦି ଭଲ ହେଲା ତେବେ ତାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।
- ସକାଳର କଅଁଳ କିରଣ ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ପ୍ରତିଦିନ କିଛି ସମୟ ଏଭଳି କିରଣରେ ଠିଆ ହୁଅନ୍ତୁ। ଏହାଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ।
- ଖାଦ୍ୟ ଖାଇବା ସମୟରେ ତରବର ନ ହୋଇ ଧୀରେ ଧୀରେ ଚୋବାଇ ଖାଆନ୍ତୁ। ଫଳରେ ଖାଦ୍ୟ ସହଜରେ ହଜମ ହୋଇଥାଏ ଏବଂ ପାଚନ ଶକ୍ତି ଦୃଢ଼ ହୋଇଥାଏ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ ରଖନ୍ତୁ। ତା'ସହ ନିକଟସ୍ଥ ଡାକ୍ତର ଏବଂ ପାଖ ହସ୍ପିଟାଲ୍‌ର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

## ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ଦିଏ ଅଙ୍ଗୁର



ଆଜିକାଲି ଆଣ୍ଠୁଗଣ୍ଠି ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ବିଶେଷଭାବରେ ବୟସ ବଢ଼ିଲେ ଏହି ସମସ୍ୟା ଦେଖାଦେଇଥାଏ। ହେଲେ ଏବେ ଅସନ୍ତୁଳିତ ଜୀବନଶୈଳୀ ପାଇଁ ଯୁବପିଢ଼ି ମଧ୍ୟ ଏହାର ସମ୍ମୁଖୀନ ହେଉଛନ୍ତି। ତେବେ ଏଭଳି ସମସ୍ୟା ଦେଖାଯିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ନିୟମିତ ଅଙ୍ଗୁର ଖାଇଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ଆଣ୍ଠୁଗଣ୍ଠି ସମସ୍ୟାର କ'ଣ ଉନ୍ନତି ଘଟୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏହାଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ସେତିକି ନୁହେଁ, ଅଙ୍ଗୁରରେ ଭିଟାମିନ୍-ସି ଭରି ରହିଛି।


## କାର୍ଯ୍ୟଦକ୍ଷତା ବୃଦ୍ଧି କରେ ମନ ପସନ୍ଦର ସଙ୍ଗୀତ



ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି। ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ଜଣଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଥିଲେ।

## ସ୍ୱାସ୍ଥ୍ୟ ସୂଚନା

- ସାଧାରଣତଃ ବୟସ ୪୦ ଟପିଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ଖାଇଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ।
- ସବୁବେଳେ ମନକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ସୁରୁଖୁରୁରେ ଚାଲିଥାଏ।
- କେତେକ ତରବର ହୋଇ ଦାନ୍ତ ଘଷି ଥାଆନ୍ତି। ହେଲେ ଦାନ୍ତ ଘଷିବାର ଅବଧି ଅତିକମ୍‌ରେ ୨-୩ ମିନିଟ୍ ହେଲେ ଭଲ। ସବୁଦିନେ ସକାଳ ବ୍ୟତୀତ ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ଜଣେ ବ୍ୟକ୍ତି ଯଦି କିଛି ବି ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିଥାଏ।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।



## ସକାରାତ୍ମକ ରହିବ ମାନସିକତା

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କିଛି ବ୍ୟକ୍ତି ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କେବଳ ସେତିକି ନୁହେଁ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି। 'ସକାରାତ୍ମକ ମାନସିକତା ଏବଂ କଥାବାର୍ତ୍ତା' ଶୀର୍ଷକ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ଜଣାପଡ଼ିଥିଲା ଯେ ଏହାଦ୍ୱାରା ସେମାନଙ୍କ ମାନସିକତା କେତେକାଂଶରେ ସକାରାତ୍ମକ ରହୁଥିଲା। ହେଲେ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ଯଦି ଜଣେ ନମ୍ରତା ସହ କଥା ହୁଅନ୍ତି, ତେବେ ତାଙ୍କର ମାନସିକତା ଆହୁରି ସକାରାତ୍ମକ ରହିଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି।



**ମା'ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା**

**ଖଣ୍ଡପଡା,(ଅଜୟ କୁମାର ମହାରା):** ଖଣ୍ଡପଡା ସହରର ୫ନଂ. ୱାର୍ଡସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଚୈତ୍ର ପୂର୍ଣ୍ଣମୀ ଅବସରରେ ଶନିବାର ଝାମୁଯାତ୍ରା ପର୍ବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ରମାକାନ୍ତ ନୀତିକାନ୍ତି ଶେଷ ପରେ ମା'ଙ୍କ ନିକଟରେ ଭୋଗଲାଗି କରିଥିଲେ। ପରେ ମନ୍ଦିରର ନୀତିକାନ୍ତି ଝାମୁଚଲା ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ପ୍ରଥମେ ନିଆଁରଡରେ ଝାମୁ ଚାଲିଥିଲେ। ପରେ ୩୦ରୁ ୩୫ ଜଣ ମାନସିକଧାରୀ ମହିଳା ଓ ପୁରୁଷ ମା'ଙ୍କ ଅବଜ୍ଞାରେ ଝାମୁ ଚାଲିଥିଲେ। ମା ଙ୍କର ଏହି ଝାମୁଯାତ୍ରା ପର୍ବକୁ ଉପଭୋଗ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ବିସ୍ଫୋରଣରେ ଉଡ଼ିଗଲା ଆଜବେଷ୍ଟସ, କାନ୍ଥ ଭାଙ୍ଗିଲା

- ଗୋଟିଏ ପରିବାରର ୩ ସମେତ ୪ ଆହତ, ମହିଳା ଗୁରୁତର
- ବାଣ ନା ବୋମା ବିସ୍ଫୋରଣ ବୋଲି ଉଠିଲା ପ୍ରଶ୍ନ

**ନୟାଗଡ଼/ଗଣିଆ,୧୩।୪ (ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ ଥାନା ଆଡକଟା ପଞ୍ଚାୟତ କୃଷ୍ଣପଲ୍ଲୀ ଗାଁରେ ରବିବାର ଅପରାହ୍ନରେ ବିସ୍ଫୋରଣ ଘଟି ଗୋଟିଏ ପରିବାରର ୩ ଜଣ ସମେତ ୪ଜଣ ଆହତ ହୋଇଛନ୍ତି। ବିସ୍ଫୋରଣରେ ଅଚ୍ୟୁତ ପ୍ରଧାନ(୪୦), ସ୍ତ୍ରୀ ଗୀତାଞ୍ଜଳି ପ୍ରଧାନ(୩୫) ଓ ଭାଇ ବାହାଦୂର ପ୍ରଧାନ(୫୦) ଆହତ ହୋଇଥିବାବେଳେ ସେହି ଗାଁର ରାଜ କିଶୋର ସାହୁ ଅନୁରୂପ ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଗୀତାଞ୍ଜଳିଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଛି। ଅନ୍ୟପକ୍ଷେ ବିସ୍ଫୋରଣରେ ଆଜବେଷ୍ଟସ ଛପର ଉଡି ଯାଇଥିବାବେଳେ କାନ୍ଥ ଭାଙ୍ଗି ଯାଇଛି। ବିସ୍ଫୋରଣର କାରଣ ବାଣ ଯୋଗୁ ନାଁ ବୋମା ଯୋଗୁ ତାହା ଜଣାପଡିନି। ଆହତମାନଙ୍କର ସ୍ଥିତିକୁ ଅନୁଧ୍ୟାନ କଲେ ଏହା ବୋମା ବିସ୍ଫୋରଣ ପରି ସନ୍ଦେହ ହେଉଛି। ଖବର ପାଇ ଗଣିଆ ଥାନା ପୋଲିସ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ଅନୁସାରେ ରବିବାର ଅପରାହ୍ନରେ ବିସ୍ଫୋରଣରେ କୃଷ୍ଣପଲ୍ଲୀ ଗାଁ ଥରି ଉଠିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ୨ କିମି ପର୍ଯ୍ୟନ୍ତ ଲୋକେ କ'ଣ ଶବ୍ଦ ହେଲା ଭାବି ଭୟଭୀତ ହୋଇ ପଡିଥିଲେ। ବିସ୍ଫୋରଣରେ ଘରର ଆଜବେଷ୍ଟସ ଉଡି ଯାଇଥିବାବେଳେ କାନ୍ଥ ଫାଟି ଯିବା ସହ ଭାଙ୍ଗି ଯାଇଛି। ଅଚ୍ୟୁତ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଆହତ ହୋଇଥିଲେ। ଇଟା ପକାଇବାକୁ ଯାଉଥିବା ଅଚ୍ୟୁତଙ୍କ ଭାଇ ବାହାଦୂର ମଧ୍ୟ ଅନୁରୂପ ଭାବେ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ରାଜ କିଶୋର ସାହୁ କିପରି ଆହତ ହେଲେ ଜଣାପଡିନି। ରାଜ କିଶୋର ସାମନ୍ୟ ଆହତ ହୋଇ ଘରେ ଅଛନ୍ତି। ଅପରପକ୍ଷେ ଆହତ ଅଚ୍ୟୁତଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ଦଶପଲ୍ଲାରେ ଚିକିତ୍ସିତ ହେଉଛନ୍ତି। ଅଚ୍ୟୁତଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଓ ଭାଇ ବାହାଦୂରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଗୀତାଞ୍ଜଳୀଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ବାହାଦୂର ପ୍ରଧାନଙ୍କ ସୂଚନା ଅନୁସାରେ ମୁଁ ଇଟା ପକାଇବାକୁ ଯାଉଥିବାବେଳେ ବିସ୍ଫୋରଣ ପ୍ରଭାବରେ ଆହତ ହୋଇଥିଲି। ଯେଉଁ ଘରେ ବିସ୍ଫୋରଣ ହୋଇଛି ସେଠାରେ କୁକୁଡା ଫାର୍ମ ରହିଛି। ବାଣ ତିଆରି ହେଉଥିଲା କି ନାହିଁ ମୁଁ ଜାଣିନି। ଅନ୍ୟ କିଛି ଗାଁ ଲୋକଙ୍କ ସୂଚନା ଅନୁସାରେ ଆମେ ବାଣ ତିଆରି ହେଉଥିବା ଜାଣିଥିଲୁ। ହେଲେ ବୋମା ପ୍ରସ୍ତୁତି ନେଇ ଜାଣି ନାହୁଁ। ଯାହା ତଦନ୍ତ ସାପେକ୍ଷ। ରବିବାର ଅପରାହ୍ନରେ ଚୁଲି ଭିତରେ ବାଣ ରହିଥିଲା। କିଏ ବାଣ ରଖିଥିଲା ଜଣାପଡିନି। କିନ୍ତୁ ଗୀତାଞ୍ଜଳି ଚୁଲି ଲଗାଇବା ବେଳକୁ ବିସ୍ଫୋରଣ ଘଟିଥିଲା ବୋଲି କହିଛନ୍ତି। ଗଣିଆ ଥାନା ଆଇଆଇସି ଲକ୍ଷ୍ମଣ ଦଣ୍ଡସେନା କୁହନ୍ତି ବିସ୍ଫୋରଣ ନେଇ ଅଭିଯୋଗ ମିଳିନି। ବାଣ କି ବୋମା ବିସ୍ଫୋରଣ ଜଣାପଡିନି। ତେବେ ୪ଜଣ ଆହତ ହୋଇଛନ୍ତି। ତଦନ୍ତ ପରେ ବାଣ କି ବୋମା ବିସ୍ଫୋରଣ ହୋଇଥିବା ଜଣାପଡିବ।


ବିସ୍ଫୋରଣରେ ଚୂର୍ମାର ହୋଇଥିବା ଘର।

## ରବି ଦୋରା ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନୟାଗଡ଼ ଜିଲା ସଭାପତି

**ନୟାଗଡ,୧୩।୪(ଲୋକନାଥ ମିଶ୍ର)**



ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନୟାଗଡ଼ ଜିଲା ସଭାପତି ଭାବେ ରଣପୁର ବ୍ଲକ କୋଟଗଡ଼ ଗ୍ରାମର ରବି ଦୋରା ନିଯୁକ୍ତି ପାଇଛନ୍ତି। ଦୋରା ପୂର୍ବରୁ ଆଇଆର୍ଏଚ୍ସି ନୟାଗଡ଼ ଜିଲା ବୋର୍ଡର ସଦସ୍ୟ ଥାଇ ସାମାଜିକ ନ୍ୟାୟ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଥିଲେ। ଏହାକୁ ଦୃଷ୍ଟିରେ ରଖି ପରିଷଦର ଜାତୀୟ ସଭାପତି ନଶି ଆଫ୍ରୋଜ ତାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସଂଗଠନର ମର୍ଯ୍ୟାଦାକୁ ଉତ୍ତରୋତ୍ତର ବୃଦ୍ଧି କରିବା ସହ ବୃହତ ସଫଳତା ହାସଲ ପାଇଁ କାର୍ଯ୍ୟ କରିବେ ବୋଲି ରବି କହିଛନ୍ତି।

## ହନୁମାନ ଜୟନ୍ତୀ ପାଇଁ କଳସ ଯାତ୍ରା

**ଖଣ୍ଡପଡା,୧୩।୪(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ ବଡବାଣପୁରୁ ପଞ୍ଚାୟତ ରାମଚଣ୍ଡୀ ସାହିସ୍ଥିତ ହନୁମାନ ମନ୍ଦିର ପରିସରରେ ପ୍ରତିବର୍ଷ ପରି ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ଯାତ୍ରା ୫ ଦିନ ଅନୁଷ୍ଠିତ ହେବ। ଏହି ଅବସରରେ ରବିବାର ଅଧିବାସ ପରିପେକ୍ଷୀରେ ଗ୍ରାମର ଶତାଧିକ ମହିଳା, ପୁରୁଷ ମହାନଦୀ ଘାଟରୁ ଏକ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନା କରିଥିଲେ।

## ବନ୍ୟପ୍ରାଣୀଙ୍କ ପାଦଚିହ୍ନକୁ ନେଇ ବଢ଼ିଲା ଭୟ

- ସ୍ପଷ୍ଟ ହେଉନି ହେଟାବାଘ ନାଁ ଗଧିଆର ପାଦଚିହ୍ନ
- ଫଟୋ ଉଠାଇ ନନ୍ଦନକାନନ ପଠାଇଲା ବନ ବିଭାଗ



**ନୟାଗଡ,୧୩।୪(ଲୋକନାଥ ମିଶ୍ର)**

ନୟାଗଡ ବନଖଣ୍ଡ ଖଣ୍ଡପଡା ରେଞ୍ଜ ଭାପୁର ଫରେଷ୍ଟ ଏଲପଡା ଗାଁରେ ବନ୍ୟପ୍ରାଣୀଙ୍କ ପାଦଚିହ୍ନକୁ ନେଇ ବଢ଼ିଲା ଭୟ। ପଦଚିହ୍ନ ହେଟାବାଘର ନାଁ ଗଧିଆ ଅଥବା ଅନ୍ୟ ବନ୍ୟପ୍ରାଣୀର ସ୍ପଷ୍ଟ ହୋଇ ନ ଥିବାବେଳେ ବନବିଭାଗ ପକ୍ଷରୁ ଗଧିଆର ପାହଚିହ୍ନ ବୋଲି କୁହାଯାଇଛି। ତେବେ ହେଟାବାଘର ପଦଚିହ୍ନ ବୋଲି ପ୍ରଚାର ହେବା ପରେ ରବିବାର ସନ୍ଧ୍ୟାରେ ଏଲପଡା ଗାଁରେ ତାଟିକବାଟ ପଡି ଯାଇଛି। ରବିବାର ବନବିଭାଗର କର୍ମଚାରୀମାନେ ଏଲପଡାରେ ପହଞ୍ଚି ପାଦଚିହ୍ନକୁ ଅନୁଧ୍ୟାନ କରି ଫଟୋ ଉଠାଇ ନନ୍ଦନକାନନକୁ ପଠାଇଛନ୍ତି।

ଶନିବାର ବର୍ଷା ଯୋଗୁ ଓଦାମାଟିରେ କିଛି ବନ୍ୟପ୍ରାଣୀଙ୍କ ପଦଚିହ୍ନ ରହି ଯାଇଥିଲା। ରବିବାର ପଦଚିହ୍ନ ଜଣାପଡିବା ପରେ ଏହା ହେଟାବାଘର ବୋଲି ପ୍ରଚାର ହୋଇଥିଲା। ତେବେ ଫରେଷ୍ଟର ବନମାଳୀ ରାଉତ କୁହନ୍ତି, ପାଦଚିହ୍ନ ହେଟାବାଘର ନୁହେଁ ଗଧିଆର ବୋଲି ଜଣାପଡୁଛି। ଯେଉଁ ଅଞ୍ଚଳରେ ପାଦଚିହ୍ନ ପଡିଛି ସେଠାରେ ଏକ ମେଣ୍ଢାଫାର୍ମ ଅଛି। ମେଣ୍ଢା ଖାଇବାକୁ ଗଧିଆ ଓ ତାର ଛୁଆ ଆସି ଥାଇ ପାରନ୍ତି। ବର୍ଷା ଯୋଗୁ ଉଭୟଙ୍କ ପାଦଚିହ୍ନ ରହି ଯାଇଛି। ହେଲେ ଗଧିଆର ପଦଚିହ୍ନକୁ ହେଟାବାଘର ପଦଚିହ୍ନ କୁହାଯାଉଛି। ଲୋକମାନେ ଆମ କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ଆମେ ଫଟୋ ଉଠାଇ ନନ୍ଦନକାନନକୁ ପଠାଇଛୁ ବୋଲି କହିଛନ୍ତି।ଘଟଣା ସମ୍ପର୍କରେ ଅଧିକ ଜାଣିବା ପାଇଁ ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିଥିଲୁ। ହେଲେ ସେ ଫୋନ ଉଠାଇ ନ ଥିଲେ।

## ବାନାମ୍ବରଙ୍କ ହାନ୍ଦୋଳା ଯାତ୍ରା



**ଶରଣକୁଳ,୧୩।୪(ଦୀପକ କର)**

ଶରଣକୁଳ ନିକଟ ହରିହରପୁର ପଞ୍ଚାୟତ ଅସୁରଢିପା ଗ୍ରାମ ମୁଗୁପାଟଣା ସାହିରେ ମହାପ୍ରଭୁ ବାନାମ୍ବରଙ୍କ ପାଣି ତୋଳା ପରେ ସପ୍ତାଦଶ ଦିବସାତ୍ମକ ଦଣ୍ଡଯାତ୍ରାର ଅନ୍ତିମ ଦିବସରେ ପ୍ରଭୁଙ୍କର ହାନ୍ଦୋଳା ଯାତ୍ରା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୨୫ଜଣ ଦଣ୍ଡୁଆ ଭକ୍ତିପୂତ ଭାବେ ଅଂଶଗ୍ରହଣ କରି ନିଷ୍ଠାର ସହିତ ଯାତ୍ରାରେ ନିଜ ତପସାଧନା ପୂରଣ କରିଥିଲେ। ରବିବାର ଅପରାହ୍ନରେ ଧୂଳିଦଣ୍ଡ, ଦଳମୁଣ୍ଡା, ଠାକୁରଙ୍କ ପ୍ରସନ୍ନ, ହାନ୍ଦୋଳା ପୂଜା, ପୁଷ୍କରିଣୀରେ ଭଗତା ସ୍ନାନ, ହୋମାଗ୍ନି, କୋଠିକୁ ଆଗମନ, ହାନ୍ଦୋଳାରେ ବାନାମ୍ବରଙ୍କର ନିଆଁ ଖେଳ ଏବଂ ପର୍ଯ୍ୟାୟ କ୍ରମେ ସମସ୍ତ ଭକତଙ୍କର ହାନ୍ଦୁଳା ଚଢା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଟ ଭଗତା ଭିମସେନ ପ୍ରଧାନଙ୍କୁ ପୁରୁଣା ପାଟ ଭକତା କୃଷ୍ଣଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ମଣିଆ ମା' ବାନାମ୍ବର ପ୍ରଧାନ, ପାଟ ଦଣ୍ଡୁଆ ରମେଶ ପ୍ରଧାନ ଓ ପ୍ରଦୀପ ପ୍ରଧାନ, ଡଗରା ରାକେଶ ଭଞ୍ଜ ପ୍ରମୁଖ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଭଗବାନ ପ୍ରଧାନ, ଡମ୍ବରୁଧର ପରିଡା, ଭିକାରୀ ଭଞ୍ଜ ସହଯୋଗ କରିଥିଲେ। ବଳଭଦ୍ର ବରା ଉଦ୍‌ଘୋଷକ ରୂପେ ଯୋଗ ଦେଇଥିଲେ। ସମବେତ ଜନତାଙ୍କ କଣ୍ଠରୁ ବାନାମ୍ବରଙ୍କର ଜୟ ଜୟକାର, ଓମ୍ ନମଃ ଶିବାୟ, ଶ୍ରୀକଳା ରଦ୍ରମଣି ଭଜେ ଡାକରେ ଗଗନ ପବନ ମୁଖରିତ ହୋଇଥିଲା। ୨୦ ଖଣ୍ଡ ଗ୍ରାମର ସହସ୍ରାଧିକ ଶ୍ରଦ୍ଧାଳୁ ହାନ୍ଦୋଳା ଯାତ୍ରାରେ ସମବେତ ହୋଇ ବାନାମ୍ବରଙ୍କୁ ଆଶୀର୍ବାଦ ଲାଭ କରିଥିଲେ। ପ୍ରଭୁଙ୍କର ସୋମବାର ପବିତ୍ର ମହା ବିଷୁବ ସଂକ୍ରାନ୍ତି ସକାଳ ୮ଟାରେ ଝାମୁ ଯାତ୍ରା। ନିଆଁ ଗାଡ଼ ଚାଲିବା ଅନୁଷ୍ଠିତ ହେବ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ବରପୁତ୍ରଙ୍କ ଉପରେ ଆଲୋଚନା

**ଖଣ୍ଡପଡା,୧୩।୪(ଅଜୟ କୁମାର ମହାରଣା)**

ଓଡ଼ିଶା ପକ୍ଷ ପାଳନ ଅବସରରେ ଶନିବାର ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଓଡିଶାର ବରପୁତ୍ର ମାନଙ୍କ ଅବଦାନ ଉପରେ ଏକ ଆଲୋଚନା ଚକ୍ର' ଅନୁଷ୍ଠିତ ହୋଇଯାଇଛି। ଅୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ମହିଳା ମହାବିଦ୍ୟାଳୟ ଓ ପଠାଣି ସାମନ୍ତ ମହାବିଦ୍ୟାଳୟର ୨୦ରୁ ଉର୍ଦ୍ଧ ଛାତ୍ରୀ ଛାତ୍ର ଏବଂ ୨୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ଓଡିଶାର ବରପୁତ୍ରମାନଙ୍କ ଅବଦାନ ସଂପର୍କୀୟ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡା ଏବିଡିଓ ଝାଡେଶ୍ୱର ଦାସ, ଅତିରିକ୍ତ ନିର୍ବାହୀ ଅଧିକାରୀ ଆଶୁତୋଷ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଛାତ୍ରୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ବ୍ୟକ୍ତିବଶେଷଙ୍କୁ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ସ୍ୱାକ୍ଷର ସମ୍ୱଳିତ ମାନପତ୍ର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜିତ ବସନ୍ତରାୟ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଓ) ଅନିତ ବଡସେଟ, କୃଷି ଅଧିକାରୀ ଲକ୍ଷ୍ମୀକାନ୍ତ ଦାଶ, ଶିକ୍ଷକ ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁପରିଚାଳନା କରିଥିଲେ।

# ଚିତ୍ରକୂଟରେ ବିଶ୍ରାମ, ସୀତାଙ୍କ ଚିତା ଲାଗି

- ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ସପ୍ତମ ସନ୍ଧ୍ୟା

**ଓଡ଼ଗାଁ,୧୩।୪ (ଆଦର୍ଶ କୁମାର ପଟ୍ଟନାୟକ)**



ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ରବିବାର ସପ୍ତମ ସନ୍ଧ୍ୟାରେ ବନବାସୀ ଶ୍ରୀରାମଙ୍କ ଚିତ୍ରକୂଟ ପର୍ବତରେ ବିଶ୍ରାମ ନେବାର ଦୃଶ୍ୟକୁ ଭକ୍ତମାନେ ଦର୍ଶନ କରିଛନ୍ତି। ପିତୃ ସତ୍ୟ ପାଳନ କରି ଅନୁଜ ଲକ୍ଷ୍ମଣ ଓ ଜାନକୀଙ୍କୁ ସାଙ୍ଗରେ ନେଇ ବନବାସକୁ ଯିବାବେଳେ କ୍ଳାନ୍ତ ହୋଇପଡିଥିବା ପ୍ରଭୁ ଶ୍ରୀରାମ ମା'ସୀତାଙ୍କୁ କୋଳାଗ୍ରତ କରି ବିଶ୍ରାମ ନେଉଥିବା ବେଳେ ମାତା ସୀତାଙ୍କୁ ଚିତାଲାଗି କରିଛନ୍ତି। ଅନୁଜ ଲକ୍ଷ୍ମଣ ଆହାର ନିଦ୍ରା ପରିତ୍ୟାଗ କରି ସୁରକ୍ଷା କବଚ ସାଜିଛନ୍ତି। ଅନ୍ୟପକ୍ଷେ ଭରତ ଅଯୋଧ୍ୟା ଫେରି ଆସି ମା' କୈକେୟୀଙ୍କୁ ଭର୍ତ୍ସନା କରି କ୍ଷଣେ ମାତ୍ର ବିଳମ୍ବ ନ କରି ଭ୍ରାତା ରାମଚନ୍ଦ୍ରଙ୍କୁ ଫେରାଇ ନେବାକୁ ସୁମନ୍ତଙ୍କୁ ସଙ୍ଗରେ ନେଇ ଅଯୋଧ୍ୟା ନଗରବାସୀଙ୍କ ସହିତ ଚିତ୍ରକୂଟରେ ପହଞ୍ଚିଛନ୍ତି। ବହୁ ଅନୁନୟ ବିନୟ ପରେ ମଧ ପ୍ରଭୁ ଶ୍ରୀରାମ କୌଣସି ମତେ ଅଯୋଧ୍ୟା ଫେରି ଯିବାକୁ ମନା କରିଛନ୍ତି। ଭରତଙ୍କ ଇଚ୍ଛାକୁ ସମ୍ମାନ ଦେଇ ରାମଚନ୍ଦ୍ର ନିଜର ପାଦୁକା ପ୍ରଦାନ କରିଛନ୍ତି। ଭ୍ରାତୃ ଭକ୍ତ ଭରତ ସମ୍ମାନର ସହ ପାଦୁକାକୁ ମସ୍ତକରେ ରଖି ଫେରି ଆସିବା ପରେ ନନ୍ଦି ଗ୍ରାମରେ ପାଦୁକା ରଖି ନିଜକୁ ଜଣେ ବନବାସୀ ଭାବେ ସମସ୍ତ ପ୍ରକାର ବିଳାସ ବ୍ୟସନଠାରୁ ଦୂରେଇ ଦେଇ ଶ୍ରୀରାମଙ୍କ ଜଣେ ପ୍ରତିନିଧି ଭାବେ ଅଯୋଧ୍ୟାର ପ୍ରଜାଙ୍କୁ ପାଳନ କରିଛନ୍ତି। ସାମ୍ପ୍ରତିକ ସମୟରେ ଭାଇକୁ ଭଗାରୀ ବୋଲି ଅନେକ ବିବେଚନା କରୁଥିବା ବେଳେ ଅନ୍ତତଃ ପକ୍ଷେ ଶ୍ରୀରାମ, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନ ଚାରି ଭାଇଙ୍କ ଭାତୃ ପ୍ରେମ,ତ୍ୟାଗ ଓ ବଳିଦାନକୁ ଆଜିର ଦିନରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସୋମବାର ସନ୍ଧ୍ୟାରେ ପ୍ରଭୁଙ୍କ ଅଷ୍ଟାବଧାନ ବେଶ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭି


@ ଦେବି


@ ଶିବାନୀ


@ ନଳିନୀ


@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।









## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ, ଜଳଯୋଗାଣ ବ୍ୟାହତ

ସିଂହପୁର,୧୩।୪(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ସିଂହପୁର ଓ ଏହାର ଆଖପାଖ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବିଦ୍ୟୁତ୍ କାଟ ଲୋକଙ୍କ ପାଇଁ ଦୁର୍ଦ୍ଦଶା ଆଣିଦେଇଛି। ବିଦ୍ୟୁତ୍ କାଟ ଯୋଗୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟାହତ ହେଉଛି। ଫଳରେ ଖରା ଦିନେ ଲୋକେ ଜଳ କଷ୍ଟ ଭୋଗୁଛନ୍ତି। ଖରାଦିନେ ବିଦ୍ୟୁତ୍ କାଟ କରାଯିବନି ବୋଲି ସରକାରୀସ୍ତରରେ ଘୋଷଣା ହେଇଥିଲେ ମଧ୍ୟ ବିଭାଗର ଏଥିପ୍ରତି ନିଘାନାହିଁ। ଦିନକୁ ଦିନ ତାତି ଅସହ୍ୟ ହେଉଥିବାବେଳେ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଗରମରେ ହନ୍ତସନ୍ତ ହେଉଛନ୍ତି। ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ଅଧିକ କଷ୍ଟ ଭୋଗୁଛନ୍ତି। କେବଳ ଦିନରେ ନୁହେଁ, ସନ୍ଧ୍ୟା ଓ ରାତିରେ ମଧ୍ୟ ଲଗାତାର ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

### ଚଣ୍ଡିଖୋଲ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି

ଚଣ୍ଡିଖୋଲ,୧୩।୪(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ସାଂସ୍କୃତିକ, ସାହିତ୍ୟିକ ଓ ସଚେତନତା କାର୍ଯ୍ୟକ୍ରମ ସହ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ଆଲୋଚନା ହୋଇଥିଲା। ବିଭିନ୍ନ ଦିନରେ ଅତିଥି ଚୟନ ନେଇ କମିଟି ଗଠନ କରାଯିବ। ପ୍ରତିଷ୍ଠାତା ସଭ୍ୟ, ପରିଚାଳନା କମିଟି ସଦସ୍ୟ, କଲେଜ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ପୁରାତନ ଛାତ୍ରୀଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବାକୁ ସ୍ଥିର କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ପବିତ୍ର ମୋହନ ମହଲା, ସାଧାରଣ ସମ୍ପାଦକ ଦେବରାଜ ବେହେରା, ମେଜର ଦିଲୀପ ନାୟକ, କାମିନୀ ନାୟକ, ପ୍ରଦୀପ ଧଳ, ପ୍ରମୋଦ ଜେନା, ସଲିଳ ରାଜନନ୍ଦନ ମହାନ୍ତି, ବିଜୟ କେତନ ସାମଲ, ଦିଲୀପ ନାୟକ, ହରିଶଙ୍କର ପଣ୍ଡା, ନିଶିକାନ୍ତ ଦାସ ଓ ବିକ୍ରମ କେଶରୀ ରଣା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବାରାଣସୀରେ ଯୁବତୀଙ୍କୁ ଗଣବଳାତ୍କାରକୁ ନିନ୍ଦା

ଯାଜପୁର ଟାଉନ,୧୩।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବାରାଣାସୀରେ ୧୯ବର୍ଷର ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅଲଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସଂପାଦିକା ଛବି ମହାନ୍ତି କହିବା ସହ ଘଟଣାକୁ ନିନ୍ଦା କରିଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ଜଣ ଗିରଫ ହୋଇଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ସେମାନଙ୍କୁ କଠୋର ଦଣ୍ଡ ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସେହିପରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମଦ, ଡ୍ରଗ୍ସ ଆଦି ମାଦକ ଦ୍ରବ୍ୟ, ସମସ୍ତ ଗଣମାଧ୍ୟମର ନଗ୍ନାତା, ଅଶ୍ଳୀଳତାର ପ୍ରସାରଣକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ। ଏହା ଯୁବପିଢ଼ିଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଏକ ନୈତିକ ଚେତନା ବିହୀନ ପିଢ଼ି ସୃଷ୍ଟି କରୁଛି। ଫଳରେ ମହିଳା ଓ ଶିଶୁଙ୍କ ଉପରେ ଏହିପରି ଜଘନ୍ୟ ନାରକୀୟ କାଣ୍ଡ ବଢ଼ି ଚାଲିଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଧର୍ମଶାଳା,୧୩।୪(ବଟକୃଷ୍ଣ ପରିଡା): ଜେନାପୁର ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ମାଳହାଟ ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଓଆର୍୦୪ସି୮୨୧୬ ନମ୍ବର ଟ୍ରକ୍ ବେଆଇନ୍ ଭାବେ ମାଙ୍କଡ଼ା ପଥର ବୋଝେଇ କରି ମାଳହାଟ ଯାଉଥିବା ବେଳେ ପୋଲିସ୍ ସନ୍ଦେହରେ ପିଛା କରିଥିଲା। ଡ୍ରାଇଭର ଏହା ଜାଣି ପାରିବାରୁ ଟ୍ରକ୍ ଛାଡ଼ି ଫେରାର୍ ହୋଇଯାଇଥିଲେ। ପୋଲିସ ଜବତ ଗାଡ଼ିକୁ ଚଢ଼େଇଧରା ଫାଣ୍ଡିରେ ରଖିଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଡିଇଓ, ଜିଲାପାଳଙ୍କୁ ଅଭିଯୋଗ

**ବଦଳି ଦାବିକଲେ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ**

ଦଶରଥପୁର,୧୩।୪ (ସୁଶାନ୍ତ କୁମାର ବେହୁରିଆ):


ଜିଲାପାଳଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ଅଭିଯୋଗ ପତ୍ର ଦେଉଛନ୍ତି।

ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ଅନ୍ତର୍ଗତ କଂସାଳିହସ୍ଥିତ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନାଁରେ ଅଭିଯୋଗ ହୋଇଛି। ତାଙ୍କ କାର୍ଯ୍ୟକଳାପ ଓ ବ୍ୟବହାରରେ ଅତିଷ୍ଟ ହୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯାଜପୁର ଜିଲା ଶିକ୍ଷାଧିକାରୀ(ଡିଇଓ) ନିତ୍ୟାନନ୍ଦ ବାରିକ ଓ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କମିଟିଠାରୁ ଆରମ୍ଭ କରି ଜନପ୍ରତିନିଧି ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ହେଲେ ପରିସ୍ଥିତିରେ ସୁଧାର ନ ହେବାରୁ ସେମାନେ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ପ୍ରଧାନଶିକ୍ଷକ ଅନାଦି ଚରଣ ଯେନା ୪ବର୍ଷ ହେବ ଏଠାରେ କାର୍ଯ୍ୟରତ ଅଛନ୍ତି। ସେ ବିଦ୍ୟାଳୟରେ ଯୋଗଦେବା ପରଠାରୁ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଅନୁଦାନକୁ ଉଚିତ ଢଙ୍ଗରେ କାର୍ଯ୍ୟକାରୀ କରୁନାହାନ୍ତି। ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ କୌଣସି କାରଣ ନ ଥାଇ ବିଭିନ୍ନ ସମୟରେ ଗାଳିଗୁଲଜ କରୁଛନ୍ତି। ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ଉପସ୍ଥାନ ଖାତାକୁ ଲୁଚାଇ ରଖୁଛନ୍ତି। ସାଧା କାଗଜରେ ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ଯେଉଁ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଅରାଜି ହେଉଛନ୍ତି ସେମାନଙ୍କୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି।

ଏଭଳି ବ୍ୟବହାରକୁ ନେଇ ଶିକ୍ଷୟିତ୍ରୀଶିକ୍ଷକ ଦୀର୍ଘ ଦିନ ନିରବ ରହିଥିଲେ ମଧ୍ୟ ପ୍ରଧାନଶିକ୍ଷକଙ୍କ ଆଚରଣ ପରିବର୍ତ୍ତନ ହେବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧିପାଉଛି। ଏନେଇ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦୀର୍ଘବର୍ଷ ହେବ ଚାପଗ୍ରସ୍ତ ରହିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଏଠାରେ ନୂତନ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏନେଇ ଅଞ୍ଚଳର ଜନପ୍ରତିନିଧି ଓ ଅଭିଭାବକମାନେ ପ୍ରଧାନଶିକ୍ଷକ ଯେନାଙ୍କୁ ନିଜ ଆଚରଣ ପରିବର୍ତ୍ତନ କରି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ।

ଶିକ୍ଷୟିତ୍ରୀଶିକ୍ଷକ ମିଳିତଭାବେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ପ୍ରଧାନଶିକ୍ଷକ ଯେନାଙ୍କୁ ଅବିଳମ୍ବେ ଅନ୍ୟତ୍ର ବଦଳି କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ଅଭିଯୋଗ ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବଶୀଘ୍ର ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଅଭିଯୋଗ ସମ୍ପର୍କରେ ପ୍ରାଧନଶିକ୍ଷକ ଯେନାଙ୍କ ପ୍ରତିକ୍ରିୟା ମିଳି ପାରନାହିଁ।

# ହାଇଦ୍ରାବାଦରେ ଓଡ଼ିଆ ଯୁବକଙ୍କ ସାମାଜିକ କାର୍ଯ୍ୟ

ରସୁଲପୁର,୧୩।୪(ରଞ୍ଜିତ ରାଉତ):

ଓଡ଼ିଶା ପ୍ରଦେଶର ବିଭିନ୍ନ ଜିଲାରୁ ହାଇଦ୍ରାବାଦର ବିବେକାନନ୍ଦ ନଗର ଅଞ୍ଚଳରେ ରହୁଥିବା ଓଡ଼ିଆ ପରିବାର ସଦସ୍ୟଙ୍କୁ ନେଇ ଉତ୍କଳ ଜନନୀ ସେବା ସମିତି ଗଠନ କରାଯାଇଛି। ଉକ୍ତ ଅନୁଷ୍ଠାନ ପକ୍ଷରୁ ସେଠାରେ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ରାମନବମୀ ଉତ୍ସବକୁ ଧୁମ୍‌ଧାମରେ ପାଳନ କରାଯାଇଛି। ୧୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ଗଠନ କରାଯାଇଥିବା ସମିତି ପକ୍ଷରୁ ଗତ ବର୍ଷ ମଧ୍ୟ ରାମନବମୀ ଉତ୍ସବ ପାଳନ କରାଯାଇଥିଲା। ଏଥିସହିତ ଅନୁଷ୍ଠାନ ପକ୍ଷରୁ ଅନାଥ ପରିବାରର ଲୋକଙ୍କୁ ଅନ୍ନ ଓ ବସ୍ତ୍ର ଦାନ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ, ଅସହାୟ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ବାହାର ରାଜ୍ୟରେ ରହି ବିଭିନ୍ନ କଳକାରଖାନାରେ କାର୍ଯ୍ୟ କରୁଥିବା ଓଡ଼ିଆ ଶ୍ରମିକମାନଙ୍କ ବିପଦ ସମୟରେ ସହାୟତା ପ୍ରଦାନ କରିବା ଉପରେ ସଂଗଠନ ପକ୍ଷରୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି କାର୍ଯ୍ୟକର୍ତ୍ତା ବିରେନ ଦାସ, ବିକାଶ ଶ୍ରୀନିବାସ୍, ଶ୍ରୀକାନ୍ତ ଖୁଣ୍ଟିଆ, ରଞ୍ଜନ ସାହୁ, ମନୋଜ ବାରିକ, ରବୀନ୍ଦ୍ର ସାହୁ, ଯୁଧିଷ୍ଠିର ବାରିକ୍, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।


କାର୍ଯ୍ୟକ୍ରମରେ ସାମିଲ ଉତ୍କଳ ଜନନୀ ସେବା ସମିତି କର୍ମକର୍ତ୍ତା ଓ ଅନ୍ୟମାନେ ।

# କଂଗ୍ରେସର ମଶାଲ ଶୋଭାଯାତ୍ରା ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୧୩।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଓଡ଼ିଶାରେ ନାରୀ ନିର୍ଯାତନା ବୃଦ୍ଧି ପାଉଛି। ଏହା ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ମଶାଲ ଶୋଭଯାତ୍ରା କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲା ସଭାପତି ମନୋଜ ରାଉତଙ୍କ ଆହ୍ୱାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପିସିସି କଂଗ୍ରେସ କମିଟି ପ୍ରଭାରୀ ଚିନ୍ମୟ ବେହୁରା ଯୋଗଦେଇ ଆସନ୍ତା ୧୫ ତାରିଖ ସନ୍ଧ୍ୟା ୫ଟାରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କହିବା ସହ କାର୍ଯ୍ୟକ୍ରମକୁ କିପରି ସଫଳ ରୂପାୟନ କରାଯାଇପାରିବ ତାହା ବର୍ଣ୍ଣନା କରିଥିଲେ। ବୈଠକରେ ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଆରତୀ ଦେଓ ଯୋଗଦେଇ ମତ ରଖିଥିଲେ। ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ନେତା ବନ୍ଦିତା ପରିଡା, ସୁଦୀପ କର, କନକଲତା ମଲ୍ଲିକ, ଅଜୟ ସାମଲ, କିଷାନ ପଣ୍ଡା, ବିଭୂଭୂଷଣ ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ବୈଠକରେ ବ୍ଲକସ୍ତରୀୟ ସଭାପତି ଗଦାଧର ଦାସ, ଅବଦୁଲ ସଲିମ, ଗୋବିନ୍ଦ ସାହୁ, କନକ ରାଉତ, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ବିଜୟ ମହାପାତ୍ର ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ। ସେହିପରି ୨୨ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ମଶାଲ ଶୋଭାଯାତ୍ରାର କାର୍ଯ୍ୟକ୍ରମ ସ୍ଥିର ହେବା ପରେ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀକୁ ଜଣାଇ ଦିଆଯିବ ବୋଲି ସଭାପତି ରାଉତ ସୂଚନା ଦେଇଥିଲେ। ବିଭୂତି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୩।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ୧୦ତାରିଖ ଗୁରୁବାର ଶୁଭାରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ମହିଳା ବ୍ରାହ୍ମଣୀ ନଦୀର ଧର୍ମଶାଳା ଘାଟରୁ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞ ଉତ୍ସବରେ ଦେବସ୍ଥାପନ, ମଙ୍ଗଳଆଳତି, ୪ଜଣଙ୍କ ବ୍ରତୋପନୟନ, ୬ ଜଣଙ୍କ ମୁଣ୍ଡନ, ୧୭ଜଣଙ୍କ ବିଦ୍ୟାରମ୍ଭ, ୫ଜଣଙ୍କ ଦୀକ୍ଷା, ୫ଜଣଙ୍କ ପୁଂସବନ ସଂସ୍କାର ସହ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରଦୀପ କୁମାର ମହାନ୍ତି ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଧର୍ମଶାଳା ଗାୟତ୍ରୀ ପରିବାରର ଚନ୍ଦ୍ରମଣୀ ନାୟକ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ନାୟକ ଯୋଗଦେଇଥିଲେ। ଅନ୍ୟ ୪ଜଣ ସହକର୍ତ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ନବଘନ ମହାନ୍ତି, ତିଳୋତ୍ତମା ରାଉତ, ସାବିତ୍ରୀ ବିଶ୍ୱାଳ, ଲିପ୍ସା ମହାନ୍ତି, ପୁଷ୍ପିତା ସାମଲ, ମନୋରମା ଜେନା, ବିବେକାନନ୍ଦ ଜେନା, ସୁଦାମ ଚନ୍ଦ୍ର ମହାରଣା, ପ୍ରାଣକୃଷ୍ଣ ସାମଲ, ଅନିରୁଦ୍ଧ ରାଉତ, ଚିତ୍ତରଞ୍ଜନ ସାମଲ, ମଦନମୋହନ ବିଶ୍ୱାଳ ଓ ଅଭିରାମ ନାୟକ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ୨୮ରୁ ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ୍


ବିରଜା କଲଚରାଲ୍ ଏକାଡେମୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଯାଜପୁର,୧୩।୪ (ହର୍ଷବର୍ଦ୍ଧନ ବେହେରା):

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଓ 'ଗୀତଗୋବିନ୍ଦ'ର ପ୍ରଣେତା କବି ଜୟଦେବଙ୍କ ଜୟନ୍ତୀ ଅବସରରେ ବିରଜା କଲ୍ଚରାଲ୍ ଏକାଡେମୀ ଓ ବିରଜାକ୍ଷେତ୍ର ଫେଷ୍ଟିଭାଲ୍ କମିଟି ଦ୍ୱାରା ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ୍ ଆୟୋଜନ କରାଯାଉଛି। ଏପ୍ରିଲ୍ ୨୮ରୁ ୩୦ ପର୍ଯ୍ୟନ୍ତ ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଏହି ସମାରୋହ ଅନୁଷ୍ଠିତ ହେବ। ଏଥିରେ ଯାଜପୁର ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ୨ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବା ସହିତ ନିଃସ୍ୱାର୍ଥପର ଭାବେ ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିଥିବା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉଦଘାଟନୀ ସମାରୋହରେ 'ଉତ୍କଳଗୌରବ ମଧୁସୂଦନ ସମ୍ମାନ-୨୦୨୫' ଓ ୩୦ ତାରିଖ ଉଦ୍‌ଯାପନୀ ସମାରୋହରେ 'କବି ଜୟଦେବ ସମ୍ମାନ-୨୦୨୫' ଏବଂ ୨୯ ତାରିଖରେ ବିରଜା କଲ୍ଚରାଲ୍ ଏକାଡେମୀ ସମେତ ଯାଜପୁର ସହରର ପ୍ରମୁଖ ନାଟ୍ୟାନୁଷ୍ଠାନର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ଶୁକ୍ରବାର ଯାଜପୁର ସହର ବଡ଼ବଜାରସ୍ଥିତ ବିରଜା କଲଚରାଲ୍ ଏକାଡେମୀ ସଭାଗୃହରେ ଏକାଡେମୀର ସଭାପତି ଘନ ପରିଡ଼ାଙ୍କ ପୌରୋହିତ୍ୟରେ ପ୍ରସ୍ତୁତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀର ପ୍ରତିଷ୍ଠାତା ଗୁରୁ ଆଶିଷ କୁମାର ଦାସ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ବିଜୟ ମୋହନ ରାୟ, ରମେଶ ଚନ୍ଦ୍ର ପଣ୍ଡା, ଦାମୋଦର ବେହେରା, ସୁଦର୍ଶନ ବେହେରା, କାମାକ୍ଷା ପ୍ରସାଦ ନନ୍ଦ, ଉପସଭାପତି ସେକ୍ ଅବଦୁଲ୍ ସାଜିଦ୍, ପ୍ରିୟଦର୍ଶିନୀ ସାମନ୍ତ ଓ ପ୍ରତିମା ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ମହୋତ୍ସବରେ ପ୍ରଫେସର ସତ୍ୟନାରାୟଣ ରାଉତରାୟ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ, ବୀରେନ୍ଦ୍ର ମହାନ୍ତି ମୁଖ୍ୟ ପୃଷ୍ଠପୋଷକ, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ଗୁରୁ ଆଶିଷ କୁମାର ଦାସ, ଆଇନଜୀବୀ ସମରେନ୍ଦ୍ର ଦାସ ଓ ସାମାଜିକ କର୍ମୀ ଦେବେନ୍ଦ୍ର କୁମାର ପଣ୍ଡା ଉପାଧ୍ୟକ୍ଷ, ସାହିତ୍ୟିକ ଘନ ପରିଡ଼ା ମହାସଚିବ, ଗାଳ୍ପିକ ରମେଶ ଚନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, କବି ପ୍ରଭାତ ମଳିକ ସଂଗଠନ ସମ୍ପାଦକ ଓ ସେକ୍ ଅବଦୁଲ୍ ସାଜିଦ୍‌ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସମାରୋହରେ ଜିଲା ବାହାରୁ ଆସିଥିବା ପ୍ରତିନିଧିମାନଙ୍କ ଖାଦ୍ୟପେୟ ଓ ରାତ୍ରି ରହଣିର ସମସ୍ତ ବ୍ୟବସ୍ଥା କରାଯିବ ବୋଲି ମହାସଚିବ ପରିଡ଼ା ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭି


@ ଦେବୀ


@ ଶିବାନୀ


@ ନଳିନୀ


@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।









**ମହାବିଷୁବ ପଣା ସଂକ୍ରାନ୍ତି ମହୋତ୍ସବ**

ପାରାଦୀପ, (ଶରତ ରାଉତ): ପାରାଦୀପ ବତିଘର ପାଖ ବାଲିଯାତ୍ରା ପଡ଼ିଆରେ ରବିବାର ମହାବିଷୁବ ପଣା ସଂକ୍ରାନ୍ତି ମହୋତ୍ସବ ଉଦଘାଟିତ ହୋଇଛି। ପାରାଦୀପ ପୌରପରିଷଦ ପକ୍ଷରୁ ଆୟୋଜିତ ଏହି ଓଡ଼ିଆ ପକ୍ଷ ଉପଲକ୍ଷେ କାର୍ଯ୍ୟକ୍ରମ ହୋଇଛି। ଏଥିରେ ପୌରାଞ୍ଚଳର ମହିଳା ଓ ଯୁବତୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଝୋଟି ଚିତା, ବିଭିନ୍ନ ପିଠା, ପଣା, ଶଙ୍ଖ, ହୁଳହୁଳି, କବିତା ପାଠ, ସାହିତ୍ୟ ଆଲୋଚନା, ଓଡ଼ିଆ ପର୍ବପର୍ବାଣି, ପୋଷାକ, ଓଡ଼ିଶୀ ଛନ୍ଦ ନୃତ୍ୟ, ମାଣବସା ଗୁରୁବାର ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କାଉନସିଲରମାନେ ଉପସ୍ଥିତ ଥିଲେ।

# ଖାଉଟିଙ୍କ ସୁରକ୍ଷାକୁ ନେଇ ଚିନ୍ତା, ବଢ଼ୁଛି ଠକେଇ

- ଓଡ଼ିଶା ଉପଭୋକ୍ତା ସୁରକ୍ଷା ଅଭିଯାନ ବୈଠକରେ ଉଦ୍‌ବେଗ
- ଉପଭୋକ୍ତା ସଂଗଠନଗୁଡ଼ିକ ୨୬ରେ ରାଜଧାନୀରେ ଏକାଠି ହେବେ
- ବ୍ୟାପକ ସଚେତନତା ଜରୁରୀ

ଜଗତ୍‌ସିଂହପୁର, ୧୩।୪ (ପ୍ରମୋଦ କୁମାର ନାୟକ)

ରାଜ୍ୟରେ ଖାଉଟିମାନେ ପ୍ରତ୍ୟହ ବିଭିନ୍ନ ମାଧ୍ୟମରେ ଯଥା ବସ୍‌ଯାତ୍ରା, ବିଦ୍ୟୁତ ସେବା, ପାନୀୟ ଜଳ, ରନ୍ଧନ ଗ୍ୟାସ, ଅନ୍‌ଲାଇନ ସାମଗ୍ରୀ କ୍ରୟ, ଖାଦ୍ୟ ଆଦି କ୍ରୟ ଓ ସେବା କ୍ଷେତ୍ରରେ ଠକେଇର ଶିକାର ହେଉଛନ୍ତି। ବିଭିନ୍ନ ସାମଗ୍ରୀ ଓ ଖାଦ୍ୟର ମାନ ଠିକ୍ ରହୁନି। ଦିନକୁ ଦିନ ଏହି ସମସ୍ୟା ବଢ଼ି ଚାଲିଛି। ଦୁଃଖର କଥା ହେଲା ଆଧୁନିକ ଯୁଗରେ ଲୋକେ ଅନେକ କ୍ଷେତ୍ରରେ ଆଗକୁ ଯାଉଛନ୍ତି ସତ, କିନ୍ତୁ ଏ କ୍ଷେତ୍ରରେ ଯେଉଁ ହାରରେ ସଚେତନ ହେବା କଥା ସେଭଳି ଦେଖାଯାଉନାହିଁ। ଆଗାମୀଦିନରେ ଏ ପରିସ୍ଥିତି ଜଟିଳ ରୂପ ନେବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଏବେଠାରୁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି।

ଓଡ଼ିଶା ଉପଭୋକ୍ତା ସୁରକ୍ଷା ଅଭିଯାନ ପକ୍ଷରୁ ରାଜ୍ୟର ବିଭିନ୍ନ ଉପଭୋକ୍ତା ସଂଗଠନଗୁଡ଼ିକ ସହ ୱେବନାର ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯାନ ସଭାପତି ବିଜୟ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ଖାଉଟିମାନେ କିପରି ବିଭିନ୍ନ ପ୍ରକାର ଠକେଇର ଶିକାର ହେଉଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ସେମାନଙ୍କ ଉପଯୁକ୍ତ ପରାମର୍ଶ ଦେବା ସହ ଆଗାମୀଦିନରେ କି ପ୍ରକାର ଖସଡ଼ା ପ୍ରସ୍ତୁତ କରିବାକୁ ପଡ଼ିବ ତାହା ଉପରେ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ କୁହାଯାଇଥିଲା, ଜନସାଧାରଣ ଅବା ଖାଉଟିମାନଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ଦେଖାଦେଇଛି। ଯେଉଁ କାରଣରୁ ଖାଉଟି କେବଳ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉନାହିଁ ବରଂ ଶାରୀରିକ ଓ ମାନସିକ ଅଶାନ୍ତି ମଧ୍ୟ ଭୋଗୁଛନ୍ତି। ସେଥିପାଇଁ ସବୁସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୨୬ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ଉପଭୋକ୍ତା ସଂଗଠନଗୁଡ଼ିକ ଏକାଠି ହେବା ପାଇଁ ସ୍ଥିର ହୋଇଥିଲା। ସେଠାରେ ଅଧିକ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେବାକୁ ଦାବି କରାଯିବ। ଏଥିସହ ଏହି ସଂଗଠନଗୁଡ଼ିକ ମିଳିତ ଭାବେ ସଚେତନତା କରିବାକୁ ସ୍ଥିର କରିବେ। ବୈଠକରେ ଅଭିଯାନର ଉପସଭାପତି (କେନ୍ଦୁଝର) ପ୍ରସନ୍ନ ମିଶ୍ର, ସହସମ୍ପାଦକ (ଢେଙ୍କାନାଳ) ଶ୍ରୀନିବାସ ସାହୁ, କାର୍ଯ୍ୟକାରିଣୀ ସଦସ୍ୟା ବିଜୟଲକ୍ଷ୍ମୀ ମହାପାତ୍ର, ଶୂନ୍ୟଜୟୀ ମିଶ୍ର (ନୟାଗଡ଼), ପରଦାର ରୁଦ୍ର ପଟ୍ଟନାୟକ (ନୂଆପଡ଼ା), ରଣଧିର ଲେଙ୍କା (ରାଉରକେଲା), ପ୍ରଶାନ୍ତ କୁମାର ପଣ୍ଡା (ଭୁବନେଶ୍ୱର), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ଜଗତ୍‌ସିଂହପୁର) ଓ ରାଜେଶ ଚୌଧୁରୀ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଅଭିଯାନ ସମ୍ପାଦକ ଗୋବିନ୍ଦ ଓଝା ଆଲୋଚନାର ବିଷୟବସ୍ତୁ ଉପସ୍ଥାପନ କରିଥିବାବେଳେ କୋଷାଧକ୍ଷ ତଥା ଯାଜପୁରର ହୃଷୀକେଶ ପଣ୍ଡା ଧନ୍ୟବାଦ ଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭି


@ ଦେବି


@ ଶିବାନୀ


@ ନଳିନୀ


@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନାଉଗାଁ, ୧୩।୪ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ବ୍ଲକ ଛକ–କଣ୍ଟୁଣିଆ ମୁଖ୍ୟ ରାସ୍ତାର ଛତିଆନା ନିକଟରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମୁଗାଁ (ଦଣ୍ଡାସାହି) ଗ୍ରାମର ଅରୁଣ ଭୋଇଙ୍କ ପୁତ୍ର ଚନ୍ଦ୍ରକାନ୍ତ(୨୨) ବୋଲି ଜଣାପଡ଼ିଛି। ଚନ୍ଦ୍ରକାନ୍ତଙ୍କ ସାନଭାଇଙ୍କ କହିବା ମୁତାବକ, ସେ କୌଣସି କାର୍ଯ୍ୟରେ ନାଉଗାଁ ବ୍ଲକ ଛକ ଯାଇଥିଲେ। ବ୍ଲକ ଛକରୁ ଫେରିବା ବାଟରେ ଅଜଣା ଗାଡ଼ି ତାଙ୍କ ପଛ ପାର୍ଶ୍ୱରୁ ବାଡ଼େଇ ଥିବା ଅନୁମାନ କରାଯାଉଛି। ଚନ୍ଦ୍ରକାନ୍ତଙ୍କ ବାଇକ୍ ନଂ. ଓଡି ୨୧ ଆର ୧୨୧୩ର ସମ୍ମୁଖ ପାର୍ଶ୍ୱ ଭାଙ୍ଗି ଯାଇଛି। ତାଙ୍କ ମୁଣ୍ଡର ଖପୁରିରେ କ୍ଷତ ହୋଇଛି। ମଧ୍ୟାହ୍ନ ସମୟ ଯୋଗୁ ନିଛାଟିଆ ରାସ୍ତାରେ କିପରି ଦୁର୍ଘଟଣା ଘଟିଛି ତାହା ଜଣାପଡୁନାହିଁ। ସେହି ବାଟ ଦେଇ ଗ୍ରାମର ଲୋକେ ଯାଉଥିବାବେଳେ ଚନ୍ଦ୍ରକାନ୍ତ ପଡିଥିବା ଦେଖି ତାଙ୍କ ପରିବାରକୁ ଖବର ଦେବା ସହ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଏସ୍‌ଆଇ ନୀଳମଣି ନାୟକ ପହଞ୍ଚି ତଦନ୍ତ କରିବା ସହ ବାଇକ୍‌ଟିକୁ ଥାନାକୁ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ନାୟକ ପ୍ରକାଶ କରିଛନ୍ତି।

## ୩ ମୁନ ଦେଶକୁ ସମୃଦ୍ଧ କରିଥାଏ: ଡ. ମିଶ୍ର


ଅତିଥିମାନେ ଛାତ୍ରୀମାନଙ୍କୁ ପୁସ୍ତକ ବିତରଣ କରୁଛନ୍ତି।

- ଅମୃତା ଫାଉଣ୍ଡେଶନର ପୁସ୍ତକ ବିତରଣ ଉତ୍ସବ
- ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଜ୍ଞାନ ହିଁ ପଥ ପ୍ରଦର୍ଶନ କରେ

ଜଗତ୍‌ସିଂହପୁର ୧୩।୪ (ପ୍ରମୋଦ କୁମାର ନାୟକ)

ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜ୍ଞାନ ହିଁ ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ। ତେଣୁ ପ୍ରତ୍ୟେକ ଜ୍ଞାନ ଆହରଣ କରିବା ଜରୁରୀ। ରବିବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସର ପ୍ରେକ୍ଷାଳୟରେ ଅମୃତା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ପାଠ୍ୟପୁସ୍ତକ ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଇଜରର ବୈଜ୍ଞାନିକ ଡ. ତପନ ମିଶ୍ର ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ୩ଟି ମୁନ ଦେଶ ସମୃଦ୍ଧିରେ ବିଶେଷ ସହାୟକ ହୋଇଥାଏ। ସେଗୁଡ଼ିକ ହେଲା ଲଙ୍ଗଳ ମୁନ, ବନ୍ଧୁକ ମୁନ ଓ କଲମ ମୁନ। ଏହି ୩ ମୁନର ଗୁରୁତ୍ୱ ବିଷୟରେ ସେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଫାଉଣ୍ଡେସନ୍ ନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ପୂର୍ବତନ ଯୁଗ୍ମ ସଚିବ ଡ. ବଟ କିଶୋର ରାୟ ଉତ୍ସବରେ ପୌରୋହିତ୍ୟ କରି ଗରିବ ତଥା ମା’, ବାପା ଛେଉଣ୍ଡ ଛାତ୍ରୀମାନଙ୍କୁ ଆଗକୁ ବଢ଼ିବା କ୍ଷେତ୍ରରେ ଫାଉଣ୍ଡେସନ୍ ପ୍ରୋତ୍ସାହନ ଯୋଗାଇ ଆସୁଥିବା ସୂଚନା ଦେଇଥିଲେ। ସେ କହିଥିଲେ, ବର୍ତ୍ତମାନ ସୁଦ୍ଧା ୬୨ଜଣ ଅମୃତା କନ୍ୟାଙ୍କୁ ଫାଉଣ୍ଡେସନ ସହାୟତା ଯୋଗାଇ ପାରିଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ନାଇଜରର ଅନ୍ୟତମ ବୈଜ୍ଞାନିକ ଡ. ଶାରଳାଶ୍ରିତ ମହାନ୍ତି ଓ ନିରୁପମା ପାଲଟାସିଂ ଯୋଗଦେଇ ଉପାଦେୟ କଥା କହିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ସଞ୍ଜମ କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଅଭୟ କୁମାର ନାୟକ ଫାଉଣ୍ଡେସନ ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅମୃତା କନ୍ୟା ତଥା ସେମାନଙ୍କ ଅଭିଭାବକମାନେ ଫାଉଣ୍ଡେସନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଭାରେ ପ୍ରତି ମଣ୍ଡଳର ସଂଯୋଜକ ଯଥା ଅତୁଲ ବିକ୍ରମ ପ୍ରଧାନ, ବିଜୟଲକ୍ଷ୍ମୀ ମହାନ୍ତି, ଦୀପକ ଦାସ, ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଓ ସମୀର ସ୍ୱାଇଁ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ରଘୁନାଥପୁର ସଂଯୋଜକ ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜେଲ ଅଧୀକ୍ଷକ, କର୍ମଚାରୀଙ୍କୁ ତାଲିମ



ଅତିଥିମାନେ ଆଳିପିଙ୍ଗଳ ଜେଲ୍‌ରେ ଅଧୀକ୍ଷକ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

ଜଗତ୍‌ସିଂହପୁର, ୧୩।୪ (ପ୍ରମୋଦ କୁମାର ନାୟକ)

ମାନସିକ ରୋଗୀ, ବୌଦ୍ଧିକ ଅକ୍ଷମତା ଥିବା ବନ୍ଦୀଙ୍କୁ ଗୁଣାତ୍ମକ ଚିକିତ୍ସା ଓ ଆଇନଗତ ସେବା ଯୋଗାଇ ଦିଆଯିବା ଜରୁରୀ। ଏଭଳି ବନ୍ଦୀଙ୍କୁ ଚିହ୍ନଟ ସହ ସେମାନଙ୍କୁ ଉତ୍ତମ ସେବା ଯୋଗାଇବା କାରାଗାର ଅଧୀକ୍ଷକ ଓ କର୍ମଚାରୀଙ୍କ ଦାୟିତ୍ୱ। ଜଗତ୍‌ସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଳିପିଙ୍ଗଳସ୍ଥିତ ଜିଲ୍ଲା କାରାଗାର ପରିସରରେ ମାନସିକ ରୋଗୀ ଓ ବୌଦ୍ଧିକ ଅକ୍ଷମତା ଥିବା ବନ୍ଦୀଙ୍କୁ ଉତ୍ତମ ସେବା ଦିଆଯିବା ସମ୍ପର୍କରେ କାରାଗାର ଅଧୀକ୍ଷକ ଓ କର୍ମଚାରୀଙ୍କ ପାଇଁ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଏହା କୁହାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଏଥିରେ ପୌରୋହିତ୍ୟ କରି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଆଳିପିଙ୍ଗଳ କାରାଗାର ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ହୋତା ବିଭିନ୍ନ ମାନସିକ ରୋଗର ଲକ୍ଷଣ ଓ ଡାକ୍ତରୀ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିବା ସହ ଔଷଧ ବିଷୟରେ ଉପସ୍ଥିତ କାରାଗାର ଫାର୍ମାସିଷ୍ଟଙ୍କୁ ଅବଗତ କରିଥିଲେ। ଆଇନଜୀବୀ ସନ୍ତୋଷ ଦାଶ ଓ ରାଜଶ୍ରୀ ମହାନ୍ତି ଅଦାଲତରେ ମାନସିକ ରୋଗୀଙ୍କ ମକୋଦ୍ଦମା କିପରି ପରିଚାଳନା କାରାଯାଏ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଳିପିଙ୍ଗଳ କାରାଗାର ଅଧୀକ୍ଷକ ମଦନ ମୋହନ ମାରାଣ୍ଡି, ସହକାରୀ କାରାପାଳ ମନସିନୀ ପାଣିଗ୍ରାହୀ, ଅଶୋକ କୁମାର ପରିଡା, ଉପ ସହକାରୀ କାରାପାଳ ରାଜୀବ ଲୋଚନ ମୁର୍ମୁ, ଦର୍ପ ଭଞ୍ଜନ ଭୋଇ, କାରାଗାର ଫାର୍ମାସିଷ୍ଟ ନିରଞ୍ଜନ ମାର୍ଥା ଓ ଶ୍ରୀନିବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାରାଗାର ଅଧୀକ୍ଷକ ମାରାଣ୍ଡି ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଆଳିପିଙ୍ଗଳ ଓ କୁଜଙ୍ଗ କାରାଗାର ଅଧୀକ୍ଷକଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା।

## ଫାଇନାଲରେ ପାରାଦୀପ ବନ୍ଦର, ପିପିଏଲ୍

**କର୍ପୋରେଟ କ୍ରିକେଟ ପ୍ରତିଯୋଗିତା**

ପାରାଦୀପ, ୧୩।୪ (ଶରତ ରାଉତ)

ପାରାଦୀପ ବନ୍ଦର ଅନ୍ୟ କାର୍ଯ୍ୟାଳୟମାନଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଓ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଚାଲିଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ରବିବାର ସେମି ଫାଇନାଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ ଗତ ବର୍ଷର ଚାମ୍ପିୟନ ପିପିଏଲ୍ ଓ ଇଫ୍‌କୋ ମଧ୍ୟରେ ହୋଇଥିଲା। ପିପିଏଲ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୦୯ ରନ କରିଥିଲା। ପିପିଏଲ୍ ତରଫରୁ ଜିତେନ୍ଦ୍ର ସାହୁ ସର୍ବାଧିକ ୫୮ ରନ କରିଥିଲେ। ଜବାବରେ ଇଫ୍‌କୋ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୫ ରନ କରି ପରାଜୟ ବରଣ କରିଥିଲା। ପିପିଏଲ୍‌ର ଗୋଲାମ ମୋନିରୁଲ୍ ୧୦ ରନ ଦେଇ ୫ଟି ଉଇକେଟ ନେଇଥିଲେ। ୨ୟ ମ୍ୟାଚ୍ ପାରାଦୀପ ବନ୍ଦର ଓ କୋଷ୍ଟଗାର୍ଡ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ବ୍ୟାଟିଂ କରି କୋଷ୍ଟଗାର୍ଡ ୬ ଉଇକେଟ ହରାଇ ୧୦୨ ରନ କରିଥିଲା। କୋଷ୍ଟଗାର୍ଡ ପକ୍ଷରୁ ଆଶିଷ ୪୨ ରନ କରିଥିବା ବେଳେ ପାରାଦୀପ ବନ୍ଦର ପକ୍ଷରୁ ରାମଚନ୍ଦ୍ର ମହାନ୍ତି ୩ଟି ଉଇକେଟ ନେଇଥିଲେ। ଜବାବରେ ପାରାଦୀପ ବନ୍ଦର ୬ ଉଇକେଟ ବିନିମୟରେ ୧୦୪ ରନ କରି ବିଜୟୀ ହୋଇଥିଲା। ପାରାଦୀପ ବନ୍ଦର ପକ୍ଷରୁ ବିନୟ ପାଇକରାୟ ୫୨ରନ କରିଥିଲେ। ସୋମବାର ପାରାଦୀପ ବନ୍ଦର ଫାଇନାଲରେ ପିପିଏଲକୁ ଭେଟିବ। ୨ଟି ଯାକ ସେମିଫାଇନାଲ ମ୍ୟାଚକୁ ଦେଖିବାକୁ ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ସେମିଫାଇନାଲ ମ୍ୟାଚ ପୂର୍ବରୁ ବନ୍ଦର ଏକାଦଶ ଓ ମିଡିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମିଡିଆ ଏକାଦଶ ବିଜୟୀ ହୋଇଥିଲା। ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ, ସେକ୍ରେଟାରି ରଶ୍ମି ବେଉରା, ଫୁଟ୍‌ବଲ କୋଚ ରବି ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ମ୍ୟାଚଗୁଡ଼ିକୁ ସୁରୁଖୁରରେ ଆୟୋଜନ କରିଥିଲେ।

## ବିଦ୍ୟାଳୟର ଅତୀତ ଗୌରବକୁ ଅକ୍ଷୁଣ୍ଣ ରଖିବାକୁ ଗୁରୁତ୍ୱ


ଅତିଥିଙ୍କ ଗହଣରେ ପୁରସ୍କୃତ ପିଲାମାନେ।

**ପିପିଏଲ୍ ଡିଏଭି ସ୍କୁଲରେ ବାର୍ଷିକ ଉତ୍ସବ**

ପାରାଦୀପ, ୧୩।୪ (ଶରତ ରାଉତ)

ପିପିଏଲ୍ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୩୮ତମ ବାର୍ଷିକ ଉତ୍ସବ ଆରଙ୍ଗମ ଉତ୍ସବ ଏକତାର ସର୍ଜନା ସ୍ମୃତିର ଶନିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହାକୁ ପିପିଏଲର ସିଇଓ ପାଲାନିସାମୀ ଭେଲୁସାମୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ନିମନ୍ତ୍ରିତ ଗଣ୍ୟମାନ୍ୟ ଅତିଥିମାନଙ୍କ ମଧ୍ୟରେ ପାରାଦୀପ ତୈଳ ବିଶୋଧନାଗାରର ମୁଖ୍ୟ ତଥା ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର କୌଶିକ ବାସୁ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଡିଏଭିର ଐତିହ୍ୟ ଓ ସୁଖ୍ୟାତି ବିଷୟରେ ବର୍ଣ୍ଣନା କରିଥିଲେ। ଏହି ବିଦ୍ୟାଳୟର ଅତୀତ ଗୌରବକୁ କିପରି ଅକ୍ଷୁଣ୍ଣ ରଖା ଯାଇପାରିବ ସେ ଦିଗରେ ପ୍ରୟାସ ଜାରି ରଖିବାକୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପସ୍ଥିତ ପୂର୍ବତଟ ରେଳବାଇର ଉପ ଆଞ୍ଚଳିକ ପରିଚାଳକ ଅର୍ଘ୍ୟ ପଟ୍ଟନାୟକ ଯୋଗଦେଇ ନିଜ ଛାତ୍ର ଜୀବନର ନିରନ୍ତର ସଂଘର୍ଷ ଓ ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହ ପିପିଏଲ୍ ତଥା ଆଖପାଖ ଅଞ୍ଚଳର ଲୋକେ ରେଳ ଫାଟକ ଯୋଗୁ ଭୋଗୁଥିବା ସମସ୍ୟାକୁ ନେଇ ସହାନୁଭୂତି ପ୍ରକଟ କରିଥିଲେ। ଧୈର୍ଯ୍ୟ, ସହିଷ୍ଣୁତାର ସହ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ପିପିଏଲ୍‌ର ସିଜିଏମ୍ ଏଚ୍‌ଆର୍ ଏବଂ ଆଇଆର୍ ସୁମିତ କୁମାର ସେନାପତି ଏବଂ ପିପିଏଲ୍‌ର ଅନେକ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଭୁବନେଶ୍ୱର କ୍ଲଷ୍ଟର ମୁଖ୍ୟ ତଥା କଳିଙ୍ଗନଗର ଡିଏଭି ସ୍କୁଲ ଅଧ୍ୟକ୍ଷ ବଳରାମ ମହାପାତ୍ର, ଡିପିଏସ୍ (ପାରାଦୀପ ତୈଳ ବିଶୋଧନାଗାର)ର ଅଧ୍ୟକ୍ଷ ଜଜ୍ଞେଶ୍ୱର ବୋରା, ଇଫ୍‌କୋ ଡିଏଭିର ଅଧ୍ୟକ୍ଷ ସମ୍ମିତ ସୁକୁମାର ଚିନାରା ଓ ପାରାଦୀପ ପୋର୍ଟ ଡିଏଭିର ବିନ୍ଦୁଶ୍ରୀ ମହାନ୍ତି ତଥା ପାରାଦୀପ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିଥିମାନେ ୨୦୨୪–୨୫ ଶିକ୍ଷାବର୍ଷର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସୁଲଳିତ ସଙ୍ଗୀତର ତାଳେ ତାଳେ ବିଭିନ୍ନ ଶ୍ରେଣୀର ପିଲାମାନଙ୍କ ଦ୍ୱାରା ପରିବେଷିତ ଲୋକ ନୃତ୍ୟ, ଆଧୁନିକ ନୃତ୍ୟ, ଏକାଙ୍କିକା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଦେଇଥିଲେ। ଡିଏଭି ଓଡ଼ିଶା ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ, ତଥା ଆଞ୍ଚଳିକ ଅଧିକାରୀ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।









# ଆର୍‌ସିବିର ସହଜ ବିଜୟ

**ଜୟପୁର, ୧୩।୪**

ବୋଲରଙ୍କ ମାପଚୁପ ବୋଲିଂ ଓ ପରେ ଫିଲ୍ ସଲ୍ଟ ଏବଂ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ୯ ଉଇକେଟରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟକୁ ବେଙ୍ଗାଲୁରୁ ୧୭.୩ ଓଭରରେ ୧ ଉଇକେଟ ହରାଇ ହାସଲ କରିନେଇଥିଲା। ଏହା ବେଙ୍ଗାଲୁରୁର ଚତୁର୍ଥ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ଜଶସ୍ୱୀ ଜୟସ୍ୱାଲ ୪୭ ବଲରେ ସର୍ବାଧିକ ୭୫ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସ୍‌ରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ ୨୩ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୩୫ ରନ୍ କରି ଅପରାଜିତ ରହିଥିବା ବେଳେ ରିୟାନ ପରାଗ ୨୨ ବଲରେ ୩ ଚୌକା ଓ ୧ ଛକା ସହିତ ୩୦ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟକ ସଞ୍ଜୁ ସାମ୍‌ସନ(୧୫) ଓ ଶିମରନ ହେଟମେୟର(୯) ବିଫଳ ହୋଇଥିଲେ। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର, ୟଶ୍ ଦୟାଲ, ଜୋଶ୍ ହାଜେଲଉଡ୍ ଓ କୃନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆର୍‌ସିବିକୁ ସଲ୍ଟ ଓ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୮.୪ ଓଭରରେ ୯୨ ରନ୍ ଯୋଡ଼ିଥିଲେ। ରାଜସ୍ଥାନ ଫିଲ୍ଡରମାନେ ଅନେକ କ୍ୟାଚ୍ ହାତଛଡ଼ା କରି ଦୁହିଙ୍କୁ ଯଥେଷ୍ଟ ସହଯୋଗ କରିଥିଲେ। ସଲ୍ଟ ୩୩ ବଲରେ ୫ ଚୌକା ଓ ୬ ଛକା ସହିତ ୬୫ ରନ୍ କରି କୁମାର କାର୍ତ୍ତିକେୟଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ଦେବଦତ୍ତ ପଡିକଲଙ୍କ ସହ ମିଶି କୋହଲି ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୩ ରନ୍ ଯୋଡ଼ି ଦଳକୁ ଜିତାଇଥିଲେ। କୋହଲି ୪୫ ବଲରେ ୪ ଚୌକା ଓ ୨ ଛକା ସହ ୬୨ ଓ ପଡିକଲ ୨୮ ବଲରେ ୫ ଚୌକା ଓ ୧ ଛକା ସହ ୪୦ ରନ୍ କରି ଅପରାଜିତ ରହିଥିଲେ। ଚଳିତ ଆଇପିଏଲ୍‌ରେ କୋହଲିଙ୍କର ଏହା ତୃତୀୟ ଅର୍ଦ୍ଧଶତକ ଥିଲା। ରାଜସ୍ଥାନ ପକ୍ଷରୁ କାର୍ତ୍ତିକେୟ ଏକମାତ୍ର ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୭୩/୪(ୟଶସ୍ୱୀ ଜୟସ୍ୱାଲ-୭୫, ଧ୍ରୁବ ଜୁରେଲ-୩୫*, ରିୟାନ ପରାଗ-୩୦, ଜୋଶ୍ ହାଜେଲଉଡ୍-୧/୨୬, କୃନାଲ ପାଣ୍ଡ୍ୟା-୧/୨୯)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୭.୩ ଓଭରରେ ୧୭୫/୧(ଫିଲ ସଲ୍ଟ-୬୫, ବିରାଟ କୋହଲି-୬୨*, ଦେବଦତ୍ତ ପଡିକଲ-୪୦*, କୁମାର କାର୍ତ୍ତିକେୟ-୧/୨୫)।



ଦୃଢ଼ ଓପନିଂ ଭାଗୀଦାରି ଅବସରରେ ଆରସିବିର ବିରାଟ କୋହଲି ଓ ଫିଲ୍ ସଲ୍ଟ।

## ଟି୨୦ରେ କୋହଲିଙ୍କ ୧୦୦ ଅର୍ଦ୍ଧଶତକ

**ଜୟପୁର, ୧୩।୪:** ଭାରତୀୟ ଦଳର ଷ୍ଟାର୍ ବିରାଟ କୋହଲି ରବିବାର କ୍ରିକେଟ୍ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରାଇଛନ୍ତି। ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ୧୦୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଷ୍ଟାର୍ କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୪୫ ବଲରେ ୬୨ ରନ୍‌ର ଇନିଂସ ଖେଳିବା ଅବସରରେ ଏହି ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ଚଳିତ ଆଇପିଏଲ୍‌ରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଥିଲା। ଏଥିଯୋଗୁ ଏପର୍ଯ୍ୟନ୍ତ ୪୦୫ ଟି୨୦ ମ୍ୟାଚ୍ ଖେଳିଥିବା କୋହଲିଙ୍କ କ୍ୟାରିୟରର ଅର୍ଦ୍ଧଶତକ ସଂଖ୍ୟା ୧୦୦ରେ ପହଞ୍ଚିଛି। ତାଙ୍କ କ୍ୟାରିୟରରେ ୯ ଶତକ ମଧ୍ୟ ରହିଛି। ଟି୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ କରିଥିବା ବ୍ୟାଟରଙ୍କ ତାଲିକାରେ କୋହଲି ଏବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଏବେ କେବଳ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନରଙ୍କ ପଛରେ ରହିଛନ୍ତି। ୪୦୦ ଟି୨୦ ମ୍ୟାଚ ଖେଳିଥିବା ୱାର୍ନରଙ୍କ ନାମରେ ୮ ଶତକ ସହ ୧୦୮ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ କୋହଲିଙ୍କ ପଛରେ ପାକିସ୍ତାନର ବାବର ଆଜାମ (୯୦ ଅର୍ଦ୍ଧଶତକ), ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ(୮୮), ଇଂଲଣ୍ଡର ଜୋଶ୍ ବଟଲର(୮୬) ରହିଛନ୍ତି।

## ସବୁଜ ଜର୍ସି ପଛର କାରଣ

**ଜୟପୁର, ୧୩।୪:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ରବିବାର ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସବୁଜ ରଙ୍ଗର ଜର୍ସି ବ୍ୟବହାର କରିଥିଲା। ଏହା ପଛର କାରଣ ସମ୍ପର୍କରେ ଆର୍‌ସିବି ଅଧିନାୟକ ରଜତ ପଟିଦାର ଟସ୍ ବେଳେ କହିଥିଲେ, ଆମେ ଅଧିକ ଗଛ ଲଗାଇବା ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ସବୁଜ ଜର୍ସି ପିନ୍ଧୁଛୁ।

# ଦିଲ୍ଲୀର ପ୍ରଥମ ପରାଜୟ



ଅର୍ଦ୍ଧଶତକ ହାସଲ ପରେ ତିଲକ ବର୍ମା।

**ଦିଲ୍ଲୀ, ୧୩।୪**

ଆଇପିଏଲ୍‌ର ପ୍ରତ୍ୟାବର୍ତ୍ତନ ମ୍ୟାଚରେ କରୁନ ନାୟରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବେକାର ସାବ୍ୟସ୍ତ ହୋଇଛି। ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ୧୨ ରନରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଏହା ଦିଲ୍ଲୀ ଦଳର ପ୍ରଥମ ପରାଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା ଦ୍ୱିତୀୟ ବିଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୫୯ (୬ ଚୌକା ଓ ୩ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିୟାନ ରିକଲଟନ ୪୧ (୫ ଚୌକା ଓ ୨ ଛକା), ସୂର୍ଯ୍ୟକୁମାର ଯାଦବ ୪୦ (୫ ଚୌକା ଓ ୨ ଛକା) ଓ ନମନ ଧିର ୩୮(୩ ଚୌକା ଓ ୨ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ବିପ୍ରଜ ନିଗମ ଓ କୁଲଦୀପ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ଜେକ ଫ୍ରେଜର ମ୍ୟାକଗର୍କ(୦)ଙ୍କ ଉଇକେଟ ହରାଇଥିବା ଦିଲ୍ଲୀ ପାଇଁ ଦ୍ୱିତୀୟ ଉଇକେଟରେ ଅଭିଷେକ ପୋରେଲ ଓ କରୁନ ୧୦.୧ ଓଭରରେ ୧୧୯ ରନ ଯୋଡ଼ିଥିଲେ। ୩ ବର୍ଷ ପରେ ଆଇପିଏଲ୍‌କୁ ଫେରିଥିବା କରୁନ ୪୦ ବଲରେ ୧୨ ଚୌକା ଓ ୫ ଛକା ସହାୟତାରେ ୮୯ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ସର୍ବାଧିକ ସ୍କୋର। ପୋରେଲ ୩୩ (୩ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଦୁହେଁ ଆଉଟ ହେବା ପରେ ଦିଲ୍ଲୀ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ୧୯ ଓଭରରେ ୧୯୩ ରନରେ ଅଲଆଉଟ ହୋଇଯାଇଥିଲା। ମୁମ୍ବାଇ ପକ୍ଷରୁ କର୍ନ ଶର୍ମା ୩ଟି, ମିଚେଲ ସାଣ୍ଟନର ୨ଟି ଓ ଯଶପ୍ରୀତ ବୁମରା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୦୫/୫ (ତିଲକ ବର୍ମା-୫୯, ରିୟାନ ରିକଲଟନ-୪୧, ସୂର୍ଯ୍ୟକୁମାର ଯାଦବ-୪୦, ନମନ ଧିର-୩୮, କୁଲଦୀପ ଯାଦବ-୨/୨୩, ବିପ୍ରଜ ନିଗମ-୨/୪୧)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯ ଓଭରରେ ୧୯୩/ ଅଲଆଉଟ୍ (କରୁନ ନାୟର-୮୯, ଅଭିଷେକ ପୋରେଲ-୩୩, କର୍ନ ଶର୍ମା-୩/୩୬, ମିଚେଲ ସାଣ୍ଟନର-୨/୪୩, ଯଶପ୍ରୀତ ବୁମରା-୧/୪୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ
ବନାମ ଚେନ୍ନାଇ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |



ପଦକ ସହ ରମେଶ ରାଓ, ମାଳତି ପନୁରେ ଓ ରାଖାଲ ସେଠୀ।

# ରାଖାଲଙ୍କୁ ୩ ; ମାଳତି, ରମେଶଙ୍କୁ ପଦକ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

**ପାରା ଫେନ୍‌ସିଂ ସାଟେଲାଇଟ କପ୍**

ହଂକଂରେ ଅନୁଷ୍ଠିତ ହୁଇଲ୍ ଚେୟାର ପାରା ଫେନ୍‌ସିଂ ସାଟେଲାଇଟ କପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ୍ ୫ଟି ପଦକ ହାସଲ କରିଛନ୍ତି। ଏକା ରାଖାଲ କୁମାର ସେଠୀ ପଦକ ହାସଲରେ ହାଟ୍ରିକ୍ କରିଛନ୍ତି। ସେ ସାବ୍ରେରେ ରୌପ୍ୟ ଏବଂ ଇପି ଓ ଫଏଲ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି। ରମେଶ ରାଓ ବ୍ୟକ୍ତିଗତ ଫଏଲ୍‌ରେ ବ୍ରୋଞ୍ଜ ଏବଂ ମହିଳା ଇପିରେ ମାଳତି ପନୁରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍‌ସିଂ ଓଡ଼ିଶାର ଅଧ୍ୟକ୍ଷ ବେଲା ଜୟସ୍ୱାଲ୍ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

**ସର୍ବଭାରତୀୟ ପୋଲିସ ହକି**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ପୁରୁଷ ବିଭାଗ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଅନୁଷ୍ଠିତ ୪ଟି କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ପଞ୍ଜାବ ୬-୦ରେ କର୍ଣାଟକ, ବିଏସ୍‌ଏଫ୍ ୪-୩ରେ ଉତ୍ତର ପ୍ରଦେଶ, ସିଆରପିଏଫ୍ ୫-୧ରେ ମଣିପୁର ଓ ଆଇଟିବିପି ୩-୨ ଗୋଲରେ ସିଆଇଏସ୍‌ଏଫ୍‌କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଭିନ୍ନ ମ୍ୟାଚ୍‌ରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଏଚ୍‌ଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି (ଗୋଇନ୍ଦା) ଜୟ ନାରାୟଣ ପଙ୍କଜ, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁଉତ୍ସାହିତ କରିଥିଲେ।

# ସ୍କୁଲ୍ସ ଓପନ୍ ଚେସ୍ ; ତ୍ରିଦେବ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ୪ର୍ଥ କେ.ଡି. ପିଲାଇ ସ୍ମାରକୀ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୪.୫ ଲେଖାଏ ପଏଣ୍ଟ ପାଇ ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ଓ ମନୀଷ ରଞ୍ଜନ ଦାସ ରନରଅପ୍ ହୋଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ନିରେକ ପରିଡ଼ା ଓ ସତ୍ୟମାଧବ ଶତପଥୀ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାକୁ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିବାବେଳେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।



UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, NAYAGARH: 8929207515 | ADITYA MOTORS: CUTTACK, BHUBANESWAR, JAGATSINGHPUR, KENDRAPARA: 7873999400, JAJPUR, PANIKOILI: 7873999010

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ